# ଲୁକ ଲିଖିତ ଜିସୁ କ୍ରିଷ୍ଟଙ୍କ୍ ସୁସମାଚାର୍
# ଲୁକ ଲେକ୍ତାଦ୍ ଜିସୁ କ୍ରିଷ୍ଟନ୍ ସୁସମାଚାର୍
## ଲୁକ ବଇ ବିଷୟତେ ଅଣ୍ତ୍ରୟ୍ ପଦ୍

ଲୁକ ଲେକ୍ତାଦ୍ ସୁସମାଚାର୍ ଆଦୁତ୍‌ତେ, ଜିସୁ କ୍ରିଷ୍ଟନ୍ ଜିୱୁଣ୍ତ୍ ତିଆର୍ ମାଡ଼ାନ୍ ନାଲୁ ବଇକିନ୍ ଲୋପେକେ ୱେରନ୍ । ଆୱିନାଗ୍ ସାରେତାୱିଙ୍କ୍ "ସୁସମାଚାର୍," କେତିତଡ଼୍, ବେୱିନ୍ ଇତ୍‌କେ "ଗଟ୍ ।" ଆୱ୍ ଜିସୁନ୍ ଡୋଲତେ ପେର୍‌କେ, ମାତିଉ, ମାର୍କ, ଲୁକ ନୁ ଯୋହନ୍‌ତେ ତଡ଼୍ ଲେକାଆସ୍ ମିନ୍ଦେ । ଲୁକ ଜିସୁନ୍ ଜିୱୁନ୍ ଗଟନା ଲେକା ତଡ଼୍, ଜିସୁନ୍ ଡଲାନାଦ୍ ନୁ ପୁନରୁତ୍‌ତାନ୍ ପେର୍‌କେ ତାମ୍ ଶିଷ୍ୟଡ଼୍ ବେନେ ବିଷୟ ସାରେ ମାଡ଼୍‌ତଡ଼୍, ଆଦ୍ ମିକା ଲେକିମିନ୍ଦେଡ଼୍, ଆଦ୍ ବଇତିଙ୍କ୍ ପ୍ରେରିତ୍ ନାରୁଡ଼୍‌ତେ କାମ୍‌ତାଦ୍ ବିବରନୀ ଇଞ୍ଜି କେତିତଡ଼୍ । ଲୁକ ବଇ ବେସୁଣ୍ଟ୍ ନୁ ବେଗାଙ୍କ୍ ଲେକା ଆସ୍‌ମିନ୍ଦେ, ଆଦ୍ ବିଷୟତେ ଟିକ୍ ବେନ ମିକା ପୁନଣ୍ତ୍, ବାତେଙ୍କ୍ ଇକ୍କେ ଅଦିକାଂଶ ପଣ୍ତିତ୍ ନାରୁଡ଼୍ ତଡ଼୍ ଆଦ୍‌ତଡ଼୍ ଯେ, ଇଦ୍‌ଲେକାମ୍, ଜିସୁକ୍ରିଷ୍ଟନ୍ ଜନମ୍‌ତେ ୭୦ ହେଣ୍ତ୍ରେତ୍ ପେର୍‌କେ ଲେକାଆସ୍ ମିନ୍ଦେ ।

ଲେକ୍‌ତେନନ୍ ଆଦୁତନ୍ ଲୁକ, ବେନ ୱେରଣ୍ତ୍ ଡାକ୍ଟର୍ ମାଡ଼୍‌ତଣ୍ତ୍ । ଅନାଦ୍ ଲେକାନ୍ ନୁ ଗଟି କେତାନ୍ ମୁନେଙ୍କ୍ ଯେ, ଅଣ୍ତ୍ ୱେରଣ୍ତ୍ ଶିକ୍ଷିତ୍ ନାରୁଡ଼୍ ମାଡ଼୍‌ତଣ୍ତ୍ । ଜିସୁନ୍ ଜିୱୁନ୍‌ତେ ଗଟନା ଗଟେମ୍ ଆଡ଼୍‌ତେ କ୍ରମ୍ ଲେକାମ୍, ଉଲେକ୍ ମାଡ଼ାଟ୍ ଟିକ୍, ତିଆର୍ ମାଡ଼ାଙ୍କ୍ ଇଚ୍ଛାମାଡ଼୍‌ତୁଣ୍ତ୍, ବେଦ୍‌ଲେକାମ୍ ବାଗାଡ଼୍‌ନାରୁଡ଼୍ ଆଦ୍ କାର୍‌ସ୍ ଉପକାର୍ ଆଡ଼୍‌ତଡ଼୍ ଲୁକ ୧:୧-୩ । ଅଣ୍ତ୍ ୱେରଣ୍ତ୍ ଅଣଇହୁଦି ନାରୁଡ଼୍ ମାଡ଼୍‌ତଣ୍ତ୍ କଲସୀୟ ୪:୧୦-୧୪ ମେଣ୍ତ୍ରେ ଅଣ୍ତ୍ ଇଦଲେକାମ୍ ଲେକ୍‌ତଣ୍ତ୍, ଅଣଇହୁଦିଡ଼୍ ବୁଜେମ୍ ଆଦ୍‌ତଡ଼୍ । ଅଣ୍ତ୍ ରୀତିକିଙ୍କ୍ ତିଆର୍ ମାଡ଼ାଙ୍କ୍ ଇଦିଙ୍କ୍ ମାଡ଼ାନଙ୍କ୍ ସହଜ୍‌ତେ ଉଡ଼େ ପାର୍‌ଦ୍‌ତାଡ଼୍ ଲୁକ ୧:୮ । ଲୁକ ଲେକ୍‌ତାଦ୍ ସୁସମାଚାର୍, ମାତିଉ ନୁ ମାର୍କ ବଇ ତଡ଼୍ ସାରେ ସାମାନ୍ ହିନା ତଅନ୍‌ଦିତା, ବାତେଙ୍କ୍ ଇକ୍କେ ଅଡ଼୍ ସାମାନ୍ ବିଷୟ ମେଣ୍ତ୍ରେ ସାମାନ୍ ହିନା ତିଆର୍ ମାଡ଼ିତଡ଼୍ । ମୁଣ୍ତ୍ ବଇକିନ୍ ଲୋପେକେ ଲୁକ ବାପ୍ତିସ୍ମ

ଯୋହନ୍‌ତେ ଜନମ୍ ବିଷୟତେ ଟିକ୍ ବିବରନୀ ହିଦ୍‌ତଣ୍ତ୍ । ମେଣ୍ତେ ଲୁକ ପ୍ରାର୍ତନା ପରୁ ଗୁରୁତ୍ୱ ହିଦ୍‌ତଣ୍ତ୍ ଲୁକ ୩:୨୧; ୫:୧୬; ୬:୧୨; ୧୧:୧-୧୨; ୨୨:୩୨, ମେଣ୍ତେ ଅଣ୍ତ୍ କ୍ଷମାତ୍ ପରୁ ମିକା ଗୁରୁତ୍ୱ ହିଦ୍‌ତଣ୍ତ୍ ଲୁକ ୩:୩; ୧୧:୪; ୧୭:୩-୪; ୨୩:୩୪; ୨୪:୪୭ ।

**ବଇଡ୍ ଲୋପେ ମାନ୍ଦାନ୍ ମୁକ୍ୟ ବିଷୟ**

୧. ଲୁକ ସୁସମାଚାର୍‌ତେ ଉପକ୍ରମା ନୁ ଲେକାଡ୍ ଉଦ୍ଦେଶ୍ୟ ତିଆର୍ ମାଡ଼ିତନ୍ । ୧:୧-୪

୨. ଜିସୁନ୍ ଜନମ୍ ନୁ ଅଣ୍ତ୍ ବେଲା ସେବାପାଡ଼ିୟି ସେଙ୍ଗେ ତିଆର୍ ଆଡ୍‌ତଣ୍ତ୍ । ୧:୫–୪:୧୩

୩. ଜିସୁନ୍ ପାଡ଼ିୟି ସାରେ, ନିଜାମ୍ ଲେକାମ୍ ଅଣ୍ତ୍ ମାଡ଼ମାନ୍ଦାନ୍ ବାକ୍‌ୱା ପାଡ଼ିୟି ନୁ ତାନ୍ ଶିକ୍ଷା ବିଷୟତେ କେତିତଣ୍ତ୍ । ଇଦ୍ ଆଦୁତେ ସୁସମାଚାର୍‌ତେ ବେଡ଼ିୟାଦ୍ ବିଷୟ୍ । ୪:୧୪–୨୧:୩୮

୪. ତେର୍ତେପେୟେ, ଶେଷ ରେଣ୍ତ୍ ଅଦ୍ୟାୟତେ, ଜିସୁ ବେଲା ଡୋଲ୍‌ତଣ୍ତ୍, ସମାଦି ଆଡ୍‌ତଣ୍ତ୍ ନୁ ଡୋଲତେ ନାରୁଡ୍ କନ୍‌ସ୍ ତେଦ୍‌ତଣ୍ତ୍ । ୨୨; ୨୩; ୨୪

## ତିୟପିଲ୍‌ଦେ ସେଙ୍ଗେ

୧ ଅ ତିୟପିଲ୍, ମାୟାଗ୍ ବାଡ୍ ବାଡ୍ ଆଦ୍‌ତେ, ଆଦିନାଦ୍ ଚିଟି
ଲେକାନ୍ ସେଙ୍ଗେ ନାର୍ଗେ ନାରୁଡ୍ ପାର୍‌ତେ ଆସର୍ କିସୁଡ୍‌ତଡ୍ ।
୨ ମୁନ୍‌ନେ କଞ୍ଜ୍ ଇଦ୍ ସାରେତିଙ୍କ୍ ଉଡ଼ିମାନ୍ଦାନ୍ ନାରୁଡ୍ ବେଲା ନେଲା
କାବୁର୍ କେସ୍‌ମାଡ୍‌ତଡ୍, ଆଦ୍ ଇସାବ୍‌ତେ ଇଦ୍ ଚିଟି ଲେକାଆସ୍ ମିନ୍ଦେ
।
୩ ହୋ ବେଡ୍‌ୟନ୍ ତିୟପିଲ୍, ନାନ୍ ଆର୍‌କୁଲ୍‌ତେ ମୁନ୍‌ନେ କନ୍‌ସ୍
ଇଦ୍‌ସାରେ ଗଟ୍ ଏର୍କେ ମାଡ୍‌ତାନ୍, ଆଦିନ୍ ମାଇଦିଙ୍କ୍ ମି ସେଙ୍ଗେ
ଇଦିନାଦ୍ ୱେରନ୍ ପୁନ୍ଦାନାଦ୍ ବିବରନୀ ଲେକାଙ୍କ୍ ଲେକେଡ୍ ହେର୍କେ
ମାଡ୍‌ତାନ୍ ।
୪ ଇଦ୍ ବିଷୟତେ ମିଡ୍ ବେନ୍ ସାରେ ବିଷୟ୍ ପୁଡ୍‌ତିଡ୍, ଆଦିନାଦ୍
ସାରେ ସଡ୍ ବେଲା ପୁଞ୍ଜ୍ ପାର୍‌ଦ୍‌ତିଡ୍, ଆଦିନ୍ ମାଇଦିଙ୍କ୍ ନାନ୍ ଇଦ୍
ଲେକୁତାନ୍ ।

## ବାପ୍ତିସ୍ମ ଯୋହନ୍‌ତାଦ୍ ଜନମ୍‌ତେ ମୁନେଡ୍ ଗଟ୍

୫ ଯିହୁଦା ଦେଶ୍‌ତେ ରାଜାଲ୍ ହେରୋଦତେ ସମୟ୍‌ତେ ଅବିୟତେ
ମାନ୍ଦେତେ ନାନେ ଜିକରୀୟ ପେଦେର୍‌ତଣ୍ଡ୍ ୱେର୍‌ଣ୍ଡ୍ ଯାଜକ୍
ମାତ୍‌ତଣ୍ଡ୍; ଅନ୍ ମୁତ୍‌ତେ ହାରୋଣ ବଂଶତେ ପିକିଡ଼୍, ଆଦିନ୍ ପେଦେର୍
ଏଲୀଶାବେତ୍ ।
୬ ଅଡ଼୍ ଇର୍‌ୱୁଡ୍ ଆସ୍‌ସ ପ୍ରବୁନାଦ୍ ଗଟ୍ ନୁ ପାଲନ୍ ଲେକାମ୍
ନିର୍ଦୋଷ୍ ଲେକାମ୍ କାମ୍ ମାଡ଼ି ପରମେଶ୍ୱର୍ ମୁନ୍ ଦାର୍ମିକ୍ ମାତ୍‌ତଡ୍
।
୭ ଅଡ଼୍‌କିଂଙ୍କ୍ ମାର୍ ମାୟାଡ଼୍ ଇଲ୍‌ୱେ ମାତ୍‌ତେ, ବାତେଙ୍କ୍ ଇକ୍ରେ
ଏଲୀଶାବେତ୍ ୱାଞ୍ଜଲ୍ ମାତ୍‌ତେ, ମେଣ୍ଡ୍ରେ ଇର୍‌ୱିଡ଼ାଦ୍ ବିଷୟ୍
ନାର୍ଗୋଆସ୍ ମାତ୍‌ତେ ।
୮ ଜିକରୀୟ ତାମ୍ ମାନ୍ଦେତେ ପାଲି ହିସାପ୍ ତେ ପରମେଶ୍ୱର୍‌ତେ
ମୁନ୍‌ନେ ଯାଜକ୍ ପାଡ଼ିୟି ମାଡ଼ମାନ୍ଦାନ୍ ଦିନାମ୍‌ତେ,
୯ ଯାଜକ୍ ପାଡ଼ିୟିଦେ ଲେକେଡ୍ ଲେକାମ୍‌ତେ ଗୁଲିବାଣ୍ଟ ମାଡ଼୍‌ତାଙ୍କ୍
ଅଂକିଙ୍କ୍ ପ୍ରବୁନ୍ ମନ୍ଦିର୍‌ତେ ଲୋପେ ହସି ଦୂପାମ୍ ଇଦାଙ୍କ୍ ୱେୟ୍‌ତେ,
୧୦ ମେଣ୍ଡ୍ରେ ଦୂପାମ୍ ଇଦାନ୍ ୱେଲେ ସାର୍‌ରେ ତୋଡ୍ ନାରୁଡ଼୍
ବାଇଦେ ପ୍ରାର୍ଥନା ମାଡ଼ ମାତ୍‌ତଡ଼୍ ।
୧୧ ଆସୁଣ୍ଟ୍ ପ୍ରବୁନାଦ୍ ୱେର୍‌ଣ୍ଡ୍ ଦୂତ ଦୂପାମ୍ ଇଦାନ୍ ବାକ୍‌ଡ଼େତେ
ତିନ୍ଦେ କାଇଦେ ପାକ୍ ନିଶ୍‌ମିକା ଅଂକିଙ୍କ୍ ତନ୍ଦ୍‌ତଣ୍ଡ୍ ।
୧୨ ଜିକରୀୟ ଅଂକିଙ୍କ୍ ଉଡ଼ି ଦାଦ୍‌ରେଲି ମିକା ୱେର୍‌ତଣ୍ଡ୍ର ।
୧୩ ବାତେଙ୍କ୍ ଇକ୍ରେ ଦୂତ ଅଂକିଙ୍କ୍ କେଡ୍‌ତେ, ଜିକରୀୟ, "ୱେର୍‌ମା
ବାତେଙ୍କ୍ ଇକ୍ରେ ନିୟାଦ୍ ପ୍ରାର୍ଥନା ସଦାପ୍ରବୁ କେଞ୍ଜ୍‌ତଣ୍ଡ୍, ମେଣ୍ଡ୍ରେ ନି
ମୁତ୍‌ତେ ଏଲୀଶାବେତ୍ ନି ମାଇଦିଙ୍କ୍ ୱେର୍‌ଣ୍ଡ୍ ମାର୍ ଜନମ୍ ମାଡ଼ିତା,
ମେଣ୍ଡ୍ରେ ନିମେ ଅନ୍ ପେଦେର୍ ଯୋହନ୍ ଇଦ୍‌ତିନ୍ ।
୧୪ ଅଣ୍ଡ୍ ନିୱାଦ୍ କୁସି ନୁ ସାର୍‌ଦେତେ ବିଷୟ ଆଦ୍ ତଣ୍ଡ୍, ମେଣ୍ଡ୍ରେ
ନାର୍ଗୋ ନାରୁଡ଼୍ ଅନ୍ ଜନମ୍‌ତେ ୱେଡ଼୍‌କିତଡ଼୍ ।
୧୫ ଅଣ୍ଡ୍ ପ୍ରବୁନ୍ ମୁନ୍‌ନେ ମହାନ୍ ଆଦ୍‌ତୋଣ୍ଡ୍; ଅଣ୍ଡ୍ ଦ୍ରାକ୍ଷାରସ୍ କି
ସୁରା ବେସୁଟ୍ ବା ହୁନଣ୍ଡ୍ ମେଣ୍ଡ୍ରେ ୟାୟନ୍ ଡଙ୍କେତାଗ୍ ମିକା ପବିତ୍ର
ଆତ୍ମାତେ ସାରେ ଆଦ୍‌ତେ ।
୧୬ ଆସୁଣ୍ଟ୍ ଅଣ୍ଡ୍ ଇସ୍ରାଏଲ ନାରୁଡ଼୍ ଲୋପ୍ ନାର୍ଗୋ ନାରୁଡ଼୍‌କିଙ୍କ୍ ପ୍ରବୁ
ଅଡ଼୍‌ୱାଦ୍ ଇଶ୍ୱର୍‌ତେ ସେଙ୍ଗେ ମାଲ୍‌ପି ମାଡ଼ି ତାତିତଣ୍ଡ୍ ।

୧୭ ଯାୟବାବାନ୍ ହୃଦୟ୍ ପିଲାନ୍ ସେଙ୍ଗେ ନୁ ପୁନ୍ୱେ ନାରୁଡ଼୍
ଦାମର୍ିକ୍ ନାରୁଡ଼୍ତେ ବୁଦ୍ତେ କାମ୍ ମାଡ଼ାନ୍ ସେଙ୍ଗେ ମାଲ୍ପାନଙ୍କ୍
ମେଣ୍ତେ ପ୍ରବୁନ୍ ସେଙ୍ଗେ ସାଏତ୍ ଦଣ୍ତଆତ୍ତେ ୱେରନ୍ ନାରୁଡ଼୍ମଣ୍ତଲି
ତିଆର୍ ମାଡ଼ାଙ୍କ୍ ଅଣ୍ତ୍ ଏଲିୟତେ ଆତ୍ମା ନୁ ଶକ୍ତିତେ ଅନ୍ ମୁନ୍ନେ ତାକି
ଆଦ୍ତନ୍ ।”
୧୮ ଇଗେ ଜିକରୀୟ ଦୂତ ତିଙ୍କ୍ କେଓଣ୍ତ୍, “ନାନ୍ ବେନ୍ ଚିନ୍ହେତେ
ଇଦ୍ ପୁନ୍ତାନ୍ ? ବାତେଙ୍କ୍ ଇକ୍କେ ନାନ୍ ତ ମୁଇତାନ୍, ମେଣ୍ତେ ନା
ମୁତେନ୍ ବୟଷ୍ ଗାଟି ଆଦୁତେ ।”
୧୯ ଦୂତ ଅଂକିଙ୍କ୍ କେଡ୍ତେ, “ନାନ୍ ଗାବ୍ରିଏଲ୍, ନାନ୍ ପରମେଶ୍ୱର୍
ତେ ମୁନ୍ନେ ନିଶ୍ମାନ୍ଦାନ୍, ମେଣ୍ତେ ନିକିଂଙ୍କ୍ କେତାଙ୍କ୍ ନୁ ଇଦ୍
ସୁସମାଚାର୍ କେଞ୍ଜ୍ପାଙ୍କ୍ ନାନ୍ ୱାସମିନ୍ଦେନ୍ ।
୨୦ ଉଡ଼ାଟ୍, ଇଦ୍ ସାରେ ଗଟେମ୍ ହାଇୱା ଦିନ୍ ଯାକ ନିମେ
କନ୍ଦାହାସ୍ ଗଟ୍ତ୍ରିୟ୍ ପାର୍ୱିନ୍, ନାୱାଦ୍ ବେନ୍ ସାରେ ବାକ୍ୟ
କେଡ୍ତାନ୍ ଆଦ୍ ଟିକ୍ ଦିନାମ୍ତେ ସାରେ ଆଦ୍ତେ, ଆଦ୍ ସାରେତିଙ୍କ୍
ନିମେ ବିଶ୍ୱାସ୍ ମାଡ଼୍ୱିନ୍ ।”
୨୧ ଆଦ୍ ଦିନାମ୍ତେ ନାରୁଡ଼୍ ଜିକରୀୟଙ୍କ୍ କେପି ମାଡ୍ତଡ଼୍, ମନ୍ଦିର୍
ତାଗ୍ ଅନ୍ୱାଦ୍ ଡେରି ଆତ୍ତାଙ୍କ୍ ଅଡ଼୍ ଦାଦ୍ରେଲ୍ତଡ଼୍ ।
୨୨ ବାତେଙ୍କ୍ ଇକ୍କେ ଅଣ୍ତ୍ ବାଇଦେୱାସ୍ ଅଡ଼୍କିଂଙ୍କ୍ ଗଟ୍ କେତାଙ୍କ୍
ପାର୍ୱଣ୍ତ୍; ଇଗେ ଅଣ୍ତ୍ ମନ୍ଦିର୍ତାଗ୍ ତନ୍ଦ୍ତଣ୍ତ୍ ଇଞ୍ଜ ଆତ୍ତଣ୍ତ୍ ଇଞ୍ଜ
ଅଡ଼୍ ପୁତ୍ତଡ଼୍ । ମେଣ୍ତେ ଅଣ୍ତ୍ ଅଡ଼୍କିଂଙ୍କ୍ ଚିନ୍ନେ ମାଡ଼ାଙ୍କ୍ ପସ୍ପ୍ତଣ୍ତ୍ ନୁ
କନ୍ଦାଲ୍ ହାସ୍ ମାତ୍ତଣ୍ତ୍ ।
୨୩ ପେର୍କେ ଅନ୍ୱାଦ୍ ସେବାମାଡ଼ାନ୍ ଦିନାକ୍ ତେର୍ତାଙ୍କ୍, ଅଣ୍ତ୍
ତାମ୍ ଲୋନ୍ ମାଲ୍ସ୍ ଆତ୍ତଣ୍ତ୍ ।
୨୪ ତାନ୍ ମୁତ୍ତେ ଏଲୀଶାବେତ୍ ଡଙ୍କେତ୍ ଆତ୍ତେ, ମେଣ୍ତେ ଏଇଙ୍ଗ୍
ନେଲ୍ଞ୍ଜ୍ ହେଉନା ଇଦ୍ ବିଷୟ ବେନଙ୍କେ କେଲକଟ ମିଞ୍ଜିମାଞ୍ଜ୍
ମାତ୍ତା,
୨୫ ମେଣ୍ତେ ଏଲୀଶାବେତ୍ କେଡ୍ତା, “ନାରୁଡ଼୍ତେ ଲୋପେ ନା
ଅପ୍ମାନ୍ ଦୁରାମ୍ ମାଡ଼ାନ୍ ସେଙ୍ଗେ ପ୍ରବୁ ଦାୟାମାଡ଼ି ନା ମାଇଦିଙ୍କ୍
ଇଲା ମାଡ଼ିମିନ୍ଦେଣ୍ତ୍ ।”

## ଜିସୁନ୍ ଜନମ୍ତେ ମୁନେତ୍ ନିୟମ୍

୨୬ ଏଲୀଶାବେତ୍ ଡଙ୍କେଡ୍ ଆଦ୍‌ତେ ଆରୁ ନେଲ୍‌ଞ୍ଜ୍‌ତେ ପେର୍‌କେ
ଇଶ୍ୱରତାଦ୍ ଗାବ୍ରିଏଲ୍ ଦୂତ ଗାଲିଲୀତେ ନାଜରିତିୟ ପେଦେର୍‌ତେ
ନଗର୍‌ତାଗ୍ ଅରଟ୍ ପିକିଡ଼୍ ଗାର୍‌ରେ ପ୍ରେରିଡ୍ ଆଡ଼୍‌ତେ;
୨୭ ✡ଦାଉଦ୍ ବଂଶତେ ଯୋଷେପ୍ ପେଦେର୍ ତଣ୍ଡ୍ ୱେର୍‌ଣ୍ଡ୍ ନାରୁଡ଼୍
ତଡ଼୍ ଆଦିନାଦ୍ ବେନ୍‌ଆସ୍ ମାଡ଼୍‌ତେ; ଆଦ୍ ପିକିଡ଼୍ ତେ ପେଦେର୍
ମରୀୟମ୍ ।
୨୮ ଗାବ୍ରିଏଲ୍ ଦୂତ୍ ଆଦିନ୍ ଗାର୍‌ରେ ୱାସ୍ କେଡଣ୍ଡ୍, "ଆଗୋ
ଅନୁଗ୍ରହପାତ୍ରୀ, ନିୟାଦ୍ ଲେକେଡ୍ ହାୟି, ପ୍ରବୁ ନି ତଡ଼୍ ।"
୨୯ ବାତେଙ୍କ୍ ଇକ୍କେ ଆଦ୍ ଇଦ୍ ବାକ୍ୟତେ ଗାଟି ଦାନ୍ଦେ ଆଡ଼୍‌ତେ ନୁ
ଇଦ୍ ବେସଡ୍ କବର୍ ହିଞ୍ଜ ମାନ୍ ଦେ ହାଲ୍‌ସାନଙ୍କ୍ ପସ୍‌ପିଡ଼୍‌ତେ ।
୩୦ ଆସୁଣ୍ଟ୍ ଦୂତ ତାକିଂଙ୍କ୍ କେଡ଼୍‌ତେ, "ଆଗୋ ମରୀୟମ୍, 'ୱେର୍‌ମା,'
ବାତେଙ୍କ୍ ଇକ୍କେ ନିମେ ଇଶ୍ୱର୍‌ତାଦ୍ ଆଶୀର୍ବାଦ୍ ହାସମିନ୍ଦେନି ।
୩୧ ✡ମେଣ୍ଢେ ଉଡ଼େ, ନିମେ ଡଙ୍କେଡ୍ ଆସ୍‌ସ ୱେର୍‌ଣ୍ଡ୍ ମାର୍ ଜନମ୍
ମାଡ଼ିତି ନୁ ଅନ୍ ପେଦେର୍ ଜିସୁ ଇଦ୍‌ତିନ୍ ।
୩୨ ଅଣ୍ଡ୍ ମହାନ୍ ଆଦ୍‌ତନ୍ ନୁ ସତ୍‌ଇଶ୍ୱର୍‌ତେ ମାର୍ ହିଞ୍ଜ ପୁନ୍‌ତଡ଼୍;
ପ୍ରବୁ ଇଶ୍ୱର୍ ଅଂକିଙ୍କ୍ ତାମ୍ ଆନୀଦାଦିଡ଼୍ ଦାଉଦ୍ ତେ ରକମ୍ ରାଜାଲ୍
ମାଡ଼ିତନ୍ ।
୩୩ ଅଣ୍ଡ୍ ଯାକୁବ୍ ବଂଶତାଗ୍ ଯୁଗ୍‌ଯୁଗ୍ ତିଙ୍କ୍ ଶାସନ୍ ମାଡ଼ିତନ୍,
ମେଣ୍ଢେ ଅନ୍ ରାଜ୍ୟ ଶେଷ୍ ଆୟ୍‌ୟ !"
୩୪ ବାତେଙ୍କ୍ ଇକ୍କେ ମରୀୟମ୍ ଦୂତ ତିଙ୍କ୍ କେଡ଼୍‌ତେ, "ଇଦ୍ ବେଲା
ଆଦ୍ ତେ ? ନାନ୍ ତ ବେନ୍ ମାନେଇ ତଡ଼୍ ଉଞ୍ଜନ୍ ।"
୩୫ ଦୂତ ଆଦିଙ୍କ୍ କେଡ଼୍‌ତେ, "ପବିତ୍ର ଆତ୍ମା ନି ପରୁ ଡିଗିତେ ନୁ
ସତ୍‌ଇଶ୍ୱର୍‌ତେ ଶକ୍ତିତେ ନିକିଂଙ୍କ୍ ମିସିତେ, ନୁ ବେନ ଜନମ୍ ଆଦ୍‌ତଣ୍ଡ୍,
ଅଣ୍ଡ୍ ପବିତ୍ର ନୁ ଇଶ୍ୱର୍‌ତେ ମାର୍ ହିଞ୍ଜ ନାରୁଡ଼୍ ପୁନ୍‌ତଡ଼୍ ।
୩୬ ମେଣ୍ଢେ ଉଡେ, ମି ଆତ୍ମୀୟ ଏଲୀଶାବେତ୍ ମିକା ଡକ୍ରି ବୟଷ୍
ତେ ୱେର୍‌ଣ୍ଡ୍ ମାର୍ ଡଙ୍କେଡ୍ ଆସ୍‌ସ ମିନ୍ଦେ । ବାଦିଙ୍କ୍ ୱାଞ୍ଜଲ୍ ହିଞ୍ଜ
କେସ ମାଡ଼୍‌ତଡ଼୍, ତାମ୍‌ୱାଦ୍ ଇଞ୍ଜେ ଆରୁ ନେଲଞ୍ଜ୍ ଆଦୁଡ଼୍‌ତେ;
୩୭ ବାତେଙ୍କ୍ ଇକ୍କେ ଇଶ୍ୱର୍‌ତେ ପାୟୁର୍ କଞ୍ଜ୍ ପେଇତାନ୍ ବେନ୍
ବାକ୍ୟ ମିକା ଶକ୍ତିହୀନ ଆୟ ।"

✡ **୧:୨୭** ମାତିଉ ୧:୧୮. ✡ **୧:୩୧** ମାତିଉ ୧:୨୧.

୩୮ ଇଗେତିଞ୍ଜ ମରୀୟମ୍ କେଡ୍ତେ, “ଉଡେ ନାନ୍ ପ୍ରବୁନ୍ ଦାସୀ;
ନିୱାଦ୍ ବାକ୍ୟ ଲେକାମ୍ ନାୟାଗେ ହାୟି ।” ତାନ୍ ପେର୍କେ ଦୂତ
ଆଦିନାଗାଙ୍କ୍ ମାଲ୍ସ୍ ଆଡ୍ତେ ।

## ମରୀୟମ୍ ଏଲୀଶାବେତ୍ତେ ଗାର୍ରେ ଆଡ୍ତେ

୩୯ ଇଦ୍ ସମୟ୍ ତେ ମରୀୟମ୍ ତେଦି ଯିହୁଦା ଦେଶ୍ତେ
ମେଟେତାଗ୍ ମାନ୍ଦାନ୍ ୱେରନ୍ ନଗର୍ତାଗ୍ ଆଡ୍ତେ,
୪୦ ମେଣ୍ଡ୍ରେ ଆଦ୍ ଜିକରୀୟତେ ଲୋନ୍ ହସି ଏଲୀଶାବେତ୍ ତିଙ୍କ୍
ନମସ୍କାର୍ ମାଡ଼୍ତେ ।
୪୧ ମେଣ୍ଡ୍ରେ ଆଦ୍ ମରୀୟମ୍ ତେ ନମସ୍କାର୍ କେଞ୍ଜ୍ତେ ସାଙ୍ଗେ
ସାଙ୍ଗେ ବାବୁ ଏଲୀଶାବେତ୍ ଡଙ୍କେଡ୍ ଲୋପେମାଞ୍ଜ୍ ହେନ୍ଦଣ୍ଡ୍, ମେଣ୍ଡ୍ରେ
ଏଲୀଶାବେତ୍ ପବିତ୍ର ଆତ୍ମାତେ ପୁରା ହାସ୍
୪୨ ଗାଟି ଲେଙ୍ଗ୍ଦେ କେଡ୍ତେ, “ନାଟାନ୍ ଲୋପ୍ ନିମେ ଦନ୍ୟ,
ମେଣ୍ଡ୍ରେ ଦନ୍ୟ ନି ଡଙ୍କେଡ୍ କାୟେ ତିଙ୍କ୍ ।
୪୩ ମେଣ୍ଡ୍ରେ, ନା ପ୍ରବୁନ୍ ୟାୟ ଯେ ନା ଗାର୍ରେ ୱାଦ୍ତେ, ନାୱାଦ୍
ଇଦ୍ ସାଏଡ୍ ବିଷୟ ବେଗେତିନ୍ସ୍ ଆଡ୍ତେ ?
୪୪ ଇଦିନ୍ ସେଙ୍ଗେ ଉଡ଼େ, ନି ନମସ୍କାର୍ କେଞ୍ଜ୍ ତେ ପେର୍କେ ନା
ଡଙ୍କେଡ୍ ଲୋପେ ବାବୁ ସାର୍ଦେ ଆସ୍ ହେନ୍ଦ୍ ତଣ୍ଡ୍ ।
୪୫ ପ୍ରବୁ ବାତେଏ କେଡ୍ତଣ୍ଡ୍ ହାଉସାରେ ଅଣ୍ଡ୍ ସାରେ ମାଡ଼ିତନ୍ ଇଞ୍ଜ
ନିମେ ବିଶ୍ୱାସ୍ ମାଡ଼୍ତାଙ୍କ୍ ନିମେ ଆଶିର୍ବାଦ୍ ହାଡ୍ତି ।”

## ମରୀୟମତେ ପ୍ରସଂଶା ପାଟେ

୪୬ ତାନ୍ ପେର୍କେ ମରୀୟମ୍ କେଡ୍ତେ,
“ନା ଜିୱେ ପ୍ରବୁନ୍ ପ୍ରସଂଶା ମାଡୁତେ,
୪୭ ମେଣ୍ଡ୍ରେ ନାୱାଦ୍ ଆତ୍ମା ନା ତ୍ରାଣକର୍ତ୍ତାଲ୍ ଇଶ୍ୱର୍ତାଗ୍ ସାର୍ଦେ
ମାଡ଼୍ମିନ୍ଦେ;
୪୮ ଆଦିନ୍ ସେଙ୍ଗେ ନାନ୍ ୱେରନ୍ ସୁଦୁର୍ ଦାସୀ ହାକ୍ରେମିକା
ଅଣ୍ଡ୍ ନାକିଂଙ୍କ୍ ହେର୍କା ମାଡ଼୍ତଣ୍ଡ୍, ଇଞ୍ଜେ ସାରେତଡ଼୍ ନାକିଂଙ୍କ୍
ୱେଡ଼୍କେ ନାରୁଡ଼୍ ଇଞ୍ଜ କେତିତଡ଼୍ ।
ମେଣ୍ଡ୍ରେ ଉଡ଼ାଟ୍, ଯୁଗ୍ୟୁଗ୍ ମାନେଇ ସାର୍ରେତଡ୍ ନାକିଂଙ୍କ୍
ଦନ୍ୟ ହିଞ୍ଜ କେତିତଡ୍,
୪୯ ବାତେଙ୍କ୍ ଇକ୍ରେ ସାରେତିଙ୍କ୍ ଶକ୍ତିନଣ୍ଡ୍ ଇଶ୍ୱର, ଅଣ୍ଡ୍ ନା
ସେଙ୍ଗେ ମହାନ୍ କାମ୍ ମାଡ଼୍ତଣ୍ଡ୍;

ଅନ୍‌ୱାଦ୍ ପେଦେର୍ ପବିତ୍ର,
୫୦ ମେଣ୍ଡେ ଅଂକିଙ୍କ୍ ୱେର୍‌ତାନ୍ ନାରୁଡ଼୍‌ତେ ସେଙ୍ଗେ ଅନ୍‌ୱାଦ୍ ଦୟା ଯୁଗ୍‌ଯୁଗ୍ ମାନ୍‌ତା ।
୫୧ ଅଣ୍ଡ୍ ତାନ୍‌ୱାଦ୍ କାଇତାଦ୍ ଶକ୍ତିତିଙ୍କ୍ କେଡ୍‌ତଣ୍ଡ୍,
ଆଂକାର ମାଡ଼ମାନ୍ଦାନ୍ ନାରୁଡ଼୍‌କ୍ ତାମ୍ ହୃଦୟ୍‌ତେ ଆଲ୍‌ସାନାଦ୍ ୱେରେୱେରେ ମାଡ଼ିମିନ୍ଦେଣ୍ଡ୍,
୫୨ ଅଣ୍ଡ୍ ଶକ୍ତିତଡ଼୍ ରାଜାଲଡ଼୍‌କ୍ ତାମ୍ ସିଂହାସନ୍ ତେ କଞ୍ଜ୍ ମଦଲ୍ ତାଡ୍‌ତଣ୍ଡ୍ ନୁ
ଗରିବ୍ ନାରୁଡ଼୍‌କ୍ ପରୁ ତେହେଡ୍‌ତଣ୍ଡ୍,
୫୩ ଅଣ୍ଡ୍ କାୱର୍ିନ୍ ନାରୁଡ଼୍‌କ୍ ସାଏଡ୍ ଜିନିଷ୍ ତେ ନିଇଡ୍‌ତଣ୍ଡ୍,
ସାଉକାର୍ ନାରୁଡ଼୍‌କ୍ ଆସାମ୍ କାଇଦେ ରହସ୍ ମିନ୍ଦେଣ୍ଡ୍ ।
୫୪ ମା ପିତୃପୁରୁଷତେ ସେଙ୍ଗେ କେଡ୍‌ତାଦ୍ ଅନ୍‌ୱାଦ୍ ବାକ୍ୟଲେକାମ୍ ତେ ଅଣ୍ଡ୍ ଆବ୍ରାହାମ୍ ନୁ ତାନ୍ ମାର୍‌କିଡ୍ ସେଙ୍ଗେ,
୫୫ ଯୁଗ୍‌ଯୁଗ୍ ଦୟା ହେର୍କା ମାଡ଼ାନ୍ ସେଙ୍ଗ୍ ଅବ୍ରାହାମ୍ ନୁ ତାନ୍ ଦାସ୍ ଇସ୍ରାଏଲ ତେ ଉପକାର୍ ମାଡ୍‌ତଣ୍ଡ୍ ।”
୫୬ ମେଣ୍ଡେ, ମରୀୟମ୍ ତାନ୍ ତଡ଼୍‌ମୁଣ୍ଡ୍ ନେଲଞ୍ଜ୍ ମାଞ୍ଜ୍ ତାମ୍ ଲୋନ୍
ମାଲ୍‌ସ୍ ଆଡ୍‌ତେ ।

## ବାପ୍ତିସ୍ମ ଯୋହନ୍‌ତେ ଜନମ୍

୫୭ ପେର୍‌କେ ଏଲୀଶାବେଡ୍ ତେ ସାୟେ ମାଡ଼ାନ୍ ଅଦାନ୍‌ଦିନାମ୍
ଦିନାମ୍ ହେୱ୍‌ତାଙ୍କ୍, ଆଦ୍ ୱେର୍‌ଣ୍ଡ୍ ମାର୍ ଜନମ୍ ମାଡ୍‌ତେ,
୫୮ ମେଣ୍ଡେ ପ୍ରବୁ ଯେ ତାନ୍ ମାଇଦିଙ୍କ୍ ଗାଟି ଦୟା ମାଡ୍‌ତଣ୍ଡ୍, ଇଦ୍
କେଞ୍ଜି ତାମ୍ ଗାରେତଡ଼୍‌ନୁ ଲୋତେନଡ୍ ତାନ୍ ତୋଡ୍ କାଇଲି ସାର୍‌ଦେ
ମାଡ୍‌ତଡ଼୍ ।
୫୯ ଆଟ୍ ଦିନାତିଙ୍କ୍ ଅଡ଼୍‌ବାବୁଙ୍କ୍ ହେକ୍ ମାଡ଼ାଙ୍କ୍* ୱାତତୋଡ୍ ନୁ ତାମ୍
ବାବାନ୍ ପେଦେର୍ ଲେକାମ୍ ଅନ୍ ପେଦେର୍ ଜିକରୀୟ ହିଦାଙ୍କ୍ ଇଚ୍ଛା
ମାଡ୍‌ତଡ଼୍ ।
୬୦ ବାତେଙ୍କ୍ ଇକ୍କେ ତାମ୍ ୟାୟ କେଡ୍‌ତେ, “ଇଲ୍‌ଲେ, ଅନ୍
ପେଦେର୍ ଯୋହନ୍ ଆଦ୍ ତେ ।”
୬୧ ଅଡ଼୍ ତାକିଂଙ୍କ୍ କେଡ୍‌ତଡ଼୍, “ମି ଆମ୍ୱାତେ ନାରୁଡ଼୍ ଲୋପ୍ ତ
ବେନନାଦ୍ ଇସଡ୍ ପେଦେର୍ ଇଲ୍‌ଲେ ।”

* **୧:୫୯** ନାରୁଡ଼୍‌ଡ଼ାଦ୍ ଲିଙ୍ଗତେ ମୁନେଡ୍ ତଲ୍‌କା କଇଦାନଙ୍କ୍ ହେକ୍ କେଡିତଡ଼୍

୬୨ ଇଗେ ଅଂକିଙ୍କ୍ ବାତ୍ ପେଦେର୍ ହିଦାନାଦ୍ ହିଞ୍ଜ ତାମ୍ ବାବାଲ୍
ଇଚ୍ଛା ମାଡ଼ତୁଣ୍ତ୍, ଆଦ୍ ଅଡ଼୍ ଅଂକିଙ୍କ୍ ଚିନ୍ହେ ମାଡ଼ି ପଚାର୍ ମାଡ଼୍ତଡ଼୍ ।
୬୩ ଆଗେ ଆଦ୍ ୱେରନ୍ ଲେକ୍ତଦ୍ ଇଦ୍ ଲେକାମ୍ ଲେକ୍ତଣ୍ତ୍,
“ଅନ୍ ପେଦେର୍ ଯୋହନ୍ ।” ଇଗେ ସାର୍‌ରେ ତୋଡ଼୍ ଦାଦ୍‌ରେଲ୍‌ତଡ଼୍
।
୬୪ ମେଣ୍ତ୍ରେ, ସେନେକ୍ ତିଙ୍କ୍ ତାନ୍ ପାୟୁର୍ ନୁ ୱାଞ୍ଜେର୍ ଟେଣ୍ତ୍ରି
ଆଡ଼୍ତେ ନୁ ମେଣ୍ତ୍ରନ୍ଦାମ୍ ଅଣ୍ତ୍ ଗଟ୍‌ତିର୍‌ୟି ପରମେଶ୍ୱର୍ ତେ ପ୍ରସଂଶା
ମାଡ଼ାଙ୍କ୍ ପସ୍‌ପିଡ଼୍‌ତଣ୍ତ୍ ।
୬୫ ଇଗେ ତାମ୍ ଗାର୍‌ରେତଡ଼୍ ସାରେ ୱେର୍‌ତଡ଼୍, ମେଣ୍ତ୍ରେ ଇଦ୍
ସାରେ ଗଟ୍ ଯିହୁଦା ଦେଶ୍ ତେ ମେଣ୍ତ୍ରନ୍ ଅଞ୍ଚଲତ୍ ସାରେ ପାକେତ୍
ନାରୁଡ଼୍ ତିରିୟା ତିରିୟି ଆଡ଼୍‌ତଡ଼୍,
୬୬ ମେଣ୍ତ୍ରେ କେଞ୍ଜାନ୍ ନାରୁଡ଼୍ ସାରେତଡ଼୍ ଆଦ୍ ସାରେ ନିଜ୍‌ନିଜ୍
ହୃଦୟ୍‌ତାଗ୍ ନେଏସ୍ କେଡ଼୍‌ତଡ଼୍, “ଇ ବାବୁ ଆଲାକେ ବାତ୍ ଆଦ୍‌ତଣ୍ତ୍
? ବାତେଙ୍କ୍ ଇକେ ପ୍ରବୁନ୍ କାୟ୍ ଅନ୍‌ତଡ଼୍ ମିନ୍ଦେ ।”

## ଜିକରୀୟତେ ବାବବାନି

୬୭ ମେଣ୍ତ୍ରେ, ତାମ୍ ବାବାଲ୍ ଜିକରୀୟ ପବିତ୍ର ଆତ୍ମାତେ ପୁରା ଆସ୍
ଇଦ୍ ବାବବାନି କେଡ଼୍‌ତଣ୍ତ୍,
୬୮ “ଇସ୍ରାଏଲ୍ ତେ ଇଶ୍ୱର୍‌ତାଦ୍ ପ୍ରସଂଶା ଆୟି,
ବାତେଙ୍କ୍ ଇକେ ଅଣ୍ତ୍ ଦାୟାମାଡ଼ି ତାମ୍ ନାରୁଡ଼୍‌କ୍ ତେ ସେଙ୍ଗ୍
ମୁକ୍ତି ତିଆର୍ ମାଡ଼ିମିନ୍ଦେଣ୍ତ୍;
୬୯ ଅଣ୍ତ୍ ତାମ୍ ଦାସ୍ ଦାଉଦ୍ ତେ ବଂଶତ୍ ୱେର୍‌ଣ୍ତ୍ ଶକ୍ତିନଡ଼୍
ପରିତ୍ରାଣ୍‌କର୍ତ୍ତାଙ୍କ୍ ମା ସେଙ୍ଗ୍ ରହ୍‌ତଣ୍ତ୍
୭୦ ପୁରାକାଲ୍‌ଦେ କଞ୍ଜ୍ ତାମ୍ ପବିତ୍ର ବାବବାଦୀ ନାରୁଡ଼୍ ତେ ପାୟୁର୍
ତଡ଼୍ ବେଦ୍ ପୁଟୁଙ୍କ୍ କେସ୍ ମାଡ଼୍‌ତଡ଼୍,
୭୧ ଆଦ୍ ରକମ୍ ମାନ୍ ଶତ୍ରୁଡ଼ାଗାଙ୍କ୍ ନୁ ମାନ୍ ସାରେ ପାସ୍‌କାନ୍
ନାରୁଡ଼୍ ତେ କାଇଦେକଞ୍ଜ୍ ପରିତ୍ରାଣ ତିଆର୍ ମାଡ଼ି ମିନ୍ଦେଡ଼୍,
୭୨ ବେଲା କି ଅଣ୍ତ୍ ମା ଆନିଦାଦିଡ଼୍ ସେଙ୍ଗେ ଦୟା ବ୍ୟବହାର୍ ମାଡ଼ିତନ୍,
ନୁ ଅଡ଼୍ ସେଙ୍ଗେ ମାଡ଼ିମାନ୍ଦାନ୍ ନିଜର୍ ପବିତ୍ର ନିୟମ୍ ହେର୍କା
ମାଡ଼ିତନ୍,

୭୩ ମାନ୍ ବାବାଲ୍ ଅବ୍ରାହାମ୍‌ତେ ଗାର୍‌ରେ ବେନେ ଶପତ୍
ମାଡ଼ିମାଡ଼ତଣ୍ଡ୍, ତାମ୍‌ଆଦ୍ ଆଦ୍ ପବିତ୍ର ନିୟମ୍ ହେର୍କା
ମାଡ଼ିତନ୍ ।
୭୪ ମାନାଡ଼୍ ମାନ୍ ଶତ୍ରୁଡ଼ାଗାଙ୍କ୍ ଉଦ୍ଧାର୍ ଆଡ଼ତାଡ଼୍,
୭୫ ବେଲା କି ମାନାଡ଼୍ ମାୟାଦ୍ ସାରେଜିୱୁଣ୍ଡ୍ ଅନ୍ ମୁନ୍‌ନେ ପବିତ୍ର
ନୁ ଦାମର୍ିକ୍ ଆଦ୍ ପାର୍‌ଦ୍‌ତା ।
୭୬ ହୋ ନା ମାର୍ ନିମେ ସାରେତିଙ୍କ୍ ପର ଇଶ୍ୱର୍‌ତେ ୱେର୍‌ଣ୍ଡ୍
ବାବବାଦୀ ଲେକାମ୍ ତିଆର୍ ଆଦ୍‌ତିଡ଼୍ । ନିମେ ପ୍ରବୁନ୍
ୱେର୍‌ଣ୍ଡ୍ ଅଗ୍ରଦୂତ ଲେକାମ୍ ଅନାଦ୍ ହାର୍ ତିଆର୍ ମାଡ଼ିତି ।
୭୭ ପାପ୍ କ୍ଷମା ଆଦାନ୍ ତଡ଼୍ ଅଡ଼୍‌କିଂଙ୍କ୍ ଯେ ପରିତ୍ରାଣ ଦର୍‌କିତେ, ତାମ୍
ନାରୁଡ଼୍‌କ୍ ଇଦ୍ ଗଟ୍ କେତାଙ୍କ୍ ଆଡ଼ତେ ।
୭୮ ମାନ୍ ଇଶ୍ୱର୍ କୃପା ନୁ କୋମଲ ହୃଦୟ୍ ଅଣ୍ଡ୍ ମାନ୍ ସେଙ୍ଗେ
ପରିତ୍ରାଣତେ ପଡ଼ଦ୍ ପେସ୍‌ପିତଣ୍ଡ୍ ।
୭୯ ବେନଡ଼୍ ଡଲାନ୍ ଲେକାମ୍ ଇକାଡ଼୍ ନିଡ଼୍‌କେତାଗ୍ ବାଦ୍‌କିତଡ଼୍,
ଅଡ଼୍‌କିଂଙ୍କ୍ ଶାନ୍ତି ହାର୍ ତେ ଆଦାନ୍ ସେଙ୍ଗେ ଅଣ୍ଡ୍ ସାରେତଡ଼୍
ପରୁ ସ୍ୱର୍ଗତେ ୱେସ୍ ମାଡ଼ିତନ୍ ।”
୮୦ ମେଣ୍ଡେ, ବାବୁ ପେର୍‌ସି ଆତ୍ମାତେ ଶକ୍ତିତଣ୍ଡ୍ ଆଦାଙ୍କ୍ ପସ୍ସ୍‌ତଣ୍ଡ୍ ନୁ
ଇସ୍ରାଏଲତେ ଗାର୍‌ରେ କେଲ୍‌ୱାଙ୍କ୍ ହାଇୱା ଯାକ୍ ଆଞ୍ଜିନା ମାଡ଼ତଣ୍ଡ୍ ।

# ୨

## ଜିସୁନ୍ ଜନମ୍
## (ମାତିଉ ୧:୧୮-୨୫)

୧ ଆଦ୍ ଦିନାମ୍‌ତେ ରୋମ୍ ରାଜ୍ୟ ସମ୍ରାଟ୍ ଅଗଷ୍ଟ କାଇସର୍‌ତେ ତଡ଼୍
ଦେଶ୍‌ତେ ସାରେ ନାରୁଡ଼୍ ପେଦେର୍ ଲେକାନ୍ ସେଙ୍ଗେ ଗଟ୍ କେତାନଙ୍କ୍
।
୨ ସିରିଆତେ ଶାସନ୍ କର୍ତାଲ୍ କ୍ୱିରୀଣିୟତେ ୱେଲେ ମୁନେ
ଦାମ୍‌ଇଦ୍ ପେଦେର୍ ଲେକାନାଲ୍‌ଦ୍ ଆସ୍ ମାଡ଼ତେ ।
୩ ଆଦିନ୍ ସେଙ୍ଗେ ସାରେତଡ଼୍ ପେଦେର୍ ଲେକାମାଡ଼ାନ୍ ସେଙ୍ଗେ
ନିଜେ ନିଜେ ନଗର୍‌ତାଗ୍ ଆଦ୍‌ତଡ଼୍ ।
୪ ମେଣ୍ଡ୍, ଯୋଷେପ୍ ମିକା ପେଦେର୍ ଲେକାମାଡ଼ାନ୍ ସେଙ୍ଗେ
ମରୀୟମ୍‌ତଡ଼୍ ଗାଲିଲୀତେ ନାଜରିତିୟ ନଗର୍ ତାଗାଙ୍କ୍ ଯିହୁଦା

ନାର୍‌ଦେ ବେତ୍‌ଲିହିମ୍ ପେଦେର୍ ଡ଼ାଦ୍ ଦାଉଦ୍ ତେ ନଗର୍‌ତାଗ୍
ଆତ୍‌ତଡ଼୍, ବାତେଙ୍କ୍ ଇକ୍କେ ଅଣ୍ଡ୍ ଦାଉଦ୍ ତେ ବଂଶ ନୁ ନାର୍‌ଦେ ନାରୁଡ଼୍
ମାତ୍‌ତଣ୍ଡ୍;
୫ ଅନ୍ ତଡ଼୍ ମରୀୟମ୍ ତେ ଯୱ ଆସ୍ ମାତ୍‌ତେ ନୁ ଆଦ୍ ଡଙ୍କେତ୍
ମାତ୍‌ତେ ।
୬ ଅଡ଼୍ ଆଦ୍ ପଡ଼ିୟେତାଗ୍ ମାନ୍ଦାନ୍ ୱେଲେ ତାନ୍‌ୱାଦ୍ ପିଲେ ଜନମ୍
ମାଡ଼ାନ୍ ଦିନାମ୍ ୱାସ୍ ହେୱେତେ,
୭ ମେଣ୍ଡେ ଆଦ୍ ତାନ୍ ମୁନେ ଜନମ୍‌ତେ ମାର୍ ଜନମ୍ ମାଡ଼୍‌ତେ ନୁ
ଅଂକିଙ୍କ୍ ସିଲେତଡ଼୍ ଉଡ୍‌ତି ଗୋଡ଼୍ କଟାମ୍ ତାଗ୍ ପଡ଼୍‌ପ୍‌ତଡ଼୍, ବାତେଙ୍କ୍
ଇକ୍କେ ବାଡ଼ା ଲୋନ୍‌ତାଗ୍ ଅଡ଼୍ ସେଙ୍ଗେ ପଡ଼ିୟ୍ ଇଲ୍ଲେ ମାତ୍‌ତେ ।

## ମେଣ୍ଢା ପଡ଼ପାନଡ଼୍ ଜିସୁନ୍ ଜନମ୍ ତେ କାବୁର୍ ଦର୍‌କ୍‌ତେ

୮ ଆଦ୍ ପଡ଼ିୟେତାଗ୍ ବେସ୍‌କ୍‌ତୁଡ଼୍ ମେଣ୍ଢା ମେଇତାନଡ଼୍ ବାଇଦେ
ମାଞ୍ଜ୍ ଇକାଡ଼୍ ତେ ତାମ୍ ମେଣ୍ଢାଙ୍କ୍ କେପ ମାତ୍‌ତଡ଼୍ ।
୯ ପ୍ରବୁନାଦ୍ ୱେର୍‌ଣ୍ଡ୍ ଦୂତ ଅଡ଼୍ ଗାର୍‌ରେ ତଅନ୍‌ତଣ୍ଡ୍, ମେଣ୍ଡେ
ପ୍ରବୁନାଦ୍ ଗୌରବ୍ ୱେସ୍ ଅଡ଼୍ ସାର୍‌ରେପାକେ ତନ୍ଦ୍‌ତେ, ମେଣ୍ଡେ ଅଡ଼୍
ୱେର୍‌ତଡ଼୍ ।
୧୦ ଆଗେତିନ୍‌ସ୍ ଦୂତ ଅଡ଼୍‌କିଂଙ୍କ୍ କେତ୍‌ତେ, "ୱେର୍‌ମାଟ୍, ଉଡାଟ୍,
ନାନ୍ ସାରେତଡ଼୍ ନାରୁଡ଼୍ ଡ଼ାଦ୍ ଗାଟି ୱେଡ଼୍‌କେ ତେ ସୁସମାଚାର୍
ମିକିଂଙ୍କ୍ କେତୁତାନ୍,
୧୧ ବାତେଙ୍କ୍ ଇକ୍କେ ନେଣ୍ଡ୍ ଦାଉଦ୍ ତେ ନାର୍ ତାଗ୍ ମି ସେଙ୍ଗେ
ତ୍ରାଣକର୍ତ୍ତାଲ୍ ଜନମ୍ ଆତ୍‌ତଣ୍ଡ୍, ଅଣ୍ଡ୍ କ୍ରିଷ୍ଟ ପ୍ରବୁ ।
୧୨ ମେଣ୍ଡେ, ମି ସେଙ୍ଗେ ଇଦ୍ ଚିହ୍ନେ ଲେକାମ୍ ଆଦ୍‌ଡ଼୍‌ତେ, ମିଡ଼୍
ୱେର୍‌ଣ୍ଡ୍ ବାବୁଙ୍କ୍ ସିଲ୍‌ଲେ ତାଗ୍ ଉଡ୍‌ତି ମିକା ଗୋଡ଼୍ କଟାମ୍ କୁଣ୍ଡ୍‌ତାଗ୍
ଉଞ୍ଜି ମାନ୍ଦାନାଦ୍ ଉଡ଼ିତିଡ଼୍ ।"
୧୩ ମେଣ୍ଡେ, ତାନ୍ ପେର୍‌କେ ଆଦ୍ ଦୂତକିନ୍ ତଡ଼୍ ସ୍ୱର୍ଗକନ୍‌ସ୍
ଦୂତକିନ୍ ୱେରନ୍ ବେଡ଼୍‌ୟାଦ୍ ମାନ୍ଦେ ତହନ୍ଦି ଇଶ୍ୱର୍‌ତେ ପ୍ରସଂଶା ମାଡ଼ି
କେତ୍‌ତା,
୧୪ "ସ୍ୱର୍ଗତାଗ୍ ଇଶ୍ୱର୍‌ତେ ମହିମା, ମେଣ୍ଡେ ପୃତିବିତାଗ୍ ଅନ୍ ଶାନ୍ତି
ନାରୁଡ଼୍ ତେ ସେଙ୍ଗେ ଶାନ୍ତି ଆୟି ।"
୧୫ ଦୂତକି ତାମାଗା କଞ୍ଜ୍ ସ୍ୱର୍ଗତାଗ୍ ମାଲ୍‌ସ୍ ଆତ୍‌ତେ ସାଙ୍ଗେ ସାଙ୍ଗେ
"ମେଣ୍ଢା ପଡ଼୍‌ପାନଡ଼୍ ତାମ୍‌ତାମ୍ ଲୋପେ କେତାକେତି ଆତ୍‌ତଡ଼୍,

ୱାଡ଼ାଟ୍, ମାନାଡ଼୍ ବେତ୍‌ଲିହିମ୍ ହେଉନା ଆଞ୍ଜ୍, ପ୍ରବୁ ମାନ୍ ଇଦ୍ ବେନେ
ଗଟନା କେତ୍‌ତଣ୍ଡ୍, ଆଦିଙ୍ଗ୍ ଉଡ଼ିକାଡ଼୍ ।”
୧୬ ଇଗେ ଅଡ଼୍ ସିଟ୍‌ପାଟ୍ ଆଞ୍ଜ୍ ମେଦ୍‌କି ମିକା ମରୀୟମ୍ ନୁ
ଯୋଷେପ୍ ତିଙ୍ଗ୍, ମେଣ୍ଡେ କଟାମ୍ କୁଣ୍ଡତାଗ୍ ବାବୁ ଉଞ୍ଜି ମାନ୍ଦାନାଦ୍
ଉଡ଼୍‌ତଡ଼୍ ।
୧୭ ଅଡ଼୍ ଅଂକିଙ୍ଗ୍ ଉଡ଼ି ଆଦ୍ ବାବୁନ୍ ବିଷୟତେ ଦୂତ୍‌କ୍ ଅଡ଼୍‌କିଂଙ୍ଗ୍
ବେନ୍ ଗଟ୍ କେସ୍ ମାଡ଼୍‌ତଡ଼୍, ଆଦ୍ ପ୍ରକାଶ୍ ମାଡ଼୍‌ତଡ଼୍,
୧୮ ମେଣ୍ଡେ ବେସ୍‌କ୍‌ତୁଡ଼୍ ନାରୁଡ଼୍ ମେଣ୍ଢା ପଡ଼୍‌ପାନଡ଼୍ ଦେ କଞ୍ଜ୍ ଆଦ୍
ସାରେ ଗଟ୍ କେଞ୍ଜ୍ ତଡ଼୍, ଅଡ଼୍ ସାରେତଡ଼୍ ଆଗେ ଦାଦ୍‌ରେଲ୍‌ତଡ଼୍ ।
୧୯ ବାତେଙ୍ଗ୍ ଇକ୍କେ ମରୀୟମ୍ ଇଦ୍ ସାରେ ଗଟ୍ ହୃଦୟ୍ ତାଗ୍
ନେସ୍‌ଗାଟି ଚିନ୍ତେ ମାଡ଼ାଙ୍ଗ୍ ପସ୍‌ପ୍‌ତେ ।
୨୦ ମେଣ୍ଡେ, ମେଣ୍ଢା ପଡ଼୍‌ପାନଡ଼୍‌କିଙ୍ଗ୍ ଦୂତ୍ ବେଲା କେସ୍ ମାଡ଼୍‌ତଡ଼୍,
ଆଦ୍ ଲେକାମ୍ ଅଡ଼୍ ବାତେଏ କେଞ୍ଜ୍‌ତଡ଼୍ ନୁ ଉଡ଼୍‌ତଡ଼୍, ଆଦ୍
ସାରେତାୱିନ୍ ସେଙ୍ଗେ ଇଶ୍ୱର୍‌ତେ ଗୌରବ୍ ନୁ ପ୍ରସଂଶା ମାଡ଼ି ମାଲ୍‌ସ୍
ଆଡ଼୍‌ତଡ଼୍ ।

## ଜିସୁଙ୍ଗ୍ ମନ୍ଦିର୍‌ତାଗ୍ ଆଡ଼୍‌ତଡ଼୍

୨୧ ✡ଆଟ ଦିନାତେ ଜିସୁଙ୍ଗ୍ ହେକ୍* ମାଡ଼ାନ୍ ସେଙ୍ଗେ ମନ୍ଦିର୍‌ତାଗ୍
ଆଡ଼୍‌ତଡ଼୍, ଅନ୍ ପେଦେର୍ ଜିସୁ ହିଡ଼୍‌ତଡ଼୍; ଇ ପେଦେର୍ ଅଣ୍ଡ୍ ଓଙ୍କେଡ଼୍
ମାଡ଼୍‌ତେ ମୁନେଙ୍ଗ୍ ଦୂତ ଇସ୍ ମାଡ଼୍‌ତା ।
୨୨ ପେର୍‌କେ ବେସୁଣ୍ଟ୍ ମଶାନାଦ୍ ବ୍ୟବସ୍ଥା ଲେକାମ୍ ତେ ତାମ୍‌ୱାଦ୍
†ସୁସ୍ଥ ଆଦାନ୍ ଦିନାମ୍ ସାରେ ଆଡ଼୍‌ତେ, ତ ଅଡ଼୍ ବାବୁଙ୍ଗ୍ ପ୍ରବୁନ୍
ଗାର୍‌ରେ ଉତ୍ସର୍ଗ ମାଡ଼ାଙ୍ଗ୍ ସେଙ୍ଗେ ଯିରୁଶାଲେମ୍‌ତାଗ୍ ମନ୍ଦିର୍‌ତାଗ୍
ଆଡ଼୍‌ତଡ଼୍ ।
୨୩ ବେଲା ପ୍ରବୁନ୍ ବ୍ୟବସ୍ଥା ଶାସ୍ତ୍ରତାଗ୍ ଲେକ୍‌ତାଦ୍ ଲେକାମ୍ ଆସୁଣ୍ଟ୍
ସାର୍‌ରେତଡ଼୍ ମୁନେ ଜନମ୍ ଆଡ଼୍‌ତେ ପିଲାଙ୍ଗ୍ ମାର୍‌କିଡ଼୍ ପ୍ରବୁନ୍
ଉଦ୍ଦେଶ୍ୟତେ ପବିତ୍ର ହିଞ୍ଜ ଗଣିତ ଆଦ୍‌ତଡ଼୍,
୨୪ ମେଣ୍ଡେ ମିକା ଇଦ୍ ଗଟ୍ ଲେକାମ୍ ତେ ତାମ୍ ପ୍ରବୁନ୍
ଉଦ୍ଦେଶ୍ୟତେ ଉତ୍ସର୍ଗ ମାଡ଼ାନ୍ ସେଙ୍ଗେ ନୁ ପ୍ରବୁନ୍ ବ୍ୟବସ୍ଥା ଶାସ୍ତ୍ରତାଗ୍
ଲେକାଆଡ଼୍‌ତେ ବିଷୟ ଲେକାମ୍ ତେ ରେଣ୍ଡ୍ ବଡେ ବା ରେଣ୍ଡ୍ ପାର୍‌ୱେ

---

✡ **୨:୨୧** ଲୁକ ୧:୩୧. * **୨:୨୧** ମାନେଇନାଉ ଲିଙ୍ଗତାଦ୍ ମୁନେଡ଼୍ ତଲ୍‌କାତିଙ୍ଗ୍ କଇଦାନାଦ୍ † **୨:୨୨** ଲେବୀ୧୨.୬-୮

ପିଟେ ପିଲା ବଲିଦାନ୍ ମାଡ଼ାନ୍ ସେଙ୍ଗେ ଅଂକିଙ୍କ୍ ଯିରୁଶାଲେମ୍ ତାଗ୍ ହତ୍ତଡ଼୍ ।

## ଶିମୀୟୋନ ନୁ ହାନ୍ନା ଜିସୁଙ୍କ୍ ଉଡ଼୍ତଡ଼୍

୨୫ ମେଣ୍ଡ୍ରେ ଉଡାଟ୍, ଯିରୁଶାଲେମ୍ ତାଗ୍ ଶିମୀୟୋନ ପେଦେର୍
ତଣ୍ଡ୍ ୱେର୍ରଣ୍ଡ୍ ଦାର୍ମିକ୍ ନୁ ଲେକେଡ଼୍ ନାରୁଡ଼୍ ମାଡ୍ତଣ୍ଡ୍; ଅଣ୍ଡ୍
ଇସ୍ରାଏଲ ତେ ଉଦ୍ଧାର୍ କର୍ତ୍ତାନ୍ କେପି ମାଡ୍ତଣ୍ଡ୍, ମେଣ୍ଡ୍ରେ ପବିତ୍ର ଆତ୍ମା
ଅନ୍ ତଡ଼୍ ମାଡ୍ତେ ।
୨୬ କ୍ରିଷ୍ଟନ୍ ଉଦ୍ଧାର୍ କର୍ତ୍ତାଲ୍ ତନ୍ଦ୍ୱେ କଟ ଅନ୍ୱାଦ୍ ଯେ ଡଲାନାଦ୍
ଆୟ୍ୟ, ପବିତ୍ର ଆତ୍ମା ତଡ଼୍ ଅଂକିଙ୍କ୍ ଇଦ୍ ଗଟ୍ କେସ୍ ମାଡ୍ତଡ଼୍ ।
୨୭ ଅଣ୍ଡ୍ ଆତ୍ମାତେ ତଡ଼୍ ଚାଲେମ୍ ଆସ୍ ମନ୍ଦିର୍ ତାଗ୍ ଆଡ୍ତଣ୍ଡ୍,
ମେଣ୍ଡ୍ରେ ସୁଦୁନ୍ ଜିସୁନ୍ ୟାୟବାବ ବେସୁଣ୍ଟ୍ ତାନ୍ ବିଷୟତେ
ବ୍ୟବସ୍ଥାତେ ପାଲନ୍ ଲେକାମ୍ ପାଡ଼ିୟି ମାଡ଼ାନ୍ ସେଙ୍ଗେ ଅଂକିଙ୍କ୍
ମନ୍ଦିର୍ ଲୋପେ ତାଡ୍ତଡ଼୍,
୨୮ ଆସୁଣ୍ଟ୍ ଶିମୀୟୋନ ସୁଦୁନ୍ ବାବୁଙ୍କ୍ ଏତି ଇଶ୍ୱର୍ ତିଙ୍କ୍ ଦନ୍ୟବାଦ୍
ଇସ୍ କେଡ୍ତଣ୍ଡ୍,

୨୯ "ହୋ ପ୍ରବୁ, ଇଞ୍ଜେ ନିମେ ନି ବାକ୍ୟ ଲେକାମ୍ ତେ
ନିଜ୍ ଦାସଙ୍କ୍ ଶାନ୍ତିତେ ଆଦାଙ୍କ୍ ଗଟ୍ ହିସମିନ୍ଦେନି;
୩୦ ବାତେଙ୍କ୍ ଇକ୍ଲେ ନା କଣ୍ଡ୍ରେ ନିୱାଦ୍ ପରିତ୍ରାଣ ଉଡିମିନ୍ଦେ,
୩୧ ବାତେଏ ମିଡ଼୍ ସାରେତଡ଼୍ ନାରୁଡ଼୍ ତେ ମୁନ୍ନେ ଡିଆର୍
ମାଡ଼ିମିନ୍ଦେଡ଼ି,
୩୨ ମେଣ୍ଡ୍ରେ ବିଜାତିନାରୁଡ଼୍କ୍ ସଡ୍ ତଅତାନ୍ ୱେସ୍,
ମେଣ୍ଡ୍ରେ ମି ନାରୁଡ଼୍ ଇସ୍ରାଏଲତଡ଼୍କ୍ ଗୌରବ୍ ମାଡ଼୍ତି ।"

୩୩ ପିଲେଡ୍ ବିଷୟତେ ଶିମୀୟନ୍ ବାତେଏ କେଡ୍ତଣ୍ଡ୍ ଆଦ୍ କେଞ୍ଜି
ତାମ୍ ୟାୟବାବ ବାକ୍ୱା ଆସମାଡ୍ତଡ଼୍ ।
୩୪ ମେଣ୍ଡ୍ରେ, ଶିମୀୟୋନ ଅଡ଼୍କିଂଙ୍କ୍ ଆଶିର୍ବାଦ୍ ମାଡ଼ି ତାମ୍
ୟାୟ ମରୀୟମ୍ ତିଙ୍କ୍ କେଡ୍ତେ, "ଉଡ଼େ ଇଣ୍ଡ୍ ପିଲେଡ୍ ମାଇଦିଙ୍କ୍
ଇସ୍ରାଏଲତେ ଲୋପେକେ ନାର୍ଗେ ନାରୁଡ଼୍ ଦଷି ଆଦ୍ତଡ଼୍ ନୁ ନାର୍ଗେ
ନାରୁଡ଼୍ ଉଦ୍ଧାର୍ ଆଦ୍ତଡ଼୍, ଇଦିନ୍ ସେଙ୍ଗେ ଇଶ୍ୱର୍ତେ ତଡ଼୍ ହେଞ୍ଜ୍ତାଦ୍
। ବେନନ୍ ବିରୁଦ୍ତେ ନାର୍ଗେ ନାରୁଡ଼୍ ଗଟ୍ କେତିତଡ଼୍ ଇଦ୍ ରକମ୍
ଚିହେନ୍ହେ ଲେକାମ୍ ଆଦ୍ତନ୍ ।

୩୫ ନାର୍ଗେ ଅଂକିଙ୍କ୍ ବିରୁଦ୍ ମାଡ଼ି ନିଜର୍ ହୃଦୟ୍‌ତାଗ୍ ମିସ୍‌ତାଦ
କେଡ୍‌ତଡ଼୍ । ଦୁଃକାମ୍ ରକମ୍ ୱେରନ୍ ୱାୟେମାନ୍ଦାନ୍ ଚୁର୍‌ତଡ଼୍‌ ହୃଦୟ୍
ତିଙ୍କ୍ ଦର୍‌ରେ ମାଡ଼ିତଡ଼୍ ।”
୩୬ ମେଣ୍ଡେ, ହାନ୍ନା ପେଦେର୍ ତେ ୱେର୍‌ଡ୍ ଡକ୍‌ରିଲ୍ ବାବବାଦୀନି
ମାତ୍‌ତେ; ଆଦ୍ ଆଶେର୍ ବଂଶତାଦ୍ ପିନୂୟେଲ ତେ ପିକିଡ଼୍ ।
ଆଦିନାଦ୍ ଗାଟି ବୟଷ୍ ଆସ୍ ମାତ୍‌ତେ; ଆଦ୍ କୁମାରୀ ଅବସ୍ଥାତେ
ପେର୍‌କେ ସାତ୍‌ହେଣ୍ଡ୍ ମୁଦ୍‌ପାନ୍ ତଡ଼୍‌ ମାତ୍‌ତେ ନୁ ଚୁଉରାଅଶୀ ୱାଡ଼୍‌ଷା
ହେଉନା ରାଣ୍ଡିଲ୍ ମାତ୍‌ତେ ।
୩୭ ଆଦ୍ ମନ୍ଦିର୍‌ରତିଙ୍କ୍ ୱିଡ଼୍‌ସ୍‌ୱେ କଞ୍ଜ୍ ବାୟିଦେ ଆନ୍‌ୱମାତ୍‌ତେ,
ଉପବାସ୍ ନୁ ପ୍ରାର୍ତନା ତଡ଼୍ ନାର୍କେପାୟାଲ ଉପବାସ୍ ମାଡ଼ମାତ୍‌ତେ ।
୩୮ ଆଦ୍ ଦିନାମ୍‌ତେ ଆଦ୍ ଉପସ୍ଥିତ୍ ଆସ୍ ଇଶ୍ୱର୍‌ତେ ପ୍ରସଂଶା
ମାଡ଼ମାଡ଼ ଯିରୁଶାଲେମ୍‌ତେ ମୁକ୍ତି କେପି ମାନ୍ଦାନ୍ ସାରେତଡ଼୍‌କିଙ୍କ୍
ଜିସୁନ୍ ବିଷୟ କେସମାତ୍ତେ ।

## ଯୋଷେପ୍ ନୁ ମରୀୟମ୍ ନାଜରିତିୟ ତାଗ୍ ମାଲ୍‌ତଡ଼୍

୩୯ ✡ପେର୍‌କେ ଅଡ଼୍ ପ୍ରବୁନ୍ ବ୍ୟବସ୍ଥାଲେକାମ୍ ସାରେ ପାଡ଼ିୟି
ତେର୍‌ସ୍‌ପି ମିକା ଗାଲିଲୀତେ, ନିଜ୍ ନଗର୍ ନାଜରିତିୟ ତାଗ୍
ମାଲ୍‌ତଡ଼୍ ।
୪୦ ମେଣ୍ଡେ, ସୁଦୁନଣ୍ଡ୍ ବେଡ଼େୟନ୍ ଆତ୍‌ତଣ୍ଡ୍ ନୁ ବୁଦ୍‌ତେ ସାରେ
ଆସ୍‌ସ ଆସ୍‌ସ ଶକ୍ତିନଡ଼୍ ଆତ୍‌ତଣ୍ଡ୍, ମେଣ୍ଡେ ଇଶ୍ୱର୍‌ତାଦ୍ ଅନୁଗ୍ରହ ଅନ୍
ପରୁ ମାତ୍‌ତେ ।

## ମନ୍ଦିର୍‌ତାଗ୍ ସୁଦୁନ୍ ଜିସୁ

୪୧ ଜିସୁନ୍ ୟାୟବାବ ସାରେ ହେଣ୍ଡ୍ ନିସ୍ତାର୍ ପାଣ୍ଡୁତେ ୱେଲେ
ଯିରୁଶାଲେମ୍‌ତାଗ୍ ଆଞ୍ଜମାତ୍‌ତଡ଼୍ ।
୪୨ ଜିସୁନ୍ ବାର ହେଣ୍ଡ୍ ତେ ୱେଲେ ଅଡ଼୍ ରୀତି ଲେକାମ୍ ତେ
ଯିରୁଶାଲେମ୍ ପାଣ୍ଡୁମ୍ଭୁତାଗ୍ ଆତ୍‌ତଡ଼୍ ।
୪୩ ପାଣ୍ଡୁତେ ସମୟ୍ ତେର୍‌ସ୍‌ପି ମିକା ବେସୁଣ୍ଟ୍ ଅଡ଼୍ ମାଲ୍‌ସ୍
ୱାସମାତ୍‌ତଡ଼୍, ଆସୁଣ୍ଟ୍ ଇସୁନ୍ ଜିସୁ ଯିରୁଶାଲେମ୍‌ତାଗ୍ ମାତ୍‌ତଣ୍ଡ୍,
ମେଣ୍ଡେ ତାନ୍ ୟାୟବାବାଲ୍ ଆଦ୍ ପୁନୱେକଟ୍ ମାତ୍‌ତଡ଼୍ ।

✡ **୨:୩୯** ମାତିଉ ୨:୨୩.

୪୪ ବାତେଙ୍କ୍ ଇକ୍ରେ ଅଣ୍ଡ୍ ମାନ୍ଦେତାଗ୍ ମିନ୍ଦେଣ୍ଡ୍ ହିଞ୍ଜ ହେର୍କେ ମାଡ଼ି
ଅଡ଼୍ ୱେରନ୍ ଦିନ୍ ତେ ହାର୍ ତାକିଆଡ଼୍ତଡ଼୍, ମେଣ୍ତେ ଆମ୍ରାତେ ନୁ
ପୁଡ଼୍ତେ ନାରୁଡ଼୍ତେ ଲୋପେ ଅଂକିଙ୍କ୍ ମେହେକ ମାଡ଼୍ତଡ଼୍,
୪୫ ମେଣ୍ତେ ଅଂକିଙ୍କ୍ ଦର୍ସ୍କ କଟ ମେହେକ ଯିରୁଶାଲେମ୍ତା
ମାଲ୍ସ୍ ଆଡ଼୍ତଡ଼୍ ।
୪୬ ମୁଣ୍ଡ୍ ଦିନାତେ ପେର୍କେ ଅଡ଼୍ ଅଂକିଙ୍କ୍ ମନ୍ଦିର୍ ତାଗ୍
ଦର୍ସ୍କ୍ତଡ଼୍; ଅଣ୍ଡ୍ ପଣ୍ଡିତ୍ନାରୁଡ଼୍ ଲୋପେ କୁଦି ଅଡ଼ାଦ୍ ଗଟ୍ କେଞ୍ଜ
ମାଡ଼୍ତଣ୍ଡ୍ ନୁ ଅଡ଼୍କିଂଙ୍କ୍ ପଶ୍ନ କେସ ମାଡ଼୍ତଣ୍ଡ୍ ।
୪୭ ମେଣ୍ତେ, ବେସର୍ ନାରୁଡ଼୍ ଅନାଦ୍ ଗଟ୍ କେଞ୍ଜ ମାଡ଼୍ତଡ଼୍,
ସାରେତଡ଼୍ ଅନାଦ୍ ବୁଦ୍ ନୁ ଉତ୍ତର୍ ତେ ବାକ୍ୱା ଆସ୍ସ ମାଡ଼୍ତଡ଼୍ ।
୪୮ ଅଡ଼୍ ଅଂକିଙ୍କ୍ ଉଡ଼ି ବାକ୍ୱା ଆଡ଼୍ତଡ଼୍, ମେଣ୍ତେ ତାମ୍ ୟାୟ
ଅଂକିଙ୍କ୍ କେଡ଼୍ତେ, "ପେକାଲ୍ ମା ସେଙ୍ଗେ ବାତେଙ୍କ୍ ଇଦ୍ ରକମ୍
ବ୍ୟବହାର୍ ମାଡ଼୍ତି ? ଉଡ଼େ, ମି ବାବାଲ୍ ନୁ ନାନ୍ ଗାଟି ଦାନ୍ଦେ ଆସ୍
ମିକା ନିକିଂଙ୍କ୍ ମେହେକ୍ତମ୍ ।"
୪୯ ଇଗେ ଅଣ୍ଡ୍ ଅଡ଼୍କିଂଙ୍କ୍ କେଡ଼୍ତଣ୍ଡ୍, ବାତେଙ୍କ୍ ମିଡ଼୍ ନାକିଂଙ୍କ୍
ମେହେକ ମାଡ଼୍ତିଡ଼୍ ? ନା ବାବାନ୍ ଲୋନ୍ ମାନ୍ଦାନାଦ୍ ଯେ ନାୱାଦ୍
ପାଡ଼ିୟି, ଇଦ୍ ପୁନ୍ୱେକଟ୍ ମାଡ଼୍ତିଡ଼୍ କି ?
୫୦ ବାତେଙ୍କ୍ ଇକ୍ରେ ଅଣ୍ଡ୍ ଅଡ଼୍କିଂଙ୍କ୍ ବେନେ ଗଟ୍ କେଡ଼୍ତଣ୍ଡ୍, ଆଦିଙ୍କ୍
ଅଡ଼୍ ବୁଜେମ୍ ଆଦାଙ୍କ୍ ପାର୍ୱଡ଼୍ ।
୫୧ ପେର୍କେ ଅଣ୍ଡ୍ ଅଡ଼୍ତଡ଼୍ ମାଲ୍ସ୍ ନାଜରିତିୟ ତାଗ୍ ୱାଡ଼୍ତଣ୍ଡ୍ ନୁ
ଅଡ଼ାଦ୍ ଗଟ୍ କେଞ୍ଜି ମାଡ଼୍ତଣ୍ଡ୍; ମେଣ୍ତେ, ତାମ୍ ୟାୟ ଇଦ୍ ସାରେ ଗଟ୍
ସାବ୍ଦାନ୍ ତଡ଼୍ ତାନ୍ ହୃଦୟ୍ ତାଗ୍ ନେହେଡ଼୍ତେ ।
୫୨ ମେଣ୍ତେ, ଜିସୁ ବୁଦ୍ ତେ ନୁ ମେନ୍ଦୁଲ୍ ତେ, ମେଣ୍ତେ ଇଶ୍ୱର୍ ନୁ
ନାରୁଡ଼୍ତେ ଅନୁଗ୍ରହ ତେ ପେର୍ସାଙ୍କ୍ ପସ୍ପ୍ତଣ୍ଡ୍ ।

# ୩

## ବାପ୍ତିସ୍ମ ଯୋହନ୍ ତେ ପ୍ରଚାର୍

*(ମାତିଉ ୩:୧-୧୨; ମାର୍କ ୧:୧-୧୮; ଯୋହନ୍ ୧:୧୯-୨୮)*

୧ ସମ୍ରାଟ୍ ତିବିରିଆ କାଇସର୍ତେ ଶାସନ୍ ତେ ପନ୍ଦ୍ର ୱାଡ଼୍ଷା
ତେ, ବେସୁଣ୍ଟ୍ ପନ୍ତୀୟ ପିଲାତ ଯିହୂଦା ନାର୍ଦେ ଶାସନ୍କର୍ତ୍ତାଲ୍
ନୁ ହେରୋଦ୍ ଗାଲିଲୀତା ସାମନ୍ତରାଜାଲ୍ ମାଡ଼୍ତଣ୍ଡ୍, ମେଣ୍ତେ

ତାନ୍ ତାମୁଣ୍ଡ୍ ପିଲିପ୍ପ ଇତୂରୀୟା ନୁ ତ୍ରାକୋନୀତି ନାର୍‌ଦେ
ସାମନ୍ତରାଜାଲ୍, ମେଣ୍ଡେ ଲୂସାନୀୟା ଅବିଲୀନୀ ନଗର୍‌ତେ
ସାମନ୍ତରାଜାଲ୍ ମାଡ୍‌ତଣ୍ଡ୍ ।
୨ ମେଣ୍ଡେ ହାନାନ ନୁ କୟାପା ବେଡ଼ିୟିଯାଜକ ମାଡ୍‌ତଡ଼୍, ଆସୁଣ୍ଟ୍
ପରମେଶ୍ୱର୍ ତେ ବାକ୍ୟ ଉସ୍କ ନେଲ୍‌ଦାଗ୍ ମାନ୍ଦାନ୍ ଜିକରୀୟ ତେ
ମାର୍ ଯୋହନ୍ ଗାର୍‌ରେ ଉପସ୍ଥିତ୍ ହାଡ୍‌ତେ ।
୩ ଆଗେ ବାପ୍ତିଜକ ଯୋହନ୍ ଯର୍ଦ୍ଦନ ବେଡ଼େମ୍ ତେ ଗାର୍‌ରେ ସାରେ
ଜାଗେତାଗ୍ ଆଞ୍ଜ୍ "ପାପ୍‌କ୍ଷମା ସେଙ୍ଗେ ମନପରିବର୍ତ୍ତନ୍ ତେ ବାପ୍ତିସ୍ମ
କେତାନଙ୍କ ପସ୍‌ପ୍‌ତଣ୍ଡ୍,"
୪ ବେଦ୍‌ଲେକାମ୍ ଯିଶାଇୟ ବାବବାଦୀ ଶାସ୍ତ୍ରତାଗ୍ ଲେକାମିନ୍ଦେ,

"ବେନ ୱେରଣ୍ଡ୍ ଉସ୍କନେଲ୍ କଞ୍ଜ୍ ଗାଟି ଲେଙ୍ଗ୍‌ତେ କେସମିନ୍ଦେଣ୍ଡ୍,
ପ୍ରବୁନ୍ ସେଙ୍ଗେ ହାର୍ ଡିଆର୍ ମାଡ଼ାଟ୍;
ଅନାଦ୍ ଆଦାନାଦ୍ ସେଙ୍ଗେ ତିନାଙ୍କ୍ ହାର୍ ଡିଆର୍ ମାଡ଼ାଟ୍;
୫ ସାର୍‌ରେ ଉପତ୍ୟକା ସାରେ ମାଡ଼ାଙ୍କ୍ ଆଦ୍‌ତେ,
ମେଣ୍ଡେ ସାର୍‌ରେ ମେଟା ନୁ ସୁଦୁ ମେଟା ସାମାନ୍ ମାଡ଼ାଙ୍କ୍ ଆଦ୍‌ତେ,
ୱାଙ୍କ୍‌ଙ୍ଗ ହାର୍ ସାରେ ତିନାଙ୍କ୍ ଆଦ୍‌ତେ,
ମେଣ୍ଡେ ଗୁଇନ୍ଦା ଗପ୍ ବୁମ୍ ସାମାନ୍ ହାର୍ ତେ ସାୟେ ଆଦ୍‌ତେ;
୬ ମେଣ୍ଡେ, ସାରେତଡ଼୍ ନାରୁଡ଼୍ ଇଶ୍ୱର୍ ତେ ପରିତ୍ରାଣ ଉଡ଼ିତଡ଼୍ ।"

୭ ☆ଆସୁଣ୍ଟ୍ ଅଣ୍ଡ୍ ତାନ୍ ତଡ଼୍ ବାପ୍ତିସ୍ମ ଆଦାନ୍ ସେଙ୍ଗେ ପେଇସ୍
ୱାଦାନ୍ ନାରୁଡ଼୍‌କ୍ ଯୋହନ୍ କେତ୍ତଣ୍ଡ୍, "ରେ ୱିସାମ୍ ମାନ୍ଦାନ୍ ତାଡ଼ାମ୍
ବଂଶତଡ଼୍, ୱାଦାନ୍ ଦଣ୍ଡତେ ୱେଲେ ମିରାନଙ୍କ୍ ସେଙ୍ଗେ ବେନ ମିକିଂଙ୍କ୍
ଚେତନା ହିଡ୍‌ତଣ୍ଡ୍ ?
୮ ☆ଯଦି ନିଜାମ୍ ପାପ୍‌ତାଗାଙ୍କ୍ ମାଲ୍‌ସ୍ ୱାଡ୍‌ତିଡ଼୍, ଇଦ୍ ମିଡ଼୍
ସାୟେତ୍ ପାଡ଼ିୟିଦାଗ୍ ତଅମୁଟ୍; ମେଣ୍ଡେ, ଅବ୍ରାହାମ୍ ମା ବାବାଲ୍
ଇଞ୍ଜ, ମନ୍ ତେ ମନ୍ ତେ ମିକା ଇଦ୍ ଲେକାମ୍ କେଲମାଟ୍; ବାତେଙ୍କ୍
ଇକ୍କେ ନାନ୍ ତ ମିକିଂଙ୍କ୍ କେତୁତାନ, ପରମେଶ୍ୱର୍ ଇଦ୍ କାଲ୍‌କିନ୍ ତଡ଼୍
ଆବ୍ରାହାମ୍ ତେ ସେଙ୍ଗ୍ ମାର୍ ଡିଆର୍‌ମାଡ଼୍‌ଡ଼େ ପାର୍‌ଦ୍‌ତଣ୍ଡ୍ ।

☆ **୩:୭** ମାଡିଉ ୧୨:୩୪; ୨୩:୩୩. ☆ **୩:୮** ଯୋହନ୍ ୮:୩୩.

୯ ✡ମେଣ୍ଡେ, ଇଞ୍ଜେ ମିକା ମାଡ଼ାକିନ୍ ମଦଲ୍ ଗଡେଲ୍ ମିନ୍ଦେ;
ବେନ୍ ମାଡ଼ାକିନାଗ୍ କାୟା ସାୟେ ଆଦକ୍, ଆୱିଙ୍କ୍ ନାଡ଼୍କି କିସ୍ତାଗ୍
ୱାଟିତଡ଼୍ ।”
୧୦ ଇଗେ ନାରୁଡ଼୍ ଅଂକିଙ୍କ୍ କେଡ୍ତଡ଼୍, “ଆଲାକେ ମାନାଡ଼୍ ବାତେଏ
ମାଡ଼ିକାଡ଼୍ ?”
୧୧ ଯୋହନ୍ ଅଡ଼୍କିଂଙ୍କ୍ କେଓଣ୍ଡ୍, “ବେନନାଗ୍ ରେଣ୍ଡ୍ ଚକା ମିନ୍ଦେ,
ଅଣ୍ଡ୍ ବେନନାଗ୍ ଇଲ୍ଲେ, ଅଂକିଙ୍କ୍ ୱେରନ୍ ହିୱୀଣ୍ଡ୍; ମେଣ୍ଡେ ବେନଙ୍କ୍
ତିନ୍ଦାନାଦ୍ ମିନ୍ଦେ, ଅଣ୍ଡ୍ ଆଦ୍ ଲେକାମ୍ ମାଡ଼ିଣ୍ଡ୍ ।”
୧୨ ✡କର ଆଦାୟ୍ ମାଡ଼ାନ୍ ନାରୁଡ଼୍ ମିକା ବାପ୍ତିସ୍ମ ଆଦାଙ୍କ୍ ୱାସ୍
ଯୋହନ୍ତିଙ୍କ୍ କେଡ୍ତଡ଼୍, “ହୋ ଗୁରୁ, ମାନାଡ଼୍ ବାତେଏ ମାଡ଼ିକାଡ଼୍ ?”
୧୩ ମେଣ୍ଡେ ଅଣ୍ଡ୍ ଅଡ଼୍କିଂଙ୍କ୍ କେଓଣ୍ଡ୍, “ମି ସେଙ୍ଗେ ବେସର୍ ନିୟମ୍
ମିନ୍ଦେ, ତାନାଗାକସ୍ ଗାଟି ଆଦାୟ ମାଡ଼ମାଟ୍ ।”
୧୪ ସୈନିକ୍ ମିକା ଯୋହନ୍ତିଙ୍କ୍ କେଡ୍ତଡ଼୍, “ମାନାଡ଼୍ ବାତେଏ
ମାଡ଼ିକାଡ଼୍ ?”
ଅଣ୍ଡ୍ ଅଡ଼୍କିଂଙ୍କ୍ କେଓଣ୍ଡ୍, “ଶକ୍ତି ତେ କି ଚଲଣା ତେ ବେନନ୍ ଦନ୍
ହଇମାଟ୍, ମେଣ୍ଡେ, ମି ଦରମାତେ ଶାନ୍ତି ଆଇମୁଟ୍ ।”
୧୫ ନାରୁଡ଼୍ ୱିଡ଼୍ସି ମାଡ଼ିମାତାଙ୍କ୍ ଯୋହନ୍ ମାନ୍ କ୍ରିଷ୍ଟ ଆଦ୍ତଣ୍ଡ୍, ଇଦ୍
ତାନ୍ ବିଷୟ ତେ ସାରେତଡ଼୍ ତାମ୍ତାମ୍ ଲୋପେ ହାଲ୍ସ ମାଡ୍ତଡ଼୍ ।
୧୬ ଆଦିନ୍ ସେଙ୍ଗେ ଯୋହନ୍ ସାରେତଡ଼୍କିଙ୍କ୍ କେଡ୍ତଣ୍ଡ୍, “ନାନ୍
ସିନା ମିକିଂଙ୍କ୍ ଏର୍ ଦାଗ୍ ବାପ୍ତିସ୍ମ ହିଦୁତାନ୍, ମାତର୍ ନାୟାଗ୍ କଞ୍ଜ୍ ବେନ
ଗାଟି ମହାନ୍, ଅଣ୍ଡ୍ ୱାସ ମିନ୍ଦେଣ୍ଡ୍, ଅନ୍ୱାଦ୍ ହେର୍ପୁକ୍ ତେ ନୁଲ୍
କୁସ୍ପାନଙ୍କ୍ ମିକା ନାନ୍ ଯୋଗ୍ୟ ଆୟନ୍; ଅଣ୍ଡ୍ ମିକିଂଙ୍କ୍ ପବିତ୍ର ଆତ୍ମା ନୁ
କିସ୍ ତାଗ୍ ବାପ୍ତିସ୍ମ ହିଦ୍ତଣ୍ଡ୍ ।
୧୭ ଅନ୍ କାଇଦେ ଏଡ୍ ମିନ୍ଦେ, ତ ଅଣ୍ଡ୍ ପଲେ ମାନ୍ଦାନ୍ ଶସ୍ୟ
ପରିଷ୍କାର୍ ମାଡ଼ି ତାନ୍ କୁସ୍ତାଗ୍ ନେହେତିତଣ୍ଡ୍ ନୁ ପଲେତିଙ୍କ୍ ଅଣ୍ଡ୍
ସାରେ ଦିନ୍ ନିଡ଼୍ତାନ୍ କିସ୍ତାଗ୍ ପଡ଼୍ସ୍ପିତଣ୍ଡ୍ ।”
୧୮ ଅଣ୍ଡ୍ ଇଦ୍ ରକମ୍ ଗାଟି କେତାନାଦ୍ ଇସ୍, ମେଣ୍ଡେ ନାର୍ଗେ
ଲେକାମ୍ ଉତ୍ସାହ ରକମ୍ ବାକ୍ୟ କେସ୍ ନାରୁଡ଼୍ ତେ ଗାର୍ରେ ଗଟ୍

✡ **୩:୯** ମାଡିଉ ୭:୧୯. ✡ **୩:୧୨** ଲୁକ ୭:୨୯.

ପ୍ରଚାର୍ ମାଡ଼ ମାଡ୍‌ତଣ୍ଡ୍ ନୁ ମାନ୍ ପରିବର୍ତ୍ତନ୍ ମାଡ଼ାନ୍ ସେଙ୍ଗେ କେତାନାଦ୍ ହିଡ୍‌ତଣ୍ଡ୍;
୧୯ ✡ବାଡେଙ୍କ୍ ଇକ୍କେ ସାମନ୍ତରାଜାଲ୍ ହେରୋଦ୍ ନିଜେ ତାମୁଣ୍ଡ୍ ତେ
ମୁଡ୍‌ତେ ହେରୋଦ୍ ବିଷୟ ତେ ନୁ ତାନ୍ ମାଡ଼୍‌ତେ କାରାବ୍ ବିଷୟ ତେ
ଯୋହନ୍ ତାକିଂଙ୍କ୍ ବିରୋଦ୍ ମାଡ଼୍‌ତଣ୍ଡ୍,
୨୦ ଅଣ୍ଡ୍ ଅଂକିଙ୍କ୍ ଜେଲ୍ ତାଗ୍ ତୁର୍‌ୱି ନିଜର୍ ବାଗାଡ୍ କାରାବ୍ ତଡ଼୍
ଇଦ୍ କାରାବ୍ ମିକା କାଲ୍‌ପ୍‌ତଣ୍ଡ୍ ।

## ଜିସୁନ୍ ବାତିସ୍ମ
## (ମାତିଉ ୩:୧୩-୧୭; ମାର୍କ ୧:୯-୧୧)

୨୧ ସାରେତଡ଼୍ ନାରୁଡ଼୍ ବାପ୍ତିସ୍ମ ଆଡ୍‌ତା ପେର୍‌କେ ଜିସୁ ମିକା ବାପ୍ତିସ୍ମ
ହଡ୍‌ତଣ୍ଡ୍ । ମେଣ୍ଡ୍ରେ ପ୍ରାର୍ତନା ମାଡ଼ାନ୍ ୱେଲେ ସ୍ୱର୍ଗ ତେର୍‌ସ୍‌ଆଡ୍‌ତେ,
୨୨ ✡ମେଣ୍ଡ୍ରେ ପବିତ୍ର ଆତ୍ମା ଡିଗିୱାସ୍ ଜିସୁନ୍ ପରୁ ପାର୍ୱା ରକମ୍
ମେନ୍ଦୁଲ୍ ପୟ୍‌ସ୍ କୁଦ୍‌ତେ; ମେଣ୍ଡ୍ରେ ସ୍ୱର୍ଗତାଗାଙ୍କ୍ ଇଦ୍ ଗଟ୍‌ନା ଆଡ୍‌ତେ,
"ନିମେ ମା ପ୍ରିୟ ମାର୍, ନିୟାଗେ ନାନେ ଗାଟି ସନ୍ତୁଷ୍ଟ ।"

## ଜିସୁ କ୍ରିଷ୍ଟନ୍ ବଂଶତଡ଼୍
## (ମାତିଉ ୧:୧-୧୭)

୨୩ ଜିସୁ ପାଡ଼ିୟି ଆରାମ୍ ମାଡ଼ାନ୍ ୱେଲେ ଅଂକିଙ୍କ୍ ମାତର୍ ତିରିଶ୍
ହେଣ୍ଡ୍ ବୟଷ୍ ଆସ୍ ମାଡ୍‌ତେ; ନାରୁଡ଼୍ ତେ ହାଲ୍‌ସାନ୍ ଲେକାମ୍ ତେ
ଜିସୁ ଯୋଷେପ୍ ତେ ମାର୍; ଯୋଷେପ୍ ଏଲୀ ତେ ମାର୍,
୨୪ ଏଲୀ ମତ୍‌ତାତେ ତେ ମାର୍; ମତ୍‌ତାତେ ଲେବୀ ତେ ମାର୍,
ଲେବୀ ମଲାକୀ ତେ ମାର୍, ମଲାକୀ ଯନ୍ନୟ ତେ ମାର୍, ଯନ୍ନୟ
ଯୋଷେପ୍ ତେ ମାର୍,
୨୫ ଯୋଷେପ୍ ମତ୍‌ତିତ୍ୟା ତେ ମାର୍, ମତ୍‌ତିତ୍ୟା ଆମୋସ ତେ
ମାର୍, ଆମୋସ ନାହୂମ୍ ତେ ମାର୍, ନାହୂମ୍ ହେସ୍ଲୀ ତେ ମାର୍, ହେସ୍ଲୀ
ନଗୟ ତେ ମାର୍,
୨୬ ନଗୟ ମହତ ତେ ମାର୍, ମହତ ମତ୍‌ତିତ୍ୟା ତେ ମାର୍,
ମତ୍‌ତିତ୍ୟା ଶିମୟୀ ତେ ମାର୍, ଶିମୟୀ ଯୋସେକ ତେ ମାର୍,
ଯୋସେକ ଯୋଦା ତେ ମାର୍,

---

✡ **୩:୧୯** ମାତିଉ ୧୪:3,୪; ମାର୍କ ୬:୧୭,୧୮. ✡ **୩:୨୨** ମାତିଉ 3:୧୭; ମାର୍କ ୧:୧୧; ଲୁକ ୯:3୫.

୨୭ ଯୋଦା ଯୋହନ୍ ତେ ମାର୍, ଯୋହନ୍ ରେଷା ତେ ମାର୍, ରେଷା
ଜିରୁବବାବେଲ୍ ତେ ମାର୍, ଜିରୁବବାବେଲ୍ ଶଆଲ୍ତୀୟେ ତେ ମାର୍,
ଶଆଲ୍ତୀୟେ ନେରୀ ତେ ମାର୍,
୨୮ ନେରୀ ମଲାକୀ ତେ ମାର୍, ମଲାକୀ ଆଦ୍ଧି ତେ ମାର୍, ଅଦ୍ଧି
କୋସାମ ତେ ମାର୍, କୋସାମ ଏଲ୍ମଦାନ ତେ ମାର୍, ଏଲ୍ମଦାନ ଏର
ତେ ମାର୍,
୨୯ ଏର ଯିହୋଶୂୟ ତେ ମାର୍, ଯିହୋଶୂୟ ଏଲୀୟେଜର ତେ
ମାର୍, ଏଲୀୟେଜର ଯୋରୀମ ତେ ମାର୍, ଯୋରୀମ ମତ୍ତାତେ
ମାର୍, ମେତୁଶେଲାତେ ଲେବୀ ତେ ମାର୍,
୩୦ ଲେବୀ ଶିମୀୟୋନ ତେ ମାର୍, ଶିମୀୟୋନ ଯିହୂଦା ତେ
ମାର୍, ଯିହୂଦା ଯୋଷେପ୍ ତେ ମାର୍, ଯୋଷେପ୍ ଯୋନାମ ତେ ମାର୍,
ଯୋନାମ ଏଲୀୟାକୀମ ତେ ମାର୍,
୩୧ ଏଲୀୟାକୀମ ମଲାହ ତେ ମାର୍, ମଲାହ ମନ୍ନା ତେ ମାର୍, ମନ୍ନା
ମତ୍ତଥାତେ ତେ ମାର୍, ମତ୍ତଥାତେ ନାଡ଼ନ ତେ ମାର୍, ନାଡ଼ନ ଦାଉଦ୍
ତେ ମାର୍,
୩୨ ଦାଉଦ୍ ଯେଶୀତେ ମାର୍, ଯିଶାୟ ଓବେଦ ତେ ମାର୍, ଓବେଦ
ବୋୟଜ ତେ ମାର୍, ବୋୟଜ ଶେଲହ ତେ ମାର୍, ଶେଲହ ନହଶୋନ
ତେ ମାର୍,
୩୩ ନହଶୋନ ଅମିନାଦାବ୍ ତେ ମାର୍, ଅମିନାଦାବ ଆଦ୍ମୀନ ତେ
ମାର୍, ଆଦ୍ମୀନ ଆର୍ଣ୍ଣୀ ତେ ମାର୍, ଆର୍ଣ୍ଣୀ ହେସ୍ରୋଣ ତେ ମାର୍,
ହେସ୍ରୋଣ; ମାଲ୍ପିତେ ମାର୍, ମାଲ୍ତେ ଯିହୁଦା ତେ ମାର୍,
୩୪ ଯିହୁଦା ଯାକୁବ୍ ତେ ମାର୍, ଯାକୁବ୍ ଇସ୍ହାକ ତେ ମାର୍,
ଇସ୍ହାକ ଅବ୍ରାହାମ୍ ତେ ମାର୍, ଅବ୍ରାହାମ୍ ତେରହ ତେ ମାର୍, ତେରହ
ନାହୋର୍ ତେ ମାର୍,
୩୫ ନହୋର୍ ସେରଗ୍ତେ ମାର୍, ସେରଗ୍ତେ ମାର୍, ରେଉ
ପେଲେଗ୍ତେ ମାର୍, ପେଲେଗ୍ ଏବର୍ତେ ମାର୍, ଏବର୍ ଶେଲାଙ୍କତେ
ମାର୍,
୩୬ ଶେଲା କେଇନାନ୍ତେ ମାର୍, କେଇନାନ୍ ଆର୍ପାକ୍ସଡ଼ତେ
ମାର୍, ଆର୍ପାକ୍ସଡ଼ ଶେମ୍ତେ ମାର୍, ଶେମ୍ ନୋହତେ ମାର୍, ନୋହ
ଲାମେକ୍ତେ ମାର୍,
୩୭ ଲାମେକ୍ ମେତୁଶେଲାତେ ମାର୍, ମେତୁଶେଲା ଅନୋକତେ
ମାର୍, ହନୋକ୍ ଯାରେଦନ୍ତେ ମାର୍, ଯାରେଦ ମହାଲାଲୀଲ୍ତେ
ମାର୍, ମହାଲାଲୀଲ୍ କେନାନ୍ତେ ମାର୍ ।
୩୮ କେନାନ୍ ଏନୋଶତେ ମାର୍, ଏନୋଶ ଶେଡ଼୍ତେ ମାର୍, ଶେଡ଼୍
ଆଦମ୍ତେ ମାର୍, ଆଦମ୍ ଇଶ୍ୱରତେ ମାର୍ ।

# ୪

## ଜିସୁଙ୍କ୍ ଶୟ୍‌ତାନ୍ ପରିକ୍ଷା ମାଡ଼ିତେ
## (ମାତିଉ ୪:୧୨-୧୭; ମାର୍କ ୧:୧୪-୧୫)

୧ ଜିସୁ ପବିତ୍ର ଆତ୍ମାତେ ପୁରା ଆସ୍ ଯର୍ଦ୍ଦନ ବେଡ଼େମ୍ କଞ୍ଜ୍
ମାଲ୍‌ତଣ୍ଡ୍, ମେଣ୍ଡ୍ରେ ପବିତ୍ର ଆତ୍ମାତେ ତଡ଼୍ ଚାଲେମ୍ ଆସ୍ ଅଂକିଙ୍କ୍
ସିମ୍‌ସାମ୍ ପଡ଼ିୟେତାଗ୍ ଆତ୍‌ତେ । ଆଗେ ଅଣ୍ଡ୍ ଚାଳିଶ୍ ଦିନ୍ ହେଉନା
ଶୟ୍‌ତାନ୍ ତଡ଼୍ ପରୀକ୍ଷିତ ଆସମାଡ୍‌ତଣ୍ଡ୍ ।
୨ ଆୱ୍ ସାରେ ଦିନାକ୍ ତେ ଅଣ୍ଡ୍ ବାଆତେ ତିନ୍‌ୱେକଟ ମାଡ୍‌ତଣ୍ଡ୍,
ମେଣ୍ଡ୍ରେ ଆୱ୍ ସାରେ ଦିନାକ୍ ଶେଷ୍ ଆତ୍‌ତେ ୱେଲେ, ଅଂକିଙ୍କ୍ ଗାଟି
କାର୍‌ପଇତେ ।
୩ ଆଗେ ଶୟ୍‌ତାନ୍ ଅଂକିଙ୍କ୍ କେଡ୍‌ତେ, "ନିମେ ଯଦି ଇଶ୍ୱର୍ ତେ
ମାର୍, ଆଲାକ୍ରେ ଇଦ୍ କାଲ୍‌ଦିଙ୍କ୍ ରୋଟି ଆଦାନ୍ ସେଙ୍ଗେ ଗଟ୍ ହିମ୍
।"
୪ ଇଡ୍‌କେ ଜିସୁ ଉତ୍ତର୍ ହିଡ୍‌ତଣ୍ଡ୍, "ଶାସ୍ତ୍ରତାଗ୍ ଲେକାମିନ୍ଦେ,
'ନାରୁଡ଼୍ ବେସୁଣ୍ଟ୍ ରୋଟି ତଡ଼୍ ବାଦ୍‌କଡ଼୍ ।' "
୫ ତାନ୍ ପେର୍କେ ଶୟ୍‌ତାନ୍ ଅଣ୍ଡ୍ରୟ୍ ବେଡ଼୍‌ୟାଦ୍ ମେଟେଡ୍ ଜୁଟିନାଗ୍
ଆତ୍‌ତେ ନୁ ଅଂକିଙ୍କ୍ ଜଗତ୍‌ତାଦ୍ ସାରେ ରାଜ୍ୟତାଦ୍ ସମ୍ପତି ତଅସ୍
କେଡ୍‌ତଣ୍ଡ୍ ।
୬ ମେଣ୍ଡ୍ରେ, ଶୟ୍‌ତାନ୍ ଜିସୁଙ୍କ୍ କେଡ୍‌ତେ, "ନାନ୍ ନିକିଂଙ୍କ୍ ଇଦ୍ ସାରେ
ଅଦିକାର୍ ନୁ ଇଦ୍ ସାରେ ସମ୍ପତ୍ତି ହିଦ୍‌ତାନ୍, ବାତେଙ୍କ୍ ଇକ୍ରେ ନାକିଂଙ୍କ୍
ଆଦ୍ ସମପର୍ିତ୍ ଆସ୍ ମିନ୍ଦେ, ମେଣ୍ଡ୍ରେ ନାନ୍ ବେନଙ୍କ୍ ଇଚ୍ଛା ମାଡ଼ିତାନ୍,
ଅଂକିଙ୍କ୍ ଆଦ୍ ହିଦ୍‌ତାନ୍ ।
୭ ମେଣ୍ଡ୍ରେ, ନିମେ ଯଦି ନାକିଂଙ୍କ୍ ମଡ଼୍‌କିତି, ଆସୁଟ, ସାରେ ନିୟାୱୁ
ଆଦ୍‌ତେ ।"
୮ ଜିସୁ ଉତ୍ତର୍ ହିଡ୍‌ତଣ୍ଡ୍, "ଜେକେ ଅନ୍ ଶୟ୍‌ତାନ୍ ! ଦର୍ମଶାସ୍ତ୍ରତାଗ୍
ଲେକାମିନ୍ଦେ, 'ମାତର୍ ନି ପ୍ରବୁ ଇଶ୍ୱର୍‌ତିଙ୍କ୍ ଉପବାସ୍ ମାଡ଼େ ନୁ ଅନାଦ୍
ସେବା ମାଡ଼େ ।' "
୯ ମେଣ୍ଡ୍ରେ, ଅଣ୍ଡ୍ ଜିସୁଙ୍କ୍ ଯିରୁଶାଲେମ୍ ତାଗ୍ ଆସ୍ ମନ୍ଦିର୍ ତେ
ଜୁଟିନାଗ୍ ନିଲ୍‌ପି ଅଂକିଙ୍କ୍ କେଡ୍‌ତଣ୍ଡ୍, "ନିମେ ଯଦି ଇଶ୍ୱରତେ ମାର୍,
ଆଲାକ୍ରେ ଇଗାଙ୍କ୍ ମଦଲ୍ ତୁଲ୍‌ଲେ;"

୧୦ ବାତେଙ୍କ୍ ଇକେ୍ ଶାସ୍ତ୍ରତାଗ୍ ଲେକାମିନ୍ଦେ, "ନିକିଂଙ୍କ୍ ରକ୍ଷା ମାଡ଼ାନ୍
ସେଙ୍ଗେ ଇଶ୍ୱର୍ ତାନ୍ ଦୂତକିଂଙ୍କ୍ ନି ବିଷୟ ତେ ଆଦେଶ୍ ହିଦ୍ତଣ୍ଡ୍;
୧୧ ଇଦ୍ ମିକା ଶାସ୍ତ୍ରତାଗ୍ ଲେକାମିନ୍ଦେ, 'ଇତ୍କେ ନି ଡେକେ
କାଲ୍ଦାଗ୍ ତାଲ୍ଗିତେ, ଇଦ୍ ସେଙ୍ଗେ ଦୂତୁକ୍ ନିକିଂଙ୍କ୍ କାଇଦେ
ତେଇସ୍ ପଇତିତା ।' "
୧୨ ମେଣ୍ଡ୍ରେ, ଜିସୁ ଶୟତାନ୍ ତିଙ୍କ୍ କେଓଣ୍ଡ୍, "ଶାସ୍ତ୍ରତାଗ୍
ଲେକାମିନ୍ଦେ, ନିମେ ପ୍ରବୁ ନିଜର୍ ଇଶ୍ୱର୍ ତିଙ୍କ୍ ପରିକ୍ଷା ମାଡ଼ାନାଦ୍
ଆୟ୍ୟ ।"
୧୩ ଜିସୁଙ୍କ୍, ଶୟତାନ୍ ସାରେ ଲେକାମ୍ ପରିକ୍ଷା ମାଡ଼ି ତେର୍ସ୍ତେ
ପେର୍କେ ବେସ୍କ୍ ଦିନାତ୍ ସେଙ୍ଗେ ଅଂକିଙ୍କ୍ ୱିଡ଼୍ସି ଆତ୍ତେ ।

## ଜିସୁନ୍ ସେବା ପାଡ଼ିୟି ଆରାମ୍ *
## (ମାତିଉ ୪:୧୨-୧୭; ମାର୍କ ୧:୧୪-୧୫)

୧୪ ଇଦିନ୍ ପେର୍କେ ଜିସୁ ଆତ୍ମାନ୍ ଶକ୍ତିତେ ଗାଲିଲୀତାଗ୍
ମାଲ୍ତଣ୍ଡ୍, ମେଣ୍ଡ୍ରେ ସାରେ ପଡ଼ିୟେତାଗ୍ ତାନ୍ ବିଷୟତେ ଗଟି ପ୍ରଚାର୍
ଆତ୍ତେ ।
୧୫ ମେଣ୍ଡ୍ରେ, ଜିସୁ ଯିହୁଦୀଡ଼୍ ପ୍ରାର୍ଥନା ଲୋକିନାଗ୍ ଶିକ୍ଷା ଇସ୍
ଗୌରବ୍ ପାଏମ୍ ଆତ୍ତଣ୍ଡ୍ ।

## ନାଜରିତିୟ ତାଗ୍ ଜିସୁଙ୍କ୍ ଗ୍ରହନ୍ ମାଡ଼ଡ୍
## (ମାତିଉ ୧୩:୫୩-୫୮; ମାର୍କ ୬:୧-୬)

୧୬ ତାନ୍ ପେର୍କେ ଜିସୁ ବେନେ ନାଜରିତିୟ ତାଗ୍ ପେସର୍
ମାତ୍ତଣ୍ଡ୍, ଆଦ୍ ପଡ଼ିୟେତାଗ୍ ଅଣ୍ଡ୍ ଆତ୍ତଣ୍ଡ୍ ନୁ ତାମ୍ ରୀତି ଲେକାମ୍
ବିଶ୍ରାମବାରତେ ଉପାସନା ଲତ୍ତାଗ୍ ଅସ୍ତଣ୍ଡ୍, ମେଣ୍ଡ୍ରେ ଦର୍ମଶାସ୍ତ୍ର
କାର୍ତାନ୍ ସେଙ୍ଗେ ନିତ୍ତଣ୍ଡ୍ ।
୧୭ ଆସୁଣ୍ଟ୍ ଯିଶାଇୟ ବାବବାଦୀ ବଇ ଅଂକିଙ୍କ୍ ହିତ୍ତଡ୍, ମେଣ୍ଡ୍ରେ
ଜିସୁ ଆଦିଙ୍କ୍ ଟେଣ୍ଡ୍ରିମିକା, ବେଗେ ଇଦ୍ ବାକ୍ୟ ଲେକା ଆସ୍ମାତ୍ତେ,
ଆଦ୍ ଦରସ୍କ୍ତଣ୍ଡ୍,
୧୮ "ପ୍ରବୁନାଦ୍ ଆତ୍ମା ନା ପରୁ ମିନ୍ଦେ,

* **୪:୧୩** ପାଡ଼ୟି ମାଡ଼ାନଙ୍କ୍ ପସ୍ତାନାଦ୍

ଆଦିନ୍ ସେଙ୍ଗେ ଦୁଃକାମ୍ ନାରୁଡ଼୍ତେ ଗାର୍ରେ ସୁସମାଚାର୍
ପ୍ରଚାର୍ ମାଡ଼ାନ୍ ସେଙ୍ଗେ ଅଣ୍ଡ୍ ନାକିଂଙ୍କ୍ ହେଞ୍ଜିମିନ୍ଦେଣ୍ଡ୍,
ବନ୍ଦୀ ନାରୁଡ଼୍କିଂଙ୍କ୍ ମୁକ୍ତି ନୁ
କାନାଲଡ଼୍କ୍ କଣ୍ଡେତ୍ ୱେସ୍ ବିଷୟ କେତାନଙ୍କ୍,
ମେଣ୍ଡେ ଅତ୍ୟାଚାରି ନାରୁଡ଼୍କ୍ ମୁକ୍ତି ମାଡ଼ାଙ୍କ୍,
୧୯ ପ୍ରବୁ ତାନ୍ ନାରୁଡ଼୍କ୍ ରକ୍ଷା ମାଡ଼ାନ୍ ସମୟ୍ ଯେ ଉପସ୍ଥିତ ଇଦ୍
କେତାନଙ୍କ୍
ଅଣ୍ଡ୍ ନାକିଂଙ୍କ୍ ରହସ୍ ମିନ୍ଦେଣ୍ଡ୍ ।"

୨୦ ପେର୍‌କେ ଅଣ୍ଡ୍ ବଇତିଙ୍କ୍ ବନ୍ଦ୍ ମାଡ଼ି ଦାସନଡ଼୍ ଆଦ୍ ଇସ୍ ମିକା
କୁଦ୍‌ତଣ୍ଡ୍, ମେଣ୍ଡେ ସମାଜ୍ ଲୋତ୍‌ତାଗ୍ ସାରେତଡ଼ାୱ୍ କଣ୍ଡା ଅନ୍ ପରୁ
ମାତ୍‌ତା ।

୨୧ ମେଣ୍ଡେ ଜିସୁ ଅଡ଼୍କିଂଙ୍କ୍ କେତ୍‌ତଣ୍ଡ୍, ନେଣ୍ଡ୍ ଦର୍ମଶାସ୍ତ୍ରତାଦ୍ ଇଦ୍
ବାକ୍ୟ ମିଡ଼୍ ବାଆତେ କେଞ୍ଜ୍‌ତିଡ଼୍ ଆଦ୍ ସାରେ ଆତ୍‌ତେ ।

୨୨ ମେଣ୍ଡେ, ସାରେତଡ଼୍ ଅନ୍ ବିଷୟ ତେ ସାକ୍ଷ୍ୟ ହିତ୍‌ତଡ଼୍ ନୁ ଅନ୍‌ୱେ
ପାୟୁର୍ କଞ୍ଜ୍ ପେୟିତେ ଆକର୍ଷନ୍ ବାକ୍ୟତେ ବାକ୍‌ୱା ଆଦ୍‌ତଡ଼୍;
ମେଣ୍ଡେ ଅଡ଼୍ କେତୁତଡ଼୍, "ଇଣ୍ଡ୍ ଯଷେପ୍ ତେ ମାର୍ ଆୟ୍‌ୟଣ୍ଡ୍ କି ?"

୨୩ ତାନ୍‌ପେର୍କେ ଅଣ୍ଡ୍ ଅଡ଼୍କିଂଙ୍କ୍ କେଓଣ୍ଡ୍, ମିଡ଼୍ ନିଜାମ୍ ନାକିଂଙ୍କ୍
ମୁନେଡ୍ ମାତ୍‌ତା ବାକ୍ୟ କେତିତିଡ଼୍, ହୋ ଚିକିତ୍ସା ମାଡ଼ାନଡ଼ି, ମୁନେନ୍
ମିକିଂଙ୍କ୍ ସୁସ୍ଥ ମାଡ଼ାଟ୍; ମେଣ୍ଡେ ମିକା କେତିତିଡ଼୍ କପର୍‌ନାହୂମ୍‌ତାଗ୍
ବାତେଏ ଗଟେମ୍ ଆତ୍‌ତେ ଇଞ୍ଜ ମାନାଡ଼୍ କେଞ୍ଜ୍‌ତାଡ଼୍, ଆଦ୍ ସାରେ
ଇଦ୍ ପଡ଼ିୟେତାଗ୍ ନିଜର୍ ଜନମ୍ ନେଲ୍‌ତାଗ୍ ମିକା ମାଡ଼ାଟ୍ ।
୨୪ ✡ମେଣ୍ଡେ, ଜିସୁ କେଓଣ୍ଡ୍, "ନାନ୍ ମିକିଂଙ୍କ୍ ନିଜାମ୍ କେତୁତାନ୍,
ବେନେ ବାବବାଦୀ ମିକା ନିଜର୍ ଜନମ୍ ନଗର୍‌ତାଗ୍ ସମ୍ମାନ୍ ଆୟଡ଼୍
।"

୨୫ ବାତେଙ୍କ୍ ଇକେ ନାନ୍ ମିକିଂଙ୍କ୍ ନିଜାମ୍ କେତୁତାନ୍, "ଏଲୀୟ ତେ
ୱେଲେ ବେସୁଣ୍ଟ୍ ଇସ୍ରାଏଲ୍‌ତାଗ୍ ମୁଣ୍ଡ୍ ହେଣ୍ଡ୍ ଆରୁ ନେଲଞ୍ଜ୍ ହେଉନା
ୱାର୍‌ସାମ୍ ୱାଡ଼୍‌ୱାଙ୍କ୍ ଦେଶ୍ ଏକାମ୍ ଏର୍ ମୁଉସ୍ ଆତ୍‌ତେ, ଆସୁଣ୍ଟ୍
ଇସ୍ରାଏଲ ତାଗ୍ ଗାଟି ରାଣ୍ଡିଲ୍ ମାତ୍‌ତା;

---

✡ **୪:୨୪** ଯୋହନ୍ ୪:୪୪.

୨୬ ମିକା ଇଶ୍ୱର୍ ଏଲୀୟଙ୍କ୍ ଆୱିନାଗେ ଗାର୍‌ରେ ବେନଡାଗେ
ରଉୱକଟ ସୀଦୋନ୍ ଦେଶ୍‌ତେ ସାରିପତ୍‌ତେ ୱେରଡ଼୍ ରାଣ୍ଡିନାଗ୍
ରହତଣ୍ଡ୍ ।
୨୭ ମେଣ୍ଡେ, ବାବବାଦୀ ଇଲୀଶାୟତେ ୱେଲେ ଇସ୍ରାଏଲତାଗେ
ଗାଟି କୁଷ୍ଠୀରୋଗି ମାତ୍‌ତଡ଼୍; ମିକା ଅଡ଼୍ ଲୋପେ ବେନଙ୍କେ
ସୁସ୍ଥ ମାଡ଼୍‌ୱେ ମାତ୍‌ତଡ଼୍, ମାତର୍ ସୁରିଆ ଦେଶ୍‌ତେ ନାମାନ୍ ସୁସ୍ଥ
ମାଡ଼ିମାତ୍‌ତଡ଼୍ ।”
୨୮ ସମାଜ୍ ଲୋତ୍‌ତାଗେ ଇଦ୍ ସାରେ ଗଟ୍ କେଞ୍ଜ ସାରେତଡ଼୍
କପାମ୍‌ତେ ସାରେ ଆତ୍‌ତଡ଼୍,
୨୯ ମେଣ୍ଡେ, ଅଡ଼୍ ତେଦି ଅଂକିଙ୍କ୍ ନଗର୍ କଞ୍ଜ୍ ପେସ୍‌ପିତ୍‌ତଡ଼୍
ନୁ ଅଡ଼ାଦ୍ ନଗର୍ ବେନେ ମେଟେଡ୍ ପରୁ ତିଆର୍ ଆସ୍‌ମାତ୍‌ତେ,
ଆଦିନାଦ୍ ଜୁଟିନାଗା କନ୍‌ସ୍ ମଦଲ୍ ହେସାନ୍ ସେଙ୍ଗେ ଅଂକିଙ୍କ୍ ଆଗେ
ହତ୍‌ତଡ଼୍;
୩୦ ବାତେଙ୍କ୍ ଇକ୍ୱେ ଜିସୁ ଅଡ଼୍ ଲୋପେଡ୍ କେ ପେଇସ୍ ଆତ୍‌ତଣ୍ଡ୍ ।

## ଜିସୁ ବୁତ୍ ଆତ୍ମା ନାରୁଣ୍ଡ୍ ଡିଙ୍କ୍ ସୁସ୍ଥ ମାଡ଼୍‌ତଣ୍ଡ୍
*(ମାର୍କ ୧:୨୧-୨୮)*

୩୧ ଅଣ୍ଡ୍ କପର୍ନାହୁମ୍‌କଞ୍ଜ୍ ଗାଲିଲୀତେ ୱେରଡ଼୍ ନଗର୍‌ତାଗେ
ୱାତ୍‌ତଣ୍ଡ୍, ମେଣ୍ଡେ ବିଶ୍ରାମବାରତେ ନାରୁଡ଼୍‌କିଂଙ୍କ୍ ଶିକ୍ଷା ହିଦାଙ୍କ୍
ପସ୍‌ପ୍‌ତଣ୍ଡ୍,
୩୨ ✡ମେଣ୍ଡେ ଅଡ଼୍ ଅନ୍‌ୱାଦ୍ ଶିକ୍ଷା କେଞ୍ଜି ଆଶର୍ଯ୍ୟ ଆତ୍‌ତଡ଼୍,
ବାତେଙ୍କ୍ ଇକ୍ୱେ ଅନ୍‌ୱାଦ୍ ବାକ୍ୟ ଅଦିକାର୍ ମାତ୍‌ତେ ।
୩୩ ଅଣ୍ଡ୍ ଦିନେ ସମାଜ୍ ଲତ୍‌ତାଗ୍ ୱେର୍‌ଣ୍ଡ୍ ଅଶୁଚି ବୁତ୍‌ପଇତେ
ନାରୁଡ଼୍ ମାତ୍‌ତଣ୍ଡ୍; ଅଣ୍ଡ୍ ଗାଟି ଲେଙ୍ଗ୍‌ଦେ କେଓଣ୍ଡ୍,
୩୪ “ହୋ, ନାଜରିତ ଜିସୁ, ମା ତଡ଼୍ ନିୱାଦ୍ ବାତେଏ ମିନ୍ଦେ ? ନିମେ
ମାକିଂଙ୍କ୍ ଆୱକାଙ୍କ୍ ୱାତିକି ? ନିମେ ବେନନି, ଆଦ୍ ନାନ୍ ପୁତ୍‌ତାନ୍;
ନିମ୍ ଇଶ୍ୱର୍‌ତାଗାଙ୍କ୍ ୱାସ୍‌ମାନ୍ଦାନ୍ ଆଦ୍ ପବିତ୍ର ନାରୁନୀ ।”
୩୫ “ଜିସୁ ଆସୁଙ୍କ୍ ଦମକ୍ ଇସ୍ କେତ୍‌ତନ୍, କଟ ଆୟମ୍, ଇନାଗା
କଞ୍ଜ୍ ପେୟିସ୍ ଅନ୍ । ଆଗେ ଆଦ୍ ବୁତ୍ ଅଡ଼୍ ମୁନ୍‌ନେ ୱାଟି ଅଂକିଙ୍କ୍
ବାତେଏ କ୍ଷତି ମାଡ଼୍‌କଟ୍ ପେୟିସ୍ ଆତ୍‌ତେ ।

✡ **୪:୩୨** ମାତିଉ ୭:୨୮,୨୯.

୩୬ ଇଗେ ସାରେତଡ଼୍ ବାକ୍ୱା ଆସ୍ ନିଜେନିଜେ କେତାକେତି
ଆଡ଼୍ତଡ଼୍, ଇଦ୍ ବେସଡ୍ ଗଟ୍ ? ଅଣ୍ତ୍ ଅଦିକାର୍ ନୁ ଶକ୍ତି ତଡ଼୍ ଅଶୁଚି
ଆତ୍ମାକିଂଙ୍କ୍ ଗଟ୍ ହିଦ୍ତଣ୍ତ୍, ମେଣ୍ତେ ଆୱ୍ ପେୟିସ୍ ଆଡ଼୍ତେ ।
୩୭ ଆଗେ ଅନ୍ୱାଦ୍ ବିଷୟତେ ସୁସମାଚାର୍ ସାରେ ପାକା ସାରେ
ପଡ଼ିୟେତାଗ୍ ପ୍ରଚାର୍ ଆଡ଼୍ତେ ।"

## ଜିସୁ ନାର୍ଗେ ନାରୁଡ଼୍କିଂଙ୍କ୍ ସୁସ୍ଥ ମାଡ଼୍ତଣ୍ତ୍†

## *(ମାତିଉ ୮:୧୪-୧୭; ମାର୍କ ୧:୧୯-୩୪)*

୩୮ ପେର୍କେ ଜିସୁ ସମାଜ୍ଲନ୍ ତାଗାଙ୍କ୍ ତେଦି ଶିମୋନ୍ତେ ଲୋନ୍
ଆଡ଼୍ତଣ୍ତ୍ । ଶିମୋନ୍ ତେ ପୟେଙ୍କ୍ ଗାଟି ହେଡ଼େକ୍ ଆସ୍ ମାଡ଼୍ତେ,
ମେଣ୍ତେ ଅଡ଼୍ ଶାସନ୍ ବିଷୟତେ ତାଙ୍କ୍ ସୁସ୍ଥ ମାଡ଼ାଙ୍କ୍ ଜିସୁଙ୍କ୍ ଅନୁରଦ୍
ମାଡ଼୍ତ୍ତଡ଼୍ ।
୩୯ ଆଗେ ଅଣ୍ତ୍ ତାମ୍ ଗାର୍ରେ ନିଶ୍ମିକା ହେଡ଼େକ୍ ତିଙ୍କ୍ ଦମକ୍
ହିଡ଼୍ତଣ୍ତ୍, ମେଣ୍ତେ ଆଦିଙ୍କ୍ ହେଡ଼େକ୍ ୱିଡ଼ସ୍ତା, ମେଣ୍ତେ ଆଦ୍ ସାଙ୍ଗେ
ସାଙ୍ଗେ ତେଦି ଅଡ଼୍କିଂଙ୍କ୍ ସେବା ମାଡ଼ାଙ୍କ୍ ପସ୍ଥିତ୍ତଣ୍ତ୍ ।
୪୦ ପଡ଼ଦ୍ ଆଦାନ୍ ୱେଲେ, ବେନଡ଼ାଗ୍ ନାଆ ଲେକାମ୍ ରଗ୍ତେ
ନାରୁଡ଼୍ ମାଡ଼୍ତଡ଼୍, ଅଡ଼୍ ସାରେତଡ଼୍କିଙ୍କ୍ ଅନ୍ ଗାର୍ରେ ତାଡ଼୍ତଡ଼୍ ନୁ
ଅଣ୍ତ୍ ସାରେ ନାରୁଡ଼୍ତେ ପରୁ କାୟ୍ ୱାଟି ଅଡ଼୍କିଂଙ୍କ୍ ସୁସ୍ଥ ମାଡ଼୍ତଣ୍ତ୍
।
୪୧ ମେଣ୍ତେ, ବୁତ୍କ୍ ମିକା କିଡ଼୍କ କିଡ଼୍କ ନିମେ ଇଶ୍ୱର୍ ତେ ମାର୍
ଇଞ୍ଜ କେସ୍ ନାର୍ଗେ ନାରୁଡ଼୍ତେ କଞ୍ଜ୍ ପେୟିସ୍ ଆଡ଼୍ତା । ମେଣ୍ତେ, ଜିସୁ
ଅଡ଼୍କିଂଙ୍କ୍ ଦମକ୍ ଇସ୍ ଗଟ୍ କେତାଙ୍କ୍ ହିୱଣ୍ତ୍, ବାତେଙ୍କ୍ ଇକ୍ୱେ ଅଣ୍ତ୍ ଯେ
କ୍ରିଷ୍ଟ, ଇଦ୍ ଅଡ଼୍ ପୁଞ୍ଜ୍ ମାଡ଼୍ତଡ଼୍ ।

## ପ୍ରାର୍ତନା ଲୋଡ଼୍ତାଗ୍ ଜିସୁନ୍ ପ୍ରଚାର୍

## *(ମାର୍କ ୧:୩୫-୩୯)*

୪୨ ନାର୍କୁକ୍ ଆଡ଼୍ତେୱେଲେ, ଅଣ୍ତ୍ ନଗର୍କଞ୍ଜ୍ ପେଇସ୍ ୱେରଡ଼୍
ବେନଇଲ୍ୱେ ପଡ଼ିୟେତାଗ୍ ଆଡ଼୍ତଣ୍ତ୍; ମେଣ୍ତେ, ନାରୁଡ଼୍ ସାରେତଡ଼୍
ଅଂକିଙ୍କ୍ ମେଦ୍କି ମେଦ୍କି ଅନ୍ ଗାର୍ରେ ୱାଡ଼୍ତଡ଼୍, ମେଣ୍ତେ ଅଣ୍ତ୍
ବେଲା ଅଡ଼୍ ଗାର୍ରେ କନ୍ସ୍ ଆତ୍ମାକିନ୍ ଆଦ୍ ସେଙ୍ଗେ ଅଂକିଙ୍କ୍
ନିଲ୍ସ୍ତାନଙ୍କ୍ ଆଲ୍ସି ମାଡ଼୍ତ୍ତଡ଼୍ ।

† **୪:୩୭** ମାତିଉ ୮:୧୪-୧୭, ମାର୍କ୧:୨୯-୩୪

୪୩ ବାତେଙ୍କ୍ ଇକ୍ରେ ଅଣ୍ଡ୍ ଅଡ଼୍କିଂଙ୍କ୍ କେଓଣ୍ଡ୍, ବେନ୍‌ବେନା
ନଗର୍‌ତାଗେ ମିକା ନାକିଂଙ୍କ୍ ଆଦ୍‌ଲେକାମ୍ ଇଶ୍ୱର୍‌ତେ ରାଜ୍ୟ ଡ଼ାଦ୍
"ସୁସମାଚାର୍ ପ୍ରଚାର ମାଡ଼ାଙ୍କ୍ ଆଦ୍ ତେ, ବାତେଙ୍କ୍ ଇକ୍ରେ ଆଦିନ୍
ସେଙ୍ଗେ ଇଶ୍ୱର୍ ନାକିଂଙ୍କ୍ ରହସ୍ ମିନ୍ଦେଣ୍ଡ୍ ।"
୪୪ ମେଣ୍ଡ୍ରେ, ଅଣ୍ଡ୍ ଯିହୁଦା ଦେଶ୍ ତେ ପ୍ରାର୍ତନା ଲୋକିନାଗ୍ ପ୍ରଚାର
ମାଡ଼ାଙ୍କ୍ ପସ୍‌ପିତ୍‌ତଣ୍ଡ୍ ।

# ୫

## ଜିସୁ ପ୍ରତମ୍ ଶିଷ୍ୟଙ୍କ୍ କାରଙ୍ଗ୍‌ତଣ୍ଡ୍
## (ମାତିଉ ୪:୧୮-୨୨; ମାର୍କ ୧:୧୬-୨୦)

୧ ☆ଅଣ୍ଡ୍ ଦିନେ ଜିସୁ ଗିନେସର୍‌ତ ସାଓ୍ୱୁଡ଼େ ଆଞ୍ଜିନାଗ୍ ନିଶ୍ ମାତ୍‌ତଣ୍ଡ୍,
ମେଣ୍ଡ୍ରେ ନାରୁଡ଼୍‌ ଅନ୍ ବାକ୍ୟ କେଞ୍ଜାନଙ୍କ୍ ତୁର୍ସାତୁସ ି ଆସମାତ୍‌ତଡ଼୍;
୨ ମେଣ୍ଡ୍ରେ, ଅଣ୍ଡ୍ ସାଓ୍ୱୁଡ଼େ ଆଞ୍ଜିନାଗ୍ ରେଣ୍ଡ୍ ଓଡା ମାନ୍ଦାନାଦ୍
ଉଡ଼୍‌ଓଣ୍ଡ୍; କିକେ ପଇତାନଡ଼୍‌ ଆଗାକନ୍‌ସ୍ ଡିଗି ଜାରି ନର୍‌ସ୍ ମାତ୍‌ତଡ଼୍‌
।
୩ ଆଓ୍ୱ ଅଡ଼୍‌ ଲୋପେ ବେଦ୍ ଶିମୋନ୍ ଡ଼ାଦ୍ ମାତ୍‌ତେ, ଆଗେଅଣ୍ଡ୍
ତାରି ବୂମ୍‌କନ୍‌ସ୍ ସୁଦୁର୍ ଜେକେ ଆଦାନ୍ ସେଙ୍ଗେ ଅଂକିଙ୍କ୍ ଅନୁରଦ୍
ମାଡ଼୍‌ତଣ୍ଡ୍; ମେଣ୍ଡ୍ରେ, ଅଣ୍ଡ୍ ଓଡ଼େତାଗ୍ କୁଦି ନାରୁଡ଼୍‌କିଂଙ୍କ୍ ଶିକ୍ଷା ହିଦାଙ୍କ୍
ପସ୍‌ପିତ୍‌ତଣ୍ଡ୍ ।
୪ ଅଣ୍ଡ୍ ଗଟି ତେର୍‌ସ୍‌ପି "ଶିମୋନ୍ ତିଙ୍କ୍ କେଓଣ୍ଡ୍, କୁଇଙ୍ଗ୍ ଏର୍
ଦାଗେ ଆଞ୍ଜ୍ କିକେ ପଇତାନ୍ ସେଙ୍ଗେ ମିଓ୍ୱାଦ୍ ଜାରି ୱାଟାଟ୍ ।
୫ ☆ଇଗେତିସ୍‌ନ୍ ଶିମୋନ୍ କେଓଣ୍ଡ୍, ହୋ ଗୁରୁ, ମାମ୍ ନିଟେ ନାର୍କେ
ତିପାଲ୍ ମାଡ଼ି ବାତେଏ ପୟ୍‌ମ୍; ବାତେଙ୍କ୍ ଇକ୍ରେ ନି ଗଟ୍ ତେ ନାନ୍ ଜାରି
ୱାଟିତାନ୍ ।"
୬ ☆ମେଣ୍ଡ୍ରେ, ଅଡ଼୍‌ ଆଦ୍ ୱାଟି ଗାଟି କିକେ ପୟିତ୍‌ତଡ଼୍, ମେଣ୍ଡ୍ରେ
ଅଡ଼୍‌ୱାଦ୍ ଜାରି ଦେଗାଙ୍କ୍ ଲେକାମ୍ ହାତ୍‌ତା ।
୭ ଆଗେ ତାମ୍ ବେନ୍ ଉଦାର୍ ଆତ୍‌ତେନଡ଼୍‌ ବାଗାଡ୍ ଓଡେ ତାଗ୍
ମାତ୍‌ତଡ଼୍, ଅଡ଼୍‌ ବେଲା ୱାସ୍ ସାହାଯ୍ୟ ମାଡ଼ିତ୍‌ତଡ଼୍, ଇଦିନ୍ ସେଙ୍ଗେ
ଅଡ଼୍‌ ଅଡ଼୍‌କିଂଙ୍କ୍ କାଇଦେ କାରଙ୍ଗ୍‌ତଡ଼୍‌ । ଇଗେ ଅଡ଼୍‌ ୱାସ୍ ରେଣ୍ଡ୍

☆ **୫:୧** ମାତିଉ ୧3:୧,୨; ମାର୍କ 3:୯,୧୦; ୪:୧. ☆ **୫:୫** ଯୋହନ୍ ୨୧:3. ☆ **୫:୬** ଯୋହନ୍ ୨୧:୬.

ଓଡାକିଂଙ୍କ୍ ଇଦ୍ ରକମ୍ ସାରେ ମାଡ଼ିତଡ୍ ଯେ ଆୱ ମୁଡ୍ଡୁନ୍ଦାନ୍ ରକମ୍
ଆତ୍ତା ।
୮ “ବାତେଙ୍କ୍ ଇକ୍କେ ଶିମୋନ୍ ପିତର୍ ଇଦ୍ ଓଡ଼ି ଜିସୁନ୍ ଡେକାନ୍
ମଦଲ୍ ମଡ଼୍କି କେତ୍ତଣ୍ତ୍ରେ, ହୋ ପ୍ରବୁ, ନାୟାଗ୍ କଞ୍ଜ୍ ଆଦାନଙ୍କ୍ ଆଇମ୍,
ବାତେଙ୍କ୍ ନାନ୍ ୱେରଣ୍ତ୍ରେ ପାପି ନାରୁନ୍ ।”

୯ ବାତେଙ୍କ୍ ଇକ୍କେ ଅଡ଼୍ ଆଗେ ୱିଡ଼୍ସଡ଼୍ କିକେ ପଡ଼ିୟିହିତ୍ତଡ଼୍ ଯେ,
ଆଦ୍ ଓଡ଼ି ଶିମୋନ୍ ନୁ ତାମ୍ ସାଙ୍ଗଡ଼୍ ସାରେତଡ଼୍ ବାକ୍ୱା ଆତ୍ତଡ଼୍;
୧୦ ମେଣ୍ତ୍ରେ, ଜେବଦିତେ ଇଡ଼ିୱୁଡ଼୍ ମାର୍କ୍ ଯାକୁବ୍ ନୁ ଯୋହନ୍,
ବେନଡ଼୍ ଶିମୋନ୍‌ତେ ସାଙ୍ଗଡ଼୍ ମାତ୍ତଡ଼୍, ଅଡ଼୍ ମିକା ଆଦ୍ ରକମ୍
ବାକ୍ୱା ଆତ୍ତଡ଼୍ । ମେଣ୍ତ୍ରେ, ଜିସୁ ଶିମୋନ୍‌ତିଙ୍କ୍ କେତ୍ତଣ୍ତ୍ରେ, “ନା ତଡ଼୍
ୱାଡ଼ାଟ୍ । ନାନ୍ ମିକିଂଙ୍କ୍ ନାରୁଡ଼୍କିଂଙ୍କ୍ ପଇତାନାଦ୍ ନାଡ଼୍ସ୍ପିତ୍ତାନ୍ ।”

୧୧ ଆଗେଙ୍କ୍ ଅଡ଼୍ ସାଙ୍ଗେ ସାଙ୍ଗେ ଅଡ଼ାୱୁ ୱାଲା ୱିଡ଼୍ସି ଅନ୍ ତଡ଼୍
ପେର୍‌କେ ଆତ୍ତଡ଼୍ ।

## ଜିସୁ କୁଷ୍ଠୀନାରୁନ୍‌ତିଙ୍କ୍ ସୁସ୍ଥମାଡ଼୍ତଣ୍ତ୍ରେ (ମାତିଉ ୮:୧-୪; ମାର୍କ ୧:୪୦-୪୫)

୧୨ ଅନ୍‌ଦାମ୍ ଜିସୁ ୱେରନ୍ ନଗର୍ ତାଗ୍ ମାନ୍ଦାନ୍ ୱେଲେ, ଓଡାଟ୍,
ୱେର୍‌ଣ୍ତ୍ରେ କୁଷ୍ଠୀରୋଗି ନାରୁଡ଼୍ ଆଦ୍ ଜାଗେତାଗେ ମାତ୍ତଣ୍ତ୍ରେ; ଅଣ୍ତ୍ରେ
ଜିସୁଙ୍କ୍ ଓଡ଼ି କାପ୍‌ମୁଡ୍ଡୁନ୍ଦି ଅଂକିଙ୍କ୍ ଦନ୍ୟବାଦ୍ ମାଡ଼ି କେତ୍ତଣ୍ତ୍ରେ, “ହୋ
ପ୍ରବୁ, ନିମେ ଯଦି ଇଚ୍ଛା ମାଡ଼ିତି, ଆଲାକ୍କେ ନାକିଂଙ୍କ୍ ସୁସ୍ଥ ମାଡ଼୍ଡ଼େ
ପାର୍‌ତିଡ଼୍ ।”

୧୩ ଆଗେଙ୍କ୍ ଅଣ୍ତ୍ରେ କାୟ୍ ଆଇସ୍ ଅଂକିଙ୍କ୍ ଇଟି କେଓଣ୍ତ୍ରେ, “ନାନ୍ ଇଚ୍ଛା
ମାଡ଼୍ତୁାନ୍, ସୁସ୍ଥ ଆଇମ୍ ।” ସାଙ୍ଗେ ସାଙ୍ଗେ କୃଷ୍ଟ ରୋଗ୍ ଅନାଗ୍‌କଞ୍ଜ୍
ମାୟିଆତ୍ତେ ।
୧୪ ମେଣ୍ତ୍ରେ, ଜିସୁ ଅଂକିଙ୍କ୍ ଗଟ୍ ଇସ୍ କେଓଣ୍ତ୍ରେ, “ବେନଙ୍କେ କେଲ୍‌ମା,
ବାତେଙ୍କ୍ ଇକ୍କେ ସିଦା ଯାଜକତେ ଗାର୍‌ରେ ଅନ୍ ନୁ ଅଣ୍ତ୍ରେ ନିକିଂଙ୍କ୍
ପରିକ୍ଷା ମାଡ଼ିଣ୍ତ୍ରେ, ତାନ୍ ପେର୍‌କେ ନିମେ ସୁସ୍ଥ ଆତ୍ତିନ୍ ଇଞ୍ଜ ବାଗାତ୍
ନାରୁଡ଼୍‌ତେ ଗାର୍‌ରେ ପ୍ରମାନ୍ ହିଦାନ୍ ସେଙ୍ଗେ ମୋଶାନ୍ ଆଦେଶ୍
ଲେକାମ୍ ବଲି ଉତ୍ସର୍ଗ ମାଡ଼ା ।”

୧୫ ବାତେଙ୍କ୍ ଇକ୍ବେ ଜିସୁନ୍ ବିଷୟ ତେ ଗଟ୍ ମେଣ୍ଡେ ଅଦିକ୍
ସାରେପାକ୍ ଆଡ୍‌ତେ, ମେଣ୍ଡେ ଗାଟି ନାରୁଡ଼୍‌କେଞ୍ଜାନ୍ ସେଙ୍ଗେ ନୁ ନିଜ୍
ରୋଗ୍ କନ୍‌ସ୍ ସୁସ୍ଥ ଆଦାନ୍ ସେଙ୍ଗେ ଅଣ୍ଡିୟାଗେ ଗୁଡ୍ଡୁତଡ଼୍;
୧୬ ମାତର୍ ୱେରଡ଼୍ ସିମ୍‌ସାମ୍ ଜାଗେତାଗେ ମାଞ୍ଜ୍ ପ୍ରାର୍ଥନା
ମାଡ଼୍‌ମାଡ୍‌ତଣ୍ଡ୍ ।

## ଜିସୁ ୱେରଙ୍କ୍ ପକ୍ଷାଘାତ ରୋଗ୍‌ତିଙ୍କ୍ ସୁସ୍ଥମାଡ଼୍‌ତଣ୍ଡ୍ (ମାତିଉ ୯:୧-୮; ମାର୍କ ୨:୧-୧୨)

୧୭ ଅନ୍ ଦିନେ ଜିସୁ ଶିକ୍ଷା ଇସ୍‌ମାଡ଼୍‌ତଣ୍ଡ୍, ମେଣ୍ଡେ ଗାଲିଲୀତେ
ସାରେ ନାର୍, ମେଣ୍ଡେ ଯିହୁଦା ପ୍ରଦେଶ୍ ନୁ ଯିରୁଶାଲେମ୍ କନ୍‌ସ୍ ୱାସ୍
ମାନ୍ଦାନ୍ ପାରୁଶୀ ନୁ ଶାସ୍ତ୍ରୀଡ଼୍‌ଗାର୍‌ରେ କୁଦିମାଡ୍‌ତଡ଼୍ । ମେଣ୍ଡେ, ଅଣ୍ଡ୍
ବେଦ୍ ରକମ୍ ରୋଗିଙ୍କ୍ ସୁସ୍ଥ ମାଡ଼ିତନ୍, ଇଦ୍ ସେଙ୍ଗେ ପ୍ରବୁନାଦ୍ ଶକ୍ତି
ଉପସ୍ଥିତ୍ ମାଡ୍‌ତେ ।
୧୮ ମେଣ୍ଡେ, ଉଡାଟ୍, ବେସ୍‌କ୍‌ଡୁଡ଼୍‌ନାରୁଡ଼୍‌ଅରଟ୍ ପକ୍ଷାଘାତ ରୋଗି
ନାରୁଙ୍କ୍ କାଟୁଲ୍ ତାଗ୍ କାଞ୍ଜି ତାସ୍ ଅଂକିଙ୍କ୍ ଲୋପେ ଆଦାନ୍ ସେଙ୍ଗେ ନୁ
ଜିସୁନ୍ ମୁନ୍‌ନେ ରେହେତାନ୍ ସେଙ୍ଗେ ଆଲ୍‌ସି ମାଡ଼୍‌ମାଡ୍‌ତଡ଼୍ ।
୧୯ ବାତେଙ୍କ୍ ଇକ୍ବେ ମିଡ଼୍ ଆଡ୍‌ତାଙ୍କ୍ ଅଂକିଙ୍କ୍ ଲୋପେ ଆଦାନ୍
ସେଙ୍ଗେ ହାର୍ ଦରସ୍‌କାଙ୍କ୍ ଅଡ଼୍ ଲୋଡ୍‌ତେ ପରୁ ଆଞ୍ଜ୍ ମୁସର୍ଙ୍କ୍
ଟେଣ୍ଡି ଲୋପେକେ କାଟୁଲ୍ ତଡ଼୍ ଅଂକିଙ୍କ୍ ନାଡ଼ମେ ଜିସୁନ୍ ମୁନ୍‌ନେ
ୱେହେସିଡ୍‌ତଡ଼୍ ।
୨୦ ଅଣ୍ଡ୍ ଅଡ଼୍‌ୱାଦ୍ ବିଶ୍ୱାସ୍ ଉଡ଼ି କେଓଣ୍ଡ୍, "ହୋ ବାବୁ, ନିୟାଦ୍ ପାପ୍
ସାରେ କ୍ଷମା ମାଡ଼ିଡ୍‌ତଡ଼୍ ।"
୨୧ ଆଗେ ଶାସ୍ତ୍ରୀନାରୁଡ଼୍ ନୁ ପାରୁଶୀଡ଼୍ ତିରିୟା ତିରିୟି ହାସ୍ ଇଲା
କେତାଙ୍କ୍ ପସ୍ତ୍ୱଡ୍‌ତଡ଼୍, ଇଣ୍ଡ୍ ଯେ ଇଶ୍ୱର୍‌ତିଙ୍କ୍ ଅପ୍‌ମାନ୍ ମାଡ଼୍‌ତୁଣ୍ଡ୍, "ଇଣ୍ଡ୍
ବେନ ? ମାତର୍ ଇଶ୍ୱର୍ ତେ ୱିଡ଼୍‌ସି ମେଣ୍ଡେ ବେନ ପାପ୍ କ୍ଷମାମାଡ଼୍
ପାର୍‌ଦ୍‌ତଣ୍ଡ୍ ?"
୨୨ ବାତେଙ୍କ୍ ଇକ୍ବେ ଜିସୁ ଅଡ଼୍‌ୱାଦ୍ ଗଟ୍ ତିରିୟାନାଦ୍ ପୁଞ୍ଜ୍ ମିକା
ଅଡ଼୍‌କିଂଙ୍କ୍ କେଓଣ୍ଡ୍, "ମିଡ଼୍ ନିଜ୍‌ନିଜ୍ ମାନ୍‌ଦାଗ୍ ବାତେଙ୍କ୍ ଆଦ୍ ରକମ୍
କାରାପ୍ ଗଟି ତିରିୟୁତିଡ଼୍ ?
୨୩ ବେନ୍ କେତାନାଦ୍ ସହଜ୍ ? ନି ପାପ୍ ସାରେ କ୍ଷମା ମାଡ଼୍‌ତଡ଼୍‌ଇଞ୍ଜ
କେତାନାଦ୍, ନା, ତେଏଦେ, ଅନ୍ ଇଞ୍ଜ କେତାନାଦ୍ ?

୨୪ ବାତେଙ୍ଗ୍ ଇକ୍କେ ପୃତିବିତେ ପାପ୍ କ୍ଷମା ମାଡ଼ାଙ୍ଗ୍ ନାରୁନ୍‌ପିଲେ
ତିଙ୍ଗ୍ ଅଦିକାର୍ ମିନ୍ଦେ, ଇଦ୍ ବେଲା ମିଡ଼୍ ପୁଞ୍ଜ୍ ପାର୍‌ଦ୍‌ତିଡ଼୍-ଇଦ୍
ସେଙ୍ଗେ ଜିସୁ ପକ୍ଷାଘାତ ରୋଗ୍‌ତିଙ୍ଗ୍ କେଓଣ୍ତ୍, ନାନ୍ କେତୁତାନ୍
ତେଦ୍‌ଦେ," ନି କାଟୁଲ୍ ପୟିସ୍ ନି ଲୋନ୍ ହାନ୍ ।
୨୫ ଆଗେତିନ୍‌ସ୍ ଅଣ୍ତ୍ ସାଙ୍ଗେ ସାଙ୍ଗେ ଅଡ଼୍ ମୁନେଡ଼୍‌କେ ତେଏଦି,
ବେନେ କାଟୁଲ୍‌ତେ ପରୁ ଅଣ୍ତ୍ ପାଟିମାଡ଼୍‌ତଣ୍ତ୍, ଆଦିଙ୍ଗ୍ ପୟିସ୍ ଇଶ୍ୱର୍
ତେ ମହିମା କୀର୍ତ୍ତନ୍ ମାଡ଼ମାଡ଼ ନିଜେ ଲୋନ୍ ଆଡ଼୍‌ତଣ୍ତ୍ ।
୨୬ ଆସୁଣ୍ଟ୍ "ସାରେତଡ଼୍ ବାକ୍‌ୱା ଆସ୍ ଇଶ୍ୱର୍‌ତେ ମହିମା କୀର୍ତ୍ତନ୍
ମାଡ଼ାଙ୍ଗ୍ ପସ୍‌ପ୍‌ଡ଼୍‌ତଡ଼୍ ନୁ ଗାଟି ୱେର୍‌ସ୍ କେଓଡ଼୍, ନେଣ୍ତ୍ ମାମ୍ ଗାଟି
ଆଦ୍‌ବୁଦ୍ ଗଟନା ଉଡ଼୍‌ତମ୍ !

## ଜିସୁ ଲେବୀୟଙ୍ଗ୍ କାରଙ୍ଗ୍‌ତଣ୍ତ୍

*(ମାତିଉ ୯:୯-୧୩; ମାର୍କ ୨:୧୩-୧୭)*

୨୭ ଇଦିନ୍ ପେର୍‌କେ ଜିସୁ ପେୟିସ୍ ଆଞ୍ଜ୍ ଲେବୀ ପେଦେର୍ ତେ
ୱେର୍‌ଣ୍ତ୍ କର ଆଦାୟ ମାଡ଼ାନକିଂଙ୍ଗ୍ କର ଆଦାୟ ପଡ଼ିୟେତାଗ୍
କୁଦିମାନ୍ଦାନାଦ୍ ଉଡ଼ି ଅଂକିଙ୍ଗ୍ କେଓଣ୍ତ୍, ନା ପେର୍‌କେ ୱାଡ଼ା ।"
୨୮ ଆଗେଙ୍ଗ୍ ଲେବୀ ସାରେତାୱିଙ୍ଗ୍ ୱିଡ଼୍‌ସି ମିକା ତେଦି ଅନ୍ ପେର୍କେ
ତାକାଙ୍ଗ୍ ପସ୍‌ପ୍‌ତଣ୍ତ୍ ।
୨୯ ମେଣ୍ତ୍ରେ, ଲେବୀ ନିଜେ ଲୋନ୍ ଅନ୍ ସେଙ୍ଗେ ୱେରନ୍
ବେଡ଼େ୍ୟାଦ୍ ବଜି ମାଡ଼୍‌ତ୍‌ତଣ୍ତ୍, ମେଣ୍ତ୍ରେ ଗାଟି ନାର୍ଗେମାନ୍ଦେ କରଗ୍ରାହୀ
ନୁ ତାନ୍ ନାରୁଡ଼୍ ଅଡ଼୍ ତଡ଼୍ ତିନ୍ଦାନଙ୍ଗ୍ କୁଦ୍‌ତଡ଼୍ ।
୩୦ ✡ଆଗେ ପାରୂଶୀଡ଼୍ ନୁ ଅଡ଼୍ ମାନ୍ଦେତେ ଶାସ୍ତ୍ରୀଡ଼୍ ଅନ୍ ଶିଷ୍ୟନ୍
ବିରୁଦ୍ ତେ ଅବିଯୋଗ୍ ମାଡ଼ି କେତୁତଡ଼୍, "ମିଡ଼୍ ବାତେଙ୍ଗ୍ କରଗ୍ରାହୀ ନୁ
ପାପି ନାରୁଡ଼୍ ତଡ଼୍ ତଡ଼େକ୍ ତିନ୍ଦାନ୍ ଉନ୍ଦାନ୍ ମାଡ଼୍‌ତୁଡ଼୍ ?"
୩୧ ଜିସୁ ଅଡ଼୍‌କିଂଙ୍ଗ୍ କେଓଣ୍ତ୍, "ସୁସ୍ଥ ନାରୁଡ଼୍‌କ୍ ଡାକ୍ଟର୍‌ତେ ଦର୍‌କାର୍
ଇଲ୍‌ଲେ, ମାତର୍ ରଗ୍‌ତେ ନାରୁଡ଼୍‌କିଂଙ୍ଗ୍ ଦର୍‌କାର୍ ମିନ୍ଦେ ।
୩୨ ନାନ୍ ଦାମର୍ିକ୍ ନାରୁଡ଼୍‌କ୍ କାରଙ୍ଗାନ୍ ସେଙ୍ଗେ ୱାଡ଼ନ୍, ବାତେଙ୍ଗ୍
ଇକ୍କେ ମନପରିବର୍ତ୍ତନ୍ ସେଙ୍ଗେ ପାପି ନାରୁଡ଼୍‌କ୍ କାରଙ୍ଗାନ୍ ସେଙ୍ଗେ
ୱାସ୍‌ମିନ୍ଦେନ୍ ।"

---

✡ **୫:୩୦** ଲୁକ ୧୫:୧,୨.

## ଉପବାସ୍ ବିଷୟତେ ପଶ୍ନ
## (ମାତିଉ ୯:୧୪-୧୭; ମାର୍କ ୨:୧୮-୨୨)

୩୩ ବେସ୍‌କ୍ତୁଡ଼୍ ନାରୁଡ଼୍ ଜିସୁଙ୍କ୍ କେଓଡ଼୍, "ଯୋହନ୍ ତେ ଶିଷ୍ୟଡ଼୍
ନାର୍ଗୋ ଦିନାମ୍‌ତେ ଉପବାସ୍ ନୁ ପ୍ରାର୍ଥନା ମାଡ଼ିତଡ଼୍, ପାରୂଶୀଡ଼୍ ତେ
ଶିଷ୍ୟଡ଼୍ ମିକା ଆଦ୍ ରକମ୍ ମାଡ଼ିତଡ଼୍, ବାତେଙ୍କ୍ ଇକ୍ୱେ ମିଇ ଶିଷ୍ୟଡ଼୍
ତିନ୍ଦାନ୍ ଉନ୍ଦାନ୍ ମାଡ଼ିତଡ଼୍ ।"
୩୪ ଆଗେଟିନ୍‌ସ୍ "ଜିସୁ ଅଡ଼୍‌କିଂଙ୍କ୍ କେଓଣ୍ଡ୍, ପେଣ୍ଡୁଲୁ ନାରୁଡ଼୍‌ତଡ଼୍
ବର ମାନ୍ଦାନ୍ ୱେଲେ ମିଡ଼୍‌କି ଅଡ଼୍‌କିଂଙ୍କ୍ ଉପବାସ୍ ମାଡ଼େ ପାର୍‌ଦ୍‌ତିଡ଼୍
? ବେସୁଟ୍ ମିକା ଆୟ୍‌ୟ ।
୩୫ ବାତେଙ୍କ୍ ଇକ୍ୱେ ସମୟ୍ ୱାଦ୍‌ତା; ମେଣ୍ଡେ, ବେସୁଣ୍ଟ୍
ଅଡ଼ାଗାକନ୍‌ସ୍ ବରତିଙ୍କ୍ ୱିରସ୍‌ପି ହଦ୍‌ତଡ଼୍, ଆସୁଣ୍ଟ୍ ଆଦ୍ ଦିନାମ୍‌ତେ
ଅଡ଼୍ ଉପବାସ୍ ମାଡ଼ିତଡ଼୍ ।"
୩୬ ମେଣ୍ଡେ, ଜିସୁ ଅଡ଼୍‌କିଂଙ୍କ୍ ୱେରଡ଼୍ ୱେଷଡ଼୍ କେଓଣ୍ଡ୍, "ବେନ
ପୁଃନେ ସିଲେଡ଼୍ କନ୍‌ସ୍ ତାଲି ଦେହେସ୍ ପାଃନ୍ତେ ସିଲେତାଗ୍ ୱାଟଣ୍ଡ୍;
ୱାଟକେ ଅଣ୍ଡ୍ ପୁଉନାଦିଙ୍କ୍ ଇକିତଣ୍ଡ୍, ମେଣ୍ଡେ ପୁଃନେ ସିଲେଡ଼୍ ତାଲି
ପାଃନ୍‌ତାଦ୍ ତଡ଼୍ କାୟିଲ ।"
୩୭ ମେଣ୍ଡେ, ବେନ ପୁଃନେ ଦ୍ରାକ୍ଷାରସ୍ ପାଃନ୍ତେ କୁଣ୍ଡେତାଗ୍ ୱାଟଣ୍ଡ୍;
ୱାଟକେ ପୁଃନେ ଦ୍ରାକ୍ଷାରସ୍ କୁଣ୍ଡେତିଙ୍କ୍ ହୁଃତିତେ, ମେଣ୍ଡେ କୁଣ୍ଡେ ନୁ
ଅଙ୍ଗୁର୍ ରସ୍ ନଷ୍ଟ ଆଦ୍‌ତେ ।
୩୮ ବାତେଙ୍କ୍ ଇକ୍ୱେ ପୁଃନେ ଦ୍ରାକ୍ଷାରସ୍ ପୁଃନେ କୁଣ୍ଡେତାଗେ
ନେହେତାନ୍ ଲେକେଡ଼୍ ।
୩୯ ମେଣ୍ଡେ, ବେନ ପାଃନ୍ତେ ଦ୍ରାକ୍ଷାରସ୍ ଉଞ୍ଜ୍ ମିକା ପୁଃନେ ଦ୍ରାକ୍ଷାରସ୍
ଉନ୍ଦାନଙ୍କ୍ ଇଚ୍ଛା ମାଡ଼ଣ୍ଡ୍, ବାତେଙ୍କ୍ ଇକ୍ୱେ ଅଣ୍ଡ୍ କେତିତଣ୍ଡ୍, ପାଃନ୍‌ତାଦ୍
ତ ସାଏ ।

# ୬

## ବିଶ୍ରାମଦିନେ ବିଷୟତେ ପଶ୍ନ
## (ମାତିଉ ୧୨:୧-୮; ମାର୍କ ୨:୨୩-୨୮)

୧ ଅଣ୍ଡ୍‌ଦିନ୍ ଜିସୁ ବିଶ୍ରାମଦିନେ ତାଗ୍ ଶସ୍ୟୱାୟେ ତାଲାନ୍ ଆଞ୍ଜ
ମାନ୍ଦାନ୍ ୱେଲେ ଅନ୍ ଶିଷ୍ୟଡ଼୍ କେଡ଼୍ ଦେହେସ୍ କାଇଦେ ନଅକି ତିଞ୍ଜ
ମାଡ଼୍‌ତଡ଼୍ ।

୨ ଇକେ୍ ପାରୂଶୀଡ଼୍ ଲୋପେ ବେସ୍କ୍ତୁଡ଼୍ କେତ୍ତଡ଼୍,
“ବିଶ୍ରାମଦିନେ ଦାଗେ ବାତେଏ ମାଡ଼ାନାଦ୍ ନିୟମ୍ ଆୟ୍ୟ, ଆଦ୍
ମିଡ଼୍ ବାତେଙ୍କ୍ ମାଡ଼ତ୍ତୁଡ଼୍ ?”

୩ ଜିସୁ ଅଡ଼୍କିଂଙ୍କ୍ ଉତ୍ତର୍ ହିତ୍ତଣ୍ଡ୍, ଦାଉଦ୍ ନୁ ତାମ୍ ସାଙ୍ଗଡ଼୍
କାରୱିନ୍ ମାନ୍ଦାନ୍ ୱେଲେ ଅଣ୍ଡ୍ ବାତେଏ ମାଡ଼୍ତତଣ୍ଡ୍, ଆଦ୍ ମିଡ଼୍
କାର୍ୱିଡ଼୍ କି ?

୪ ଅଣ୍ଡ୍ ବେଲା ଇଶ୍ୱର୍ ତେ ଲୋନ୍ ଆସି, ବେନେ ଦର୍ଶନୀରୂଟି ମାତର୍
ଯାଜକିଡ଼୍ ୱିଡ଼୍ସି ମେଣ୍ଡେ ବେନଙ୍କେ ତିନ୍ଦାନଙ୍କ୍ ନିୟମ୍ ଆୟ୍ୟ, ଆଦ୍
ତାସ୍ ତିତ୍ତଣ୍ଡ୍, ମେଣ୍ଡେ ତାନ୍ ସାଙ୍ଗଡ଼କ୍ ମିକା ହିତ୍ତଣ୍ଡ୍ ।

୫ ମେଣ୍ଡେ, ଜିସୁ ଅଡ଼୍କିଂଙ୍କ୍ କେଓଣ୍ଡ୍, “ନାରୁନ୍‌ପିଲେ
ବିଶ୍ରାମଦିନେତେ ପ୍ରବୁ ଆଦ୍ତନ୍ ।”

## ୱାସ୍ତେ ନାରୁଡ଼୍‌ତେ କାୟ୍ ସୁସ୍ଥତା
## (ମାତିଉ ୧୨:୯-୧୪; ମାର୍କ ୩:୧-୬)

୬ ଜିସୁ ମେଣ୍ଡେଅଣ୍ଡ୍ ବିଶ୍ରାମଦିନେ ତେ ସମାଜ୍ ଲତ୍ତାଗେ
ନେଙ୍ଗିମିକା ଶିକ୍ଷା ହିସ ମାଡ଼୍ତଣ୍ଡ୍; ଆଗେ ୱେରନ୍ ନାରୁଡ଼୍ ମାଡ଼୍ତଣ୍ଡ୍,
ଅନ୍‌ୱାଦ୍ ତିନ୍ଦେକାଇ ୱାତିମାଡ଼୍ତେ ।

୭ ମେଣ୍ଡେ, ଅଣ୍ଡ୍ ଉମ୍ବ ବିଶ୍ରାମଦିନେ ଦାଗେ ସୁସ୍ଥ ମାଡ଼ିତନ୍, ଇଦ୍
ଉଡ଼ାନ୍ ସେଙ୍ଗେ ଶାସ୍ତ୍ରୀ ନୁ ପାରୂଶୀଡ଼୍ ଅଂକିଙ୍କ୍ ଉଡ଼ ମାଡ଼୍ତଡ଼୍, ବେଲାକି
ଅଡ଼୍ ଅନ୍ ବିରୁଦ୍ ତେ ଦଷ୍ ପଇତାଙ୍କ୍ ପାର୍ଦ୍ତଡ଼୍ ।

୮ ବାତେଙ୍କ୍ ଇକେ୍ ଜିସୁ ଅଡ଼୍‌ୱାଦ୍ ମନ୍‌ତାଦ୍ ହେର୍କା ପୁଞ୍ଜ୍, ବେନ୍
ନାରୁଡ଼୍ ତେ କାୟ୍ ୱାତିମାଡ଼୍ତେ, ଅଂକିଙ୍କ୍ କେଓଣ୍ଡ୍, ତେଦ୍ଦା ନାଡ଼ମେ
ନିଲ୍ମ୍ । ମେଣ୍ଡେ ଅଣ୍ଡ୍ ତେଦି ନିତ୍ତଣ୍ଡ୍ ।

୯ ଆଗେଙ୍କ୍ “ଜିସୁ ଅଡ଼୍କିଂଙ୍କ୍ କେଓଣ୍ଡ୍, ନାନ୍ ମିକିଂଙ୍କ୍ ପାଚ୍ରାମାଡୁତାନ୍,
ବିଶ୍ରାମଦିନେ ତେ ବାତେଏ ମାଡ଼ାନାଦ୍ ନିୟମ୍ ? ସାୟେ ମାଡ଼ାନାଦ୍ ନା
କାରାପ୍ ମାଡ଼ାନାଦ୍ ? ଜିୱୁଣ୍ଡ୍ ରକ୍ଷା ମାଡ଼ାନାଦ୍ ନା ଆୱକାନାଦ୍ ?”

୧୦ ମେଣ୍ଡେ, “ଅଣ୍ଡ୍ ସାର୍‌ରେପାକେ ସାରେତଡ଼୍କିଂଙ୍କ୍ ଉଡ଼ି ଅଂକିଙ୍କ୍
କେଓଣ୍ଡ୍, ନି କାଇଆମ୍ । ଆସୁଙ୍ଟ୍ ଅଣ୍ଡ୍ ଆଲା ମାଡ଼୍ତତଣ୍ଡ୍, ଆସୁଟେ
ଅନ୍‌ୱାଦ୍ କାୟ୍ ସୁସ୍ଥ ଆଡ଼୍ତେ ।”

୧୧ ବାତେଙ୍କ୍ ଇକେ୍ ଅଡ଼୍ କପାମ୍ ଆଦ୍‌ତଡ଼୍, ମେଣ୍ଡେ ଜିସୁନ୍ ସେଙ୍ଗେ
ବାତେମାଡ଼୍ ପାର୍‌ଦ୍‌ତଡ଼୍, ଆଦ୍ ବିଷୟତେ ନିଜେ ନିଜେ ଗଟି ତିରିୟା
ତିରିୟି ଆତ୍‌ତଡ଼୍ ।

## ଜିସୁ ବାରଜାନ୍ ଶିଷ୍ୟଙ୍କ୍ ହେଞ୍ଚତଣ୍ଡ୍
## (ମାତିଉ ୧୦:୧-୪; ମାର୍କ ୩:୧୩-୧୯)

୧୨ ଆସୁଣ୍ଟ୍ ଜିସୁ ଅନ୍‌ଦିନେ ପ୍ରାର୍ତନା ମାଡ଼ାନ୍ ସେଙ୍ଗେ ମେଟେଟାଗ୍
ଆଞ୍ଜ୍ ପରମେଶ୍ୱରତେ ଗାର୍‌ରେ ପ୍ରାର୍ତନା ମାଡ଼ମାଡ଼ ନିଟ୍‌ଟା ନାର୍କେ
ମାତ୍‌ତଣ୍ଡ୍ ।
୧୩ ନାର୍‌କୁକ୍, ଜିସୁ ତାନ୍ ପ୍ରେରିତ୍ ଶିଷ୍ୟଡ଼୍ ଗାର୍‌ରେ କାର୍‌ଙ୍ଗି ଅଡ଼୍
ଲୋପେ ବାରଜାନ୍‌ତିଙ୍କ୍ ଏଞ୍ଚତଣ୍ଡ୍; ଅଣ୍ଡ୍ ଅଡ଼୍‌କିଂଙ୍କ୍ ମିକା ପ୍ରେରିତ୍
ପେଦେର୍ ହିତ୍‌ତଣ୍ଡ୍;
୧୪ ଅଡ଼୍ ଆତ୍‌ତଡ଼୍ ଶିମୋନ୍, ବେନଙ୍କ୍ ଅଣ୍ଡ୍ ମିକା ପିତର୍ ପେଦେର୍
ହିତ୍‌ତଣ୍ଡ୍, ମେଣ୍ଡେ ତାମ୍ ଦାଦାଲ୍ ଆନ୍ଦ୍ରିୟ, ଯାକୁବ୍ ନୁ ଯୋହନ୍,
ପିଲିପ୍‌ପ ନୁ ବର୍ତଲମି,
୧୫ ମାତିଉ ନୁ ତୋମା, ଆଲ୍‌ଫିତେ ମାର୍ ଯାକୁବ୍ ନୁ ଶିମୋନ୍,
ବେନଙ୍କ୍ ଉଦଯୋଗୀ ଇଞ୍ଜ କେତିତଡ଼୍,
୧୬ ଯାକୁବ୍ ତେ ମାର୍ ଯିହୂଦା ନୁ ଇଷ୍କାରିୟୋତୀୟ ଯିହୂଦା, ବେନ
ଜିସୁଙ୍କ୍ ଶତ୍ରୁଡ଼୍ କାଇଦେ ଇତ୍‌ତନ୍ ।

## ଜିସୁ ଶିକ୍ଷା ହିତ୍‌ତଣ୍ଡ୍ ନୁ ସୁସ୍ଥ ମାଡ଼ତଣ୍ଡ୍
## (ମାତିଉ ୪:୨୩-୨୫)

୧୭ ମେଣ୍ଡେ, ଜିସୁ ପ୍ରେରିତ୍ ତଡ଼୍ ମେଟେଟାଗାଙ୍କ୍ ମଦଲ୍ ୱାତ୍‌ତଣ୍ଡ୍ ।
ମେଣ୍ଡେ ତାନ୍ ଗାଟି ନାର୍ଗେ ଶିଷ୍ୟଡ଼୍ ତଡ଼୍ ୱେରନ୍ ସାମ୍‌ନ୍ ବୁମ୍‌ତାଗେ
ନିତ୍‌ତଡ଼୍ । ମେଣ୍ଡେ ସାରେ ଯିହୂଦା ପ୍ରଦେଶ୍, ଯିରୁଶାଲେମ୍, ମେଣ୍ଡେ
ସୋର ନୁ ସୀଦୋନ୍‌ତେ ଆଞ୍ଜିନାଗା କଞ୍ଜ୍ ଗାଟି ନାରୁଡ଼୍ ଉପସ୍ଥିତ୍
ଆତ୍‌ତଡ଼୍;
୧୮ ଅଡ଼୍ ଅନ୍ ବାକ୍ୟ କେଞ୍ଜାନଙ୍କ୍ ନୁ ନିଜ୍‌ନିଜ୍ ରୋଗତେ କନ୍‌ସ୍ ସୁସ୍ଥ
ଆଦାନ୍ ସେଙ୍ଗେ ୱାସ୍ ମାତ୍‌ତଡ଼୍, ମେଣ୍ଡେ ବେନ ଅଶୁଚି ଆତ୍ମା ତଡ଼୍
କଷ୍ଟ ଆସ୍‌ସ ମାତ୍‌ତଡ଼୍, ଅଡ଼୍ ସାରେତଡ଼୍‌କ୍ ଜିସୁ ସୁସ୍ଥ ମାଡ଼ତଣ୍ଡ୍;

୧୯ ମେଣ୍ଡେ ନାରୁଡ଼୍ ଅଂକିଙ୍କ୍ ଇଟାନଙ୍କ୍ ଆଲ୍‌ସି ମାଡ଼ମାତ୍‌ତଡ଼୍,
ବାତେଙ୍କ୍ ଇକ୍ଵେ ଅନାଗା କଞ୍ଜ୍ ଶକ୍ତି ପେୟିସ୍ ସାରେତଡ଼୍‌କିଂଙ୍କ୍ ସୁସ୍ଥ
ମାଡ଼ମାତ୍‌ତେ ।

## ଆଶୀର୍ବାଦ୍ ନୁ କଷ୍ଟ
*(ମାତିଉ ୫:୧-୧୨)*

୨୦ ଆସୁଣ୍ଟ୍ ଜିସୁ ତାନ୍ ଶିଷ୍ୟଡ଼୍ ପାକ୍‌କେ ଉଡ଼ି କେଓଣ୍ଡ୍,
"ଅଦାମ୍ରିକ୍ ଜିୱୁନ୍‌ତାଗ୍ ଦୁର୍ବଲ୍ ଇଞ୍ଜ ଏର୍କା ମାଡ଼ାନ୍ ନାରୁଡ଼୍ ଦନ୍ୟ,"
ବାତେଙ୍କ୍ ଇତ୍‌କେ ଅଡ଼୍ ସ୍ୱର୍ଗରାଜ୍ୟତେ ଅଦିକାର୍ ଆଦ୍‌ତଡ଼୍ ।
୨୧ ଇଞ୍ଜେ କାର୍‌ୱିନ୍ ଯେ ମିଡ଼୍, ମିଡ଼୍ ଦନ୍ୟ,
ବାତେଙ୍କ୍ ଇକ୍ଵେ ମିଡ଼୍ ତିଞ୍ଜ୍ ପାଞ୍ଜିତିଡ଼୍ ।
ଇଞ୍ଜେ କେୟୁତିଡ଼୍ ଯେ ମିଡ଼୍, ମିଡ଼୍ ଦନ୍ୟ,
ବାତେଙ୍କ୍ ଇକ୍ଵେ ମିଡ଼୍ କାୱଦିତିଡ଼୍ ।

୨୨ ✡ନାରୁଡ଼୍ ବେସୁଣ୍ଟ୍ ନାରୁନ୍‌ପିଲେ ସେଙ୍ଗେ ମିକିଂଙ୍କ୍ ୱେଏରେ
ମାଡ଼ିତଡ଼୍, ପାସ୍‌କିତଣ୍ଡ୍, ମେଣ୍ଡେ ନିନ୍ଦା ମାଡ଼ିତଡ଼୍ ନୁ ମି ପେଦେର୍‌ତିଙ୍କ୍
କାରାବ୍ ଇଞ୍ଜ ପୟଡ଼୍, ଆସୁଣ୍ଟ୍ ମିଡ଼୍ ଦନ୍ୟ ।
୨୩ ✡ଆଦ୍‌ଦିନେ ୱେଡ଼୍‌କା ମାଡ଼ି ହେନ୍ଦାଟ୍, ବାତେଙ୍କ୍ ଇକ୍ଵେ ଉଡ଼ାଟ୍,
ସ୍ୱର୍ଗତାଗେ ମିୱାଦ୍ ପୁରସ୍କାର୍ ମିନ୍ଦେ; ମେଣ୍ଡେ, ଆଦ୍ ରକମ୍ ତ
ଅଡ଼୍‌ୱାଦ୍ ପିତୃପୁରୁଷନଡ଼୍ ବାବବାଦୀଡ଼୍ ସେଙ୍ଗେ ମାଡ଼ମାତ୍‌ତଡ଼୍ ।
୨୪ ବାତେଙ୍କ୍ ଇକ୍ଵେ ହାୟେ, ଦଣ୍ଡତେ ନାରୁଡ଼ି ସାଉକାର୍ ଯେ ମିଡ଼୍,
ବାତେଙ୍କ୍ ଇକ୍ଵେ ମିଡ଼୍ ନିଜେ ନିଜେ ସୁକାମ୍‌ତେ ମିନ୍ଦେଡ଼ି ।
୨୫ ହାୟେ, ଦଣ୍ଡତେ ନାରୁନ୍ ନାର୍ଗୋମାନ୍ଦାନ୍ ନାରୁଡ଼୍ ଯେ ମିଡ଼୍,
ବାତେଙ୍କ୍ ଇକ୍ଵେ ମିଡ଼୍ କାରୱିନ୍ ଆଦ୍‌ତିଡ଼୍ ।
ହାୟେ, ଦଣ୍ଡତେ ପାତ୍ର ଇଞ୍ଜେ କାୱଦୁତିଡ଼୍ ଯେ ମିଡ଼୍,
ବାତେଙ୍କ୍ ଇକ୍ଵେ ମିଡ଼୍ ଦୁଃକାମ୍ ନୁ କେୟିତିଡ଼୍ ।
୨୬ ବେସୁଣ୍ଟ୍ ନାରୁଡ଼୍ ସାରେତଡ଼୍ ମିକିଂଙ୍କ୍ ପ୍ରସଂଶା ମାଡ଼ି କେତିତଡ଼୍,
ଆସୁଣ୍ଟ୍ ହାୟେ, ମିଡ଼୍ ଦଣ୍ଡତେ ପାତ୍ର; ଆଦ୍ ରକମ୍ ତ ଅଡ଼୍‌ୱାଦ୍
ପିତୃପୁରୁଷନଡ଼୍ ବଣ୍ଡବାବବାଦିଡ଼୍ ସେଙ୍ଗେ ମାଡ଼ମାତ୍‌ତଡ଼୍ ।

---

✡ **୬:୨୨** ୧ ପିତର୍ ୪:୧୪. ✡ **୬:୨୩** ପ୍ରେରିତ ୭:୫୨.

## ଶତ୍ରୁଡ଼କ୍ ପ୍ରେମ୍ ମାଡ଼ାଟ୍
## *(ମାତିଉ ୫:୩୮-୪୮; ୭:୧୨)*

୨୭ ବାତେଙ୍କ୍ ଇକ୍ରେ କେଞ୍ଜୁତିଡ଼୍ ଯେ ମିଡ଼୍, ମିକିଂଙ୍କ୍ ନାନ୍ କେତୁତାନ୍,
ମି ଶତ୍ରୁନଡ଼କ୍ ପ୍ରେମ୍ ମାଡ଼ାଟ୍; ବେନଡ଼୍ ମିକିଂଙ୍କ୍ ପାସ୍କିତଡ଼୍, ଅଡ଼ାଦ୍
ଲେକେଡ଼୍ ମାଡ଼ାଟ୍;
୨୮ ବେନଡ଼୍ ମିକିଂଙ୍କ୍ ଅବିଶାପ୍ ହିଦ୍ତଡ଼୍, ଅଡ଼୍କିଂଙ୍କ୍ ଆଶର୍ିବାଦ୍
ମାଡ଼ାଟ୍; ବେନଡ଼୍ ମିକିଂଙ୍କ୍ ଅପ୍ମାନ୍ ମାଡ଼ିତଡ଼୍, ଅଡ଼୍ ସେଙ୍ଗେ ପ୍ରାର୍ଥନା
ମାଡ଼ାଟ୍ ।
୨୯ ବେନ ମିକିଂଙ୍କ୍ ୱେରନ୍ ବୁକେତାଗ୍ ଚାପୁଡ଼ା ରେହେତିତଣ୍ତ୍,
ଅଂକିଙ୍କ୍ ମେଣ୍ତ ଅଙ୍କ୍ ବୁକା ତହସିମୁଟ୍; ମେଣ୍ତେ, ବେନ ମିଇ ଡୁପଟ୍
ହଦ୍ତଣ୍ତ୍, ଅଂକିଙ୍କ୍ ମିଇ ଚକା ମିକା ଆଦାଙ୍କ୍ ମନା ମାଡ଼ମାଟ୍ ।
୩୦ ବେନ ମିକିଂଙ୍କ୍ ଡାଆଲ୍କିତଣ୍ତ୍, ଅଂକିଙ୍କ୍ ହିମୁଟ୍; ମେଣ୍ତେ ବେନ
ମିଇ ସମ୍ପତ୍ତି ଆଦ୍ତଣ୍ତ୍, ଅନାଗା କଞ୍ଜ୍ ଆଦ୍ ମେଣ୍ତେ ଡାଲ୍କ୍ମାଟ୍ ।
୩୧ ✡ନାରୁଡ଼୍ ମି ସେଙ୍ଗେ ବେଦ୍ ଲେକାମ୍ ବ୍ୟବହାର୍ ମାଡ଼ିଡ଼୍ ଇଞ୍ଜ
ମିଡ଼୍ ଇଚ୍ଛା ମାଡ଼ତ୍ରିଡ଼୍, ମିଡ଼୍ ଅଡ଼୍ ସେଙ୍ଗେ ଆଦ୍ ଲେକାମ୍ ମାଡ଼ାଟ୍ ।
୩୨ ମେଣ୍ତେ, ବେନଡ଼୍ ମିକିଂଙ୍କ୍ ପ୍ରେମ୍ ମାଡ଼ିତଡ଼୍, ମିଡ଼୍ ଯଦି ମାତର୍
ଅଡ଼୍କିଂଙ୍କ୍ ପ୍ରେମ୍ ମାଡ଼କେ ମିଡ଼୍ କି ଅନୁଗ୍ରହ ପାଏମ୍ ଆଦ୍ତିଡ଼୍ ?
ବାତେଙ୍କ୍ ଇକ୍ରେ ପାପିଡ଼୍ ମିକା ନିଜେ ନିଜେ ପ୍ରେମ୍କାରୀନଡ଼କ୍ ପ୍ରେମ୍
ମାଡ଼ିତଡ଼୍ ।
୩୩ ମେଣ୍ତେ, ବେଏନଡ଼୍ ମିକିଂଙ୍କ୍ ଲେକେଡ଼୍ ମାଡ଼ିତଡ଼୍, ଯଦି ମିଡ଼୍
ମାତର୍ ଅଡ଼୍ୱାଦ୍ ଲେକେଡ଼୍ ମାଡ଼ିତିଡ଼୍, ଆସୁଣ୍ଟ୍ ମିଡ଼୍ କି ଅନୁଗ୍ରହ
ପାଏମ୍ ଆଦ୍ତିଡ଼୍ ? ବାତେଙ୍କ୍ ଇକ୍ରେ ପାପିଡ଼୍ ମିକା ଆଲାମାଡ଼ତୁଡ଼୍ ।
୩୪ ମେଣ୍ତେ, ବେନଡ଼ାଗା କନ୍ସ୍ ମିଡ଼୍ ଆଦାନ୍ ଆଶେ ମାନ୍ତେ,
ମାତର୍ ଅଡ଼୍କିଂଙ୍କ୍ ଋଣ୍ ଇଡ଼କେ ମିଡ଼୍ କି ଅନୁଗ୍ରହ ପାଏମ୍ ଆଦ୍ତିଡ଼୍
? ପାପିଡ଼୍ ମିକା ସମାନ୍ କାମ୍ ମାଡ଼୍ତେ କାୟେତେ ଆଦାନ୍ ସେଙ୍ଗେ
ପାପିନଡ଼କ୍ ଉଦାର୍ ହିଦ୍ତଡ଼୍ ।
୩୫ ମାତର୍ ମିଇ ଶତ୍ରୁନଡ଼କ୍ ପ୍ରେମ୍ ମାଡ଼ାଟ୍ ନୁ ଅଡ଼ାଦ୍ ଲେକେଡ଼୍
ମାଡ଼ାଟ୍, ମେଣ୍ତେ ପରିଶୋଦତେ ଆଶେ ୱାଟକଟ ଋଣ୍ ହିମୁଟ୍;
ଆଲାକ୍ରେ ମି ପୁରସ୍କାର୍ ବେଡ଼୍ୟାଦ୍ ଆଦ୍ତେ ନୁ ମିଡ଼୍ ସତ୍ଇଶ୍ୱର୍ ତେ

✡ **୬:୩୧** ମାତିଉ ୭:୧୨.

ମାର୍ ଆଦ୍‌ତିଡ୍, ବାତେଙ୍କ୍ ଇକ୍ରେ ବେନ ଦର୍‌କ୍‌ତା ପେର୍‌କେ ମିକା ଉପକାର୍ ପୁନଣ୍ତ୍ ଆଦ୍ ରକମ୍ ନାରୁଡ଼୍ ନୁ ଦୁଷ୍ଟ ନାରୁଡ଼୍‌ତେ ସେଙ୍ଗେ ମିକା କୃପାବାନ୍ ଆଦ୍‌ତନ୍ ।
୩୬ ମି ବାବାଲ୍ ବେଦ୍ ରକମ୍ ଦୟାତନ୍, ମିଡ଼୍ ଆଦ୍ ପୁଟୁଙ୍କ୍ ଦୟାତନ୍
ଆୟ୍‌ମୁଟ୍ ।

## ଅର୍‌ତୁଣ୍ତ୍ ତେ ବିଚାର୍ ମାଡ଼୍‌ମାଟ୍
*(ମାତିଉ ୭:୧-୫)*

୩୭ "ମେଣ୍ତ୍ରେ, ବିଚାର୍ ମାଡ଼୍‌ମାଟ୍, ଆଲାକ୍ରେ ଇଶ୍ୱର୍ ମିକିଂଙ୍କ୍ ବିଚାର୍ ମାଡ଼୍‌ଣ୍ତ୍; ଦଷ୍ ହିମାଟ୍, ଆଲାକ୍ରେ ଇଶ୍ୱର୍ ମିକିଂଙ୍କ୍ ଦଷି ମାଡ଼୍‌ଣ୍ତ୍ । କ୍ଷମା ମାଡ଼ାଟ୍, ଆଲାକ୍ରେ ଇଶ୍ୱର୍ ମିକିଂଙ୍କ୍ କ୍ଷମା ମାଡ଼ିତନ୍;
୩୮ ଦାନ ମାଡ଼ାଟ୍, ଆଲାକ୍ରେ ଇଶ୍ୱର୍ ମିକିଂଙ୍କ୍ ଦାନ ହିଦ୍‌ତଣ୍ତ୍; ଅଣ୍ତ୍ ବଡ଼୍‌ତିଙ୍କ୍ ସାରେ ମାଡ଼ି ତାଙ୍କ୍ ଆଦ୍‌ମି ମାୟିନା ମିକିଂଙ୍କ୍ ହିଦ୍‌ତଣ୍ତ୍; ବାତେଙ୍କ୍ ଇକ୍ରେ ବେନେ କଲ୍‌ସାନାଦିନ୍ ତଡ଼୍ କଲସିତିଡ୍, ଆଦ୍ କଲ୍‌ସାନାଦିନ୍ ତଡ଼୍ ଇଶ୍ୱର୍ ମିକିଂଙ୍କ୍ ମେଣ୍ତ୍ରେ କଲ୍‌ସି ହିଦ୍‌ତଣ୍ତ୍ ।"
୩୯ ✡ଅଣ୍ତ୍ ଅଡ଼୍‌କିଂଙ୍କ୍ ୱେରନ୍ ୱେଷଡ଼୍ ମିକା କେଉଣ୍ତ୍, "କାନାଲ୍ କି କାନାଙ୍କ୍ ହାର୍ ତଅଡ଼୍‌ତେ ପାର୍‌ଦ୍‌ତଣ୍ତ୍ ? ଯଦି ଅଣ୍ତ୍ ଆଲାମାଡ଼ିତଣ୍ତ୍ ଅଡ଼୍ କି ଇଡ଼୍‌ୱୁଡ଼୍ ଗୁଇନ୍ଦେ ତାଗ୍ ରାୟଡ଼୍ ?"
୪୦ ✡ଗୁରୁ ତାଗାଙ୍କ୍ ଶିଷ୍ୟ ଯଗ୍ୟ ଆୟ୍‌ୟଣ୍ତ୍; ବାତେଙ୍କ୍ ଇକ୍ରେ ସାରେ ଶିଷ୍ୟ ଶିକ୍ଷା ଶେଷ୍ ମାଡ଼୍‌କେ ଗୁରୁନ୍ ଲେକାମ୍ ଆଦ୍‌ତନ୍ ।
୪୧ ମେଣ୍ତ୍ରେ, ବାତେଙ୍କ୍ ନି ତାମୁଣ୍ତ୍ ତେ କଣ୍ତ୍ରେତାଗ୍ ମାନ୍ଦାନ୍ ଇଡ଼୍‌ପେତିଙ୍କ୍ ଉଡ଼୍‌ତ୍ରି, ବାତେଙ୍କ୍ ଇକ୍ରେ ନି ନିଜେ କଣ୍ତ୍ରେତାଗ୍ ବେନେ ଜିଟ୍‌କେ ମିନ୍ଦେ, ଆଦ୍ ହାଲ୍‌ସି ଉଡ଼୍‌ୱିନ୍ ?
୪୨ ନିମେ ନିଜେ କଣ୍ତ୍ରେତାଗ୍ ମାନ୍ଦାନ୍ ଜିର୍‌କେତିଙ୍କ୍ ଉଡ଼୍‌କଟ ବେଲା ନିଜେ ତାମୁଣ୍ତ୍‌ତିଙ୍କ୍ କେଡ଼୍‌ତେ ପାର୍‌ଦ୍‌ତି, ତାମୁନ୍, ୱାଡେ, ନି କଣ୍ତ୍ରେତାଗ୍ ମାନ୍ଦାନ୍ ଇଡ଼୍‌ପେତିଙ୍କ୍ ପେସ୍‌ପି ହିଦ୍‌ତାନ୍ ? ହୋ ଟେମ୍‌ପରି, ମୁନେନ୍ ନିଜେ କଣ୍ତ୍ରେତାଦ୍ ଜିଟ୍‌କେ ପେସ୍‌ପେ ପାର୍‌ୱନ୍, ତାନ୍ ପେର୍‌କେ ନିଜେ ତାମୁସ୍ ତେ କଣ୍ତ୍ରେତାଗ୍ ମାନ୍ଦାନ୍ ଇଡ଼୍‌ପେତିଙ୍କ୍ ପେସ୍‌ପାନ୍ ସେଙ୍ଗେ ସହଜ୍‌ତେ ଉଡ଼େପାର୍‌ଦ୍‌ତି ।

✡ **୬:୩୯** ମାତିଉ ୧୫:୧୪. ✡ **୬:୪୦** ମାତିଉ ୧୦:୨୪,୨୫; ଯୋହନ୍ ୧୩:୧୬; ୧୫:୨୦.

## ମାଡ଼େ ନୁ ଆଦିନ୍ କାୟା
## (ମାତିଉ ୭:୧୬-୨୦; ୧୨:୩୩-୩୫)

୪୩ "ସାଏତ୍ ମାଡ଼େତାଗ୍ କାରାପ୍ କାୟା ଆଦ କାରାପ୍ ମାଡ଼େତାଗ୍
ସାଏତ୍ କାୟା ଆଦ ।"
୪୪ ✡ବାତେଙ୍କ୍ ଇକ୍ରେ ସାରେ ମାଡ଼ାକ୍ ନିଜେ କାୟାନ୍ ତଡ଼୍ ପୁନ୍ଦାଙ୍କ୍
ଆଦ୍ତେ; କୟେ ମାଡ଼ାକିନାଗେ କଞ୍ଜ୍ ତ ନାରୁଡ଼୍ତୋୟା କୟୋଡ଼୍, ବା
କୟେ ଟଣ୍ଡ୍ରେତ୍ କଞ୍ଜ୍ ଅଙ୍ଗୁର୍ କୟୋଡ଼୍ ।
୪୫ ✡ସାୟେତ୍ ନାରୁଡ଼୍ ତାନ୍ ହୃଦୟ୍ ଲେକେତ୍ ସାଏତ୍ ଗୁଦାମ୍ତେ
କଞ୍ଜ୍ ସାଏତ୍ ଜିନିଷ୍ ପେସ୍ପିତଣ୍ଡ୍, ମେଣ୍ଡ୍ରେ, କାରାପ୍ ନାରୁଡ଼୍ କାରାପ୍
ଗୁଦାମ୍ତେ କଞ୍ଜ୍ କାରାପ୍ ଜିନିଷ୍ ପେସ୍ପିତଣ୍ଡ୍; ବାତେଙ୍କ୍ ଇକ୍ରେ ହୃଦୟ୍
ତେ ସାରେତେ କଞ୍ଜ୍ ପାୟୁର୍ ତିରିୟିତେ ।

## ରେଣ୍ଡ୍ ଲେକାମ୍ ଲୋନ୍ ତିଆର୍ ମାଡ଼ାନଣ୍ଡ୍
## (ମାତିଉ ୭:୨୪-୨୭)

୪୬ ମେଣ୍ଡ୍ରେ, "ମିଡ଼୍ ବାତେଙ୍କ୍ ନାକିଂଙ୍କ୍ ପ୍ରବୁ ଇଞ୍ଜ କେତୁତିଡ଼୍, ମାତର୍
ନାୱାଦ୍ ବାକ୍ୟ ପାଲନ୍ ମାଡ଼୍ୱିଡ଼୍ ?
୪୭ ବେନ ନା ଗାଚ୍ରେ ୱାସ୍ ନାୱାଦ୍ ଗଟ୍ କେଞ୍ଜି ଆୱୁସାରେ
ପାଲନ୍ ମାଡ଼ିତନ୍, ଅଣ୍ଡ୍ ବେନନ୍ ରକମ୍ ଆଦ୍ତନ୍, ଆଦ୍ ନାନ୍ ମିକିଂଙ୍କ୍
କେତିତାନ୍ ।
୪୮ ଅଣ୍ଡ୍ ଇଦ୍ ରକମ୍ ୱେର୍ଣ୍ଡ୍ ଲୋନ୍ ତିଆର୍ ମାଡ଼ାନ୍ ନାରୁଡ଼୍
ତେ ରକମ୍, ବେନ କୁଇଙ୍ଗ୍ ଡେୱି ଗନ୍ଦ କାଲ୍କିନ୍ ପରୁ ୱାଟ୍ତଣ୍ଡ୍;
ମେଣ୍ଡ୍ରେ, ବନ୍ୟା ଆତ୍କେ, ଏର୍ ଆଦ୍ ଲତ୍ତିଙ୍କ୍ ଗାଟି ଜର୍ଦେ ଦକ୍କା
ରେହେଡ୍ତେ, ବାତେଙ୍କ୍ ଇକ୍ରେ ଆଦ୍ ହୁଉତାନଙ୍କ୍ ପାର୍ୱ, ବାତେଙ୍କ୍
ଇକ୍ରେ ଆଦ୍ ସାଏ ଲେକାମ୍ ତିଆର୍ ମାଡ଼ିମାତ୍ତଡ଼୍ ।
୪୯ ବାତେଙ୍କ୍ ଇକ୍ରେ ବେନ କେଞ୍ଜି ପାଲନ୍ ମାଡ଼ଣ୍ଡ୍, ଅଣ୍ଡ୍ ଗନ୍ଦ
ୱାଟକଟ ମାଣ୍ଡ୍ରଲୁତେ ପରୁ ଲୋନ୍ ମାଡ଼ାନ୍ ନାରୁଡ଼୍ ତେ ରକମ୍; ଏର୍
ଆଦ୍ ଲନ୍ତିଙ୍କ୍ ଗାଟି ଜର୍ତେ ଦକ୍କା ରେହେଡ୍କେ, ସାଙ୍ଗେ ସାଙ୍ଗେ
ଆଦ୍ ଉରୁଙ୍ଗିତେ ନୁ ଆଦିନାଦ୍ ଦଂସ ବୟଙ୍କାର୍ ଆତ୍ତେ ।"

---

✡ **୬:୪୪** ମାତିଉ ୧୨:33. ✡ **୬:୪୫** ମାତିଉ ୧୨:3୪.

# ୭

## ଜିସୁ ୱେର୍‌ଣ୍ଡ୍ ରୋମୀୟ ଦାସତିଙ୍କ୍ ସୁସ୍ଥ ମାଡ଼ତଣ୍ଡ୍
*(ମାତିଉ ୮:୫-୧୩)*

୧ ଜିସୁ ନାରୁଡ଼କ୍ ତାନ୍‌ୱାଦ୍ ସାରେ ଗଟ୍ କେତାନାଦ୍ ତେର୍‌ସ୍‌ପି
କଫର୍ନାହୁମ୍ ଟାୱୁନ୍‌ତାଗେ ଆଡ୍‌ତଣ୍ଡ୍ ।
୨ ଆଦ୍ ଦିନାମ୍‌ତେ ୱେର୍‌ଣ୍ଡ୍ ଶତସେନାପତିତେ ଦାସ୍ ରଗାମ୍ ଆସ୍
ଡଲାନ୍ ରକମ୍ ଆସ୍‌ମାଓଣ୍ଡ୍, ଅଣ୍ଡ୍ ତାନଏ୍ ପ୍ରିୟଦାସ, ମାଡ୍‌ତଣ୍ଡ୍ ।
୩ ଅଣ୍ଡ୍ ଜିସୁନ୍ ବିଷୟତେ କାବୁର୍ ଆସ୍, ଅଣ୍ଡ୍ ବେଲା ୱାସ୍ ତାନ୍
ଦାସତେ ଜିୱେ ରକ୍ଷା ମାଡ଼ତଣ୍ଡ୍, ଇଦିନ୍ ସେଙ୍ଗେ ଅନ୍ ଗାର୍‌ରେ
ଯିହୁଦୀଡ଼୍ ଲୋପେ ବେସ୍‌କ୍‌ତୁଡ଼୍ ମୁକ୍ୟା ନାରୁଡ଼କିଂଙ୍କ୍ ରହସ୍ ଅଂକିଙ୍କ୍
ଅନୁରଦ୍ ମାଡ଼ତଣ୍ଡ୍ ।
୪ ଅଡ଼୍ ଜିସୁନ୍ ଗାର୍‌ରେ ଆଞ୍ଜ୍ ଅଂକିଙ୍କ୍ ନିଜାମ୍ ବିନତି ମାଡ଼ି କେତାଙ୍କ୍
ପସ୍‌ପ୍‌ଡ୍‌ତଡ଼୍, “ଅଣ୍ଡ୍ ନିୱାଦ୍ ସାହାଯ୍ୟ ଆଦାନ୍ ସେଙ୍ଗେ ଯୋଗ୍ୟ
ଆଦ୍‌ତନ୍;
୫ ବାତେଙ୍କ୍ ଇକ୍ବେ ଅଣ୍ଡ୍ ମାନ୍ ଜାତିତିଙ୍କ୍ ପ୍ରେମ୍ ମାଡ଼ତୁଣ୍ଡ୍ ନୁ ଅଣ୍ଡ୍
ନିଜେ ମାନ୍ ସେଙ୍ଗେ ସମାଜ୍‌ଲନ୍ ତିଆର୍ ମାଡ଼ିସ୍ ମିନ୍ଦେଣ୍ଡ୍ ।”
୬ ଆଗେଙ୍କ୍ ଜିସୁ ଅଡ଼୍ ତଡ଼୍ ଆଡ୍‌ତଣ୍ଡ୍ । ଅଣ୍ଡ୍ ଲୋଡ୍‌ତେ ସୁଦୁର୍
ଦୁରାମ୍ ହେୱତାୱେୟେ, ଶତସେନାପତି ସାଙ୍ଗଡ଼କ୍ ରହସ୍ ଅଂକିଙ୍କ୍
କେଓଣ୍ଡ୍, “ପ୍ରବୁ କଷ୍ଟ ମାଡ଼୍‌ମାଟ୍; ବାତେଙ୍କ୍ ଇକ୍ବେ ନିମ୍ ଯେ ନା ଲନ୍
ତେକେ ୱାଟିତି, ନାନ୍ ଇଦ୍ ରକମ୍ ଯୋଗ୍ୟ ଆୟ୍‌ୟ;
୭ ତ ନାନ୍ ନି ଗାର୍‌ରେ ଆଦାଙ୍କ୍ ନିଜେତିଙ୍କ୍ ଯୋଗ୍ୟ ହେର୍କେ ମାଡ଼ନ୍;
ବାତେଙ୍କ୍ ଇକ୍ବେ ୱେରନ୍ ପଦ୍ ଗଟ୍ ମାଡ଼ା, ନା ଦାସ ସୁସ୍ଥ ଆଦ୍‌ତନ୍ ।
୮ ବାତେଙ୍କ୍ ଇକ୍ବେ ନାନ୍ ୱେରନ୍ ଅଦିନତେ ମାଡ୍‌କେ ମିକା ନା
ଆଦିନ୍ ତେ ସୈନିଡ଼୍ ମିନ୍ଦେଡ଼୍; ମେଣ୍ଡେ, ନାନ୍ ଅର୍‌ତୁଙ୍କ୍ ଆନ୍ ଇକ୍ବେ
ଅଣ୍ଡ୍ ଆଦ୍‌ତନ୍; ଅର୍‌ତୁଙ୍କ୍ ୱାଡ଼ା ଇକ୍ବେ ଅଣ୍ଡ୍ ୱାଦ୍‌ତଣ୍ଡ୍; ମେଣ୍ଡେ ନା
ଦାସଙ୍କ୍ ଇଦ୍ ମାଡ଼ା ଇକ୍ବେ ଅଣ୍ଡ୍ ଆଦ୍ ମାଡ଼ିତନ୍ ।”
୯ ଜିସୁ ଇଦ୍ ସାରେ ଗଟ୍ କେଞ୍ଜି ବାକ୍‌ୱା ଆଡ୍‌ତଣ୍ଡ୍, ମେଣ୍ଡେ ତିଡ଼ିୟି
ମିକା ପେର୍‌କେ ୱାସ୍ ମାନ୍ଦାନ୍ ନାରୁଡ଼୍ ସାରେତଡ଼କିଂଙ୍କ୍ କେଓଣ୍ଡ୍,
“ନାନ୍ ମିକିଂଙ୍କ୍ କେତୁତାନ୍, ଇସ୍ରାଏଲ୍ ଲୋପେ ଇସ ବାଡ଼ିୟାଦ୍ ବିଶ୍ୱାସ୍
ଦର୍‌ସ୍‌କନ୍ !”

୧୦ ମେଣ୍ଡେ, ରହତେ ନାରୁଡ଼୍ ଲୋନ୍ ମାଲ୍‌ସ୍ ୱାସ୍ ଦାସଙ୍କ୍ ସୁସ୍ଥ
ଉଡ଼୍‌ତଡ଼୍ ।

## ଜିସୁ ୱେର୍‌ଣ୍ଡ୍ ରାଣ୍ଡିନ୍ ଡୋଲତେ ମାର୍‌ତିଙ୍କ୍ ତେଏତ୍‌ତଣ୍ଡ୍

୧୧ ଇଗେଙ୍କ୍ ଜିସୁ ନାଇନ ପେଦେର୍‌ତେ ନଗର୍‌ତାଗ୍ ଆତ୍‌ତଣ୍ଡ୍,
ମେଣ୍ଡେ ଅନ୍‌ୱେ ଶିଷ୍ୟଡ଼୍ ନୁ ନାର୍ଗେ ନାରୁଡ଼୍ ଅନ୍ ତଡ଼୍ ଆଞ୍ଚ ମାତ୍‌ତଡ଼୍
।
୧୨ ଅଣ୍ଡ୍ ନଗର୍‌ତେ ହାର୍ ତାଗ୍ ହେୱତେ ୱେଲେ, ଉଡାଟ୍, ନାରୁଡ଼୍
ୱେର୍‌ଣ୍ଡ୍ ଡୋଲତେ ନାରୁଙ୍କ୍ ବାଇଦେ କାଞ୍ଜି ତାସ ମାତ୍‌ତଣ୍ଡ୍, ଅଣ୍ଡ୍ ତାମ୍
ୟାୟଙ୍କ୍ ୱେରନ୍ ମାର୍, ମେଣ୍ଡେ ଆଦ୍ ନାଟାଡ଼୍ ରାଣ୍ଡିଲ୍; ମେଣ୍ଡେ ନାର୍
ତେ ନାର୍ଗେ ନାରୁଡ଼୍ ଅନ୍ ତଡ଼୍ ମାତ୍‌ତଡ଼୍ ।
୧୩ ଆଦିଙ୍କ୍ ଉଡ଼ି ପ୍ରବୁ ତାନ୍ ସେଙ୍ଗେ ଦୟାତେ ଦାନ୍ଦେ ଆସ୍ ଆଦିଙ୍କ୍
କେଓଣ୍ଡ୍, "କେୟିମା ।"
୧୪ ମେଣ୍ଡେ, ଅଣ୍ଡ୍ ଗାର୍‌ରେ ଆଞ୍ଜ୍ ଡଲୋତିଙ୍କ୍ ହିଟ୍‌ତ୍‌ତଣ୍ଡ୍, ମେଣ୍ଡେ,
କାଞ୍ଜ୍‌ତେନଡ଼୍ ନିତ୍‌ତଡ଼୍, ଜିସୁ କେଓଣ୍ଡ୍, "ପେକାଲ୍, ନାନ୍ ନିକିଂଙ୍କ୍
କେତୁତାନ୍, ତେଦ୍‌ଦେ ।"
୧୫ ଆଗେତିନ୍‌ସ୍ ଡୋଲତେ ନାରୁଡ଼୍ ତେଦି କୁଦ୍‌ତଣ୍ଡ୍, ମେଣ୍ଡେ ଗଟ୍
ତିରିୟାଙ୍କ୍ ପସ୍‌ପିତ୍‌ତଣ୍ଡ୍, ମେଣ୍ଡେ ଜିସୁ ଅଂକିଙ୍କ୍ ତାମ୍ ୟାୟଙ୍କ୍ କାଇଦେ
ପସ୍‌ପିତ୍‌ତଣ୍ଡ୍ ।
୧୬ ଇଗେତିସ୍‌ନ୍ ସାରେତଡ଼୍ ୱେର୍‌ତଡ଼୍, ମେଣ୍ଡେ ଇଶ୍ୱର୍‌ତେ ମହିମା
କୀର୍ତ୍ତନ୍ ମାଡ଼୍ କେତାଙ୍କ୍ ପସ୍‌ପ୍‌ତଣ୍ଡ୍, "ମାନ୍ ଲୋପେ ୱେର୍‌ଣ୍ଡ୍ ବାଡ଼ିୟଣ୍ଡ୍
ବାବବାଦୀ ୱାସ୍‌ମିନ୍ଦେଣ୍ଡ୍ ନୁ ଇଶ୍ୱର୍ ତାମ୍ ନାରୁଡ଼୍‌କ୍ ଉଦାର୍ ମାଡ଼ାଙ୍କ୍
ୱାସ୍‌ମିନ୍ଦେଣ୍ଡ୍ ।"
୧୭ ମେଣ୍ଡେ, ଜିସୁନ୍ ବିଷୟତେ ଇଦ୍ ଗଟ୍ ଯିହୁଦା ଦେଶ୍ ଏକାମ୍ ନୁ
ସାରେ ପାକା ସାରେ ପଡ଼ିୟେତାଗ୍ ପ୍ରଚାର୍ ଆତ୍‌ତେ ।

## ବାପ୍ତିସ୍ମ ଯୋହନ୍‌ତେ ଇର୍‌ୱୁଡ଼୍ ଶିଷ୍ୟଡ଼୍
(ମାତିଉ ୧୧:୨-୧୯)

୧୮ ପେର୍‌କେ ଯୋହନ୍‌ତେ ଶିଷ୍ୟଡ଼୍ ଇଦ୍ ସାରେ ବିଷୟ୍
ଯୋହନ୍‌ତିଙ୍କ୍ କେତ୍‌ତଡ଼୍ ।
୧୯ ଆଗେ ଯୋହନ୍ ତାମ୍ ଶିଷ୍ୟଡ଼ତେ ଲୋପେ ଇର୍‌ୱୁଡ଼୍‌କିଙ୍କ୍
ଗାର୍‌ରେ କାର୍‌ଙ୍ଗି ପ୍ରବୁନ୍ ଗାର୍‌ରେ ଇଲା କେସ୍ ରହତଣ୍ଡ୍, "ବେନନାଦ୍

ଆଗମନ୍ ଆଦ୍‌ତେ, ଅଣ୍ଡ୍ ନାରୁଡ଼୍‌କି ନିମେ, କି ମାମ୍ ମେଣ୍ଡ୍ରେ ଅଡ଼୍‌କିଂଙ୍କ୍ କେପି ମାନ୍‌ତମ୍ ?"

୨୦ ଆଦ୍ ନାରୁଡ଼୍‌ଜିସୁ ଗାର୍‌ରେ ୱାସ୍ କେଦ୍‌ତଡ଼୍, "ବାପ୍ତିସ୍ମ ଯୋହନ୍ ମାକିଂଙ୍କ୍ ନି ଗାର୍‌ରେ ଇଲା କେସ୍ ରହତଣ୍ଡ୍, ବେନନାଦ୍ ୱାଦାନାଦ୍ ଆଦ୍‌ତେ, ଅଣ୍ଡ୍ ନାରୁଡ଼୍ କି ନିମେ, କି ମାମ୍ ମେଣ୍ଡ୍ରେ ଅଡ଼୍‌କିଂଙ୍କ୍ କେପିତମ୍ ?"

୨୧ ଆସୁଣ୍ଟ୍ ଜିସୁ ନାର୍ଗେ ନାରୁଡ଼୍‌କିଂଙ୍କ୍ ରୋଗ୍, ତିପାଲ୍ ନୁ ଦୁଷ୍ଟ ଆତ୍ମା କଞ୍ଜ୍ ସାଏ ମାଡ଼ତଣ୍ଡ୍, ମେଣ୍ଡ୍ରେ ନାର୍ଗେ କାନାଲଡ଼କ୍ ଉଡ଼ାନାଦ୍ ଶକ୍ତି ହିତ୍‌ତଣ୍ଡ୍ ।
୨୨ ଜିସୁ ଅଡ଼୍‌କିଂଙ୍କ୍ କେଦ୍‌ତଣ୍ଡ୍, ମିଡ଼୍ ଆଞ୍ଜ୍ ବାତା ଉଡ଼୍‌ତିଡ଼୍ ନୁ କେଞ୍ଜ୍‌ତିଡ଼୍, ଆଦ୍ ସାରେ ଯୋହନ୍‌ତିଙ୍କ୍ କେଲାଟ୍; କାନାଲଡ଼୍ ଉଡ଼ାଙ୍କ୍ ପାର୍‌ଦ୍‌ତଡ଼୍, କୁଟାଲଡ଼୍ ତାଆକାଂଙ୍କ୍ ପାର୍‌ଦ୍‌ତଡ଼୍, କୁଷ୍ଠୀ ନାରୁଡ଼୍ ସୁସ୍ଥ ଅଦୁତଡ଼୍, ବାୟିରାଲଡ଼୍ କେଞ୍ଜାଙ୍କ୍ ପାର୍‌ଦ୍‌ତଡ଼୍, ଡୋଲତେ ନଡ଼୍ ଜିୱେ ଆଦ୍‌ତଡ଼୍, ଦରିଦ୍ରଡ଼୍‌ଗାର୍‌ରେ ସୁସମାଚାର୍ ପ୍ରଚାର୍ ମାଡ଼ତୁଡ଼୍;
୨୩ ମେଣ୍ଡ୍ରେ, ବେନେ ନାରୁଣ୍ଡ୍ ନାକିଂଙ୍କ୍ ବାଦା ଇୱଣ୍ଡ୍, ଅଣ୍ଡ୍ ଦନ୍ୟ ।

୨୪ ଯୋହନ୍‌ତେ ଶିଷ୍ୟଡ଼୍ ଆଦ୍‌ତେ ପେର୍‌କେ ଜିସୁ ଯୋହନ୍‌ତେ ବିଷୟ୍ ନାରୁଡ଼୍‌କିଂଙ୍କ୍ କେତାଙ୍କ୍ ପସ୍‌ପ୍‌ତଣ୍ଡ୍, ମିଡ଼୍ ବାତେଏ ଉଡ଼ାନ୍ ସେଙ୍ଗେ ଉସ୍କ ନେଲ୍‌ଦା ପେଇସ୍ ଆଞ୍ଜ୍ ମାଡ୍‌ତିଡ଼୍ ? ବାଆତେ ଗାଲ୍‌ଦେ ଉଙ୍ଗାନାଦ୍ ୱେରଟ୍ ୱେଦୁର୍ ?
୨୫ ଆଦ୍ ଆୟୋକ୍ ମିଡ଼୍ ବାତେଏ ଉଡ଼ାନ୍ ସେଙ୍ଗେ ପେଇସ୍ ଆଞ୍ଜ୍ ମାଡ୍‌ତିଡ଼୍ ? ବେନଙ୍କ୍ ଦାମ୍‌ଦେ ସିଲେ କେର୍ ତେ ଅର୍‌ତୁଣ୍ଡ୍ ନାରୁଙ୍କ୍ ? ଉଡ଼ାଟ୍, ବେନଡ଼୍ ଦାମ୍‌ଦାଉ ସିଲେ କେର୍‌ତିତଡ଼୍, ଅଡ଼୍ ରାଜ ପ୍ରସାଦତାଗ୍ ମାନ୍‌ତଡ଼୍ ।
୨୬ ନାକିଂଙ୍କ୍ କେଲ୍‌ମ୍, ଆଦ୍ ଆୟୋକ୍ ବାତେଏ ଉଡ଼ାନ୍ ସେଙ୍ଗେ ପେଇସ୍ ଆଞ୍ଜ୍ ମାଡ୍‌ତିଡ଼୍ ? ବେନଙ୍କ୍ ଅର୍‌ତୁଣ୍ଡ୍ ବାବବାଦୀଙ୍କ୍ ? ନାନ୍ ମିକିଂଙ୍କ୍ ନିଜାମ୍ କେତୁତାନ୍, ବାବବାଦୀନ୍ କଞ୍ଜ୍ ଗାଟି ବାଡ଼ିୟଣ୍ଡ୍ ନାରୁଙ୍କ୍ ।
୨୭ ଯୋହନ୍‌ତେ ବିଷୟତେ ଇଦ୍ ଶାସ୍ତ୍ରତାଗ୍ ଲେକାମିନ୍ଦେ, ଇଶ୍ୱର୍ କେଦ୍‌ତଣ୍ଡ୍, ଉଡ଼ାଟ୍, ମାମ୍ ମା ଦୂତ୍‌ତିଙ୍କ୍ ମି ମୁନେ ରହତୁତମ୍, ଅଣ୍ଡ୍ ମି ମୁନେ ମିୱାଦ୍ ହାର୍ ତିଆର୍ ମାଡ଼ିତନ୍, ଇଣ୍ଡ୍ ଆଦ୍ ନାରୁଡ଼୍‌ଯୋହନ୍ ।

୨୮ ନାନ୍ ମିକିଂଙ୍କ୍ କେତୁତାନ୍, "ନାଟାଡ଼୍ ତାଗାଙ୍କ୍ ଜନମ୍ ସାରେତଡ଼୍ ଲୋପେ ଯୋହନ୍‌ତେ କଞ୍ଜ୍ ମହାନ୍ ବେନ ଇଲାଣ୍ଡ୍; ମିକା ଇଶ୍ୱର୍‌ତେ ରାଜ୍ୟତାଗ୍ ଯେ ସୁଦୁନଣ୍ଡ୍, ଅଣ୍ଡ୍ ଯୋହନ୍ କନ୍‌ସ୍ ମିକା ମହାନ୍ ।"

୨୯ ✡ବେନଡ଼୍ ଇଦ୍ ସାରେ ଗଟ୍ କେଞ୍ଜ ମାଡ୍‌ତଡ଼୍, ଅଡ଼୍, ବିସ୍ୱାଶ୍‌ତଡ଼୍ କର ଆଦାୟ ମାଡ଼ାନଡ଼ି, ଇଶ୍ୱର୍‌ତେ ନିଜାମ୍ ଦାବୀ ସାରେ ମାଡ଼ି ଯୋହନ୍‌ତେ ତଡ଼୍ ବାତିସ୍ମ ଇସ୍‌ମାଡ୍‌ତଡ଼୍ ।

୩୦ ବାତେଙ୍କ୍ ଇକ୍କେ ପାରୂଶୀଡ଼୍ ନୁ ଦର୍ମଗୁରୁଡ୍ ତାମ୍ ଜିୱୁଣ୍ଡ୍ ତେ ସେଙ୍ଗେ ଇଶ୍ୱର୍‌ତେ ଉଦ୍ଦେଶ୍ୟ ଗ୍ରହନ୍ ମାଡ଼କଟ୍ ଯୋହନ୍‌ତେ କନ୍‌ସ୍ ବାତିସ୍ମ ଆୟୱେ ମାଡ୍‌ତଡ଼୍ ।

୩୧ ଜିସୁ ମେଣ୍ଡ୍ରେ କେଡ୍‌ତଣ୍ଡ୍, "ଇ ଯୁଗ୍‌ତେ ନାରୁଡ଼୍‌କିଂଙ୍କ୍ ନାନ୍ ବେନନ୍ ତଡ଼୍ ସାମାନ୍ ମାଡ଼ିତାନ୍, ମେଣ୍ଡ୍ରେ ଅଡ଼୍ ବେନନ୍ ରକମ୍ ଆଦ୍‌ତଡ଼୍ ?

୩୨ ବେନେ ପିଲା ହାଟ୍ ବାଜାର୍‌ତାଗ୍ କୁଦି କାର୍‌ଙ୍ଗା କାର୍‌ଙ୍ଗି ହାସ୍ କେତିତଡ଼୍, ମାମ୍ ମି ବକେଡ୍ ଅଷଡ଼୍ ଉଦ୍‌ତନ୍, ମିଡ଼୍ ହେନ୍ଦୱିଡ୍; ମାମ୍ ଡୋଲତେ ପାଟେ ପାର୍‌ତମ୍, ମିଡ଼୍ କେୟିୱିଡ଼୍, ଅଡ଼୍ ଆଦ୍ ପିଲାନ୍ ଲେକାମ୍ ।

୩୩ ବାତେଙ୍କ୍ ଇକ୍କେ ବାପ୍ତିସ୍ମ ଯୋହନ୍ ୱାସ୍ ରୋଟି ତିନଣ୍ଡ୍ ନୁ ଦ୍ରାକ୍ଷାରସ୍ ଉନଣ୍ଡ୍, ମେଣ୍ଡ୍ରେ ମିଡ଼୍ ଯୋହନ୍‌ତେ ବିଷୟତେ କେଡ୍‌ତିଡ଼୍, ଅଂକିଙ୍କ୍ ବୁତ୍ ପୟିତେ ।

୩୪ ନାରୁନ୍‌ପିଲେ ୱାସ୍ ତିନ୍ତେ, ମେଣ୍ଡ୍ରେ, ମିଡ଼୍ କେତୁତିଡ଼୍, ଉଡ଼ାଟ୍, ଇଣ୍ଡ୍ ଅରତୁଣ୍ଡ୍ ପେଟୁ ନୁ ମାଡ୍‌ୱାରି, କରଗ୍ରାହୀ ନୁ ପାପି ନାରୁଡ଼୍‌ତେ ସାଙ୍ଗ ।

୩୫ ବେନଡ଼୍ ଇଶ୍ୱର୍‌ତେ ଜ୍ଞାନତିଙ୍କ୍ ଗ୍ରହନ୍ ମାଡ଼ିତଡ଼୍, ଅଡ଼୍ ଜିୱୁଣ୍ଡେ ତାଗ୍ ଅନାଦ୍ ସତ୍‌ତେ ତନ୍ଦିତେ ।"

## ପାରୂଶୀ ଶିମୋନ୍‌ତେ ଲୋନ୍ ଜିସୁ

୩୬ ମେଣ୍ଡ୍ରେ, ପାରୂଶୀଡ଼୍ ଲୋପେ ୱେର୍‌ଣ୍ଡ୍ ଜିସୁଙ୍କ୍ ତାନ୍ ତଡ଼୍ ତିନ୍ଦାନଙ୍କ୍ କାରଙ୍ଗ୍‌ତଣ୍ଡ୍ । ଆଗେ ଅଣ୍ଡ୍ ପାରୂଶୀନଡ଼୍ ଲୋନ୍ ଆସି ତିନ୍ଦାନଙ୍କ୍ କୁଦ୍‌ତଡ଼୍ ।

---

✡ **୭:୨୯** ମାତିଉ ୨୧:୩୨; ଲୁକ ୩:୧୨.

୩୭ ✡ମେଣ୍ତ୍ରେ ଉଡ଼ାଟ୍, ଆଦ୍ ନାର୍ ତାଗ୍ ଅରଟ୍ ପାପି ନାଟାଡ଼୍
ମାତ୍ତେ; ଜିସୁ ଆଦ୍ ପାରୂଶୀନ୍ ଲୋନ୍ ତିନ୍ଦାନଙ୍କ୍ କୁଦିମିନ୍ଦେଣ୍ତ୍ରେ, ଇଦ୍
ପୁଞ୍ଜ୍ ଆଦ୍ ୱେରନ୍ ଦାମ୍ତାଦ୍ ବତଲ୍ତାଗ୍ ଲେକେତ୍ ଗାବ୍ତେ ନିୟି
ତାସ୍,
୩୮ ପେର୍କେ ଜିସୁନ୍ ଲାବ୍ ଡେକେତ୍ ଗାର୍ରେ ନିଶ୍ମିକା
କେୟକେୟ କାଣ୍ତ୍ରେଡି ଏର୍ଦେ ଅନାଦ୍ ଲାବ୍ ଡେକେତିଙ୍କ୍ ନାଆସ୍ପି
ନିଜର୍ ତାଲେତ୍ କେଲ୍କିନ୍ ତଡ଼୍ ଆଦ୍ ଉମ୍ସାନଙ୍କ୍ ପସ୍ପିତ୍ତେ,
ମେଣ୍ତ୍ରେ ଅନ୍ୱେ ଲାବ୍ ଡେକେତିଙ୍କ୍ ଚୁମା ମାଡ଼ି ସାୟେ ଗାବ୍ତେ ନିୟ୍
ଅକାନଙ୍କ୍ ପସ୍ପତେ ।
୩୯ ଆଦ୍ ଉଡ଼ି, ବେନେ ଫାରୂଶୀ ଅଂକିଙ୍କ୍ ନିମନ୍ତ୍ରଣ ମାଡ଼ିମାତ୍ତଣ୍ତ୍ରେ,
ଅଣ୍ତ୍ରେ ହେର୍କେତ୍ କେଓଣ୍ତ୍ରେ, “ଇଣ୍ତ୍ରେ ଯଦି ବାବବାଦୀ ଆସ୍ ମାନେଣ୍ତ୍ରେ,
ଆଲାକେ ହିକିଂଙ୍କ୍ ହିଟୁତ୍, ଆଦ୍ ବାତେଏ ନୁ ବେସତ୍ ନାଟାଡ଼୍,
ଇତ୍କେ, ଆଦ୍ ଯେ ପାପି, ଇଦ୍ ପୁଞ୍ଜ୍ ମାନେଣ୍ତ୍ରେ ।”
୪୦ ଜିସୁ ଅଂକିଙ୍କ୍ କେତ୍ତଣ୍ତ୍ରେ, “ଶିମୋନ୍, ନିକିଂଙ୍କ୍ ନାନ୍ ଅଣ୍ତ୍ରେ ଗଟ୍
କେତ୍ତାନ୍ ମିନ୍ଦେ ।” ଅଣ୍ତ୍ରେ କେଓଣ୍ତ୍ରେ, “ଗୁରୁ କେଲ୍ମ୍ ।”
୪୧ “ୱେର୍ଣ୍ତ୍ରେ ସାଉକାର୍ତେ କନ୍ସ୍ ଇଡ଼ିୱୁଡ଼୍ ଋଣ୍ ହସ୍ମାତ୍ତଡ଼୍;
ଅର୍ତୁଣ୍ତ୍ରେ ପାଞ୍ଚଶହ ଦିନାରୀ* ନୁ ମେଣ୍ତ୍ରେ ଅର୍ତୁଣ୍ତ୍ରେ ପାଚାଶ୍ ଦିନାରୀ
ଋଣ୍ ମାଡ଼ିମାତ୍ତଡ଼୍ ।
୪୨ ମାଲ୍ପିଦାଙ୍କ୍ ଅଡ଼୍କିଂଙ୍କ୍ ବାତେଏ ଇଲ୍ୱାଙ୍କ୍ ଅଣ୍ତ୍ରେ ଇଡ଼୍ୱୁଡ଼ାଦ୍
ଉଦାର୍ ୱିଡ଼୍ସିଦ୍ତନ୍ । ତ ଅଡ଼୍ ଲୋପେ ବେନ ଅଂକିଙ୍କ୍ ଗାଟି ପ୍ରେମ୍
ମାଡ଼ିତନ୍ ?”
୪୩ ଶିମୋନ୍ କେତ୍ତଣ୍ତ୍ରେ, “ନାନ୍ ହାଲ୍ସୁତାନ୍, ଅଣ୍ତ୍ରେ ବେନନାଦ୍ ଗାଟି
ଉଦାର୍ ୱିଡ଼୍ସ୍ଦ୍ତଣ୍ତ୍ରେ, ଅଣ୍ତ୍ରେ ।” ଜିସୁ ଅଂକିଙ୍କ୍ କେଓଣ୍ତ୍ରେ, “ନିମେ ଟିକ୍
କେତ୍ତି ।”
୪୪ ମେଣ୍ତ୍ରେ, ଜିସୁ ଆଦ୍ ନାଟାଡ଼୍ ସେଙ୍ଗେ ତିଡ଼ିୟି ଶିମୋନ୍ତିଙ୍କ୍
କେଓଣ୍ତ୍ରେ, “ଇଦ୍ ନାଟାଡ଼୍ତିଙ୍କ୍ ଉଡ଼ୁତି ? ନାନ୍ ମି ଲୋନ୍ ୱାତ୍ତାନ୍,
ନିମେ ନା ଡେକେତ୍ ସେଙ୍ଗେ ଏର୍ ଇୱିନ୍, ବାତେଙ୍କ୍ ଇକେ ଇଦ୍
କାଣ୍ତ୍ରେଡ୍ ଏର୍ ତଡ଼୍ ନା ଡେକେ ନାଆସ୍ ମିକା ତାନ୍ କେଲ୍କିନ୍ ତଡ଼୍
ଅଂକିଙ୍କ୍ ଉମ୍ସିତ୍ତେ ।

---

✡ **୭:୩୭** ମାତିଉ ୨୬:୭; ମାର୍କ ୧୪:3; ଯୋହନ୍ ୧୨:3. * **୭:୪୧** ୱେରଡ଼୍ଦିନାତେ ପାଡ଼ିୟି
ମାଡ଼ିତେ ଡାବ୍କ୍

[୪୫] ନିମେ ନାକିଂଙ୍କ୍ ଚୁମା ଇସ୍ କାରଙ୍ଗ୍ୱିନ୍, ବାତେଙ୍କ୍ ଇକେ୍ ନାନ୍
ଲୋପେ ୱାଦାନ୍ ସମୟ୍ ତେ କନ୍ସ୍ ଇଦ୍ ନା ଡେକେତିଙ୍କ୍ ଚୁମା
ହିଦୁତେ ।
[୪୬] ନିମେ ନା ତାଲେତାଗ୍ ନିୟ୍ ଉସିୱିନ୍, ବାତେଙ୍କ୍ ଇକେ୍ ଇଦ୍ ନା
ଡେକେତାଗ୍ ସାୟେ ଗାବ୍ତେ ନିୟି ଉସିଡ୍ତେ ।
[୪୭] ତ ନାନ୍ ନିକିଂଙ୍କ୍ କେତୁତାନ୍, ଇଦିନାଦ୍ ନାର୍ଗେ ପାପ୍ କ୍ଷମା ହାସ୍
ମିନ୍ଦେ, କାରନ୍ ଆଦ୍ ଗାଟି ପ୍ରେମ୍ ମାଡ଼ଡ୍ତେ; ବାତେଙ୍କ୍ ଇକେ୍ ବେନଙ୍କ୍
ସୁଦୁଟ୍ କ୍ଷମା ହିଦ୍ତଡ଼, ଅଣ୍ଡ୍ ସୁଦୁଟ୍ ପ୍ରେମ୍ ମାଡ଼ିତନ୍ ।”
[୪୮] ମେଣ୍ଡ୍ରେ, ଜିସୁ ଆଦ୍ ନାଟାଡ଼୍ତିଙ୍କ୍ କେଓଣ୍ଡ୍, “ନିୱାଦ୍ ପାପ୍ ସାରେ
କ୍ଷମା ହାସ୍ମିନ୍ଦେ ।”
[୪୯] ଆଗେ ଅନ୍ ତଡ଼୍ ତିନ୍ଦାନଙ୍କ୍ କୁଦିମାନ୍ଦାନ୍ ନାରୁଡ଼୍ ହେର୍କେତ୍
କେତାନଙ୍କ୍ ପସ୍ପଡ୍ତଡ଼, “ଇଣ୍ଡ୍ ନାରୁଡ଼୍ ବେନ ଯେ ପାପ୍ ମିକା କ୍ଷମା
ମାଡ଼ତୁଣ୍ଡ୍ ?”
[୫୦] ବାତେଙ୍କ୍ ଇକେ୍ ଜିସୁ ଆଦ୍ ନାଟାଡ଼୍ତିଙ୍କ୍ କେଓଣ୍ଡ୍, “ନିୱାଦ୍
ବିଶ୍ୱାସ୍ ନିକିଂଙ୍କ୍ ରକ୍ଷା ମାଡ଼ିତେ; ଶାନ୍ତି ତେ ହାନ୍ ।”

# ୮

## ଜିସୁଙ୍କ୍ ପେର୍କେ ୱାଦାନ୍ ନାଟା

[୧] ତାନ୍ ପେର୍କେ ଜିସୁ ନାର୍ନାର୍ ନୁ ସହର୍ତାଗ୍ କେସ୍ ଇଶ୍ୱର୍ତେ
ରାଜ୍ୟତେ ସୁସମାଚାର୍ ପ୍ରଚାର୍ ମାଡ଼ି ଉଡାଙ୍କ୍ ପସ୍ପ୍ତଣ୍ଡ୍, ମେଣ୍ଡ୍ରେ ବାର
ଜାନ୍ ଶିଷ୍ୟଡ଼୍ ଅନ୍ ତଡ଼୍ ମାଡ୍ତଣ୍ଡ୍,
[୨] ✡ବେନେ ନାଟାଙ୍କ୍ ଜିସୁ ଦୁଷ୍ଟ ଆତ୍ମା ନୁ ରୋଗ୍ କଞ୍ଜ୍ ସୁସ୍ଥ
ମାଡ଼ିମାଡ୍ତଡ଼, ମେଣ୍ଡ୍ରେ ବେସ୍କ୍ ନାଟା ଅନ୍ ତଡ଼୍ ଆଞ୍ଜମାଡ୍ତା, ଇଦ୍
ରକମ୍ ବେସ୍କ୍ତୁଡ଼୍ ନାଟା, ଇଡ୍କେ, ମଗ୍ଦଲୀନି ପେଦେର୍ ତେ
ମରୀୟମ୍, ବେନ ନାଗାଙ୍କ୍ ସାଡ୍ଟାନ୍ ବୁଡ୍କ୍ ପେଇସ୍ ଆଞ୍ଜ୍ ମାଡ୍ତା,
[୩] ହେରୋଦତେ ବେବର୍ତ୍ତା କୁଜାନ୍ ମୁଡ୍ତେ ଯୋହନ୍, ଶୋଶନ୍ନା,
ମେଣ୍ଡ୍ରେ ନାର୍ଗେ ନାଟା ଅନ୍ ତଡ଼୍ ମାଞ୍ଜ୍ ନିଜର୍ ସମ୍ପତ୍ତି ଇସ୍ ଜିସୁ ନୁ ତାନ୍
ଶିଷ୍ୟଡ଼କ୍ ସେବା ମାଡ଼ମାଡ୍ତା ।

✡ **୮:୨** ମାତିଉ ୨୭:୫୫,୫୬; ମାର୍କ ୧୫:୪୦,୪୧; ଲୁକ ୨୩:୪୯.

## ୱିତାନଣ୍ଡ୍ ୱାଦ୍ ୱେଷଡ଼୍
## (ମାତିଉ ୧୩:୧-୯; ମାର୍କ ୪:୧-୯)

୪ ନାର୍ଗେ ନାରୁଡ଼୍ ୱାସ୍ ଗୁଡ଼୍ତଡ଼୍ ନୁ ନାର୍ କଞ୍ଜ୍ ନାରୁଡ଼୍ ଅନ୍ ଗାର୍ରେ
ୱାଡ଼୍ତାଙ୍କ୍, ଜିସୁ ଇଦ୍ ୱେଷଡ଼୍ କେଓଣ୍ଡ୍ ।
୫ "ୱେର୍ଣ୍ଡ୍ ୱିତାନଣ୍ଡ୍ ତାନ୍ ୱିଜ୍ ୱିତାନଙ୍କ୍ ପେଇତଣ୍ଡ୍ । ଅଣ୍ଡ୍
ୱିତ ୱିତ ବେସ୍କ୍ ୱିଜ୍ ହାର୍ଦାକ୍ ରାୟତା ନୁ ଡେକେଡ଼୍ ମଦଲ୍
ମିସିଆଡ଼୍ତେ, ମେଣ୍ଡେ ମାବ୍ତାଗ୍ ପାର୍ତାନ୍ ପିଟେ ଆୱିଙ୍କ୍ ତିଡ଼୍ତା ।
୬ ମେଣ୍ଡେ ବେସ୍କ୍ କାଲକ୍ ମାନ୍ଦାନ୍ ନେଲ୍ତାଗ୍ ରାୟତା, ମେଣ୍ଡେ
ଗାଜ୍ଜେ ଆସ୍ ଏର୍ ଇଲ୍ୱାଙ୍କ୍ ୱାସିଆଡ଼୍ତା ।
୭ ମେଣ୍ଡେ ବେସ୍କ୍ କୟେ ମାଡ଼ାକ୍ ଲୋପେ ରାୟତା, ମେଣ୍ଡେ
କୟେ ମାଡ଼ାକ୍ ଆୱୁ ତଡ଼୍ ଗାଟି ପେର୍ସି ଆୱିଙ୍କ୍ ଆଦ୍ମିଡ଼୍ତା ।
୮ ମେଣ୍ଡେ ବେସ୍କ୍ ସାୟେଡ଼୍ ନେଲ୍ ତାଗ୍ ରାୟତା, ମେଣ୍ଡେ ପେର୍ସି
ଶହେ ଗୁଣ୍ କାୟା ଆଦ୍ତା ।" ଅଣ୍ଡ୍ ଇଲା କେସ୍ କେସ୍ ଗାଟି ଲେଙ୍ଗ୍ଦେ
କେଓଣ୍ଡ୍, "ବେନଙ୍କ୍ କେଞ୍ଜାନଙ୍କ୍ କେୱ୍ ମିନ୍ଦେ, ଅଣ୍ଡ୍ କେଞ୍ଜାଟ୍ ।"

## ୱେଷଡ଼୍ତେ ଉଦ୍ଦେଶ୍ୟ
## (ମାତିଉ ୧୩:୧୦-୧୭; ମାର୍କ ୪:୧୦-୧୨)

୯ ଜିସୁନ୍ ଶିଷ୍ୟଡ଼୍ ଇଦ୍ ୱେଷଡ଼୍ତେ ଇଡ଼୍କେ ବାତେଏ ଇଞ୍ଜ ଅଂକିଙ୍କ୍
ପାଟ୍ରାମାଡ଼ାଙ୍କ୍ ପସ୍ପଡ଼୍ତଡ଼୍ ।
୧୦ ଆଗେଙ୍କ୍ ଜିସୁ ଇଡ଼୍ତନ୍, "ଇଶ୍ୱର୍ ତେ ମିଞ୍ଜି ମାନ୍ଦାନ୍ ବିଷୟ୍
ପୁନ୍ଦାନ୍ ସେଙ୍ଗେ ମିକିଂଙ୍କ୍ ବୁଦ୍ ଇସ୍ମିନ୍ଦେଣ୍ଡ୍, ବାତେଙ୍କ୍ ଇକ୍ଵେ ବାଗାଡ଼୍
ନାରୁଡ଼୍କ୍ ୱେଷଡ଼୍ ତେ କେତିତଡ଼୍, ବେଦ୍ ରକମ୍ ଅଡ଼୍ ଉଡ଼ଉଡ଼୍ ନୁ
କେଞ୍ଜ କେଞ୍ଜ କେଞ୍ଜଡ଼୍ ।"

## ଜିସୁ ୱିତାନଣ୍ଡ୍ ୱେଷଡ଼୍ତେ ଇକ୍ଵେ ବୁଜାମାଡ଼୍ତଣ୍ଡ୍
## (ମାତିଉ ୧୩:୧୮-୨୩; ମାର୍କ ୪:୧୩-୨୦)

୧୧ ୱେଷଡ଼୍ତେ ଇଡ଼୍କେ ଇଦ୍, ୱିଜ୍ ଇଶ୍ୱର୍ ତେ ବାକ୍ୟ,
୧୨ ମେଣ୍ଡେ ହାର୍ ଦେ ଗାରେଡ଼୍ ୱିଜ୍ ଅଡ଼୍କିଂଙ୍କ୍ ବୁଜାମାଡ଼ିତେ,
ବେନଡ଼କ୍ ବାକ୍ୟ କେଞ୍ଜାନ୍ ପେର୍କେ ଶୟତାନ୍ ୱାସ୍, ବେଲା କି ଅଡ଼୍
ବିଶ୍ୱାସ୍ ମାଡ଼ି ପରିତ୍ରାଣ ଆୟୋଡ଼୍, ଇଦ୍ ସେଙ୍ଗେ ଅଡ଼ାଦ୍ ହୃଦୟ୍ କଞ୍ଜ୍
ବାକ୍ୟ ଓଙ୍ଗି ଆଦ୍ତେ ।

୧୩ ମେଣ୍ତ୍ରେ, କାଲ୍‌କିନ୍ ବୁମ୍‌ତେ ୱିଜ୍ ଅଡ଼୍‌କିଂଙ୍କ୍ ବୁଜାମାଡ଼ିତେ,
ବେନଡ଼୍, ବାକ୍ୟ କେଞ୍ଜି ୱେଡ଼୍‌କେତେ ଗ୍ରହନ୍ ମାଡ଼ିତଡ଼୍; ବାତେଙ୍କ୍
ଇକ୍ରେ ଅଡ଼୍‌ୱାଦ୍ ମାଡ଼୍‌ ଲୋପେ ଇଲ୍‌ୱାଙ୍କ୍ ଅଡ଼୍‌ ସୁଦୁଟ୍ ସମୟ୍ ବିଶ୍ୱାସ୍
ମାଡ଼ିତଡ଼୍‌ ନୁ ପରିକ୍ଷାଡ଼୍ ୱେଲେ ରାୟିତଡ଼୍‌ ।
୧୪ ମେଣ୍ତ୍ରେ, କୟେ ମାଡ଼ାକିନ୍ ଲୋପେ ରାୟିତା ୱିଜ୍ ଅଡ଼୍‌କିଂଙ୍କ୍
ବୁଜାମାଡ଼ିତେ, ବେନଡ଼୍‌ ବାକ୍ୟ କେଞ୍ଜିତଡ଼୍‌ ମାତର୍ ସସାର୍‌ତେ ଚିନ୍ତେ,
ଦନ୍ ନୁ ସୁକାମ୍‌ତେ ମୁଡ଼ନ୍ଦି ମିକା ବାଦ୍‌କଡ଼୍‌ ମୁଡ଼ନ୍ଦି ଆଦ୍‌ତଡ଼୍, ମେଣ୍ତ୍ରେ
ସାୟେତ୍ କାୟା ତିୟାର୍ ମାଡ଼େ ପାର୍‌ୱଡ଼୍ ।
୧୫ ମେଣ୍ତ୍ରେ, ସାୟେତ୍ ନେଲ୍ ଦାଗ୍ ରାୟିତା ୱିଜ୍ ଅଡ଼୍‌କିଂଙ୍କ୍
ବୁଜାମାଡ଼ିତେ, ବେନଡ଼୍‌ ଲେକେତ୍ ହୃଦୟ୍‌ତେ ବାକ୍ୟ କେଞ୍ଜି ଆଦ୍
ପଇସ୍ ନେହେତିତଡ଼୍‌ ନୁ ଶକ୍ତି ତଡ଼୍‌ ସାୟେତ୍ କାୟା ଆଦ୍‌ପିସ୍‌ତଡ଼୍‌ ।

### ବଡ଼୍ ମଦଲ୍ ତେ ଦିପ୍
### (ମାର୍କ ୪:୨୧-୨୫)

୧୬ ✡ବେନ କୁପିତିଙ୍କ୍ ନିଡ଼୍‌ସ୍‌ପି ବଡ଼୍ ଆଡ଼୍‌ଗି ମୁଶି ୱାଟଣ୍ତ୍, ବା କାଟୁଲ୍
ତେ ମଦଲ୍ ୱାଟଣ୍ତ୍, ମାତର୍ କୂପି ପରୁ ୱାଟିତଣ୍ତ୍, ବେଲାକି ଆସାନଡ଼୍‌
ନାରୁଡ଼୍‌ ୱେସ୍ ତିଙ୍କ୍ ଉଡ଼େ ପାର୍‌ଦ୍‌ତଡ଼୍‌ ।
୧୭ ✡"ବାତେଙ୍କ୍ ଇକ୍ରେ ବାତେଏ ପ୍ରକାଶିତ୍ ଆୟ୍‌ୟ, ଇଦ୍ ରକମ୍
ମିଞ୍ଜି ମାନ୍ଦାନ୍ ବିଷୟ ବାତେଏ ଇଲ୍‌ଲେ, ବା ବାତେଏ କେସ୍ ମିକା
ପ୍ରକାଶ୍ ଆୟ୍‌ୟ, ଇଦ୍ ରକମ୍ ମିଞ୍ଜିମାନ୍ଦାନାଦ୍ ବିଷୟ୍ ବାତେଏ
ଇଲ୍‌ଲେ ।"
୧୮ ✡ମେଣ୍ତ୍ରେ, "ବେଲା କେଞ୍ଜୁତିଡ଼୍, ଆଦ୍ ବିଷୟତେ ସେଙ୍ଗେ
ସାବ୍‌ଦାନ୍; ବାତେଙ୍କ୍ ଇକ୍ରେ ବେନନାଗେ ମିନ୍ଦେ, ଅଂକିଙ୍କ୍ ଗାଟି
ହିଦ୍‌ତଡ଼୍, ମେଣ୍ତ୍ରେ ବେନନାଗେ ଇଲା, ଅଣ୍ତ୍ ବାତେଏ ନିଜର୍ ଡ଼ାଦ୍
ମିନ୍ଦେ ଇଞ୍ଜ ହେର୍କେ ମାଡ଼ିତନ୍, ଆଦ୍ ମିକା ଅନାଗ୍‌କଞ୍ଚ୍ ଆଦ୍‌ତଡ଼୍‌ ।"

### ଜିସୁନ୍ ୟାୟ ନୁ ତାମୁସ୍‌କିଡ଼୍‌
### (ମାତିଉ ୧୨:୪୬-୫୦; ମାର୍କ ୩.୩୧-୩୫)

---

✡ **୮:୧୬** ମାତିଉ ୫:୧୫; ଲୁକ ୧୧:33. ✡ **୮:୧୭** ମାତିଉ ୧୦:୨୬; ଲୁକ ୧୨:୨.
✡ **୮:୧୮** ମାତିଉ ୨୫:୨୯; ଲୁକ ୧୯:୨୬.

୧୯ ଜିସୁନ୍ ୟାୟ ନୁ ତାମୁଣ୍ଡ୍‌କିଡ଼୍‌ଅନ୍ ଗାର୍‌ରେ ୱାତ୍‌ତଡ଼୍, ବାତେଙ୍କ୍
ଇକ୍କେ ଗାଟି ନାରୁଡ଼୍‌ତେ ସେଙ୍ଗେ ଅନ୍‌ତଡ଼୍‌କାଲ୍‌ପେ ପାର୍‌ୱେମାତ୍‌ତଡ଼୍
।
୨୦ ଆଗେ ଅଂକିଙ୍କ୍ ୱେରଣ୍ଡ୍ ଇଦ୍ କବର୍ ହିତ୍‌ତଡ଼୍, "ମି ୟାୟ ନୁ
ତାମୁଣ୍ଡ୍‌କିଡ଼୍‌ନିକିଂଙ୍କ୍ ଉଡ଼ାନ୍ ସେଙ୍ଗେ ବାଇଦେ କେପ୍‌ତଡ଼୍ ।"
୨୧ ବାତେଙ୍କ୍ ଇକ୍କେ ଜିସୁ ଅଡ଼୍‌କିଂଙ୍କ୍ କେତ୍‌ତଣ୍ଡ୍, "ବେନଡ଼୍‌ଇଶ୍ୱର୍ ତେ
ବାକ୍ୟ କେଞ୍ଜିତଡ଼୍‌ନୁ ପାଲନ୍ ମାଡ଼ିତଡ଼୍, ଅଡ଼୍‌ନା ୟାୟ ନୁ ତାମୁଣ୍ଡ୍‌କିଡ଼୍
।"

## ଜିସୁ ଏର୍ ଗାଲ୍‌ଦିଙ୍କ୍ ଶାନ୍ତି ମାଡ଼ିତନ୍

*(ମାତିଉ ୮:୨୩-୨୭; ମାର୍କ ୪:୩୫-୪୧)*

୨୨ ଅନ୍‌ଦିନେ ଜିସୁ ନୁ ତାମ୍ ଶିଷ୍ୟଡ଼ତେ ୱେରଡ଼୍ ଓଡ଼େତାଗ୍
ତାର୍‌ତଣ୍ଡ୍, ମେଣ୍ଡ୍ରେ ଅଣ୍ଡ୍ ଅଡ଼୍‌କିଂଙ୍କ୍ କେଓଣ୍ଡ୍, "ୱାଡ଼ାଟ୍, ସାୱୁଡ଼େତେ
ମେଣ୍ଡ୍ରେ ଅଣ୍ଡ୍ ପାକେ ଆଦିକାଡ଼୍ ।" ଆସୁଣ୍ଟ୍ ଅଡ଼୍‌ଓଡେତିଙ୍କ୍ କୁସ୍‌ପିତଡ଼୍
।
୨୩ ଇକ୍କେ ଅଟାଡ୍ ଅଡ଼୍‌ଓଡେତିଙ୍କ୍ ଚାଲାମାଡ଼ି ଆଦାନ୍ ୱେଲେ ଜିସୁ
ଉଞ୍ଜିମାତ୍‌ତଣ୍ଡ୍ । ଆସୁଣ୍ଟ୍ ଷାୱୁଡ଼େତାଗ୍ ତୁପାନ୍ ଆତ୍‌ତେ, ମେଣ୍ଡ୍ରେ
ଅଡ଼ାଦ୍ ଓଡ଼େତାଗ୍ ଏର୍ ନିଣ୍ଡ୍ରାନଙ୍କ୍ ପସ୍‌ପିତ୍‌ତେ ନୁ ଅଡ଼୍‌ବିପଦ୍ ତାଗ୍
ରାୟତଡ଼୍ ।
୨୪ ଆସୁଣ୍ଟ୍ ଶିଷ୍ୟଡ଼୍ ଗାର୍‌ରେ ୱାସ୍ ଅଂକିଙ୍କ୍ ତେଇସ୍ କେତ୍‌ତଡ଼୍,
"ହୋ ଗୁରୁ, ହୋ ଗୁରୁ, ମାନାଡ଼୍‌ଡଲ୍‌ତାଡ୍ ।" ଇଗେଟିସ୍‌ନ୍ ଅଣ୍ଡ୍ ତେଦି
ଗାଲ୍ ନୁ ବେଡ଼େୟାଦ୍ ତଲ୍‌କଡ଼୍‌ତିଙ୍କ୍ ଦମକ୍ ହିତ୍‌ତଣ୍ଡ୍, ମେଣ୍ଡ୍ରେ ଆୱ
ସାରେ କଟଆସ୍ ଶାନ୍ତି ଆତ୍‌ତେ ।
୨୫ ମେଣ୍ଡ୍ରେ, ଜିସୁ ଅଡ଼୍‌କିଂଙ୍କ୍ କେଓଣ୍ଡ୍, "ମିୱାଦ୍ ବିଶ୍ୱାସ୍ ବେଗେ ?"
ବାତେଙ୍କ୍ ଇକ୍କେ ଅଡ଼୍‌ୱେର୍‌ସ୍ ନୁ ବାକ୍‌ୱା ଆସ୍ ନିଜେନିଜେ କେତାଙ୍କ୍
ପସ୍‌ପ୍‌ତ୍‌ତଡ଼୍, "ଇଣ୍ଡ୍ ଆଲାକ୍କେ ବେନ ଯେ, ଅଣ୍ଡ୍ ଗାଲ୍ ନୁ ଏର୍‌ଦିଙ୍କ୍
ମିକା ଗଟ୍ ହିତ୍‌କେ, ଆୱ ଅନ୍‌ୱାଦ୍ ଗଟ୍ କେଞ୍ଜିତା ।"

## ଜିସୁ ୱେର୍‌ଣ୍ଡ୍ ବୁତ୍ ପଇତ୍‌ତେ ନାରୁଙ୍କ୍ ସୁସ୍ଥ ମାଡ଼ତଣ୍ଡ୍

*(ମାତିଉ ୮:୨୮-୩୪; ମାର୍କ ୫:୧-୨୦)*

୨୬ ପେର୍‌କେ ଜିସୁ ନୁ ଶିଷ୍ୟଡ଼୍ ଗାଲିଲୀତେ ମୁନେତ୍ ପାକେ
ଆପାକେ ଗରାଶୀୟନଡ଼୍‌ତେ ପଡ଼ିୟେତାଗ୍ ହେୱ୍‌ତ୍‌ତଡ଼୍ ।

୨୭ ଅଣ୍ତ୍ ଓଡେଡ୍ କନ୍ସ୍ ପେଇସ୍ ଆଞ୍ଜିନାଗ୍ ଡିଗଡ଼େ, ଆଦ୍
ନାର୍‌ଦେ ୱେର୍‌ଣ୍ତ୍ ବୁଡ୍ ପଇଡ୍‌ତେ ନାରୁଡ଼୍ ଅଂକିଙ୍କ୍ କାଇଲ୍‌ତଣ୍ତ୍; ଅଣ୍ତ୍
ଗାଟି ଜେଲ୍ ହେଉନା ସିଲେ କେରୱକଟ ନୁ ଲୋନ୍ ମାନ୍ୱକଟ
ୱିସ୍‌କିନାଗେ ମାଞ୍ଜ ମାଡ୍‌ତଣ୍ତ୍ ।
୨୮ ଅଣ୍ତ୍ ଜିସୁଙ୍କ୍ ଉଡ଼ି ଗାଟି କିଡ଼୍‌କି ଅନ୍‌ୱାଦ୍ ଡେକେଡ୍ ମଦଲ୍
ରାଲି ଗାଟି ଲେଙ୍ଗେତେ କେଉଣ୍ତ୍, “ହୋ ଇଶ୍ୱର୍ ତେ ମାର୍ ଜିସୁ, ନି
ତଡ଼୍ ନାୱାଦ୍ ବାତେଏ ମିନ୍ଦେ ? ନାନ୍ ନିକିଂଙ୍କ୍ ଦନ୍ୟବାଦ୍ ମାଡ଼୍‌ତ୍ନାନ୍,
ନାକିଂଙ୍କ୍ କଷ୍ଟ ହିମା ।”
୨୯ ବାତେଙ୍କ୍ ଇକ୍‌ଡ଼େ ଜିସୁ ଅଶୁଚି ଆତ୍ମାତିଙ୍କ୍ ଆଦ୍ ନାରୁଡ଼୍ ତେ କନ୍ସ୍
ପେଇସ୍ ଆଦାନ୍ ସେଙ୍ଗେ ଗଟ୍ ଇସ୍‌ମାଡ୍‌ତଣ୍ତ୍ । ଆଦ୍ ଆତ୍ମା ଗାଟିଦାମ୍
ଅଂକିଙ୍କ୍ ପଇସ୍ ମାଡ୍‌ତେ, ମେଣ୍ତେ ନାରୁଡ଼୍ ଅଂକିଙ୍କ୍ କାଇତାଗ୍
ଇକ୍‌ଲେମ୍ ନୁ ଡେକେତାଗ୍ ବେଡ଼ି ତହସ୍ ନେହେସ୍ ମାଡ୍‌ତଡ଼୍, ମାତର୍
ଅନ୍‌ୱାଦ୍ ବନ୍ଦନ୍ ସାରେ ଦେହେସ୍ ବୁଡ୍ ଅଂକିଙ୍କ୍ ବେନ ଇଲ୍‌ୱେ
ପଡ଼ିୟେତାଗ୍ ପଇସ୍ ହସମାଡ୍‌ତେ ।
୩୦ ଜିସୁ ଅଂକିଙ୍କ୍ ପାତ୍ରାମାଡ଼୍‌ତଣ୍ତ୍, “ନି ପେଦେର୍ ବାତେଏ ?” ଅଣ୍ତ୍
କେଉଣ୍ତ୍, ବାହିନୀ; “ନାର୍ଗେ ବୁଡ୍‌କ୍;” ବାତେଙ୍କ୍ ଇକ୍‌ଡ଼େ ଗାଟି ବୁଡ୍‌କ୍
ଅନାଗେ ଅସିମାଡ୍‌ତା ।
୩୧ ମେଣ୍ତେ, ଅଣ୍ତ୍ ବେଲା ଅଡ଼୍‌କିଂଙ୍କ୍ ପାତାଲ୍‌ତାଗେ ଆଦାନ୍ ସେଙ୍ଗେ
ଗଟ୍ ହିମାକିଣ୍ତ୍, ଇଦ୍ ସେଙ୍ଗେ ଅଡ଼୍ ଅଂକିଙ୍କ୍ ବିନତି ମାଡ଼ାଙ୍କ୍ ପସ୍ସ୍‌ତ୍‌ତଣ୍ତ୍
।
୩୨ ଆଗେ ମେଟେତାଗ୍ ୱେରନ୍ ବାଡ଼ିୟାଦ୍ ମାନ୍ଦାପାଦି
ମେୟମାଡ୍‌ତା, ମେଣ୍ତେ ଅଣ୍ତ୍ ବେଦ୍ ଲେକାମ୍ ଆୱିଙ୍କ୍ ଆୱେ ପାଦିନ୍
ଲୋପେ ଆସାନ୍ ସେଙ୍ଗେ ଗଟ୍ ହିଡ୍‌ତଣ୍ତ୍, ଇଦ୍ ସେଙ୍ଗେ ଆୱ ଅଂକିଙ୍କ୍
ବିନତି ମାଡ଼୍‌ତେ ।
୩୩ ଜିସୁ ଆୱିଙ୍କ୍ ଗଟ୍ ହିଡ୍‌ତାଙ୍କ୍, ବୁଡ୍‌କ୍ ଆଦ୍ ନାରୁଡ଼୍ ତେ କନ୍ସ୍
ପେଇସ୍ ପାଦିନ୍ ଲୋପେ ଅସ୍‌ତା; ଆସୁଣ୍ଟ୍ ଆଦ୍ ମାନ୍ଦାପାଦି ଗାଟି
ଉର୍‌ଗିନ୍ ମିରି ଆଞ୍ଜ୍ ମେଟେଡ୍ ପରୁ କନ୍ସ୍ ସାୱୁଡ଼େ ତାଗ୍ ରାଲି ମୁଡ଼୍‌ନ୍ଧି
ଡୋଲ୍‌ତା ।
୩୪ ମେୟେତାନ୍ ନାରୁଡ଼୍ ଆଦ୍ ଗଟନା ଉଡ଼ି ମିରି ଆଞ୍ଜ୍ ନାର୍ ନୁ
ନାଟେନାଗ୍ ଆଦ୍ ବିଷୟ୍ କେଞ୍ଜ୍‌ସ୍ପ୍‌ତଡ଼୍ ।

୩୫ ଆସୁଣ୍ଟ୍ ନାରୁଡ଼୍ ଆଦ୍ ଗଟନା ଉଡ଼ାଙ୍କ୍ ପେଇସ୍ ୱାତ୍ତଡ଼୍;
ମେଣ୍ଡେ, ଅଡ଼୍ ଜିସୁନ୍ ଗାର୍‌ରେ ୱାସ୍, ବେନେ ନାରୁଡ଼୍ କନ୍‌ସ୍ ବୁତ୍‌କ୍
ପଇସ୍ ମାତ୍‌ତା; ଅଣ୍ଡ୍ ସିଲେ କେର୍‌ସ୍ ସାୟେତ୍ ମାନ୍ ତେ ଜିସୁନ୍
ଡେକେତ୍ ମଦଲ୍ କୁଦିମାନ୍ଦାନ୍ ଉଡ଼ି ୱେର୍‌ତ୍‌ତଡ଼୍ ।
୩୬ ମେଣ୍ଡେ, ବେନଡ଼୍ ଉଡ଼ିମାତ୍‌ତଡ଼୍, ଅଡ଼୍ ଆଦ୍ ବୁତ୍‌ପଇତ୍‌ତେ
ନାରୁଡ଼୍ ବେଲା ସୁସ୍ଥ ଆତ୍‌ତଣ୍ଡ୍, ଆଦ୍ ଅଡ଼୍‌କିଂଙ୍କ୍ କେଓଡ଼୍ ।
୩୭ ଆଗେତିନ୍‌ସ୍ ଗରାଶୀୟ ନାରୁଡ଼୍‌ତେ ପଡ଼ିୟେତାଗ୍ ସାରେପାକା
ସାରେତଡ଼୍ ନାରୁଡ଼୍ ଅଡ଼୍‌ଆଗାଙ୍କ୍ ଆଦାନ୍ ସେଙ୍ଗେ ଅଂକିଙ୍କ୍ ଅନୁରଦ୍
ମାଡ଼୍‌ତଡ଼୍, ବାତେଙ୍କ୍ ଇକ୍କେ ଅଡ଼୍ ଗାଟି ୱେର୍‌ସ୍ ମାତ୍‌ତଡ଼୍; ମେଣ୍ଡେ ଜିସୁ
ୱେରନ୍ ଓଡ଼େତାଗ୍ ତାରି ମାଲ୍‌ସ୍ ୱାତ୍‌ତଡ଼୍ ।
୩୮ ବାତେଙ୍କ୍ ଇକ୍କେ ବେନେ ନାରୁଡ଼୍ କନ୍‌ସ୍ ବୁତ୍‌କ୍ ପେଇସ୍ ଆଞ୍ଜ୍
ମାତ୍‌ତା, "ଅଣ୍ଡ୍ ତାନ୍ ତଡ଼୍ ମାନ୍ଦାନ୍ ସେଙ୍ଗେ ଦନ୍ୟବାଦ୍ ମାଡ଼୍‌ତଣ୍ଡ୍;"
୩୯ ମାତର୍ ଅଣ୍ଡ୍ ଅଂକିଙ୍କ୍ ରହସ୍ ମେଣ୍ଡେ କେଓଣ୍ଡ୍, "ନିମେ ଲୋନ୍
ମାଲ୍‌ସ୍ ଆନ୍, ମେଣ୍ଡେ ଇଶ୍ୱର୍ ନି ସେଙ୍ଗେ ବାତେଏ ପାଡ଼ିୟି ମାଡ଼ି
ମିନ୍ଦେଣ୍ଡ୍, ଆୱ୍ ସାରେ ନାରୁଡ଼୍‌କିଂଙ୍କ୍ କେଲେ । ଆଗେତିନ୍‌ସ୍ ଅଣ୍ଡ୍ ଆଞ୍ଜ୍
ମିକା, ଜିସୁ ଅନ୍ ସେଙ୍ଗେ ବାତେଏ ପାଡ଼ିୟି ମାଡ଼ିମାତ୍‌ତଣ୍ଡ୍, ଆୱ୍ ସାରେ
ନାର୍ ଏକାମ୍ କେତାନଙ୍କ୍ ପସ୍‌ପିତ୍‌ତଣ୍ଡ୍ ।"

## ଯାଇରସ୍‌ତେ ପିକିଡ଼୍ ନୁ ଗାଟି ରୋଗ୍ ନାଟାଡ଼୍ ସୁସ୍ଥ ଆତ୍‌ତେ
## *(ମାତିଉ ୯:୧୮-୨୬; ମାର୍କ ୫:୨୧-୪୩)*

୪୦ ମେଣ୍ଡେ ଜିସୁ ମେଣ୍ଡେଅଣ୍ଡ୍ ପାକେ ମାଲ୍‌ସ୍ ୱାତ୍‌ତାଙ୍କ୍, ନାରୁଡ଼୍
ଅଂକିଙ୍କ୍ ୱେଡ଼୍‌କା ତେ ଗ୍ରହନ୍ ମାଡ଼୍‌ତଡ଼୍, ବାତେଙ୍କ୍ ଇକ୍କେ ସାର୍‌ରେତଡ୍
ଅଙ୍କ୍ କେପି ମାତ୍‌ତଡ଼୍ ।
୪୧ ମେଣ୍ଡେ, ଉଡ଼ାଟ୍ ଯାଇରସ୍ ପେଦେର୍ ତଣ୍ଡ୍ ୱେର୍‌ଣ୍ଡ୍ ନାରୁଡ଼୍
ୱାତ୍‌ତଣ୍ଡ୍; ଅଣ୍ଡ୍ ସମାଜ୍‌ଲନ୍ ତେ ବାଡ଼୍ୟଣ୍ଡ୍ ମାତ୍‌ତଣ୍ଡ୍ । ଅନ୍ ଜିସୁନ୍
ଡେକେତ୍ ମଦଲ୍ ରାଲି ତାମ୍ ଲୋନ୍ ୱାଦାନ୍ ସେଙ୍ଗେ ଅଂକିଙ୍କ୍ ବିନତି
ମାଡ଼୍‌ତ୍‌ତଣ୍ଡ୍,
୪୨ ବାତେଙ୍କ୍ ଇକ୍କେ ଅନ୍‌ୱାଦ୍ ବାର ହେଣ୍ଡେତ୍ ୱେର୍‌ଟେ ମାତର୍
ପିକିଡ଼୍ ମାତ୍‌ତେ, ମେଣ୍ଡେ ଆଦ୍ ଡଲାନ୍ ରକମ୍ ଆସ୍ ମାତ୍‌ତେ ।
ବାତେଙ୍କ୍ ଇକ୍କେ ଅଣ୍ଡ୍ ଆଦାନ୍ ୱେଲେ ନାରୁଡ଼୍ ଅନ୍ ପରୁ ରାୟ
ମାତ୍‌ତଡ଼୍ ।

୪୩ ଆସୁଣ୍ଟ୍ ବାର ହେଣ୍ଡ୍ ଯାକ ନେଡୁର୍ ରୋଗ୍ ତେ ଅରଟ୍ ନାଟାଡ୍
ମାଡ୍‌ତେ, ବେନ କି ତାନ୍‌ୱାଦ୍ ସାରେ ଡାବ୍‌କ୍ କର୍ଚ ମାଡ଼କେ ମିକା
ବେନନ୍ ତଡ଼୍ ସୁସ୍ଥ ଆୟ୍‌ୟ ମାଡ୍‌ତେ, *
୪୪ ଆଦ୍ ପେର୍‌କେ କନ୍‌ସ୍ ୱାସ୍ ଜିସୁନ୍ ସିଲେଡିଙ୍କ୍ ଇଟ୍‌ତା, ମେଣ୍ଡେ,
ସାଙ୍ଗେ ସାଙ୍ଗେ ଆଦିନାଦ୍ ନେଡୁର୍ ପେଇତାନାଦ୍ ବନ୍ଦ୍ ଆଡ୍‌ତେ ।
୪୫ ଆସୁଣ୍ଟ୍ ଜିସୁ କେୱଣ୍ଡ୍, “ବେନ ନାକିଂଙ୍କ୍ ହିଟ୍‌ତଣ୍ଡ୍ ?” ମାତର୍
ସାରେତଡ୍ ଅସ୍ୱୀକାର୍ ମାଡ଼୍‌ତଡ୍, ପିତର୍ କେୱଣ୍ଡ୍, “ହୋ ଗୁରୁ, ନାରୁଡ୍
ସାରେତଡ୍ ତୁର୍ସାତୁସର୍ ଆସ୍ ନି ପରୁ ରାୟୁତଡ୍ ।”
୪୬ ବାତେଙ୍କ୍ ଇକ୍କେ ଜିସୁ କେୱଣ୍ଡ୍, “ବେନ ୱେର୍‌ଣ୍ଡ୍ ନାକିଂଙ୍କ୍
ହିଟ୍‌ତଣ୍ଡ୍, ବାତେଙ୍କ୍ ଇକ୍କେ ନାୟାଗେ କନ୍‌ସ୍ ଶକ୍ତି ପେଇତ୍‌ତେ ନାନ୍
ପୁଡ୍‌ତାନ୍ ।”
୪୭ ଆସୁଣ୍ଟ୍ ନାଟାଡ୍ ଉଡ୍ ତେ ଯେ, ଆଦ୍ ମିଞ୍ଜି ମାନ୍ଦାଙ୍କ୍ ପାର୍‌ୱ,
ଆସୁଟେ ଆଦ୍ ୱାଡ଼୍‌କ ୱାଡ଼୍‌କ ୱାସ୍ ଅନ୍ ଡେକେତ୍ ମଦଲ୍ ରାଲି,
ବାତେଙ୍କ୍ ଅଂକିଙ୍କ୍ ହିଟ୍ ତେ, ମେଣ୍ଡେ ବେଲା ସାଙ୍ଗେ ସାଙ୍ଗେ ସୁସ୍ଥ
ଆଡ୍‌ତେ, ଆଦ୍ ସାରେତଡ୍ ନାରୁଡ୍ ମୁନ୍‌ନେ କେଡ୍‌ତେ ।
୪୮ ଆଗେଟିନ୍‌ସ୍ ଜିସୁ ଆଦିଙ୍କ୍ କେୱଣ୍ଡ୍, “ହୋ ପିକି, ନି ବିଶ୍ୱାସ୍
ନିକିଂଙ୍କ୍ ସୁସ୍ଥ ମାଡ଼ିତେ, ଶାନ୍ତି ତେ ଆନ୍ ।”
୪୯ ଅଣ୍ଡ୍ ଇଦ୍ ଗଟ୍ କେଡ୍‌ତାନ୍ ୱେଲେ ସମାଜ୍‌ଲନ୍ ତେ
ମୁକ୍ୟାନ୍ ଲୋଡ୍‌ତେ କନ୍‌ସ୍ ୱେର୍‌ଣ୍ଡ୍ ୱାସ୍ କେୱଣ୍ଡ୍, “ନି ମାୟାଡ୍
ଡୋଲିଆଡ୍‌ତେ, ଗୁରୁଙ୍କ୍ ମେଣ୍ଡେ କଷ୍ଟ ହିମା ।”
୫୦ ବାତେଙ୍କ୍ ଇକ୍କେ ଜିସୁ ଇଦ୍ କେଞ୍ଜି ଯାଇରସ୍‌ତିଙ୍କ୍ କେୱଣ୍ଡ୍,
“ୱେର୍‌ମାଟ୍, ମାତର୍ ବିଶ୍ୱାସ୍ ମାଡ଼ାଟ୍, ମେଣ୍ଡେ ଆଦ୍ ଗେଲ୍‌ସିତେ ।”
୫୧ ମେଣ୍ଡେ, ଜିସୁ ଯାଇରସ୍‌ତେ ଲୋନ୍ ୱାସ୍ ପିତର୍, ଯୋହନ୍ ନୁ
ଯାକୁବ୍, ମେଣ୍ଡେ ପିକିଡ୍ ତେ ୟାୟବାବଡ୍ ୱିଡ଼୍‌ସି ମେଣ୍ଡେ ବେନଙ୍କେ
ଅନ୍‌ତଡ୍ ଲୋପେ ଆଦାଙ୍କ୍ ହିୱଣ୍ଡ୍ ।
୫୨ ମାତର୍ ସାରେତଡ୍ ଆଦିନ୍ ସେଙ୍ଗେ କେୟକେୟ ଗୁଣ୍ଡେତାଗ୍
ରେହେସ ମାଡ୍‌ତଡ୍ । ଆଗେଟିନ୍‌ସ୍ ଜିସୁ କେୱଣ୍ଡ୍, “କେୟ୍‌ମାଟ୍;
ଆଦ୍‌ଡୋଲ, ମାତର୍ ଉଞ୍ଜିମିନ୍ଦେ ।”

* **୮:୪୩** ବେସ୍‌କ୍ ପାଣ୍ଡୁଲିପି ଲେକାତାଗ୍ ଇଦ୍ ପଦ୍‌ଲେକାମ୍ ଇଲ୍‌ଲେ

୫୩ ବାତେଙ୍କ୍ ଇକେ୍ ଆଦ୍ ଡୋଲିଆତ୍‌ତେ ଇଞ୍ଜ ପୁଞ୍ଜ୍ ମାତ୍‌ତାଙ୍କ୍ ଅଡ଼୍
ଜିସୁଙ୍କ୍ ପରିହାସ୍ ମାଡ଼ାଙ୍କ୍ ପସ୍ସ୍‌ତ୍‌ତଡ଼୍ ।
୫୪ ମାତର୍ ଜିସୁ ଆଦିନାଦ୍ କାଇଦିଙ୍କ୍ ପଇସ୍ କାର୍‌ଗିଂ କେଓଣ୍ତ୍,
“ହୋ ପିକି, ତେଦ୍‌ଦେ ।”
୫୫ ଆଗେତିନ୍‌ସ୍ ତାନାଦ୍ ଜିୱୁଣ୍ତ୍ ମାଲ୍‌ସ୍ ୱାତ୍‌ତେ, ମେଣ୍ତେ ଆଦ୍
ସାଙ୍ଗେ ସାଙ୍ଗେ ତେଦ୍‌ଦେ, ମେଣ୍ତେ ଅଣ୍ତ୍ ଆଦିଙ୍କ୍ ସୁଦୁର୍ ତିନ୍ଦାନଙ୍କ୍
ହିଦାନ୍ ସେଙ୍ଗେ କେସିତ୍‌ଣ୍ତ୍ ।
୫୬ ଇଗେତିସ୍‌ନ୍ ତାମ୍ ୟାୟବାବ ବାକ୍‌ୱା ଆତ୍‌ତଡ଼୍; ବାତେଙ୍କ୍
ଇକେ୍ ଆଦ୍ ଜାଗେତାଦ୍ ଗଟନା ତେ ଗଟ୍ ବେନଙ୍କେ କେତାନାଦ୍
ଆୟ୍‌ୟ ଇଞ୍ଜ ଜିସୁ ଅଡ଼୍‌କିଂଙ୍କ୍ କେଓଣ୍ତ୍ ।

# ୯

## ଜିସୁ ବାର ଜାନ୍ ଶିଷ୍ୟଡ଼୍‌କିଂଙ୍କ୍ ରହ୍‌ତଣ୍ତ୍
*(ମାତିଉ ୧୦:୫-୧୫; ମାର୍କ ୬:୭-୧୩)*

୧ ଜିସୁ ବାରଜାନ୍ ଶିଷ୍ୟଡ଼୍ କାର୍‌ଗିଂ ଅଣ୍ତ୍‌ୟାଗେ ଗୁଡ଼୍‌ପି ଅଡ଼୍‌କିଂଙ୍କ୍
ସାର୍‌ରେ ବୁତ୍‌କିଂଙ୍କ୍ ୱିର୍‌ସ୍‌ପି, ମେଣ୍ତେ, ରୋଗ୍ ୱିର୍‌ସ୍‌ପାନ୍ ମାଇଦିଙ୍କ୍
ଶକ୍ତି ନୁ ଅଦିକାର୍ ହିତ୍‌ତଣ୍ତ୍ ।
୨ ମେଣ୍ତେ ଅଣ୍ତ୍ ଅଡ଼୍‌କିଂଙ୍କ୍ ଇଶ୍ୱର୍‌ତାଦ୍ ରାଜ୍ୟ କେତାନଙ୍କ୍ ନୁ ରୋଗି
ନାରୁଡ଼୍‌କ୍ ସାୟେ ମାଡ଼ାଙ୍କ୍ ରହ୍‌ତ୍‌ତଣ୍ତ୍ ।
୩ ମେଣ୍ତେ ଅଡ଼୍‌କିଂଙ୍କ୍ କେତ୍‌ତଣ୍ତ୍, “ମିଡ଼୍ ଆଦ୍‌ଦାନ୍ ୱେୟେ ଟେଙ୍ଗା,
କି ମୁନା କି ରୁଟି କି ଡାବ୍, ବାତାମେଣ୍ତେ ଆୟ୍‌ମାଟ୍, ରେଣ୍ତ୍ ଚକା
ସାଙ୍ଗେଂତେ ଆୟ୍‌ମାଟ୍ ।
୪ ମେଣ୍ତେ, ମିଡ଼୍ ବେନ୍‌ଆଇ ଲୋତ୍‌ତାଗ୍ ନେଙ୍ଗିଂତିଡ଼ି, ଆଦ୍
ଜାଗାତାଗାଙ୍କ୍ ଆନ୍‌ୱକଟ ଆଦେ ପଡ଼ିୟେତାଗ୍ ମାନୁଟ୍ ।
୫ ☆☆ଆସୁଟେ ବେଗେ ନାରୁଡ଼୍ ମିକିଂଙ୍କ୍ ଗ୍ରହନ୍ ମାଡ଼୍‌କ୍, ଆଦ୍ ନାର୍
କନ୍‌ସ୍ ଆଦାନ୍ ୱେୟେ ଅଡ଼୍ ବିରୁଦ୍‌ତେ ସାକ୍ଷ୍ୟ ଇଦାନ୍‌ମାଇଦିଙ୍ଗ୍ ମି
ଡେକେଡ୍ ଦୁମ୍ କାୟ୍‌ସିମୁଟ୍ ।”
୬ ଆଗେତିନ୍‌ସ୍ ଅଡ଼୍ ଆଞ୍ଜ୍ ମିକା ସୁସମାଚାର୍ ପ୍ରଚାର ମାଡ଼ି ନୁ
ରୋଗିଡ଼୍‌କ୍ ସୁସ୍ଥମାଡ଼ି ନାର୍ ଉଡାଙ୍କ୍ ପେୟ୍‌ତଡ଼୍ ।

☆ **୯:୫** ପ୍ରେରିତ ୧୩:୫୧. ☆ **୯:୫** ଲୁକ ୧୦:୪-୧୧.

## ହେରୋଦ୍ ବୁଲ୍କା ଆଡ୍‌ତଣ୍ଡ୍
## (ମାତିଉ ୧୪:୧-୧୨; ମାର୍କ ୬:୧୪-୨୯)

୭ ✡ଇଗ୍‌ତିନ୍‌ସ୍ ସାମନ୍ତରାଜାଲ୍ ହେରୋଦ୍ ଇଦ୍‌ସାର୍ ଗଟ୍ କେଞ୍ଜି
ଉନ୍‌କେମାନ୍‌କେ ଆଡ୍‌ତଣ୍ଡ୍, ବାତେଙ୍ଗ୍ ଇକ୍କେ ବାପ୍ତିସ୍ମ ଯୋହନ୍ ଡଲ୍‌ତେ
ନାରୁଡ୍ ଆଗାଙ୍କ୍ ତେଦି ମିନ୍ଦେଣ୍ଡ୍ ଇଞ୍ଜ ବେନ୍ ବେନଡ୍ କେସମାଡ୍‌ତଡ୍
।
୮ ମେଣ୍ଡେ, ବେନ୍ ବେନଡ୍ ଏଲିୟ ତନ୍ଦତଣ୍ଡ୍ ହିଞ୍ଜ କେସମାଓଡ୍,
ମେଣ୍ଡେ ବାଗାତଡ୍ ମୁନେତ୍ ବାବବାଦୀ ଡ଼ାଗାଙ୍କ୍ ୱେରଣ୍ଡ୍ ତେଦ୍‌ତଣ୍ଡ୍
ଇଞ୍ଜ କେସମାଓଡ୍ ।
୯ ବାତେଙ୍ଗ୍ ଇକ୍କେ ହେରଦ୍ ରାଜାଲ୍ କେଡ୍‌ତଣ୍ଡ୍, "ଯୋହନ୍‌ତାଦ୍
ତାଲ୍‌ତିଙ୍ଗ୍ ନାନ୍ ତ ନାଡ୍‌କ୍‌ତମ୍, ମାତର୍ ଅନ୍ ବିଷୟ୍‌ତେ ମାମ୍
ଇଦ୍‌ପୁଟୁଙ୍କ୍ ଗଟି କେଞ୍ଜୁତମ୍, ଇଣ୍ଡ୍ ବେନ ?" ମେଣ୍ଡେ, ଜିସୁଙ୍କ୍ ଉଡ଼ାନ୍
ମାଇଦିଙ୍କ୍ ଅଣ୍ଡ୍ ଆଲ୍‌ସି ମାଡ଼ମାତଣ୍ଡ୍ ।

## ଜିସୁ ପାଞ୍ଚହାଜାର ନାରୁଡ୍‌କ୍ ତିହିଡ୍‌ତଣ୍ଡ୍
## (ମାତିଉ ୧୪:୧୩-୨୧; ମାର୍କ ୬:୩୦-୪୪; ଯୋହନ୍ ୬:୧-୧୪)

୧୦ ପେର୍‌କେ ପ୍ରେରିତ୍ ଶିଷ୍ୟଡ୍ ମାଲ୍‌ସ୍‌ୱାସ୍, ବାଡ୍ ବାତା
ମାଡ଼ିମାଡ୍‌ତଡ୍, ଆୱ୍‌ସାରେ ଅନ୍ ଗାର୍‌ରେ ତିଆର୍ ମାଡ୍‌ତଡ୍ ।
ମେଣ୍ଡେ ଜିସୁ ଅଡ଼୍‌କିଂଙ୍କ୍ ସାଙ୍ଗେଁତେଅସ୍ ବେଡ୍‌ସାଇଦା ପେଦେର୍ ତେ
ନାର୍‌ତାଗ୍ ହାଡ୍‌ତଡ୍ ।
୧୧ ବାତେଙ୍ଗ୍ ଇକ୍କେ ନାରୁଡ୍ ଅଂକିଙ୍କ୍ କେଞ୍ଜି ଅନ୍ ପେର୍‌କେ
ତାସିଡ୍‌ତଡ୍; ଜିସୁ ଅଡ଼୍‌କିଂଙ୍କ୍ କାର୍‌ଙ୍ଗି ଗ୍ରହନ୍ ମାଡ଼ି ଇଶ୍ୱର୍‌ତେ ରାଜ୍ୟ
ବିଷୟତେ ଅଡ଼୍‌କିଂଙ୍କ୍ କେଡ୍‌ତଣ୍ଡ୍, ମେଣ୍ଡେ, ବେନଡ୍ ସୁସ୍ଥ ଆଦାଙ୍କ୍ ଇଚ୍ଛା
ମାଡ଼ମାଡ୍‌ତଡ୍, ଅଡ଼୍‌କିଂଙ୍କ୍ ସୁସ୍ଥ ମାଡ୍‌ତଣ୍ଡ୍ ।
୧୨ ହା ଦିନାମ୍‌ତେ ଦିନାମ୍ ମୁଲ୍‌ପୁଟ୍ ଆଦାଙ୍କ୍ ଆଞ୍ଜମାଡ୍‌ତେ; ମେଣ୍ଡେ
ବାରଜାନ୍ ଶିଷ୍ୟଡ୍ ଜିସୁନ୍ ଗାର୍‌ରେ ୱାସ୍ କେଡ୍‌ତଡ୍, "ନାରୁଡ୍
ବେଦ୍‌ପୁଟୁଙ୍କ୍ ଗାର୍‌ରେ ନାକିନାଗ୍ ଆଞ୍ଜ୍ ନୁ ନଗର୍‌ତାଗ୍ ଆଞ୍ଜ୍ କାଦି
ତିନ୍‌ତଡ୍, ଅଦିନ୍ ମାଇଦିଙ୍କ୍ ରଅସିମ୍, ବାତେଙ୍ଗ୍ ଇକ୍କେ ମାନାଡ୍ ଇଗେ
ବାତେଏ ଇଲ୍‌ୱେ ପଡ଼ିଯେତାଗ୍ ମିନ୍ଦେଡ୍ ।"

✡ **୯:୭** ମାତିଉ ୧୬:୧୪; ମାର୍କ ୮:୨୮; ଲୁକ ୯:୧୯.

୧୩ ବାତେଙ୍କ୍ ଇକ୍କେ ଜିସୁ ଅଡ଼୍‌କିଂଙ୍କ୍ କେଡ଼୍‌ତଣ୍ତ୍, “ମିଡ଼େ ଅଡ଼୍‌କିଂଙ୍କ୍
ତିନ୍ଦାନ୍ ମାଇଦିଙ୍କ୍ ହିମୁଟ୍ ।” ଅଡ଼୍ କେଓ୍ୱଡ଼୍, “ମା ଗାର୍‌ରେ ଏଇଙ୍ଗ୍ ରୂଟି
ନୁ ରେଣ୍ତ୍ କିକେ ମିନ୍ଦେ ଆଓ୍ୱିଙ୍କ୍ ୱିଡ଼୍‌ସି ମେଣ୍ତେ ମାୟାଗ୍ ବାତା ଇଲେ
। ଆଲାକ୍କେ ମାନାଡ଼୍ ଆଞ୍ଜ୍ ବାତା ଇଡ଼୍‌ସାର୍ ନାରୁଡ଼୍ ମାଇଦିଙ୍କ୍ କାଦି
ଆସିତାଡ଼୍ ?”
୧୪ ଅଡ଼୍ ସାର୍‌ରେତଡ଼୍ ଏଇଙ୍ଗ୍ ହଜାର୍ ନାରୁଡ଼୍ ମାଡ଼୍‌ତଡ଼୍ । ମେଣ୍ତେ,
ଜିସୁ ତାମ୍ ଶିଷ୍ୟଡ଼କ୍ କେଓ୍ୱଣ୍ତ୍, “ପାଚାଶ୍ ପାଚାଶ୍ ନାରୁଡ଼କ୍ ମାନ୍ଦେ
ମାନ୍ଦେ ମାଡ଼ି କୁସ୍‌ପାଟ୍ ।”
୧୫ ଆସୁଟେ ଅଡ଼୍ ରକମ୍ ସାର୍‌ରେ ତଡ଼୍‌କିଂଙ୍କ୍ କୁସ୍‌ପ୍‌ତଡ଼୍ ।
୧୬ ଜିସୁ ଆଓ୍ୱ୍ ଏଇଙ୍ଗ୍ ରୂଟି ନୁ ରେଣ୍ତ୍ କିକେ ଆସ୍ ସ୍ୱର୍ଗଡ଼୍ ପାକ୍
ମୁନ୍‌ମାଡ଼ି ଆଓ୍ୱ୍‌ଚାରେ ଆଶିର୍ବାଦ୍ ମାଡ଼୍‌ତଣ୍ତ୍, ନାରୁଡ଼୍ ମୁନେ ଉଓ୍ୱସ୍
ମେଣ୍ତେ, ଅଡ଼୍ ନାରୁଡ଼କ୍ ହିଦ୍‌ନ୍ ମାଇଦିଙ୍କ୍ ଶିଷ୍ୟଡ଼କ୍ ହିଡ଼୍‌ତଣ୍ତ୍ ।
୧୭ ମେଣ୍ତେ ସାରେତଡ଼୍, ତିଞ୍ଜ୍ ପାଞ୍ଜ୍‌ତଡ଼୍, ଅଡ଼୍ ମେଣ୍ତେ ଅଡ଼ାଓ୍ୱୁ
ମିଗ୍‌ଲିମାନ୍ଦାନ୍ ଉରୁଙ୍ଗ୍‌ତେ ରୂଟି ସାରେ ବାର୍‌ଟାନ୍ ଜୁଡ଼ୀନାଗ୍
ପେହେକି ନିହ୍‌ତଡ଼୍ ।

## ଜିସୁଙ୍କ୍ ପିତର୍ କେଡ଼୍‌ତଣ୍ତ୍
## *(ମାତିଉ ୧୬:୧୩-୧୯; ମାର୍କ ୮:୨୭-୨୯)*

୧୮ ଜିସୁ ଦିନେ ପ୍ରାର୍ତନା ମାଡ଼ାନ୍ ୱେୟ୍ୱ ଶିଷ୍ୟଡ଼୍ ଅନ୍‌ଗାରେ
ୱାଡ଼୍‌ତଡ଼୍, ମେଣ୍ତେ ଜିସୁ ଅଡ଼୍‌କିଂଙ୍କ୍ ପାଡ୍ରାମାଡ଼୍‌ତଣ୍ତ୍, “ନାନେ ବେନନ୍
ଇଞ୍ଜ ନାରୁଡ଼୍ କେତୁତଡ଼୍ ?”
୧୯ ✡ଆସୁଟେ ଅଡ଼୍ ଉତ୍ତର୍ ହିଡ଼୍‌ତଡ଼୍, “ବାପ୍ତିସ୍ମ ଯୋହନ୍ ଇଞ୍ଜ,”
ମେଣ୍ତେ, “ବେନ୍ ବେନଡ଼୍ କେତୁତଡ଼୍, ଏଲିୟ ଇଞ୍ଜ, ବାଗାତଡ଼୍
କେତୁତଡ଼୍ ମୁନେତଣ୍ତ୍ ବାବବାଦୀ ଡ଼ାଗାଙ୍କ୍ ୱେରଣ୍ତ୍ ପୁନରୁଡ଼୍‌ତିଡ଼୍
ଆସ୍‌ମିନ୍ଦେଣ୍ତ୍ ।”
୨୦ ✡ଜିସୁ ଅଡ଼୍‌କିଂଙ୍କ୍ କେଡ଼୍‌ତଣ୍ତ୍, “ନାନେ ବେନନ୍ ଇଞ୍ଜ ମିଡ଼୍
କେତୁତିଡ଼୍ ?” ପିତର୍ ଉତ୍ତର୍ ହିଡ଼୍‌ତଣ୍ତ୍ “ନିମେ ଇଶ୍ୱରତେ କ୍ରିଷ୍ଟନି ।”

✡ **୯:୧୯** ମାତିଉ ୧୪:୧,୨; ମାର୍କ ୬:୧୪,୧୫; ଲୁକ ୯:୭,୮. ✡ **୯:୨୦** ଯୋହନ୍ ୬:୬୮,୬୯.

## ଜିସୁ ତାନାଦ୍ ଡଲାନାଦ୍ ନୁ ତେଦାନାଦ୍ ବିଷୟ୍ତାଦ୍ କେଡ଼୍ତଣ୍ତ୍ (ମାତିଉ ୧୬:୨୦-୨୮; ମାର୍କ ୮:୩୦–୯:୧)

୨୧ ଜିସୁ ଆସୁଟେ ଅଡ଼୍କିଂଙ୍କ୍ କେଡ଼୍ତଣ୍ତ୍ ଇଦ୍ ବେନଙ୍କ୍ କେଲ୍ମାଟ୍
ଇଦ୍ ବେନଙ୍କେ କେଲ୍ମାଟ୍ ଇଞ୍ଜ ଅଡ଼୍କିଂଙ୍କ୍ ଦୃଡ଼ ଗଟ୍ ଇସ୍ କେଡ଼୍ତଣ୍ତ୍,
୨୨ ମେଣ୍ଡେ ଅଣ୍ତ୍ ଅଡ଼୍କିଂଙ୍କ୍ କେଡ଼୍ତଣ୍ତ୍, "ନାରୁନ୍‌ପିଲେତିଙ୍କ୍ ଗାଟି
ଦୁଃକାମ୍ ମାଡ଼ିତନ୍ ଆସୁଟେ ଅଂକିଙ୍କ୍ ଯିହୁଦୀ ନେତା, ମୁକ୍ୟଯାଜକ୍ ନୁ
ଶାସ୍ତ୍ରୀଡ଼୍ ଜିସୁଙ୍କ୍ ରେହେତିତଡ଼୍, ମେଣ୍ଡେ ଅଣ୍ତ୍ ମୁଣ୍ତ୍ ଦିନାତିଙ୍କ୍ ଜିୱେ
ଆସ୍ ତେଦିତଣ୍ତ୍ ।"

୨୩ ✡ଆସୁଟେ ଜିସୁ ସାର୍‌ରେତଡ଼୍‌କିଙ୍ଗ୍ କେଡ଼୍ତଣ୍ତ୍, "ବେନ ନା
ପେର୍‌କେ ତାକାଙ୍କ୍ ଇଚ୍ଛାମାଡ଼୍ତୁଣ୍ତ୍, ଆଲାଇକେ ଅଣ୍ତ୍ ନିଜେ ଅସ୍ୱୀକାର୍
ମାଡ଼ିଣ୍ତ୍, ସାର୍‌ଦିନା ଅଂକିଙ୍କ୍ ଇସ୍ ମାନ୍ଦାନାଦ୍ କ୍ରୁଶତିଙ୍କ୍ କାଞ୍ଜି, ନା
ପେର୍‌କେ ୱାଡ଼ିଣ୍ତ୍ ।"
୨୪ ✡ମାତର୍ ବେନ ନିଜର୍ ଜିୱୁନ୍‌ତିଙ୍କ୍ ରକ୍ଷା ମାଡ଼ାଙ୍କ୍ ଇଚ୍ଛା
ମାଡ଼୍ତୁଣ୍ତ୍, ଅଣ୍ତ୍ ଆଉ ୱିଡ଼୍‌ସାନ୍ ମିନ୍ଦେ; ବେନ ନା ମାଇଦିଙ୍କ୍ ଅନ୍ ଜିୱୁନ୍
ୱିଡ଼୍‌ସିଦ୍‌ତଣ୍ତ୍, ଅଣ୍ତ୍ ରକ୍ଷା ମାଡ଼ିତଣ୍ତ୍ ।
୨୫ ମାତର୍ ନାରୁନ୍ ବେସୁଟ୍ ସାର୍‌ରେ ଜଗତ୍‌ତିଙ୍କ୍ ଲାବ୍ ମାଡ଼ି,
ନିଜେଡ଼୍ ଜିୱୁଣ୍ତ୍ ନଷ୍ଟ ମାଡ଼ିତନ୍, ଆଲାକେ ଅଂକିଙ୍କ୍ ବାଡ଼୍ ଲାବ୍ ?
୨୬ ବେନଆଇ ନାକିଂଙ୍କ୍ ନୁ ନାୟାଦ୍ ବାକ୍ୟବିଷୟତେ ସିଗ୍
ଆଦ୍‌ତଣ୍ତ୍, ନାରୁନ୍‌ପିଲେ ଆସୁଟେ ଅନ୍ ମାଇମାତେ, ପରମେଶ୍ୱର୍‌ତେ
ମାଇମାତେ ନୁ ପବିତ୍ର ଦୂତକିନ୍ ମହିମା ତେ ୱାଦାନାଦ୍ ମାଡ଼ିତନ୍,
ଆସୁଟେ ଅଣ୍ତ୍ ଆ ବିଷୟ୍ ତେ ସିଗ୍ ଆଦ୍‌ତନ୍ ।
୨୭ ମାତର୍, ନାନେ ମିକିଂଙ୍କ୍ ସତ୍ କେଡ଼୍ତୁତାନ୍, "ମିଇ ନାରୁଡ଼୍ ଲୋପ୍
ନିଶ୍‌ମାନ୍ଦାନ୍ ବେସ୍‌ତୁଡ଼୍ ନାରୁଡ଼୍ ଡଲାନ୍ ମୁନେଙ୍କ୍ ପରମେଶ୍ୱରତାଦ୍
ରାଜ୍ୟତିଙ୍କ୍ ଉଡ଼ିତଡ଼୍ ।"

## ଜିସୁନ୍ ମେଣ୍ତନ୍‌ଲେକାମ୍ ତନ୍ଦାନାଦ୍ (ମାତିଉ ୧୭:୧-୮; ମାର୍କ ୯:୨-୮)

---

✡ **୯:୨୩** ମାତିଉ ୧୦:୩୮; ଲୁକ ୧୪:୨୭. ✡ **୯:୨୪** ମାତିଉ ୧୦:୩୯; ଲୁକ ୧୭:33; ଯୋହନ୍ ୧୨:୨୫.

୨୮ ହି ସାର୍‌ରେ ଗଟ୍‌ନା ଆସ୍ ମାତର୍ ଆଟ୍ ଦିନ୍ ପେର୍‌କେ ଜିସୁ,
ପିତର୍, ଯୋହନ୍ ନୁ ଯାକୁବଙ୍କ୍ ସାଙ୍ଗେତେଆସ୍ ପ୍ରାର୍ତନା ମାଡ଼ାନ୍
ମାଇଦିଙ୍କ୍ ମେଟେଡ୍ ପରୁ ଆଦ୍‌ତଡ୍ ।
୨୯ ଜିସୁ ପ୍ରାର୍ତନା ମାଡ଼ାନ୍ ଦିନାମ୍‌ତେ ଅନ୍‌ୱାଦ୍ ମକମ୍ ତନ୍ଦାନାଦ୍
ମେଣ୍ଡନ୍ ଲେକାମ୍ ଆଡ୍‌ତା ଅନାୱୁ କେର୍ସ୍ ମାନ୍ଦାନ୍ ଚକା ପାଣ୍ଡେ ଆସ୍
ୱେସ୍ ଆଦ୍‌ତେ ।
୩୦ ମେଣ୍ଡେ, ଉଡ଼ାଟ୍, ହଟାଡ୍ ମଶାଲ୍ ନୁ ଏଲିୟ, ଇର୍‌ୱୁଡ୍ ଜିସୁନ୍
ତଡ୍ ତିର୍‌ୟୁତଡ୍;
୩୧ ଅଡ୍ ସ୍ୱର୍ଗୀୟ ଗୌରବ୍‌ତେ ତଅନ୍‌ଦମାଓଡ୍, ଜିସୁ ଡଲାନାଦ୍
ବିଷୟ ତେ ଯୀରୁଶାଲାମ୍ ଗଟେମ୍ ଆଦାଙ୍କ୍ ଆଦୁଡ୍‌ତେ ଆଦ୍ ବିଷୟ
ତେ ଅଡ୍ ଅଣ୍ତ ତଡ୍ ତିର୍‌ୟୁତଡ୍ ।
୩୨ ଆସୁଟେ, ପିତର୍ ନୁ ଅନ୍ ସାଙ୍ଗଡ୍ ଉଞ୍ଜିମାଡ୍‌ତଡ୍; ବେସୁଙ୍କ୍ ଅଡ୍
ତେଦି ଉଡ଼ତୁଡ୍, ଜିସୁନାଦ୍ ମହିମା, ମେଣ୍ଡେ ଅନ୍‌ତଡ୍ ଇର୍‌ୱୁଡ୍ ନିସ୍
ମାନ୍ଦାନାଦ୍ ଉଡ୍‌ତଡ୍ ।
୩୩ ମେଣ୍ଡେ ମଶାଲ୍ ନୁ ଏଲିୟ ଜିସୁନାଗାଙ୍କ୍ ଆଦ୍‌ଦାନ୍ ୱେୟ୍ ପିତର୍
ଜିସୁଙ୍କ୍ କେଡ୍‌ତଣ୍ଡ୍, "ହୋ ଗୁରୁ, ସାୟେ ଆଡ୍‌ତେ ମାନାଡ୍ ଇଗ୍ ମିନ୍ଦେଡ୍;
ମାନାଡ୍ ଇଗେ ମୁଣ୍ତ୍ ଗୁଡ୍‌ସା ତିଆର୍ ମାଡ଼ିକାଡ୍, ନି ମାଇଦିଙ୍କ୍ ଅଣ୍ତୟ୍,
ମୋଶାନ୍ ମାଇଦିଙ୍କ୍ ଅଣ୍ତୟ୍, ଏଲିୟନ୍ ମାଇଦିଙ୍କ୍ ଅଣ୍ତୟ୍ ।" ବାତେଙ୍କ୍
ଇକ୍କେ ଅଣ୍ତ ବାଡ୍ କେଡଣ୍ଡ୍, ଆଦ୍ ଅଣ୍ତ ପୁନଣ୍ଡ୍ ।
୩୪ ପିତର୍ ଆଦ୍ ଗଟି କେସମାନ୍ଦାନ୍ ୱେୟ୍ ମାବ୍‌ୱାସ୍ ଇଡ୍‌କ୍
ମିସ୍‌ତା, ମେଣ୍ଡେ, ଅଡ୍ ମାବ୍‌ତାଗ୍ ନେଙ୍ଗାନ୍ ୱେୟ୍ ପିତର୍, ଯାକୁବ୍ ନୁ
ଯୋହନ୍ ୱେର୍‌ତଡ୍ ।
୩୫ ✡✡ଆସୁଟେ ଆଦ୍ ମାବ୍‌ତାଗାଙ୍କ୍ ଇଦ୍‌ପୁଟୁଙ୍କ୍ ଲେଙ୍ଗ୍ ଆଡ୍‌ତେ,
"ହୋ ମା ପ୍ରିୟ ମାର୍, ଇକିଂଙ୍କ୍ ମାମ୍ ହେଞ୍ଜି ମିନ୍ଦେମ୍, ଇନ୍ ବାକ୍ୟତିଙ୍କ୍
କେଞ୍ଜାଟ୍ ।"
୩୬ ମେଣ୍ଡେ ଆଦ୍ ଲେଙ୍ଗ୍‌ଆସ୍ ତେର୍‌ଡ୍ ୱେୟ୍ ଜିସୁ ୱେରଣ୍ଡେ ଆଗେ
ତଅନ୍‌ତତଣ୍ଡ୍ । ପିତର୍, ଯାକୁବ୍ ନୁ ଯୋହନ୍ କଟ ଆସ୍ ମାଡ୍‌ତଡ୍,
ଅଡ୍ ବାଡ୍ ବାତା ଉଡ଼ିମାଡ୍‌ତଡ୍, ଆଗେତାୱୁ ବେନେ ବା ଗଟ୍ ଆଦ୍
ସମୟତେ ବେନଙ୍କ୍ ମିକା କେଲଡ୍ ।

---

✡ **୯:୩୫** ମାତିଉ 3:୧୭; ୧୨:୧୮; ମାର୍କ ୧:୧୧; ଲୁକ 3:୨୨. ✡ **୯:୩୫** ୨ ପିତର୍ ୧:୧୭,୧୮.

## ଜିସୁ ବୁତ୍ ପଇତେ ପେକାଙ୍କ୍ ସୁସ୍ଥମାଡ଼୍‌ତଣ୍ଡ୍
## (ମାତିଉ ୧୭:୧୪-୧୮; ମାର୍କ ୯:୧୪-୨୭)

୩୭ ମେଣ୍ଡେନ୍‌ଦିନ୍ ଜିସୁ ନୁ ଅଡ଼୍‌ୱାଦ୍ ମୁୱୁଡ଼୍ ଶିଷ୍ୟଡ଼୍ ମେଟେତାଗାଙ୍କ୍
ଡିଗି ୱାତ୍‌ତେ ୱେୟ୍, ନାର୍ଗେ ନାରୁଡ଼୍ ୱାସ୍ ଜିସୁନ୍ ତଡ଼୍‌କାୟ୍‌ଲ୍‌ତଡ଼୍ ।
୩୮ ମେଣ୍ଡେ ଉଡ଼ାଟ୍; ନାରୁଡ଼୍ ଲୋପେଙ୍କ୍ ୱେରଣ୍ଡ୍ ନାରୁଡ଼୍ ଗାଟି
ଲେଙ୍ଗଦେ କେତ୍‌ତଣ୍ଡ୍, "ହୋ ଗୁରୁ, ନାନେ ନିକିଂଙ୍କ୍ ଦନ୍ୟବାଦ୍
ମାଡ଼୍‌ତୁନ୍, ଦୟାମାଡ଼ି ନା ମାର୍‌ଦିଙ୍କ୍ ୱାସ୍ ଉଡ଼େ ବାତେଙ୍କ୍ ଇକ୍େ
ନାକିଂଙ୍କ୍ ଅଣ୍ଡ୍ ୱେରଣ୍ଡେ ଇଞ୍ଜ ମାର୍;
୩୯ ଉଡ଼େ, ଅଂକିଙ୍କ୍ ବୁତ୍ ପୟିନୁଡ଼୍, ମେଣ୍ଡେ ଅଣ୍ଡ୍ ଅଟାଡ୍ ତେ
ମର୍‌ପୟ୍‌ତୁତଣ୍ଡ୍, ଅଂକିଙ୍କ୍ ବୁତ୍ ଇଦ୍‌ପୁଟୁଙ୍କ୍ ମାଡ଼୍‌ତେ ଯେ, ଅନ୍
ପାୟୁର୍‌ତାଗାଙ୍କ୍ ବୟୁଲ୍ ପେୟିନୁଡ଼୍, ବୁତ୍ ଅଂକିଙ୍କ୍ ଉକେୱେକ୍ ମାଡ଼ି
ଅନ୍‌ଆଗାଙ୍କ୍ ତିପାଲ୍‌ତେ ପେୟିସ୍ ଆତ୍‌ତେ ।"
୪୦ ବୁତ୍‌ତିଙ୍କ୍ ୱିର୍‌ସ୍‌ପାନ୍ ମାଇଦିଙ୍କ୍ ନାନେ ନି ଶିଷ୍ୟଡ଼୍‌କିଂଙ୍କ୍ କାର୍‌ଙ୍ଗି
ମାତ୍‌ତାନ୍, ମାତର୍ ଅଡ଼୍ ପାର୍‌ୱଡ଼୍ ।
୪୧ ଜିସୁ ଉତ୍ତର୍ ହିତ୍‌ତଣ୍ଡ୍, "ଆର୍ ଅବିଶ୍ୱାସ୍‌ଡ଼ି ନୁ ପେର୍‌କେ ୱାଦାନ୍
ବଂଶତଡ଼ି, ମେଣ୍ଡେ ବେସ୍‌କ୍‌ଦିନା ନାନେ ମି ତଡ଼୍ ମାନ୍‌ତା, ବେସର୍‌ଦିନା
ନାନେ ମିୟାଦ୍ ମାଡ଼ାନ୍ କାମ୍‌ତିଙ୍କ୍ କେଞ୍ଜ୍‌ତାନ୍, ତାନ୍ ପେର୍‌କେ ଜିସୁ
ଆଦ୍ ନାରୁଙ୍କ୍ କେତ୍‌ତଣ୍ଡ୍, ନି ମାର୍‌ଦିଙ୍କ୍ ଇଗ୍ ପୟ୍‌ସ୍ ତାଡ଼ା ।"
୪୨ ପେକାଲ୍ ୱାଦାନ୍ ୱେୟ୍ ବୁତ୍ ଅଂକିଙ୍କ୍ ନେଏଲ୍ ରାପି ବୟଙ୍କାର୍
ତେ ପଇସ୍‌ଉକିତ୍ତେ, ବାତେଙ୍କ୍ ଇକ୍େ ଜିସୁ ଅଶୁଚି ଆତ୍ମାତିଙ୍କ୍ ଦମକ୍
ହିତ୍‌ତଣ୍ଡ୍ ନୁ ପେକାଙ୍କ୍ ସୁସ୍ଥ ମାଡ଼ି ଅଂକିଙ୍କ୍ ତାମ୍ ବାବାନ୍ କାଇଦେ
ଇତ୍‌ତନ୍ ମାଡ଼୍‌ତଣ୍ଡ୍ ।
୪୩ ଆଗେତିନ୍‌ସ୍ ଅଡ଼୍ ସାର୍‌ତଡ଼୍ ଇଶ୍ୱର୍ ତେ ନାର୍ଗେଶକ୍ତି ତେ ବାକ୍‌ୱା
ଆଦ୍‌ତଡ଼୍ । ମାତର୍ ତାନ୍ ମାଡ଼୍‌ତେ ସାରେ ପାଡ଼ିୟି ସେଙ୍ଗେ ସାରେତଡ଼୍
ବାକ୍‌ୱା ଆଦାନ୍ ୱେଲେ ଜିସୁ ତାମ୍ ଶିଷ୍ୟଡ଼୍‌କିଂଙ୍କ୍ କେତ୍‌ତଣ୍ଡ୍ ।

## ଜିସୁ ନିଜର୍ ଡଲାନ୍ ଗଟ୍ ମେଣ୍ଡଅନ୍‌ଦାମ୍ କେତ୍‌ତଣ୍ଡ୍
## (ମାତିଉ ୧୭:୨୨-୨୩; ମାର୍କ ୯:୩୦-୩୨)

୪୪ "ଜିସୁ ତାନ୍ ଶିଷ୍ୟଡ଼୍‌କିଂଙ୍କ୍ କେତ୍‌ତଣ୍ଡ୍, ନାନ୍ ବାତେଏ କତ୍‌ତାନ୍
ଆଦ୍ ମାର୍‌ଙ୍ଗ୍‌ମାଟ୍ ଆଦ୍ ସାର୍‌ରେଗଟି ମି କେୱକିନାଗ୍ ନେହେମୁଟ୍;

ବାତେଙ୍କ୍ ଇକ୍କେ ନାରୁନ୍ ମାର୍ ଶତ୍ରୁଡ଼୍ କାଇଦେ ସମର୍ପିତ୍ ହାଦାଙ୍କ୍
ଆଦୁତନ୍ ।”

୪୫ ବାତେଙ୍କ୍ ଇକ୍କେ ଶିଷ୍ୟଡ଼୍ ଆଦ୍ ଗଟ୍ତିଙ୍କ୍ ବୁଜେମ୍ ଆୟ୍ୟଡ଼୍,
ଆଦ୍ ଗଟ୍ ତେ ଇଡ୍କେ ଅଡ଼୍ମାଇଦିଙ୍କ୍ ପୁନ୍ଦାନ୍ ସେଙ୍ଗେ ମିଞ୍ଜିମାଡ୍ତେ,
ଆସୁଟେ ଅଡ଼୍ ଜିସୁଙ୍କ୍ ଆଦ୍ ଗଟ୍ ବିଷୟ୍ ତେ କେଡ୍ତାନ୍ ମାଇଦିଙ୍କ୍
ୱେର୍‌ସ ମାଡ୍ତଡ଼୍ ।

## ଅଡ଼୍ଲୋପେ ବେନ ବାଡ଼୍ୟଣ୍ତ୍
## (ମାତିଉ ୧୮:୧-୫; ମାର୍କ ୯:୩୩-୩୭)

୪୬ ✡ଅଡ଼୍ଲପେଙ୍କ୍ ବେନଣ୍ତ୍ ବାଡ଼୍ୟଣ୍ତ୍ ଆଦ୍ ବିଷୟତେ ଅଡ଼୍ଲପେ
ରାମ୍‌କ୍ ରଦ୍‌ଦେ ଆଡ୍ତେ ।

୪୭ ବାତେଙ୍କ୍ ଇକ୍କେ ଜିସୁ ଅଡ଼୍ଆଲ୍‌ସାନାଦ୍ ପୁଞ୍ଜ୍, ଅର୍ତୁଙ୍କ୍ ସୁଦୁନ୍
ପେକାଙ୍କ୍ ଅନ୍ ଗାର୍‌ରେ ତାସ୍ ନିଲ୍‌ସ୍ପି ଶିଷ୍ୟଡ଼୍‌କିଂଙ୍କ୍ କେଡ୍ତଣ୍ତ୍,

୪୮ ✡“ବେନଆଇ ନା ପେଦେର୍‌ତେ ହି ସୁଦୁଣ୍ତ୍ ପେକାଙ୍କ୍ ଗ୍ରହନ୍
ମାଡ଼ିତନ୍ ଅଣ୍ତ୍ ନାକିଂଙ୍କ୍ ଗ୍ରହନ୍ ମାଡ଼ିତନ୍, ବେନଆଇ ନାକିଂଙ୍କ୍ ଗ୍ରହନ୍
ମାଡ଼ିତନ୍, ଅଣ୍ତ୍ ନା ତ୍ରାଣକର୍ତ୍ତାଙ୍କ୍ ଗ୍ରହନ୍ ମାଡ଼ିତନ୍; ବାତେଙ୍କ୍ ଇକ୍କେ ମି
ସାର୍‌ରେତଡ଼୍ଲୋପ୍ ବେନ ସୁଦୁନଣ୍ତ୍, ଅଣ୍ତେ ବାଡ଼୍ୟଣ୍ତ୍ ।”

## ବେନ ପାକେ ଆୟ୍ୟଣ୍ତ୍, ଅଣ୍ତ୍ ପାକେଙ୍କ୍
## (ମାର୍କ ୯:୩୮-୪୦)

୪୯ ଆସୁଙ୍କ୍ ଯୋହନ୍ ଉତ୍ତର୍ ହିଡ୍ତଣ୍ତ୍, “ହୋ ଗୁରୁ, ମାମ୍ ଅର୍ତୁଙ୍କ୍ ନି
ପେଦେର୍ ତେ ବୁତ୍ ୱିଡ଼୍‌ସ୍‌ପାନାଦ୍ ଉଡ଼୍ତମ୍, ମେଣ୍ତେ ଅଣ୍ତ୍ ମା ମାନ୍ଦେ
ତାଗ୍ ଇଲ୍‌ୱାଙ୍କ୍ ଅଂକିଙ୍କ୍ ମାମ୍ ମନା ମାଡ଼୍ତମ୍ ।”

୫୦ ବାତେଙ୍କ୍ ଇକ୍କେ ଜିସୁ ଅଡ଼୍‌କିଂଙ୍କ୍ କେଡ୍ତଣ୍ତ୍, “ମନା ମାଡ଼୍ମାଟ୍,
ବେନ୍ ମିଇ ତୋଡ଼୍ଆୟ୍ୟଣ୍ତ୍ ଅଣ୍ତ୍ ତୋଡ଼୍ ।”

## ୱେରନ୍ ଶମିରୋଣୀୟ ନାର୍ ଜିସୁଙ୍କ୍ ଆଗ୍ରାହ୍ୟ ମାଡ଼ିତେ

୫୧ ଜିସୁ ଜଗତ୍‌ତିଙ୍କ୍ ୱିଡ଼୍‌ସି ସ୍ୱର୍ଗତା ମାଲ୍‌ସ୍‌ଆଦାନ୍ ଦିନାମ୍ ଗାର୍‌ରେ
ହେୱ୍‌ସ୍ ମାଡ୍ତେ, ଆସୁଟେ ଅଣ୍ତ୍ ଯିରୁଶାଲେମ୍‌ତା ଆଦାନ୍ ମାଇଦିଙ୍କ୍
ତିୟାର୍ ଆଡ୍ତଣ୍ତ୍ ।

---

✡ **୯:୪୬** ଲୁକ ୨୨:୨୪. ✡ **୯:୪୮** ମାତିଉ ୧୦:୪୦; ଲୁକ ୧୦:୧୬; ଯୋହନ୍ ୧୩:୨୦.

୫୨ ଜିସୁ ଅନ୍ ମୁନେଙ୍କ୍ ବେସ୍କ୍ତୁଡ଼କ୍ ନାରୁଡ଼୍କିଂଙ୍କ୍ ରହତଣ୍ଡ୍, ଅଡ଼୍
ଆଞ୍ଜ୍ ଜିସୁନ୍ ମାଇଦିଙ୍କ୍ ଆୟୋଜନ୍ ମାଡ଼ାନ୍ ସେଙ୍ଗେ ଶମିରୋଣୀୟ
ନାର୍ଦାଗ୍ ଅସ୍ତଡ଼୍,
୫୩ ବାତେଙ୍କ୍ ଇକ୍ରେ ଜିସୁ ଯୀରୁଶାଲାମ୍ ଆଦାଙ୍କ୍ ଇଚ୍ଛା ମାଡ଼୍ତଣ୍ଡ୍ ଇଞ୍ଜ
ପୁଞ୍ଜ୍ ଅଡ଼୍ ଅଂକିଙ୍କ୍ ଗ୍ରହନ୍ ମାଡ଼ଡ଼୍ ।
୫୪ ଆଦ୍ ଉଡ଼ି, ଯାକୁବ୍ ନୁ ଯୋହନ୍, ହି ଇର୍ୱୁଡ଼୍ ଶିଷ୍ୟ ଜିସୁଙ୍କ୍
କେଡ଼୍ତଡ଼୍, “ପ୍ରବୁ ଏଲିୟ ବେଦ୍ପୁଟୁଙ୍କ୍ ମାଡ଼ିମାଡ଼୍ତଣ୍ଡ୍, ଆଦ୍ପୁଟୁଙ୍କ୍*
ମାବ୍ତାଗାଙ୍କ୍ କିସ୍ ରାଲି ଅଡ଼୍କିଂଙ୍କ୍ ନଷ୍ଟ ବା ୱିଡ଼୍ସି ମାଡ଼ି, ଆଦ୍ ମାମ୍
କେତିତମ୍ ଇଞ୍ଜ ବାତ୍ ମିୱାଦ୍ ଇଚ୍ଛା ?”
୫୫ ବାତେଙ୍କ୍ ଇକ୍ରେ ଅଣ୍ତ୍ ତିଡ଼୍ୟିମେଣ୍ତେ ଅଡ଼୍କିଂଙ୍କ୍ ଆନୁଯୋଗ୍
ମାଡ଼ି କେଡ଼୍ତଣ୍ଡ୍, ମିଡ଼୍ ବେନ୍ ଲେକାମ୍ ଆମ୍ବାଡ଼୍ ନାରୁଡ଼ି, ଇଦ୍ ନାନ୍
ପୁନନ୍ । ନାରୁନ୍ ମାର୍ ନାରୁଡ଼୍ତେ ଜିୱୁନ୍ତିଙ୍କ୍ ହାଉକାଙ୍କ୍ ୱାଡ଼ଣ୍ତ୍ ବା
ଗେଲ୍ସ୍ପାଙ୍କ୍ ୱାସ୍ ମିନ୍ଦେଣ୍ତ୍ ।†
୫୬ ଆସୁଟେ ଅଡ଼୍ ମେଣ୍ତେ ଅଣ୍ତ୍ ନାର୍ ଆଦ୍ତଡ଼୍ ।

## ଜିସୁନ୍ ଶିଷ୍ୟ ଆଦାଙ୍କ୍ ଇଚ୍ଛାମାଡ଼ାନ୍ ନାରୁଡ଼୍
*(ମାତିଉ ୮:୧୯-୨୨)*

୫୭ ଅଡ଼୍ ଆର୍ଦାଲାନ୍ ଆଦାନ୍ ଦିନାମ୍ ତେ ୱେରନ୍ ନାରୁଡ଼୍
ଜିସୁଙ୍କ୍ କେଡ଼୍ତଣ୍ଡ୍, “ନିମେ ବେନେ ଜାଗେତାଗ୍ ଆଦ୍ତିଡ଼୍, ନାନେ ନି
ପେର୍କେ ୱାଦ୍ତାନ୍ ।”
୫୮ ଜିସୁ ଅଡ଼୍କିଂଙ୍କ୍ କେଡ଼୍ତଣ୍ଡ୍, “କଙ୍ଗାନାକାଙ୍କ୍ ଦୋର୍ରା
ମିନ୍ଦେ, ମାବ୍ ତେ ପରୁ ଉଡାନ୍ ପିଟେଙ୍କ୍ ତୁହ୍କା ମିନ୍ଦେ, ମାତର୍
ନାରୁନ୍ପିଲେତାଦ୍ ତାଲାଙ୍କ୍ ଗୁଞ୍ଜାମାଡ଼ାଙ୍କ୍ ପଡ଼ିୟେ ଇଲା ।”
୫୯ ମେଣ୍ତେ, ଅର୍ତୁଙ୍କ୍ କେଡ଼୍ତଣ୍ଡ୍, “ନା ପେର୍କେ ୱାଡ଼ା ।” ବାତେଙ୍କ୍
ଇକ୍ରେ ଅଣ୍ତ୍ କେଡ଼୍ତଣ୍ଡ୍, “ମୁନେ ଆଞ୍ଜ୍ ନା ବାବାଙ୍କ୍ ସମାଦି ହିଦାନ୍
ମାଇଦିଙ୍କ୍ ନାକିଂଙ୍କ୍ ଗଟ୍ ହିମ୍ ।”
୬୦ ମାତର୍ ଜିସୁ ଅଡ଼୍କିଂଙ୍କ୍ କେଡ଼୍ତଣ୍ଡ୍, “ଡଲ୍ତେନଡ଼୍କିଂଙ୍କ୍ ସମାଦି
ହିଦାଙ୍କ୍ ଡୋଲ୍ତଡ଼କ୍ ୱିଡ଼୍ସିମୁଟ୍, ବାତେଙ୍କ୍ ଇକ୍ରେ ମିଡ଼୍ ଆଞ୍ଜ ଇଶ୍ୱର୍ତ୍
ରାଜ୍ୟତେ ପ୍ରଚାର୍ ମାଡ଼ାଟ୍ ।”

* **୯:୫୪** ବେସ୍କ୍ ପାଣ୍ଡୁଲିପିତାଗ୍ ଇଦ୍ ଲେକା ହିଲ୍ଲେ † **୯:୫୫** ବେସ୍କ୍ ପାଣ୍ଡୁଲିପିତାଗ୍ ଇଦ୍ ଲେକା ହିଲ୍ଲେ

୬୧ ମେଣ୍ଡ୍ରେ ୱେରଣ୍ଡ୍ ଆନ୍‌ତେ କେଡ୍‌ତଣ୍ଡ୍, "ନାନେ ନି ପେର୍‌କେ
ତାକିତାନ୍, ମାତର୍ ମୁନେ ନା ଲୋନ୍ ମାନ୍ଦାନ୍ ନାରୁଡ଼ାଗାଙ୍କ୍ ୱିଡ଼୍‌ସିଦାନ୍
ମାଇଦିଙ୍କ୍ ନାକିଂଙ୍କ୍ ଗଟ୍ ହିମ୍ ।"
୬୨ ବାତେଙ୍କ୍ ଇକ୍ରେ ଜିସୁ ଅଡ଼୍‌କିଂଙ୍କ୍ କେଡ୍‌ତଣ୍ଡ୍, "ବେନ
ନାଙ୍ଗେଲ୍‌ତାଗ୍ କାୟ୍‌ପୟ୍‌ସ୍ ପେର୍‌କେ ଉଡ଼ିତଣ୍ଡ୍, ଅଣ୍ଡ୍ ଇଶ୍ୱରତେ
ରାଜ୍ୟ ସେଙ୍ଗେ ବାଡ୍ ପାଡ଼ିୟିଦିଙ୍କ୍ ମିକା ଯୋଗ୍ୟ ଆୟ୍‌ୟଣ୍ଡ୍ ।"

# ୧୦

## ଜିସୁ ସତୁରି ଇର୍‌ୱୁଡ଼କ୍* ରହ୍‌ତଣ୍ଡ୍

୧ ତାନ୍ ପେର୍‌କେ ଜିସୁ ପ୍ରବୁ ସତୁରି ଇର୍‌ୱୁଡ଼କ୍ ଜାନ୍ ନାରୁଡ଼୍‌କ୍
ଏଞ୍ଚତଣ୍ଡ୍ । ବେନ୍ ନଗର୍ ନୁ ପଡ଼ିୟେତାଗ୍ ଆଦାନ୍ ମାଇଦିଙ୍କ୍ ଇଚ୍ଛା
ମିନ୍ଦେ, ଆଦ୍ ଜାଗାକିନାଗ୍ ଇର୍‌ୱୁଡ଼୍ ମାଡ଼ି ଜିସୁ ଆଦାନ୍ ମୁନେଙ୍କ୍
ଅଡ଼୍‌କିଂଙ୍କ୍ ରହ୍‌ତଣ୍ଡ୍ ।
୨ ✡ମେଣ୍ଡ୍ରେ, ଜିସୁ ଅଡ଼୍‌କିଂଙ୍କ୍ କେଡ୍‌ତଣ୍ଡ୍, ଶସ୍ୟ ସିନା ନାର୍ଗେ, ମାତର୍
ପାଡ଼ିୟିମାଡ଼ାନ୍ ନାରୁଡ଼୍ ସୁକୁକେ; ଆଦିନ୍ ମାଇଦିଙ୍କ୍ ପସଲ୍‌ମାଡ଼୍‌ତେ
ମାଲିକ୍‌ତିଙ୍କ୍ ପ୍ରାର୍ତନା ମାଡ଼ାଟ୍ ଯେ, ମାଲିକ୍ ବେଲାକି କୟ୍‌ଦାନ୍
ମାଇଦିଙ୍କ୍ ନାର୍ଗେ ନାରୁଡ଼୍‌କିଂଙ୍କ୍ ରହ୍‌ତିତଣ୍ଡ୍ ।
୩ ✡ମିଡ଼୍ ଆନୁଟ୍, ଉଡ଼ାଟ୍, ନାନେ ମିକିଂଙ୍କ୍ କୁକାଲ୍‌କିନ୍ ଲୋପ୍
ମେଣ୍ଢାପିଲାନ୍ ଲେକାମ୍ ମାଡ଼ି ରହ୍‌ତୁତାନ୍ ।
୪ ଆଦାନ୍ ୱେଲେ ସାଙ୍ଗେ ଡାବ୍, ମୁନେ, ହେଡ୍‌ପୁକ୍ କି ବାତାମେଣ୍ଡ୍ରେ
ଆୟ୍‌ମାଟ୍, ମେଣ୍ଡ୍ରେ, ଆର୍‌ଦାଗ୍ ବେନଙ୍କ୍ ନମସ୍କାର୍ ମାଡ଼୍‌ମାଟ୍ ।
୫ ଆସୁଟେ, ବେନେଆୟି ଲୋନ୍ ନେଙ୍ଗାନ୍ ମୁନେନ୍ କେଲ୍‌ମୁଟ୍, "ଇ
ଲୋଡ଼୍‌ତେ ସେଙ୍ଗେ ଶାନ୍ତି ଆୟି ।"
୬ ଯଦି ଆଗେ ବେନ ଶାନ୍ତିଡ୍ ନାରୁଡ଼୍ ମାଡ଼୍‌କେ, ଆଲାକ୍ରେ ମିୱାଦ୍
ଆଶୀର୍ବାଦ୍ ଅଡ଼୍‌କିଂଙ୍କ୍ ଦର୍‌କିଡ୍ । ଯଦି ଆଗେ ବେନ ଶାନ୍ତିଡ୍ ନାରୁଡ଼୍
ହିଲକଟ୍ ମାନ୍‌ତଣ୍ଡ୍, ଆଲାକ୍ରେ ମିୱାଦ୍ ଆଶୀର୍ବାଦ୍ ମିୟାଗ୍ ମାଲ୍‌ସ୍
ୱାଦ୍‌ତେ ।
୭ ✡ଆ ନାରୁଡ଼୍ ବାତାଆଇ ତିନ୍ଦାଙ୍କ୍ ହିଦ୍‌ତଡ଼୍ ଆୱୁ ତିନୁଟ୍ । ପାଡ଼ିୟେ

* **୧୦:** ବେସ୍‌କ୍ ପାଣ୍ଡୁଲିପିତାଗ୍ ସତୁରି ଜାନ୍ ଲେକା ମିନ୍ଦେ ✡ **୧୦:୨** ମାତିଉ ୯:୩୭,୩୮.
✡ **୧୦:୩** ମାତିଉ ୧୦:୧୬. ✡ **୧୦:୭** ୧ କରନ୍ଥିୟ ୯:୧୪; ୧ ତୀମତି ୫:୧୮.

ମାଡ଼ାନ୍ ନାରୁଡ଼କ୍ ମଜୁରି ଦର୍‌କାନାଦ୍ ଅଦିକାର୍ ମିନ୍ଦେ । ଲୋତ୍‌ତେ କନ୍‌ସ୍ ମେଣ୍ଡେଅଣ୍ତ୍ ଲୋନ୍ ଆନ୍‌ମାଟ୍ ।
୮ ଯଦି ମିଡ୍‌ ବେନ୍‌ଆଇ ନାର୍ ଆଦ୍‌ତିଡ଼୍, ଯଦି ମିକିଂଙ୍କ୍ ଆଗେତ୍
ନାରୁଡ଼୍ କାର୍‌ଗିଂତଡ଼୍, ଆଲାକ୍ଏ ଅଡ଼୍ ମିକିଂଙ୍କ୍ ବାତ୍ କାଦି ହିଦ୍‌ତଡ଼୍ ଆଦ୍
ତିନୁଟ୍ ।
୯ ଆଦ୍ ଜାଗାକିନାଗ୍ ମାନ୍ଦାନ୍ ରୋଗିନାରୁଡ଼୍ ସୁସ୍ଥ ମାଡ଼ାଟ୍, ଆସୁଟେ
ଅଡ଼୍‌କିଂଙ୍କ୍ କେଲ୍‌ମୁଟ୍, ପରମେଶ୍ୱରତେ ରାଜ୍ୟ ମି ଗାର୍‌ରେ ୱାସ୍
ହେଓ୍ୱସ୍ ମିନ୍ଦେ ।
୧୦ ✡ଯଦି ବେନ୍‌ଆଇ ନାର୍ ଆଦ୍‌ତିଡ଼୍ ଯଦି ଆଗେତ୍ ନାରୁଡ଼୍ ମିକିଂଙ୍କ୍
ଗ୍ରହନ୍ ମାଡ଼ଡ଼୍, ଆଲାକ୍ଏ ଆଦ୍ ନାର୍‌ଦେ ବାଇଦେ ଆଞ୍ଜ କେଲ୍‌ମୁଟ୍ ।
୧୧ ✡ମି ନାର୍‌ଦେ ଦୂମ୍ ମା ଡେକାନାଗ୍ ଟୁଣ୍ଡିମିନ୍ଦେ ଆଦ୍ ମିକା
ମିୟାଗେ କାୟ୍‌ସିଦୁତମ୍ । ବେଲାହିଦ୍‌କେ ମେଣ୍ଡେ ପରମେଶ୍ୱର୍‌ତାଦ୍
ରାଜ୍ୟ ମି ଗାର୍‌ରେ ୱାସ୍ ହେଓ୍ୱସ୍ ମିନ୍ଦେ, ଇଦ୍ ପୁଞ୍ଜ୍ ମାନୁଟ୍ ।
୧୨ ✡ନାନେ ମିକିଂଙ୍କ୍ କେସମିନ୍ଦେନ୍ ଯେ, ବିଚାର୍ ଆଦାନ୍‌ଦିନାତେ
ଆଦ୍ ନାର୍ ଦେ ନାରୁଡ଼୍ ତେ ଦଣ୍ଡ ୱିଡ଼୍‌ସି ସଦୋମ୍ ନଗର୍‌ତେ ଦଣ୍ଡ
ସହ୍ୟ ମାଡ଼ାଙ୍କ୍ ଆଦ୍ ତେ ।

## ବିଶ୍ୱାସ୍‌ଇଲ୍‌ୱେ ସହର୍ ତେ ଜିସୁନ୍ ସତର୍କ (ମାତିଉ ୧୧:୨୦-୨୪)

୧୩ ହୋ, "କୋରାଜିନ୍ ନିୟାଦ୍ ଦଣ୍ଡ କି ବୟଙ୍କାର୍ ଆଦ୍ ତେ, ହୋ,
ବେତ୍‌ସାଇଦା ନିୟାଦ୍ ମିକା ଦଣ୍ଡ କି ବୟଙ୍କାର୍ ଆଦ୍ ତେ, ମି ମାଇଦିଙ୍କ୍
ନାନେ ନାର୍ଗୋ ଆଶର୍ଯ୍ୟ ପାଡ଼ିୟେ ତଅତାନ୍ । ଯଦି ହିସତାଦ୍ ସୋର ନୁ
ସିଦୋନ୍‌ତେ ନାରୁଡ଼୍‌କିଂଙ୍କ୍ ମାଡ଼ି ମାନ୍ଦାନ୍ ହିତ୍‌କେ, ହାଲାଇକ୍ଏ ଅଡ଼୍
ନାର୍ଗୋଦିନାତେ ମୁନେଙ୍କ୍ ବାସ୍ତା କେର୍ସ୍ ନିର୍‌ତାଗ୍ କୁଦି ମନପରିବର୍ତ୍ତନ୍
ମାଡ଼ି ମାନେଡ଼ି ।
୧୪ ହାଲାଇକ୍ଏ ବିଚାର୍ ଦିନାତେ ମିୟାଦ୍ ଦଣ୍ଡ ୱିଡ଼୍‌ସି ସୋର୍ ନୁ
ସୀଦୋନ୍‌ତେ ନାରୁଡ଼୍ ତେ ଦଣ୍ଡ ସହ୍ୟ ମାଡ଼ାଙ୍କ୍ ଆଦ୍‌ତେ ।
୧୫ ହୋ କପର୍ନାହୂମ୍ ନିମ୍ ବାତ୍ ସ୍ୱର୍ଗ ହେଉନା ଡେଙ୍ଗ୍ ଆଦ୍‌ତିଡ଼୍ ?
ପାତାଲ୍ ହେଉନା ନିମେ ରାୟିତି ।"

---

✡ **୧୦:୧୦** ପ୍ରେରିତ ୧୩:୫୧. ✡ **୧୦:୧୧** ମାତିଉ ୧୦:୭-୧୪; ମାର୍କ ୬:୮-୧୧; ଲୁକ ୯:3-୫.
✡ **୧୦:୧୨** ମାତିଉ ୧୧:୨୪; ମାତିଉ ୧୦:୧୫.

୧୬ ✡ଜିସୁ ତାମ୍ ଶିଷ୍ୟଡ଼କିଙ୍ଗ୍ କେତ୍‌ତଣ୍ଡ୍, "ବେନମେଣ୍ଡ୍ଆଇ ମିୱାଦ୍
ଗଟି କେଞ୍ଜିତଣ୍ଡ୍; ଅଣ୍ଡ୍ ନା ଗଟି କେଞ୍ଜିତଣ୍ଡ୍, ମେଣ୍ଡେ ବେନ ମିକିଂଙ୍ଗ୍
ଗ୍ରହନ୍ ମାଡ଼ଣ୍ଡ୍, ଅଣ୍ଡ୍ ନାକିଂଙ୍ଗ୍ ଗ୍ରହନ୍ ମାଡ଼ଣ୍ଡ୍, ମେଣ୍ଡେ ବେନ ନାକିଂଙ୍ଗ୍
ଗ୍ରହନ୍ ମାଡ଼ଣ୍ଡ୍ ଅଣ୍ଡ୍ ନା ତ୍ରାଣକର୍ତ୍ତାଙ୍ଗ୍ ଗ୍ରହନ୍ ମାଡ଼ଣ୍ଡ୍ ।"

## ସତୁରି ଇର୍‌ୱୁଡ଼୍ ଜାନ୍ ଶିଷ୍ୟଡ଼୍ ମାଲ୍‌ସ୍‌ୱାତଡ଼୍

୧୭ ଆସୁଟେ ଅଡ଼୍ ସତୁରି ଇର୍‌ୱୁଡ଼୍ ଜାନ୍ ନାରୁଡ଼୍ ମାଲ୍‌ସ୍‌ୱାସ୍
ସାର୍‌ଦେତେ କେତ୍‌ତଡ଼୍, "ପ୍ରବୁ, ମାମ୍ ବେସୁଟ୍ ନିୟାଦ୍ ପେଦେର୍
ପୟସ୍ କେତ୍‌ତମ୍, ଆସୁଟେ ବୁଡ଼୍‌କ୍ ଆନ୍‌ତେ ମା ଗଟିଙ୍ଗ୍ କେଞ୍ଜ୍‌ତା ।"
୧୮ ବାତେଙ୍ଗ୍ ଇକ୍କେ ଜିସୁ କେତ୍‌ତଣ୍ଡ୍, "ପିଡ଼୍‌ଗ୍ ହିନା ସ୍ୱର୍ଗତାଗାଙ୍ଗ୍
ଶୟତାନ୍ ରାଲାନାଦ୍ ନାନ୍ ଉଡ଼ିମାତ୍ତାନ୍ ।"
୧୯ ଉଡ଼ାଟ୍, ନାନ୍ ମିକିଂଙ୍ଗ୍ ତାଡ଼ାକିନାଗ୍ ନୁ ଏଟ୍‌ଗଡେଲ୍‌କିନ୍ ପରୁ
ତାଆକାନ୍ ମାଇଦିଙ୍ଗ୍ ଶକ୍ତି ନୁ ଅଦିକାର୍ ହିତ୍‌ତାନ୍, ମେଣ୍ଡେ ଶତ୍ରୁଡ଼୍
ଶକ୍ତିତ୍ ପରୁ ଆନ୍‌ତେ ଅଦିକାର୍ ହିତ୍‌ତାନ୍, ମିକିଂଙ୍ଗ୍ ବେନଡ଼୍ ମେଣ୍ଡେ
ବାତ୍ କ୍ଷତି ମାଡ଼୍ ପାର୍‌ୱଡ଼୍ ।
୨୦ ମିକା, କାରାପ୍ ଆତ୍ମା ଆନ୍‌ତେ ମିଆୱ୍ ଗଟି କେଞ୍ଜୁତ୍ ଇଞ୍ଜ ମିଡ଼୍
ସାର୍‌ଦ୍ ଆୟ୍‌ମାଟ୍ । ବାତେଙ୍ଗ୍ ଇକ୍କେ ମିୱାଦ୍ ପେଦେର୍ ଯେ ସ୍ୱର୍ଗତାଗ୍
ଲେକାମିନ୍ଦେ, ଆଦିନ୍ ମାଇଦିଙ୍ଗ୍ ସାର୍‌ଦେ ଆୟିମୁଟ୍ ।

## ଜିସୁ ସାର୍‌ଦେ ଆତ୍‌ତଣ୍ଡ୍
## (ମାତିଉ ୧୧:୨୫-୨୭; ୧୩:୧୬-୧୭)

୨୧ ତାନ୍ ପେର୍‌କେ ଜିସୁ ପବିତ୍ରଆତ୍ମାତେ ତଡ଼୍ ସାର୍‌ଦେତେ
ସାରେଆସ୍ କେତ୍‌ତଣ୍ଡ୍, "ହୋ ବାବା, ହୋ ସ୍ୱର୍ଗ ନୁ ପୃତିବିତେ ପ୍ରବୁ
ନାନ୍ ନି ପ୍ରସଂଶା ମାଡ଼ତ୍ତାନ୍ । ବାତେଙ୍ଗ୍ ଇକ୍କେ ନିମେ ଜ୍ଞାନି ନୁ
ବୁଦ୍ ନାରୁଡ଼ାଗାଙ୍ଗ୍ ମିଞ୍ଜିପି ନେହେସ୍ ମାତ୍‌ତିନ୍, ପିଲାନ୍ ଲେକାମ୍
ନାରୁଡ଼୍‌କିଂଙ୍ଗ୍ ତଅତିନ୍ । ଆଦିନ୍‌ମାଇଦିଙ୍ଗ୍ ନିୱାଦ୍ ସ୍ତୁତି ମାଡ଼ତ୍ତାନ୍;
ଇଦ୍ ହିଁ ଆଦାଙ୍ଗ୍ ନିମେ ଇଚ୍ଛା ମାଡ଼୍‌ତି ।"
୨୨ ✡"ନା ବାବାଲ୍ ଅନାଦ୍ ସାରେ ବିଷୟ୍ ନାକିଂଙ୍ଗ୍ ହିତ୍‌ତଣ୍ଡ୍; ମେଣ୍ଡେ,
ମାର୍ ବେନ, ଇଦ୍ ବାବାନ୍ ୱିଡ଼୍‌ସି ବେନମେଣ୍ଡେ ପୁନଡ଼୍, ମେଣ୍ଡେ

✡ **୧୦:୧୬** ମାତିଉ ୧୦:୪୦; ମାର୍କ ୯:୩୭; ଲୁକ ୯:୪୮; ଯୋହନ୍ ୧୩:୨୦. ✡ **୧୦:୨୨** ଯୋହନ୍ 3:3୫; ଯୋହନ୍ ୧୦:୧୫.

ବାବାଲ୍ ବେନ, ଅନ୍ମାର୍ ୱିଡ଼୍ସି ବେନମେଣ୍ତେ ପୁନଡ଼୍, ଆସୁଟେ ମାର୍
ବେନଣ୍ତ୍ ମୁନ୍ନେ ଅଂକିଙ୍କ୍ ତଅତାନ୍ ମାଇଦିଙ୍କ୍ ଇଚ୍ଛାମାଡ଼ିତଣ୍ତ୍, ଅଣ୍ତ୍
ଅଂକିଙ୍କ୍ ପୁନ୍ତଣ୍ତ୍ ।"
୨୩ ମେଣ୍ତେ, ଜିସୁ ତାମ୍ ଶିଷ୍ୟଡ଼ା ମୁନ୍ମାଡ଼ି ଅଡ଼୍କିଂଙ୍କ୍ କେତ୍ତଣ୍ତ୍,
"ମିଡ଼୍ ଇୱେ ସାରେ ବିଷୟ ଉଡ଼୍ତାଙ୍କ୍ ମିଡ଼୍ ଦନ୍ୟ ।"
୨୪ ବାତେଙ୍କ୍ ଇକ୍କେ ନାନ୍ ମିକିଂଙ୍କ୍ କେତୁତାନ୍, ମିଡ଼୍ ବାତାବାତା
ଉଡ଼୍ତିଡ଼୍, ଆୱ୍ ସାରେ ବାବବାଦୀଡ଼୍ ନୁ ରାଜାଲଡ଼୍ ଉଡ଼ାନ୍ମାଇଦିଙ୍କ୍
ଇଚ୍ଛା ମାଡ଼ମାତଡ଼୍, ବାତେଙ୍କ୍ ଇକ୍କେ ଉଡ଼ାଙ୍କ୍ ପାର୍ୱଡ଼୍; ମେଣ୍ତେ, ମିଡ଼୍
ବାତା କେଞ୍ଜ୍‌ତିଡ଼୍, ହାଉସାରେ ଅଡ଼୍ କେଞ୍ଜାନ୍ ଇଚ୍ଛା ମାଡ଼ମାତଡ଼୍,
ବାତେଙ୍କ୍ ଇକ୍କେ କେଞ୍ଜେ ପାର୍ୱଡ଼୍ ।

## ସାୟେତ୍ ଶମିରୋଣୀୟତ୍ ୱେଷଡ଼୍

୨୫ ✡ଆସୁଟେ ଉଡ଼େ, ୱେରନ୍ ବ୍ୟବସ୍ଥାଶାସ୍ତ୍ରଜ୍ଞ ତେଦୀ ଅଂକିଙ୍କ୍
ପରିକ୍ଷା ମାଡ଼ି କେତ୍ତଣ୍ତ୍, "ହୋ ଗୁରୁ, ସାରେଦିନାତ୍ ଜିୱୁଣ୍ତ୍ ଆଦାନ୍
ସେଙ୍ଗେ ନାନ୍ ବାତା ମାଡ଼ିତାନ୍ ?"
୨୬ ଆସୁଟେ ଜିସୁ ଅଂକିଙ୍କ୍ କେତ୍ତଣ୍ତ୍, "ବ୍ୟବସ୍ଥାତାଗ୍ ବାତ୍
ଲେକାମିନ୍ଦେ ? ନିମେ ବେଲା କାର୍ତୁତିନ୍ ?"
୨୭ ଅଣ୍ତ୍ ଉତ୍ତର୍ ହିତ୍ତଣ୍ତ୍, "ନିମେ ନିୱାଦ୍ ସାର୍‌ରେ ହୃଦୟ୍, ସାରେ
ଜିୱେ, ସାରେ ଶକ୍ତି ନୁ ସାର୍‌ରେ ମାନ୍ ଇସ୍ ପ୍ରବୁ ଇଶ୍ୱର୍‌ତିଙ୍କ୍ ପ୍ରେମ୍
ମାଡ଼ାଟ୍; ମେଣ୍ତେ, ନି ଗାର୍‌ରେତଡ଼୍କିଂଙ୍କ୍ ନିଜେଲାକାମ୍ ପ୍ରେମ ମାଡ଼ାଟ୍
।"
୨୮ ଆସୁଟେ ଅଂକିଙ୍କ୍ ଜିସୁ କେତ୍ତଣ୍ତ୍, "ନିମେ ଟିକ୍ ଉତ୍ତର୍ ହିତ୍ତି,
ଇଲା ମାଡ଼ାଟ୍ ହାଲାଇକ୍କେ ନିମେ ଜିୱୁଣ୍ତ୍ ଦର୍କିତ୍ ।"
୨୯ ବାତେଙ୍କ୍ ଇକ୍କେ ଶାସ୍ତ୍ରଜ୍ଞ ନିଜ୍ତିଙ୍କ୍ ଦାମର୍କ୍ ଇଞ୍ଜ ତଅତାଙ୍କ୍ ଇଚ୍ଛା
ମାଡ଼ି ଜିସୁଙ୍କ୍ କେତ୍ତଣ୍ତ୍, "ହାଲାଇକ୍କେ ନା ଗାରେତଡ଼୍ ବେନ ?"
୩୦ ଜିସୁ ଆଦ୍ ପ୍ରଶ୍ନତେ ଉତ୍ତର୍ ଇସ୍ କେତ୍ତଣ୍ତ୍, "ୱେରଣ୍ତ୍ ନାରୁଡ଼୍
ଯୀରୁଶାଲାମ୍ ତାଗାଙ୍କ୍ ଯିରୀୟ ନାର୍ ଆଞ୍ଜ ମାତ୍ତଣ୍ତ୍, ଆଞ୍ଜ ଆଞ୍ଜ
ଡଙ୍ଗାଲଡ଼୍ କାୟ୍‌ଦେ ଆତ୍ତଡ଼୍ । ଅଡ଼୍ ଅନାୱୁ ଚକାସିଲେଙ୍କ୍ ୱିର୍ସ୍ପି,
ଅଂକିଙ୍କ୍ ରେହେସ୍ ଡଲାନ୍ ଲେକାମ୍ ଆଦାନ୍ ଅବସ୍ଥାତେ ୱିଡ଼୍ସି
ଆଦ୍ତଡ଼୍ ।

✡ **୧୦:୨୫** ମାତିଉ ୨୨:୩୫-୪୦; ମାର୍କ ୧୨:୨୮-୩୪.

୩୧ ଗଟନା ଆଶେ ତେର୍‌ଡ୍ ୱେୟ୍ ୱେରଣ୍ ଯାଜକ ଆଦେ ହାର୍ ଇସ୍
ଆଞ୍ଚମାତଣ୍, ଆସୁଟେ ଅଣ୍ ଅଂକିଙ୍କ୍ ଉଡ଼ି ଆର୍‌ଦାଲା ଏରି ଆତ୍‌ତଣ୍ ।
୩୨ ମେଣ୍ଡେ ୱେରଣ୍ ଲେବୀୟ ନାରୁଡ଼୍ ଆଦେ ପଡ଼ିୟେତାଗ୍
ହେଉସ୍ ଅଂକିଙ୍କ୍ ଉଡ଼ି ଆର୍‌ଦିଙ୍କ୍ ହେରି ଆତ୍‌ତଣ୍ ।
୩୩ ବାତେଙ୍କ୍ ଇକ୍ରେ ୱେରଣ୍ ଶମିରୋଣୀୟ ପତିକ ନାରୁଡ଼୍ ଅନ୍
ଗାର୍‌ରେ ୱାସ୍ ଅଂକିଙ୍କ୍ ଉଡ଼ି ଦୟାତେ ଦାନ୍ଦେ ଆତ୍‌ତଣ୍,
୩୪ ଆସୁଟେ ଅଣ୍ ଅନ୍ ଗାର୍‌ରେ ଆଞ୍ଜ୍ ଦେବ୍ ତାଲ୍‌ଗ୍‌ତାଗ୍ ନିୟ୍ ନୁ
ଦ୍ରାକ୍ଷାରସ୍ ତଶ୍‌ସି ତହସିଦ୍‌ତଣ୍, ଅଂକିଙ୍କ୍ ଆସୁଟେ ନିଜର୍ ଗଦତାଗ୍
କୁସ୍‌ପି ଅଂକିଙ୍କ୍ ୱେରଡ଼୍ ବେନିଲ୍‌ୱେ ଲଡ୍‌ତାଗ୍ ଅସ୍ ମେଣ୍ଡେ ଅଂକିଙ୍କ୍
ସେବା ମାଡ଼୍‌ତଣ୍ ।
୩୫ ମେଣ୍ଡନ୍‌ଦିନେ ଶମିରୋଣୀୟ ନାରୁଡ଼୍ ରେଣ୍ ଦିନାରୀ ପେସ୍‌ପି
ବେନିଲ୍‌ୱେ ଲଡ୍‌ତାଗ୍ ମାନ୍ଦାନ୍ ମୁକ୍ୟାଙ୍କ୍ ଇସ୍ କେଡ୍‌ତଣ୍, ହିନ୍‌ୱାଦ୍
ଯତନ୍ ମାଡ଼େ, ନିମେ ଅନ୍‌ମାଇଦିଙ୍କ୍ ବାତ୍ 'ମେଣ୍ଡେ କର୍ଚ୍ଚମାଡ଼ିମାନ୍ତି,
ନାନ୍ ଆକାଙ୍କ୍ ମାଲ୍‌ସ୍‌ୱାସ୍ ବେସର୍ କର୍ଚ୍ଚ ମାଡ଼ିମାନ୍‌ତିନ୍ ଆସର୍ ଡାବ୍
ନିକିଂଙ୍କ୍ ହିଦ୍‌ତାନ୍ ।' "
୩୬ "ଇଡ଼୍ ମୁଣ୍ଡୁଡ଼୍ ଲୋପ୍ ବେନ ଡଙ୍ଗାନ୍ କାଇଦେ ହାର୍‌ସ୍ ମାତ୍‌ତଣ୍
ଅନ୍ ଗାରେତଣ୍ ବେନ ଇଞ୍ଜ ମିଡ଼୍ ହାଲ୍‌ସୁତିଡ଼୍ ?"
୩୭ ବ୍ୟବସ୍ଥା ଶାସ୍ତ୍ରଜ୍ଞ ଉତ୍ତର୍ ହିତ୍‌ତଣ୍, "ବେନ ଅଂକିଙ୍କ୍
ଦୟାମାଡ଼୍‌ତଣ୍ ଅଣ୍ । ଜିସୁ ଅଂକିଙ୍କ୍ କେଡ୍‌ତଣ୍, ଅନ୍ ନିମେ ମିକା
ରକମ୍ ମାଡ଼େ ।"

## ଜିସୁ ମାର୍ତା ନୁ ମରୀୟମତେ ଲୋନ୍ ଆତ୍‌ତଣ୍

୩୮ ✡ଜିସୁ ତାମ୍ ଶିଷ୍ୟଡ଼୍ ତଡ଼୍ ଆଞ୍ଚମାନ୍ଦାନ୍ ୱେଲେ ୱେରଡ଼୍ ନାର୍
ଆସ୍‌ତଣ୍ । ମାର୍ତା ପେଦେର୍ ତେ ୱେରଡ଼୍ ନାଟାଡ଼୍ ତାମ୍ ଲୋନ୍ ଜିସୁଙ୍କ୍
କାର୍‌ଙ୍ଗି ସ୍ୱାଗତ୍ ମାଡ଼ିତେ ।
୩୯ ମରୀୟମ୍ ପେଦେର୍‌ତାଦ୍ ୱେରନ୍ ତାନ୍ ଏଲାଡ଼୍ ମାତ୍‌ତେ, ଆଦ୍
ପ୍ରବୁନ୍ ଡେକେଡ୍ ମଦଲ୍ କୁଦି ଅନାଦ୍ ବାକ୍ୟ କେଞ୍ଜମାତ୍‌ତେ ।
୪୦ ବାତେଙ୍କ୍ ଇକ୍ରେ ମାର୍ତା ସେବା ପାଡ଼୍‌ୟି ମାଡ଼ାଙ୍କ୍ ଗାଟି ଦାନ୍ଦେ
ଆସମାତ୍‌ତେ; ଆସୁଟେ ଆଦ୍ ଜିସୁନ୍ ଗାର୍‌ରେ ୱାସ୍ କେଡ୍‌ତେ, ହୋ
ପ୍ରବୁ, ନା ଏଲାଡ଼୍ ଯେ ୱେରଡେ ନା ପରୁ ସାର୍‌ରେ ସେବା ମାଡ଼ାଙ୍କ୍

✡ **୧୦:୩୮** ଯୋହନ୍ ୧୧:୧.

ୱିଡ଼ସିଡ଼ତେ, ଆଦ୍ ବିଷୟ ନିକିଂଙ୍କ୍ ହେର୍କା ଇଲେ କି ? ନାକିଂଙ୍କ୍
ସାହାଯ୍ୟ ମାଡ଼ାଙ୍କ୍ ମାଇଦିଙ୍କ୍ ତାଙ୍କ୍ କେସିମ୍ ।
୪୧ ବାତେଙ୍କ୍ ଇକ୍ରେ ପ୍ରବୁ ତାକିଂଙ୍କ୍ କେଡ୍ତଣ୍ଡ୍, “ମାର୍ତା, ମାର୍ତା ନିମେ
ଗାଟି ବିଷୟତିଙ୍କ୍ ଚିନ୍ତେ ନୁ ଦାନ୍ଦେ ଅଦୁତିନ୍,
୪୨ ବାତେଙ୍କ୍ ଇକ୍ରେ ୱେରଡ଼୍ ବିଷୟ ଗାଟି ଦର୍କାଡ଼୍ । ମରୀୟମ୍
ନିଜେଡ୍ ମାଇଦିଙ୍କ୍ ଆଦ୍ ଲେକେଡ୍ ବିଷୟତିଙ୍କ୍ ପସନ୍ଦ ମାଡ଼୍ତେ, ଆଦ୍
ତାନ୍ଆଗାଙ୍କ୍ ୱିର୍ସ୍ପି ଆଦାଙ୍କ୍ ଆୟ୍ୟ ।”

# ୧୧

## ପ୍ରାର୍ତନା ବିଷୟତେ ଶିକ୍ଷା
## (ମାତିଉ ୬:୯-୧୩; ୭:୭-୧୧)

୧ ଅନ୍ଦାମ୍ ଜିସୁ ୱେରଡ଼୍ ପଡ଼ିୟେତାଗ୍ ପ୍ରାର୍ତନା ମାଡ଼ ମାଡ୍ତଣ୍ଡ୍;
ଅଣ୍ଡ୍ ପ୍ରାର୍ତନା ତେରପ୍ସ୍ତେ ୱେୟ୍, ତାମ୍ ଶିଷ୍ୟଡ଼୍ ଲୋପେକେ
ୱେରଣ୍ଡ୍ ଅଂକିଙ୍କ୍ କେଡ୍ତଣ୍ଡ୍, ହୋ ପ୍ରବୁ, ବାପ୍ତିସ୍ମ ଯୋହନ୍ ବେଦ୍ପୁଟ୍ଙ୍କ୍
ଅନ୍ ଶିଷ୍ୟଡ଼୍କିଂଙ୍କ୍ ପ୍ରାର୍ତନା ମାଡ଼ାଙ୍କ୍ ନାଡ଼ସ୍ପତଣ୍ଡ୍, ନିମେ ଆଦେ ରକମ୍
ମାକିଂଙ୍କ୍ ପ୍ରାର୍ତନା ନାଡ଼ସ୍ପେ ।
୨ ଜିସୁ ଆସୁଟେ ଅଡ଼୍କିଂଙ୍କ୍ କେଡ୍ତଣ୍ଡ୍, “ବେସୁଟ୍ ମିଡ଼୍ ପ୍ରାର୍ତନା
ମାଡ଼ିତିଡ଼୍, ଆସୁଟେ କେଲ୍ମୁଟ୍,

‘ହଁ ସ୍ୱର୍ଗତନି ବାବା,
ନିୟାଦ୍ ପେଦେର୍ ପବିତ୍ର ହିଞ୍ଜ ମାନ୍ୟ ହାୟି ।
ନିୟାଦ୍ ରାଜ୍ୟ ୱାଡ଼ି ।
୩ ସାରେଦିନା ମାକିଂଙ୍କ୍ ଦର୍କାର୍ ଆଦାନ୍ କାଦି ହିମ୍ ।
୪ ମାକିଂଙ୍କ୍ ତିପାଲ୍ ପରିକ୍ଷାତେ ମୁନ୍ନେ ଆଦାନଙ୍କ୍ ହିମା,
ମାତର୍ ପାପ୍ ତାଗାଙ୍କ୍ ମାକିଂଙ୍କ୍ ରକ୍ଷା ମାଡ଼େ ।’ ”

୫ ଆସୁଟେ, ଜିସୁ ଶିଷ୍ୟଡ଼୍କିଂଙ୍କ୍ କେଡ୍ତଣ୍ଡ୍ କି, ମିଲୋପ୍ ବେନଣ୍ଡ୍
ଇସଡ଼୍ ସାଙ୍ଗ ମିନ୍ଦେଣ୍ଡ୍ କି, ବେନନାଗ୍ଆଇ ନାର୍କା ଆଞ୍ଜ୍ କେଡିତଣ୍ଡ୍,
ହୋ ସାଙ୍ଗ, ନାକିଂଙ୍କ୍ ମୁଣ୍ଡ୍ ରୁଟି ଉଦାର୍ ହିମ୍,
୬ ବାତେଙ୍କ୍ ଇକ୍ରେ ନା ୱେରଣ୍ଡ୍ ପତିକ ସାଙ୍ଗ ନା ଲୋନ୍
ୱାସ୍ମିନ୍ଦେଣ୍ଡ୍, ଅଂକିଙ୍କ୍ ତିନ୍ଦାଙ୍କ୍ ହିଦାନ୍ ମାଇଦିଙ୍କ୍ ନାୟାଗେ ବାତେଏ
ମିକା ଇଲେ,

୭ ଆସୁଟେ ଅଣ୍ତ୍ ଲୋପ୍‌ମାଞ୍ଜ୍ ଇଲା କେତିତଣ୍ତ୍, ନାକିଂଙ୍କ୍ କଷ୍ଟ ଇମା; ମାଆର୍ ବନ୍ଦ୍‌ଆଦୁଡ୍, ନା ପିଲା ନା ତଡ୍ ଉଞ୍ଜିମିନ୍ଦେ; ନାନେ ତେଦୀ ନିକିଂଙ୍କ୍ ହିଦ୍‌ପାର୍‌ୱନ୍ ।
୮ ନାନ୍ ମିକିଂଙ୍କ୍ କେତୁତାନ୍, ଅଣ୍ତ୍ ତାମ୍ ସାଙ୍ଗ ଆସ୍ ମିକା ତେଦି ହିୱକଟ ମାନ୍‌ତଣ୍ତ୍, ହାଲାଇକ୍ରେ ଅଣ୍ତ୍ ସିଗ୍ ଆୟ୍‌ୟକଟ ସେନେକ୍ ସେନେକ୍ ତାଲ୍‌କାନ୍ ମାଇଦିଙ୍କ୍ ଅଣ୍ତ୍ ତେଦି, ଅଂକିଙ୍କ୍ ବେସର୍ ଦର୍‌କାର୍, ଆସର୍ ଅଂକିଙ୍କ୍ ହିଦ୍‌ତଣ୍ତ୍ ।
୯ ନାନ୍ ମିକିଂଙ୍କ୍ କେତୁତାନ୍, ତାଲ୍‌କାଟ୍, ହାଲାଇକ୍ରେ ମିକିଂଙ୍କ୍ ହିଦ୍‌ତଡ୍; ମେହେକାଟ୍, ହାଲାଇକ୍ରେ ମିଡ୍ ଦର୍‌ସ୍‌କ୍‌ତିଡ୍; ମାଆର୍‌ଦିଙ୍କ୍ ତାଲ୍‌ସା, ହାଲାଇକ୍ରେ ମି ମାଇଦିଙ୍କ୍ ତେର୍‌ସିଦ୍‌ତଡ୍ ।
୧୦ ବେନ ଆୟି ତାଲ୍‌କିତଣ୍ତ୍, ଅଂକିଙ୍କ୍ ହିଦ୍‌ତଡ୍; ବେନ ମେହେକିତଣ୍ତ୍, ଅଣ୍ତ୍ ଦର୍‌ସ୍‌କିତଣ୍ତ୍, ବେନ ମାଆର୍‌ଦିଙ୍କ୍ ତାଲ୍‌ସିତଣ୍ତ୍, ଅନ୍ ମାଇଦିଙ୍କ୍ ତେର୍‌ସିତଡ୍ ।
୧୧ ଇଦ୍‌ରକମ୍ ବେନ ମିଇ ବାବାଲ୍ ମିନ୍ଦେଣ୍ତ୍,ତାନ୍ ମାର୍ ରୁଟି ତାଲ୍‌କ୍‌କେ ଅଂକିଙ୍କ୍ ବାଡ୍ କାଲ୍‌ବଦା ହିଦ୍‌ତିଡ୍ ? ବା ଅଣ୍ତ୍ କିକେ ତାଲ୍‌କ୍‌କେ ଅଂକିଙ୍କ୍ ବାଡ୍ ତାଡ଼ାମ୍ ହିଦ୍‌ତିଡ୍ ?
୧୨ ମେଣ୍ତେ ଗାଡ୍‌ବାମ୍ ତାଲ୍‌କେ ଅଣ୍ତ୍ ଅଂକିଙ୍କ୍ ଏଟ୍‌ଗଡେଲ୍ ହିଦ୍‌ତଣ୍ତ୍ କି ?
୧୩ ମିଡ୍ ଦୁଷ୍ଟ ଆଡ୍‌କେ ମେଣ୍ତେ, ମି ପିଲାଙ୍କ୍ ସାୟ୍ ସାୟ୍‌ତାୱ ହିଦାଙ୍କ୍ ପୁଡ୍‌ତିଡ୍, ବେନ ବାବାଲ୍ ସ୍ୱର୍ଗତାଗାଙ୍କ୍ ହିଦ୍‌ତଣ୍ତ୍ ଅନ୍ ଗାର୍‌ରେ ତାଲ୍‌କାନ୍ ନାରୁଡ୍‌କ୍ ନାର୍ଗେ ପବିତ୍ର ଆତ୍ମା ହିଦ୍‌ତଣ୍ତ୍ !

## ଜିସୁ ନୁ ବାଆଲ୍‌ଜିବୁଲ୍

(ମାତିଉ ୧୨:୨୨-୩୦; ମାର୍କ ୩:୨୦-୨୭)

୧୪ ୱେରଟ୍‌ଦିନ୍ ଜିସୁ ଗଟି ତିର୍‌ୟାଙ୍କ୍ ପାର୍‌ୱେ ନାରୁନ୍ ମେନ୍ଦୁଲ୍ ତାଗାଙ୍କ୍ ବୁଡ୍‌ତିଙ୍କ୍ ତଲ ମାଡ୍‌ତଣ୍ତ୍ । ବୁଡ୍‌ତିର୍‌ୟାଙ୍କ୍ ପାର୍‌ୱେ ନାରୁନ୍ ମେନ୍ଦୁଲ୍‌ତାଗାଙ୍କ୍ ପେୟିସ୍ ଆଡ୍‌ତେୱେୟ୍, ଗୁଡ୍‌ତେ ନାରୁଡ୍ ଉଡ଼ି ବାକ୍‌ୱା ଆଦ୍‌ତଡ୍ ।
୧୫ ✡ବାତେଙ୍କ୍ ଇକ୍ରେ ଅଡ୍ ଆଗାଙ୍କ୍ ବେସ୍‌କ୍‌ତୁଡ୍ କେଡ୍‌ତଡ୍, "ବୁଡ୍‌ପତି ବାଲ୍‌ଜିବୁଲ୍ ଶକ୍ତିତେ ଜିସୁ ବୁଡ୍ ୱିର୍‌ସ୍‌ପୁତଣ୍ତ୍ ।"

---

✡ **୧୧:୧୫** ମାତିଉ ୯:୩୪; ୧୦:୨୫.

୧୬ ✡ବାଗାଡ୍ ନାରୁଡ଼୍ ଅଂକିଙ୍କ୍ ଉଡ଼ିୟିତାଗ୍ ୱାଟାଙ୍କ୍ ଇଚ୍ଛା
ମାଡ଼ମାତଡ଼୍ ତ ଇଶ୍ୱର ଯେ ତାମ୍ କାଇଲାନ୍‌ନଡ଼୍ ଇଦିନ୍ ଚିହ୍ନେ
ଲେକାମ୍ ମାବ୍‌ତାଗାଙ୍କ୍ ୱେରଡ଼୍ ଚିଏହ୍ନେ ତଅତାଙ୍କ୍ କେତ୍‌ତଣ୍ଡ୍ ।
୧୭ ବାତେଙ୍କ୍ ଇକ୍କେ ଜିସୁ ଅଡ଼ାଦ୍ ମନ୍‌ତେ ହେଟ୍‌କାତିଙ୍କ୍ ପୁଞ୍ଜ୍,
ହଡ଼୍‌କିଙ୍କ୍ କେତ୍‌ତଣ୍ଡ୍, ବେନ୍ ଆୟି ରାଜ୍ୟ ୱେରେଆସ୍ ନିଜର୍
ବିରୁଦତେ ତେଦିତ୍, ହାଲାଇକ୍କେ ଧ୍ୱଂସ ଆଦ୍ ତେ, ମେଣ୍ଡ୍ରେ
ବେନେଆଇ ଲୋନ୍ ୱେରେ ଆଡ଼୍‌କେ ଆଦ୍ ଆର୍ ଆଦ୍‌ତେ ।
୧୮ ଆଲେକେ, ଶୟ୍‌ତାନ୍ ମେଣ୍ଡ୍ରେ ୱେରେ ଆସ୍ ନିଜର୍ ବିରୁଦ୍ଧ୍ ତେ
ନିଜେ ତେଦିତ୍, ହାଲାଇକ୍କେ ତାନାଦ୍ ରାଜ୍ୟ ବେଦ୍‌ପୁଟୁଙ୍କ୍ ତିଆର୍ ଆସ୍
ମାନ୍‌ତେ ? ନାନ୍ ବାଲ୍‌ଜିବୁଲ୍ ଶକ୍ତିତେ ବୁତ୍‌କିଂଙ୍କ୍ ୱିର୍‌ସ୍‌ପୁତାନ୍ ଇଞ୍ଜ
ମିଡ଼୍ ତ କେତୁଡିଡ଼୍ ।
୧୯ ବାତେଙ୍କ୍ ଇକ୍କେ ନାନ୍ ବେସୁଙ୍କ୍ ବାଆଲ୍‌ଜିବୁଲ୍‌ଡ୍ ଶକ୍ତିତେ
ବୁତ୍‌କିଂଙ୍କ୍ ୱିର୍‌ସ୍‌ପୁତାନ୍, ଆଲାଇକ୍କେ ମି ମାର୍‌କ୍ ବେନନ୍ ଶକ୍ତିତେ
ଆୱିଙ୍କ୍ ୱିର୍‌ସ୍‌ପୁତଡ଼୍ ? ମି ମାର୍‌କ୍ ପ୍ରମାନ୍ ମାଡ଼ିତା ଯେ ମିଡ଼୍ ବୁଲ୍
।
୨୦ ନାନ୍ ଯଦି ପରମେଶ୍ୱର୍‌ତେ ଶକ୍ତିତେ ବୁତ୍‌ତିକିଂଙ୍କ୍ ୱିର୍‌ସ୍‌ପୁତାନ୍,
ଆଲାଇକ୍କେ ଇଦ୍ ପ୍ରମାନ୍ ମାଡ଼ିତ୍ ଯେ ପରମେଶ୍ୱରତାଦ୍ ରାଜ୍ୟ ମି
ଗାର୍‌ରେ ହେୱ୍‌ଦୁତ୍ ।
୨୧ ୱେରଣ୍ଡ୍ ଶକ୍ତିତେ ମାନ୍ଦାନ୍ ନାରୁଡ଼୍ କାଡ଼ିୱିଲ୍‌କ୍ ପୟ୍‌ସ୍ ନିଜର୍
ଲୋତ୍‌ତିଙ୍କ୍ କେପିମାନ୍ତତଣ୍ଡ୍, ଆସୁଙ୍କ୍ ଅନ୍ ସମ୍ପତ୍ତି ଯତନ୍‌ତେ ଆସ୍
ମାନ୍‌ତା;
୨୨ ବାତେଙ୍କ୍ ଇକ୍କେ ବେସୁଟ୍ ଅଂକିଙ୍କ୍ ଅନ୍ ଗାଟି ଶକ୍ତିତ୍ ନାରୁଡ଼୍ ୱାସ୍,
ଅନନ୍ତ ଯୁଦ୍ ଆସ୍ ଅଂକିଙ୍କ୍ ଜିଡ଼୍‌ତଣ୍ଡ୍, ଆସୁଟେ ଅନ୍ କାଡ଼ିୱିଲ୍‌କ୍ ପୟ୍‌ସ୍
ମାନ୍ଦାନ୍ ସାରେ ଅଣ୍ଡ୍ ଲାଗି ଆଡ଼୍‌ତେ, ଅନାୱୁ ଲାଗ୍ ତେ ଜିନିଷ୍‌ତିଙ୍କ୍
ତୁଉସି ଆଡ଼୍‌ତେ ।
୨୩ ✡ବେନ ନା ତୋଡ଼୍ ଆୟ୍‌ୟଣ୍ଡ୍, ଅନ୍ ନା ତୋଡ଼୍‌ଦେନଣ୍ଡ୍, ମେଣ୍ଡ୍ରେ
ବେନ ନା ତଡ଼୍ ଅଣ୍ଡ୍ୟାଗେ ମାଡ଼ଣ୍ଡ୍, ଅଣ୍ଡ୍ ୱେରେ ମାଡ଼ିତନ୍ ।

## ଅଶୁଚି ଆତ୍ମା ମାଲ୍‌ସ୍ ୱାଡ଼୍‌ତେ
## (ମାତିଉ ୧୨:୪୩-୪୫)

✡ **୧୧:୧୬** ମାତିଉ ୧୨:୩୮; ୧୬:୧; ମାର୍କ ୮:୧୧. ✡ **୧୧:୨୩** ମାର୍କ ୯:୪୦.

୨୪ “ଅଶୁଚି ଆତ୍ମା ୱେରନ୍ ନାରୁନାଗାଙ୍କ୍ ପେୟିସ୍ଆତ୍ତେ ୱେୟ୍
ଏର୍ ହିଲ୍ୱା ଜାଗାକିନାଗ୍ ଆଞ୍ଜ୍ ଉଡ଼ିମେଣ୍ଡେ ରମାଙ୍କ୍ ମେହ୍କିତ୍,
ଆସୁଟେ ମେହ୍କି ଦର୍ସ୍କକଟ୍ କେତିତ୍, ନାନେ ବେନ୍ ଲୋଡ୍କଂଙ୍କ୍
ୱାସ୍ମିନ୍ଦେନ୍ ନାନେ ଆଦ୍ ଲୋନ୍ ମାଲ୍ସ୍ ଆଦ୍ତନ୍;
୨୫ ଆସୁଙ୍କ୍ ବୁଡ୍ ଆଦ୍ ନାରୁନାଗ୍ ମାଲ୍ସ୍ ଆଞ୍ଜ୍ ଉଡ଼ିତ୍, ହି ଲୋନ୍
ସାକ୍ସାକା ନୁ ଟିକ୍ଟାକ୍ ମିନ୍ଦେ ।
୨୬ ତାନ୍ ପେର୍କେ ଆଦ୍ ବୁଡ୍ ଆଞ୍ଜ୍ ତାକିଂଙ୍କ୍ ଅନ୍ ପେର୍କେ ଦୁଷ୍ଟ
ବୁଡ୍କିଂଙ୍କ୍ ସାଡ୍ଟାନ୍କିଂଙ୍କ୍ କାର୍ଙ୍ଗି ତାଡ୍ତା, ଆୱ୍ଚାରେ ବୁଡ୍କ୍ ଆଦ୍
ନାରୁନ୍ ଲୋପ୍ ନେଙ୍ଗି ଅଣ୍ଡୟାଗ୍ ମାନ୍ତା । ଆସୁଟେ ଆଦ୍ ନାରୁଡ଼୍
ମୁନେଙ୍କ୍ତେ କେପି ପେର୍କେ ଗାଟି କାରାପ୍ ଆଦ୍ତେ ।”

## ନିଜାତେ ୱେଡ୍କେ

୨୭ ଜିସୁ ଆଦ୍ ସାରେ ଗଟି କେଡ୍ତାନ୍ ଦିନାମ୍ତେ ମାନ୍ଦେ ନାରୁଡ଼୍
ଲୋପେଙ୍କ୍ ଅଣ୍ଡ୍ ନାଟାଡ଼୍ ଗାଟିବେଡ୍ୟ୍ ଲେଙ୍ଗ୍ତେ କେଡ୍ତା, “ଦନ୍ୟ
ମି ୟାୟ୍ । ଆଦ୍ ନିକିଂଙ୍କ୍ ଜନମ୍ଇତ୍ ନୁ ପାୟାଲ୍ ହୁସ୍ପ୍ତେ ।”
୨୮ ମାତର୍ ଜିସୁ କେଡ୍ତଣ୍ଡ୍, “ଇଲା, ବେନଡ଼୍ ପରମେଶ୍ୱର୍ତେ
ବାକ୍ୟ କେଞ୍ଜିତଡ଼୍, ମେଣ୍ଡେ ପାଲନ୍ ମାଡ଼ିତଡ଼୍, ପ୍ରକୃତ୍ ତେ ଆସତ୍
ନାରୁଡ଼୍ ଦନ୍ୟ ।”

## ବାକ୍ୱା ପାଡ଼ିୟି ସେଙ୍ଗେ ଦାବୀ
## (ମାତିଉ ୧୨:୩୮-୪୨)

୨୯ ✡ନାର୍ଗେ ନାରୁଡ଼୍ ଜିସୁନାଗେ ଅଣ୍ଡୟ୍ ଆଦାଙ୍କ୍ ଅଣ୍ଡ୍ କେଡ୍ତଣ୍ଡ୍,
ଇଦ୍ ୱେରଡ଼୍ ଅଦାମ୍ର୍କିଡ଼୍ ବଂଶ । ଇଡ଼୍ ଅଣ୍ଡୟ୍ ବାକ୍ୱା ଚିହ୍ନତିଙ୍କ୍
ଉଡ଼ାନ୍ମାଇଦିଙ୍କ୍ ତାଲ୍କୁତଡ଼୍ । ବାତେଙ୍କ୍ ଇକେ୍ ଯୂନସ୍ତେ ଚିହ୍ନେ
ୱିଡ଼୍ସି ୱେରେ ଅଣ୍ଡୟ୍ ଚିହ୍ନେ ଅଡ଼୍କିଂଙ୍କ୍ ହିଦାନାଦ୍ ଆୟ୍ୟ ।
୩୦ ଇକେ୍ ଯୂନସ୍ ବେଦ୍ପୁଟ୍ଙ୍କ୍ ନୀନିବି ନାରୁଡ଼୍ ସେଙ୍ଗେ ଚିହ୍ନେତ୍
ଲେକାମ୍ ଆଡ୍ତଣ୍ଡ୍, ଆଦେ ରକମ୍ ନାରୁନ୍ପିଲେ ଇଞ୍ଜେ ମାନ୍ଦାନ୍
ନାରୁଡ଼୍ ବଂଶତ୍ ମୁନେ ଚିହ୍ନେତ୍ ଲେକାମ୍ ଆଦ୍ତନ୍ ।
୩୧ ଦକ୍ଷିଣ୍ ପାକା ଦେଶ୍ତାଦ୍ ଶିବା ରାଣିଲ୍ ବିଚାର୍ ଦିନାତେ ହି
ବଂଶତ୍ ନାରୁଡ଼୍ ବିରୁଦ୍ ତେ ତେଦି ଅଡ଼୍କିଂଙ୍କ୍ ଦଷି ମାଡ଼ିତ୍; କାରନ୍

✡ **୧୧:୨୯** ମାତିଉ ୧୬:୪; ମାର୍କ ୮:୧୨.

ଆଦ୍ ଶଲୋମନ୍‌ତେ ବୁଦ୍‌ତେ ଗଟ୍ କେଞ୍ଜାଙ୍କ୍ ପୃତିବିତେ ପ୍ରନ୍ତତାଗାଙ୍କ୍
ୱାସ୍‌ମାତ୍‌ତା; ମେଣ୍ଡେ ଉଡ଼ାଟ୍, ଲୋମନ୍‌ତିଙ୍କ୍ ଅନ୍ ବେଡ଼୍‌ୟନ୍ ୱେରଣ୍ଡ୍
ହିଗ୍ ମିନ୍ଦେଣ୍ଡ୍ ।
୩୨ ବିଚାର୍ ଦିନ୍ ନିନିବୀତେ ନାରୁଡ଼୍ ମିଇ ବିରୁଦ୍ଧ୍‌ତେ ଅବିନ୍ୟଗ୍
ମାଡ଼ାଙ୍କ୍ ନିଲ୍‌ଦ୍‌ତଡ଼୍, ବାତେଙ୍କ୍ ଇତ୍‌କେ ୟୁନସ୍‌ତେ ପ୍ରଚାର୍ କେଞ୍ଜି
ଅଡ଼୍ ପାପ୍ ଆର୍ଦାଗା ମାଲ୍‌ସ୍ ୱାତ୍‌ତଡ଼୍ । ନାନ୍ ମିକିଂଙ୍କ୍ କେତୁତାନ୍,
ୟୁନସ୍‌ତାଗାଙ୍କ୍ ମହାନ୍ ୱେରନ୍ ହିଗେ ମିନ୍ଦେନ୍ ।

## ମେନ୍ଦୁଲ୍‌ତେ ୱେଇସ୍
## (ମାତିଉ ୫:୧୫; ୬:୨୨-୨୩)

୩୩ ✡"ବେନ କୁପିତିଙ୍କ୍ ନିଡ଼୍‌ସ୍‌ପି ତାକିଂଙ୍କ୍ ଉଡ଼୍‌ପାର୍‌ୱା ପଡ଼୍‌ନ୍ୟ୍‌ତାଗ୍,
ମେଣ୍ଡେ, ବଡ୍ ମଦଲ୍ ମୁସି ୱାଟଡ଼୍, ମାତର୍ କୁପିତିଙ୍କ୍ ଦୀପରୂକା
ପରକେ ୱାଟିତଡ଼୍, ବେଦ୍‌ପୁଟୁଙ୍କ୍ ଲୋପ୍ ନେଙ୍ଗାନ୍ ନାରୁଡ଼୍
ୱେନ୍ୟ୍‌ସିଇଙ୍କ୍ ଉଡ଼୍ ପାର୍‌ତଡ଼୍ ।
୩୪ କଣ୍ଡା ମେନ୍ଦୁଲ୍‌ତେ କୁପି ରକମ୍ । ବେସୁଙ୍କ୍ ମି କଣ୍ଡା ସାନ୍ୟ୍
ମାନ୍‌ତା, ଆସୁଙ୍କ୍ ମି ସାରେ ମେନ୍ଦୁଲ୍ କୁପି ଲେକାମ୍ ୱେନ୍ୟ୍‌ସ୍ ଆଦ୍‌ତେ;
ବାତେଙ୍କ୍ ଇକ୍କେ ବେସୁଙ୍କ୍ ମି କଣ୍ଡା କାରାପ୍ ଆଦ୍‌ତେ, ଆସୁଙ୍କ୍ ମି
ମେନ୍ଦୁଲ୍ ଆନ୍‌ତେ ହିକାଡ଼୍ ଆଦ୍‌ତା ।
୩୫ ମିଡ଼୍ ସାବ୍‌ଦାନ୍, ବେଲା କି ମିନ୍ୟାଦ୍ ହୃଦନ୍ୟ୍‌ତେ ୱେନ୍ୟ୍‌ସ୍ ଇକାଡ଼୍
ଆନ୍ୟ୍‌ମାକି ।
୩୬ ନ୍ୟଦି ମିନ୍ୟାଦ୍ ମେନ୍ଦୁଲ୍ ସାରେ ୱେନ୍ୟ୍‌ସ୍ ଆଦ୍ ତେ, ଆଗେତ୍
ବେନେ ଲେକାତ୍ ହିକାଡ଼୍ ମାନ୍, ହାଲାଇକ୍କେ କୁପି ମିକିଂଙ୍କ୍ ୱେନ୍ୟ୍‌ସ୍
ମାଡ଼୍‌ତେ ଲେକାମ୍, ଆଦ୍‌ପୁଟୁଙ୍କ୍ ମି ମେନ୍ଦୁଲ୍‌ତେ ସାରେ ୱେନ୍ୟ୍‌ସ୍
ଆଦ୍‌ତେ ।"

## ଜିସୁ ପାରୂଶୀ ନୁ ଶାସ୍ତ୍ରୀଡ଼୍‌କ୍ ଦଷ୍ ମାଡ଼ତଣ୍ଡ୍
## (ମାତିଉ ୨୩:୧-୩୬; ମାର୍କ ୧୨:୩୮-୪୦)

୩୭ ଜିସୁ ଗଟି କେତ୍‌ତାନ୍ ତେର୍‌ସ୍‌ପି ୱେରଣ୍ଡ୍ ପାରୂଶୀ ଜିସୁଙ୍କ୍ ତାନ୍
ଲୋନ୍ ତିନ୍ଦାନ୍ ମାଇଦିଙ୍କ୍ କାର୍‌ଙ୍ଗତଣ୍ଡ୍ । ଆସୁଟେ ଜିସୁ ଆଦ୍ ଲୋନ୍
ନେଙ୍ଗି ତିନ୍‌ଦାଙ୍କ୍ କୁଦ୍‌ତଣ୍ଡ୍ ।

---

✡ **୧୧:୩୩** ମାତିଉ ୫:୧୫; ମାର୍କ ୪:୨୧; ଲୁକ ୮:୧୬.

୩୮ ବାତେଙ୍କ୍ ଇକେ୍ ତିନ୍ଦାନ୍ ମୁନେଙ୍କ୍ ଜିସୁ ଯିହୁଦୀ ରୀତି ଲେକାମ୍
କାୟ୍‌କ୍ ଡେକା ନର୍‌ୱାଙ୍କ୍ ଇଦ୍ ପାରୂଶୀ ଉଡ଼ି ବାକ୍‌ୱା ଆଡ଼୍‌ତଣ୍ଡ୍ ।
୩୯ ଆସୁଙ୍କ୍ ପ୍ରବୁଜିସୁ ଅଂକିଙ୍କ୍ କେଡ଼୍‌ତଣ୍ଡ୍, ମିଡ଼୍ ତ ଫାରୂଶୀନାରୁଡ଼ି
ତାଲିଗିନାଙ୍କ୍ ବାୟ୍‌ଦେଡ଼୍ ପାକେ ପରିଷ୍କାର୍ ମାଡ଼୍‌ତୁଡ଼୍, ମାତର୍ ମି
ଲୋପେ ବୁସାମାଡ଼୍‌ତେ ପାଡ଼ିୟେ ନୁ କାରାପ୍ ନିଣ୍ଡ୍ରିମିନ୍ଦେ ମିନ୍ଦେ ।
୪୦ ହୋ ମଣ୍ଡି ନାରୁଡ଼ି, ବେନ ବାୟିଦେ ତିଆର୍ ମାଡ଼୍‌ତଣ୍ଡ୍, ଅଣ୍ଡ୍ ବାଡ଼୍
ଲୋପ୍‌ଆନ୍‌ତେ ତିଆର୍ ମାଡ଼୍‌ଣ୍ଡ୍ କି ?
୪୧ ମିୟାଗ୍ ବାତା ମିନ୍ଦେ ଆୱ୍ ସାରେ ଗରିବ୍ ନାରୁଡ଼୍‌କ୍ ଦାନ ମାଡ଼ାଟ୍
ଆସୁଟେ ନିଜାତେ ସାରେ ପୁରା ପରିଷ୍କାର୍ ଆଦ୍‌ତେ ।

୪୨ ହୋ ଫାରୂଶୀ ନାରୁଡ଼୍ ମିଡ଼୍ ଦଣ୍ଡ୍ରତେ ପାତ୍ର ! ମିଡ଼୍ ସାରେ ବିଷୟ୍
ତେ ଦଶମାଂଶ ପରମେଶ୍ୱରତିଙ୍କ୍ ଇସ୍‌ମାନୁଟ୍ । ପୋଦିନା, ଆରୁଦ
ନୁ ନ୍ୟାୟ ବିଚାର୍ ନୁ ପରମେଶ୍ୱର୍‌ତେ ପ୍ରେମତିଙ୍କ୍ ଗମାଡ଼୍ ମାଡ଼୍‌ମାଟ୍;
ହିଦ୍ ସାରେ ପାଲନ୍ ମାଡ଼ିକାଡ଼୍ ବାଗାଡ଼୍ ସାର୍‌ତିଙ୍କ୍ ଗମାଡ଼୍ ମାଡ଼ାନାଦ୍
ଲେକେଡ଼୍ ଆୟ୍‌ୟ ।

୪୩ "ହୋ ପାରୂଶୀନାରୁଡ଼ି, ମିଡ଼୍ ଦଣ୍ଡ୍ରତେ ପାତ୍ର, ବାତେଙ୍କ୍ ଇକେ୍ ମିଡ଼୍
ସମାଜ୍ ଲୋଡ଼୍‌ତାଗ୍ ବାଡ଼୍‌ୟଣ୍ଡ୍ ଆଦାଙ୍କ୍ ନୁ ହାଟ୍ ବାଜାର୍‌ତାଗ୍ ନମସ୍କାର୍
ଦର୍‌କାଙ୍କ୍ ସାୟେ ପ୍ରେମ ଇଞ୍ଜ ଇଚ୍ଛା ମାଡ଼୍‌ତୁଡ଼୍ ।
୪୪ ହୋ, ମିଡ଼୍ ଦଣ୍ଡ୍ରତେ ନାରୁଡ଼୍ ଆଦ୍‌ତିଡ଼୍, କାରନ୍ ମିଡ଼୍ ମିଞ୍ଜି ମାନ୍ଦାନ୍
ସମାଦି ଲେକାମ୍; ଆଦିନ୍ ପରୁ ନାରୁଡ଼୍ ପୁନକଟ ତାକିଆଦ୍‌ତଡ଼୍ ।"

୪୫ ଆସୁଟେ, ୱେରଣ୍ଡ୍ ଶାସ୍ତ୍ରୀ ଜିସୁଙ୍କ୍ କେଡ଼୍‌ତଣ୍ଡ୍, "ହୋ ଗୁରୁ, ଇଦ୍
କେସ୍ ନିମେ ମାକିଂଙ୍କ୍ ଆନ୍‌ତେ ଅପ୍‌ମାନ୍ ମାଡ଼୍‌ତୁନ୍ ।"

୪୬ ଆଦ୍ କେଞ୍ଜି ଜିସୁ କେଡ଼୍‌ତଣ୍ଡ୍, ହୋ ଦର୍ମଶାସ୍ତ୍ରନାରୁଡ଼ି ହାୟ,
ମିଡ଼୍ ନାରୁଡ଼୍ ପରୁ କଷ୍ଟଡ଼୍ ନିୟମ୍‌ତେ ବୋଜ୍ କାଞ୍ଜ୍‌ପିସ୍ ମିନ୍ଦେଡ଼ି ଯେ,
ଆଦିଙ୍କ୍ କଞ୍ଜାନଙ୍କ୍ କଷ୍ଟ ଆଦୁଡ଼୍‌ତେ । ହି ନିୟମ୍‌ତିଙ୍କ୍ କେଞ୍ଜାନଙ୍କ୍ ମିଡ଼୍
ନାରୁଡ଼୍‌କିଂଙ୍କ୍ ତିଆର୍ ମାଡ଼୍‌ତୁଡ଼୍ । ବାତେଙ୍କ୍ ଇକେ୍ ନିଜେ ବେସୁଟ୍
ଆନ୍‌ତେ ହିଗାଙ୍କ୍ ୱେରଡ଼୍ ମେଣ୍ଡ୍ରେ ନିୟମ୍ ପାଲନ୍ ମାଡ଼ାଙ୍କ୍ ସାହାଯ୍ୟ
ମାଡ଼୍‌ୱିଡ଼୍ ।
୪୭ ମିଡ଼୍ ଦଣ୍ଡ୍ର ଆଦ୍‌ତିଡ଼୍ ! ମିଡ଼୍ ବାବବାଦୀଡ଼ାଦ୍ ସମାଦି ସୁନ୍ଦର୍
ତିଆର୍ ମାଡ଼୍‌ତୁଡ଼୍, ବେନଡ଼କ୍ ମି ମୁନେଡ଼୍ ନାରୁଡ଼୍ ଆୱ୍‌କି ମାଡ଼୍‌ତଡ଼୍ ।

[48] ମିଡ଼୍ କେଞ୍ଜୁତିଡ଼୍ ଯେ ମି ଆନିଦାଦିଡ଼୍ ବାତେଏ ମାଡ଼୍‌ତଡ଼୍ ଆଦିଙ୍କ୍
ମିଡ଼୍ ତଡ଼େକ୍ ମାଡ଼ତ୍ତିଡ଼୍, ଅଡ଼୍ ବାବବାଦୀଡ଼୍‌କ୍ ହାଓ୍‌କ୍‌ତଡ଼୍ ମେଣ୍ଡେ ମିଡ଼୍
ଅଡ଼ାୱୁ ସମାଦି ତିଆର୍ ମାଡ଼ତ୍ତିଡ଼୍ ।
[49] ପରମେଶ୍ୱର୍ ଆନ୍‌ତେ ନିଜର୍ ବୁଦ୍‌ତେ କେସ୍‌ମିନ୍ଦେଣ୍ଡ୍, ନାନେ
ଅଡ଼୍ ଗାର୍‌ରେ ବାବବାଦୀନଡ଼କ୍ ନୁ ପ୍ରେରିତ୍ ଶିଷ୍ୟଡ଼୍‌କ୍ ରହ୍‌ତିତାନ୍,
ଅଡ଼୍ ଲୋପେଙ୍କ୍ ବେସ୍‌କ୍‌ତୁଡ଼୍‌କିଂଙ୍କ୍ ଅଡ଼୍ ଆଓ୍‌କିତଡ଼୍ ନୁ ମେଣ୍ଡେ
ବାଗାତଡ଼୍‌କିଙ୍କ୍ ତାଡ଼ନା ମାଡ଼ିତଡ଼୍,
[50] ଇଦ୍ ଯୁଗ୍‌ତେ ନାରୁଡ଼୍ ପୃତିବିତେ ତିଆର୍ ମୁନେଙ୍କ୍ ସାରେତଡ଼୍
ବାବବାଦୀଡ଼୍ ହାୱୁକ୍‌ତେ ସେଙ୍ଗେ ଦଣ୍ଡ୍ ଆଦ୍‌ତଡ଼୍ ।
[51] ହେବଲ୍‌ତେ ହାୱୁକ୍‌ତେ ଆରାମ୍ ମାଡ଼ି ଯିକରୀୟନ୍ ହେଉନା
ବେନଡ଼୍‌କ୍ ବେଦୀ ନୁ ପବିତ୍ର ପଡ଼ିୟେତାଗ୍ ହାୱୁକ୍‌ତେ ମାଡ଼ିମାଡ଼୍‌ତଡ଼୍
। ହଁ, ନାନ୍ ମିକିଂଙ୍କ୍ କେତୁତାନ ଇଦ୍ ଯୁଗ୍‌ତେ ନାରୁଡ଼୍ ଦଣ୍ଡ
ଆଦ୍‌ତଡ଼୍ । ତିଆର୍ ଆଡ଼୍‌ତାଗାଙ୍କ୍ ବେସ୍‌କ୍‌ତଡ଼୍ ବବିଷ୍ୟଦ୍ ବକ୍ତାଲଡ଼୍
ନେତୁର୍ ଇସ୍‌ମିନ୍ଦେ, ଆଦିନ୍‌ମାଇଦିଙ୍କ୍ ହି ଦିନାମ୍‌ତେ ଜିୱୁନ୍ ମାନ୍ଦାନ୍
ନାରୁଡ଼୍‌କିଂଙ୍କ୍ ଦଣ୍ଡ ଆଦ୍‌ଦେ ୱେୟ୍‌ତିଡ଼୍ ।
[52] "ହୋ ଦର୍ମଶାସ୍ତ୍ରୀଡ଼୍ ! ମିଡ଼୍ ଦଣ୍ଡ ଆଦ୍‌ତିଡ଼୍, ମିଡ଼୍ ପରମେଶ୍ୱର୍‌ତେ
ଜ୍ଞାନତାଦ୍ କୁଚ୍‌କାଇତିଙ୍କ୍ ମିଞ୍ଜ୍‌ପିତିଡ଼୍, ବେଦ୍ ଜ୍ଞାନତାଦ୍ ହାର୍‌ଦିଙ୍କ୍
ଟେଣ୍ଡି । ମିଡ଼୍ ନିଜେ ଐଶ୍ୱରିକ୍ ବୁଦ୍ ନାଡ଼୍‌ସ୍‌ୱିଡ଼୍ କି, ବେନଡ଼୍ ନାଡ଼୍‌ସାଙ୍କ୍
ଇଚ୍ଛା ମାଡ଼ମାଡ଼୍‌ତଡ଼୍, ଅଡ଼୍‌କିଂଙ୍କ୍ ଆନ୍‌ତେ ନାଡ଼୍‌ସାଙ୍କ୍ ହିୱୀଡ଼୍ ।"
[53] ଆସୁଙ୍କ୍ ଜିସୁ ଅଡ଼୍ ଆଗାଙ୍କ୍ ପେୟିସ୍ ଆଦ୍‌ଦାନ୍ ୱେୟେ ଶାସ୍ତ୍ରୀଡ଼୍
ନୁ ପାରୂଶୀଡ଼୍ ଗାଟି ଇର୍ଷା ବା କପାମ୍ ଆସ୍,
[54] ବାତେଙ୍କ୍ ଇକ୍ରେ ଅଡ଼୍ ଜିସୁଙ୍କ୍ ବେସ୍‌କ୍ ବୁଲ୍ ଗଟ୍ କେସ୍
ଉଡ଼୍‌ଇୁତାଗ୍ ରାପାନଙ୍କ୍ ହାର୍ ମେହେକ ମାଡ଼୍‌ତଡ଼୍ ।

# ୧୨

## ଦୁଷ୍ଟ ନାରୁଡ଼୍‌ତେ ସେଙ୍ଗେ ସାବ୍‌ଦାନ୍
(ମାତିଉ ୧୦:୨୬-୨୭)

[1] ✡ହଜାର୍ ହଜାର୍ ନାରୁଡ଼୍ ୱାସ୍ ଅଣ୍ଡୟାଗ୍ ଗୁଡ଼୍‌ପି ଆଦ୍‌ତଡ଼୍ ।
ନାରୁଡ଼୍ ୱେରନ୍ ପରୁ ୱେରନ୍ ତାଲ୍‌ଗା ତାଲ୍‌ଗି ଆସମାଡ଼୍‌ତଡ଼୍ । ଜିସୁ

✡ **୧୨:୧** ମାତିଉ ୧୬:୬; ମାର୍କ ୮:୧୫.

ମୁନେ ତାମ୍ ଶିଷ୍ୟଡ଼କିଂଙ୍କ୍ କେଡ଼ତଣ୍ତ୍, ପାରୂଶୀନାରୁଡ଼୍ କପଟତାଗାଙ୍କ୍
ଜେଏକେ ମାନୁଟ୍ । ନାନ୍ କେତାନାଦ୍ ଲେକାମ୍ ଆଦୁଡ଼୍ତେ ଯେ, ଅଡ଼୍
ଦୁଷ୍ଟ ନାରୁଡ଼୍ ।
୨ ✡ବାତେଏ ତଅନ୍ଦ, ଇଦ୍ରକତାଦ୍ ବାତେ ମୁସ୍ତାଦ୍ ଇଲେ,
ବାତେ ପୁନ୍ଦାନଙ୍କ୍ ଆୟ, ଇସତାଦ୍ ମିଞ୍ଜ୍ତାଦ୍ ବାତେ ଇଲେ ।
୩ ମିଡ଼୍ ବାତା ହିକାଡ଼୍ ତାଗ୍ କେସମିନ୍ଦେଡ଼ି, ଆୱ୍ଚାରେ ପାୟାଲ୍
କେଞ୍ଜ୍ପାଙ୍କ୍ ୱେୟ୍ତିତ୍, ମେଣ୍ଡେ, ବାତେଏ ତନ୍ଦ୍ୱେ ଲୋଡ଼୍ତାଗ୍
ମିଞ୍ଜିମିକା କେସ୍ ମିନ୍ଦେଡ଼ି, ଆଦିଙ୍କ୍ ଲୋଡ଼୍ତେ ମୁସ ର୍ନାଗ୍ ଆଞ୍ଜ୍
କେସିଦ୍ ୱେୟ୍ତିତ୍ ।

## ବେନଙ୍କ୍ ୱେର୍ତିତାଡ଼
## (ମାତିଉ ୧୦:୨୮-୩୧)

୪ ବାତେଙ୍କ୍ ଇକ୍କେ ନା ସାଙ୍ଗଡ଼ି ଯେ, ମିଡ଼୍, ମିକିଂଙ୍କ୍ ନାନେ
କେତୁତାନ୍, “ବେନଡ଼୍ ମି ମେନ୍ଦୁଲ୍ତିଙ୍କ୍ ରେହେତିତଡ଼୍, ମାତର୍ ତାନ୍
ପେର୍କେ ମେଣ୍ଡେ ଅଡ଼୍ ବାତା ମାଡ଼ା ପାର୍ୱଡ଼୍, ଅଡ଼୍କିଂଙ୍କ୍ ୱେର୍ମାଟ୍
।”
୫ ବାତେଙ୍କ୍ ଇକ୍କେ ମିଡ଼୍ ବେନଙ୍କ୍ ୱେର୍ଦ୍ତିଡ଼୍, ଆଦ୍ ନାନେ ମିକିଂଙ୍କ୍
କେତିତାନ୍; ଡୋଲ୍ତେ ପେର୍କେ ନର୍କତାଗ୍ ହେସାଙ୍କ୍ ବେନେ
ଇଶ୍ୱର୍ କାଇଦେ ଅଦିକାର୍ ମିନ୍ଦେ, ଅଂକିଙ୍କ୍ ୱେର୍ମୁଟ୍, ବାତେଙ୍କ୍ ଇକ୍କେ
ନାନ୍ ମିକିଂଙ୍କ୍ ନିଜାମ୍ କେତୁତାନ୍, ଅଂକିଙ୍କ୍ ୱେର୍ମୁଟ୍ ।
୬ ଏଇଙ୍ଗ୍ ଆନାପିଟେ ବାତେଏ ସୁଦୁଟ୍ ଡାବ୍ ତେ ୱାମାଙ୍କ୍ ଆୟ୍ୟ
କି ? ମିକା ପରମେଶ୍ୱର୍ ହାୱିନାଗାଙ୍କ୍ ୱେରଡିଙ୍କ୍ ମେଣ୍ଡେ ମାର୍ଙ୍ଗେ
ପାର୍ୱଣ୍ଡ୍ ।
୭ ବାତେଙ୍କ୍ ଇକ୍କେ ମି ତାଲେଡ଼୍ କେଲ୍କିଙ୍କ୍ ସାରେ ଲେକିମିନ୍ଦେଣ୍ଡ୍ ।
ୱେର୍ମାଟ୍; ମିଡ଼୍ ଆନାପିଟେ ନାଗାଙ୍କ୍ ଗାଟି ମୁଲ୍ୟ ।

## କ୍ରିଷ୍ଟଙ୍କ୍ ସ୍ୱୀକାର୍ ନୁ ଆଗ୍ରାହ୍ୟ
## (ମାତିଉ ୧୦:୩୨-୩୩; ୧୨:୩୨; ୧୦:୧୯-୨୦)

୮ ମେଣ୍ଡେ ନାନେ ମିକିଂଙ୍କ୍ କେତୁତାନ୍, ବେନନ୍ ନାରୁଡ଼୍ତେ ମୁନ୍
ନାକିଂଙ୍କ୍ ସ୍ୱୀକାର୍ ମାଡ଼ିତନ୍, ନାରୁନ୍ପିଲେ ଆନ୍ତେ ପରମେଶ୍ୱର୍ତେ
ଦୂତକିନ୍ ମୁନ୍ କେତିତଣ୍ଡ୍ ଯେ, ଆଦ୍ ନାରୁଡ଼୍ ନା ନିଜର୍ ନାରୁଡ଼୍ ।

✡ **୧୨:୨** ମାର୍କ ୪:୨୨; ଲୁକ ୮:୧୭.

୯ ବେନ ନାରୁଡ଼୍ ମୁନ୍ ନାକିଂଙ୍କ୍ ଅସ୍ୱୀକାର୍ ମାଡ଼ିତନ୍, ନାରୁଡ଼୍ ପିଲେ
ପରମେଶ୍ୱର୍‌ତେ ଦୂତକିନ୍ ମୁନ୍ କେତିତଣ୍ଡ୍ ଯେ, ଆଦ୍ ନାରୁଡ଼୍ ନା
ନିଜର୍ ନାରୁଡ଼୍ ଆୟ୍‌ୟଣ୍ଡ୍ ।
୧୦ ✡ବେନ ନାରୁନ୍‌ପିଲେଡ୍ ବିରୁଦ୍‌ତେ ଗଟି କେତିତଣ୍ଡ୍, ଅଂକିଙ୍କ୍
କ୍ଷମା ଇଦାଙ୍କ୍ ଆଦ୍‌ତେ; ମାତର୍ ବେନ ପବିତ୍ର ଆତ୍ମାତ୍ ବିରୁଦ୍‌ତେ ନିନ୍ଦା
ଗଟି କେତିତଣ୍ଡ୍, ଅଂକିଙ୍କ୍ କ୍ଷମା ଇଦାଙ୍କ୍ ଆୟ୍‌ୟ ।
୧୧ ✡“ଅଡ଼୍ ବେସୁଙ୍କ୍ ମିକିଂଙ୍କ୍ ସମାଜ୍‌ଲନ୍, ରାଜ୍ୟପାଳ, ବିଚାର୍
ମାଡ଼ାନଣ୍ଡ୍ ମୁନ୍‌ନେ ବିଚାର୍ ମାଡ଼ାଙ୍କ୍ ଆଦ୍‌ତଡ଼୍, ଆସୁଙ୍କ୍ ମିଡ଼୍ ବେଲା
ଉତ୍ତର୍ ହିଦ୍‌ତିଡ଼୍ ମେଣ୍ଡ୍ ବାତ୍ କେତିତିଡ଼୍ ଆଦ୍ ବିଷୟତେ ସୁଦୁର୍
ମେଣ୍ଡ୍ରେ ଚିନ୍ତା ମାଡ଼୍‌ମାଟ୍ ।
୧୨ ବାତେଙ୍କ୍ ଇକ୍ରେ ବାତେଏ କେତାଙ୍କ୍ ଆଦ୍‌ତେ ଆଦ୍ ସମୟ୍ ତେ
ପବିତ୍ର ଆତ୍ମା ମିକିଂଙ୍କ୍ ନାଡ଼୍‌ସ୍‌ପିଦ୍ ତେ ।”

## ମୁର୍କ ସାଉକାର୍ ତେ ୱେଷଡ଼୍

୧୩ ନାରୁଡ଼୍ ଲୋପେଙ୍କ୍ ୱେରଣ୍ଡ୍ ଜିସୁଙ୍କ୍ କେଡ୍‌ତଣ୍ଡ୍, “ହୋ ଗୁରୁ, ନା
ଦାଦାଲ୍ ନା ତଡ଼୍ ବାବାନ୍ ସମ୍ପତ୍ତିତିଙ୍କ୍ ୱିର୍‌ସ୍‌ପାନ୍ ମାଇଦିଙ୍କ୍ କେସିମ୍
।”
୧୪ ବାତେଙ୍କ୍ ଇକ୍ରେ ଜିସୁ ଅଂକିଙ୍କ୍ କେଡ୍‌ତଣ୍ଡ୍, “ହୋ ସାଙ୍ଗ, ବେନ
ନାକିଂଙ୍କ୍ ମି ପରୁ ବିଚାର୍ ମାଡ଼ାଙ୍କ୍ ବା ସମ୍ପତ୍ତି ୱିର୍‌ପାଙ୍କ୍ ବେନ ନାକିଂଙ୍କ୍
ଅଦିକାର୍ ହିଡ୍‌ତଣ୍ଡ୍ ।”
୧୫ ଜିସୁ ଅଡ଼୍‌କିଂଙ୍କ୍ କେଡୁତଣ୍ଡ୍, “ସାବ୍‌ଦାନ୍, ସାରେ ଲେକାମ୍
ଆଶେତାଗାଙ୍କ୍ ନିଜ୍‌ତିଙ୍କ୍ ଜେକେ ନେହେମ୍, ବାତେଙ୍କ୍ ଇକ୍ରେ ୱେରନ୍
ନାରୁନାଦ୍ ଜିୱୁନ୍ ଅନ୍‌ୱାଦ୍ ସମ୍ପତ୍ତି ସାରେତେ ପରୁ ଆଶେ ମାଡ଼ ।”
୧୬ ଆସୁଙ୍କ୍ ଜିସୁ ଅଡ଼୍‌କିଂଙ୍କ୍ ଇଦ୍ ୱେଷଡ଼୍ କେଡ୍‌ତଣ୍ଡ୍, ୱେରଣ୍ଡ୍
ସାଉକାର୍ ନାରୁନ୍ ୱାୟେତାଗ୍ ଗାଟି ପସଲ୍ ଆଡ୍‌ତା ।
୧୭ ଆସୁଟେ ଆଦ୍ ନାରୁଡ଼୍ ହେର୍କେ ଆଲ୍‌ସି କେଡ୍‌ତଣ୍ଡ୍, ବାତା
ମାଡ଼ିତାନ୍ ? ବାତେଙ୍କ୍ ଇକ୍ରେ ନାୟାଦ୍ ସାରେ ଗୁଡ଼୍‌ପି ନେହେତାନ୍
ମାଇଦିଙ୍କ୍ ପଡ଼୍‌ୟ୍ ଇଲା ।

---

✡ **୧୨:୧୦** ମାତିଉ ୧୨:3୨; ମାର୍କ 3:୨୯. ✡ **୧୨:୧୧** ମାତିଉ ୧୦:୧୯,୨୦; ମାର୍କ ୧୩:୧୧; ଲୁକ ୨୧:୧୪,୧୫.

୧୮ ମେଣ୍ଡେ, ଆଦ୍ ନାରୁନ୍ କେଡ୍ତଣ୍ଡ୍, ଇଦ୍ପୁଟୁଙ୍କ୍ ମାଡ଼ିତାନ୍;
ନାୟାଦ୍ ଅମାର ସାରେ ହୁଉସୁ ବେଡ଼୍ୟା ତିଆର୍ ମାଡ଼ିତାନ୍ ନୁ, ଆୱ୍
ଚାରେତାୱିନାଗ୍ ନାୟାୱୁ ଶସ୍ୟ ନୁ ନିୟ୍ ଗୁଡ଼୍ପି ମାଡ଼ି ନେହ୍ତିତାନ୍,
୧୯ ଆସୁଟେ, ନାନେ ନାୟାଦ୍ ଜିୱୁନ୍ତିଙ୍କ୍ କେତିତାନ୍, ହୋ ଜିୱୁନ୍,
ନାର୍ଗେ ୱାଡ଼୍ଷାଡ୍ ମାଇଦିଙ୍କ୍ ନିୟାଦ୍ ନିୟ୍ ତିଆର୍ତେମିନ୍ଦେ, ରମାଟ୍,
ତିନ୍ଦାନାଦ୍ ମାଡ଼ାଟ୍, ପାନ ମାଡ଼ାଟ୍ ନୁ ସାର୍ଦା ମାଡ଼ାଟ୍;
୨୦ ବାତେଙ୍କ୍ ଇକ୍କେ ପରମେଶ୍ୱର୍ ଅଂକିଙ୍କ୍ କେଡ୍ତଣ୍ଡ୍, ରେ ମଣ୍ଡି,
ନେଣ୍ଡ୍ ନାର୍କା ନି ଜିୱୁନ୍ତିଙ୍କ୍ ନିୟାଗାଙ୍କ୍ ଆଦ୍ତାନ୍; ଆସୁଟେ ନିମେ ବାତା
ନିଜର୍ ସେଙ୍ଗେ ହକ୍ରିଞ୍ଜିମିନ୍ଦେନୀ, ହାଉସାରେ ବେନନାୱୁ ଆଦ୍ତେ ?
୨୧ ଜିସୁ କେଡ୍ତଣ୍ଡ୍, “ବେନ ନିଜର୍ ମାଇଦିଙ୍କ୍ ଦନ୍ ଗୁଡ଼୍ପି ମାଡ଼ିତନ୍,
ବାତେଙ୍କ୍ ଇକ୍କେ ଇଶ୍ୱର୍ ତେ ମୁନେ ସାଉକାର୍ ଆୟ୍ୟଣ୍ଡ୍, ଅନ୍ ସେଙ୍ଗେ
ଇଦ୍ପୁଟୁଙ୍କ୍ ଗଟେମ୍ ଆଦ୍ ତେ ।”

## ଇଶ୍ୱର୍ତାଗେ ବିଶ୍ୱାସ୍ ୱାଟାନାଦ୍
*(ମାତିଉ ୬:୨୫-୩୪)*

୨୨ ଜିସୁ ଶିଷ୍ୟଡ୍କିଂଙ୍କ୍ କେଡ୍ତଣ୍ଡ୍, ଇ ବିଷୟ୍ ତେ ନାନେ ମିକିଂଙ୍କ୍
କେଡୁତାନ୍, ବାତା ତିନ୍ତିଡ଼୍ ଇଦ୍ପୁଟୁଙ୍କ୍ ଆଲ୍ସି ମି ଜିୱୁନ୍ ତେ
ମାଇଦିଙ୍କ୍, ମେଣ୍ଡେ, ବାତା କେର୍ଦ୍ତିଡ଼୍, ଇଦ୍ପୁଟୁଙ୍କ୍ ଆଲ୍ସି ମି
ମେନ୍ଦୁଲ୍ତେ ମାଇଦିଙ୍କ୍ ଆନ୍ତେ ଚିନ୍ତେ ମାଡ଼୍ମାଟ୍ ।
୨୩ ବାତେଙ୍କ୍ ଇକ୍କେ ତିନ୍ଦାନାଦ୍ କନ୍ସ୍ ଜିୱୁଣ୍ଡ୍ ନୁ ଚକାସିଲେ କନ୍ସ୍
ମେନ୍ଦୁଲ୍ତେ ବେଡ଼୍ୟା ।
୨୪ ପାର୍ତାନ୍ ପିଟେଙ୍କ୍ ଉଡ଼ାଟ୍, ଆହ୍ ୱିତ କି କୟ୍ୟ, ମେଣ୍ଡେ,
ଆୱିନ୍ ତିନ୍ଦାନ୍ ଲୋନ୍ ଇଲେକି ନେହ୍ତାନାଦ୍ ଅମାର ଇଲା, ବାତେଙ୍କ୍
ଇକ୍କେ ପରମେଶ୍ୱର୍ ଆୱିଙ୍କ୍ ତିନ୍ଦାଙ୍କ୍ ହିଦ୍ତଣ୍ଡ୍; ମିଡ଼୍ ତ ପିଟେଙ୍କ୍
ଆନ୍ତେ ବେସଡ୍ ଗାଟି ଯଗ୍ୟ ।
୨୫ ମି ଲୋପ୍ ବେନ ଚିନ୍ତେ ମାଡ଼ି ମାଡ଼ି ନିଜର୍ ଆୟୁସ୍ତିଙ୍କ୍ ମେଣ୍ଡେ
ସୁଦୁର୍ ଦିନାମ୍ତିଙ୍କ୍ କାଲ୍ପିତଣ୍ଡ୍ ?
୨୬ ଆଲାକ୍କେ ମିଡ଼୍ ଯଦି ସୁଦୁରାୱ୍ ପାଡ଼ିୟିମାଡ଼୍ ପାର୍ୱିଡ଼୍,
ହାଲାଇକ୍କେ ମେଣ୍ଡେବାଗାଡ୍ ବେଡ଼୍ୟା ପାଡ଼ିୟ୍ତେ ମାଇଦିଙ୍କ୍ ବାତେଙ୍କ୍
ଦାନ୍ଦେ ଆଦୁତିଡ଼୍ ?

୨୭ ପୁଙ୍ଗାନ୍ ବିଷୟତେ ହେର୍କା ମାଡ଼ାଟ୍, ଆୱ୍ ବେଦ୍ପୁଟୁଙ୍ଗ୍
ପେର୍ସ୍ତା ? ମେଣ୍ଡ୍ରେ ଆୱ୍ ପାଡ଼ିୟି ମାଡ଼ କି ନୁଲ୍ ଆଲ୍ସ; ବାତେଙ୍ଗ୍
ଇକ୍ରେ ନାନେ ମିକିଂଙ୍ଗ୍ କେତୁତାନ୍, ବେନ ସାର୍ତିଙ୍ଗ୍ ବାଡ଼୍ୟଣ୍ଡ୍, ନୁ
ସାଉକାର୍ ରାଜାଲ୍ ଶଲୋମନ୍ ଆନ୍ତେ ଅନାଦ୍ ସାରେ ସମ୍ପତିତିଙ୍ଗ୍
ଆୱ୍ ପୁଙ୍ଗାନ୍ ଲୋପେଙ୍ଗ୍ ବେନେଆଇ ୱେରଡ଼୍ ତେ ଲେକାମ୍ ମିକା
ସୁନ୍ଦର୍ ଚକା କେର୍ଦାଙ୍ଗ୍ ପାର୍ୱଣ୍ଡ୍ ।
୨୮ ୱାୟାନାଗା ବେନ ପୁଙ୍ଗା ନେଣ୍ଡ୍ ମିନ୍ଦେ, ଆୱିଙ୍ଗ୍ ନାଡ଼୍ ଅୟ୍ଦାଲ୍
କିସ୍ତାଗ୍ ୱାଟାନାଦ୍, ଆୱିଙ୍ଗ୍ ଯଦି ପରମେଶ୍ୱର୍ ଇସତ୍ ଲେକ୍ତାଦ୍
ହିଦ୍ତଣ୍ଡ୍, ଆଲାକ୍ରେ; ହାୟ ସୁଦୁର୍ ବିଶ୍ୱାସୀନାରୁଡ଼ି, ଅନ୍ ମିକିଂଙ୍ଗ୍
ବେଚର୍ ନାର୍ଗେ ହିୱ୍ଣ୍ଡ୍ ଆଦ୍ତନ୍ ?
୨୯ ମିଡ଼୍ ବାତା ତିନ୍ତିଡ଼୍, ମେଣ୍ଡ୍ରେ ବାତା ଉନ୍ତିଡ଼୍, ଆୱିଙ୍ଗ୍ ମିଡ଼୍
ମେହେକ୍ମାଟ୍ ବା ଚିନ୍ତେ ମାଡ଼୍ମାଟ୍
୩୦ ବାତେଙ୍ଗ୍ ଇକ୍ରେ ଜଗତ୍ ତେ ବିଜାତିନାରୁଡ଼୍ ହିସତ୍ ବିଷୟ
ତେ ମେହେକ ହୁଡିତଡ଼୍; ବାତେଙ୍ଗ୍ ଇକ୍ରେ ଆୱ୍ଚାର୍ ବିଷୟ ମିକିଂଙ୍ଗ୍
ଆନ୍ତେ ଦର୍କାର, ଆଦ୍ ମି ପରମେଶ୍ୱର୍ ପୁତ୍ତଣ୍ଡ୍ ।
୩୧ ମିଡ଼୍ ଅନ୍ ରାଜ୍ୟଡ଼୍ ମାଇଦିଙ୍ଗ୍ ହେର୍କା ମାଡ଼ାଟ୍, ଆଲେକେ ଅଣ୍ଡ୍
ମିକିଂଙ୍ଗ୍ ଇଦ୍ ସାର୍ରେବିଷୟ୍ ହିଦ୍ତଣ୍ଡ୍ ।

## ସ୍ୱର୍ଗତାଗ୍ ଦନ୍
## (ମାତିଉ ୬:୧୯-୨୧)

୩୨ ହୋ ସୁଦୁର୍ ମାନ୍ଦେମେଣ୍ଡା, ୱେର୍ମାଟ୍, ବାତେଙ୍ଗ୍ ଇକ୍ରେ ମିକିଂଙ୍ଗ୍
ଆ ରାଜ୍ୟ ହିଦାନ୍ମାଇଦିଙ୍ଗ୍ ମି ପରମେଶ୍ୱର୍ ଇଚ୍ଛାମାଡ଼୍ତୁଣ୍ଡ୍ ।
୩୩ ମିୟାୱୁ ବାତା ମିନ୍ଦେ, ଆୱିଙ୍ଗ୍ ୱାମି ଗରିବ୍ ନାରୁଡ଼୍କ୍ ଦାନ
ମାଡ଼ାଟ୍; ବାତେଏ ନଷ୍ଟ ଆୟ୍ୟ, ଆସତ୍ ପଡ଼ିୟ୍ତାଗ୍ ନିଜର୍ ମାଇଦିଙ୍ଗ୍
ୱିଜ୍ ନେହ୍ମୁଟ୍; ବେଗେ ଡଙ୍ଗାଲଡ଼୍ ଗାର୍ୱାଡ଼ଡ଼୍ ବା ପୁଡ଼୍ୟି ନଷ୍ଟ ମାଡ଼,
ଆସତ୍ ସ୍ୱର୍ଗତାଗ୍ ତେର୍ୱେ ଦନ୍ସମ୍ପତ୍ତି ଅସ୍ରିଆଟ୍ ।
୩୪ ବାତେଙ୍ଗ୍ ଇକ୍ରେ ବେଗେ ମିୱାଦ୍ ଦନ୍ସମ୍ପତ୍ତି, ଆଗେ ମିକା
ମିୱାଦ୍ ମନ୍ ।

## ତିଆର୍ତେ ମାନ୍ଦାନ୍ ଦାସଡ଼୍

୩୫ ✡“ପାଡ଼ିୟିତେ ମାଇଦିଙ୍ଗ୍ ସାରେଦାମ୍ ତିଆର୍ ଆଶେ ମାନୁଟ୍ ।
ମି କୁପିତିଙ୍ଗ୍ ନିଡ଼ସ୍ପିମାନୁଟ୍ ।
୩୬ ✡ପ୍ରବୁ ପେଣ୍ଡ୍ଲୁତାଗ୍ ମାଞ୍ଜ୍ ମାଲ୍ସ୍ ୱାସ୍ ହାର୍ଦାଗ୍ ତାଲ୍ସାନ୍ ୱେଇ ବେନ୍ ନାରୁଡ଼୍ ଅନ୍ ମାଇଦିଙ୍ଗ୍ ସାଙ୍ଗେ ସାଙ୍ଗେ କାପାଟ୍ ତେର୍ସିଦାଙ୍ଗ୍ କେପି ମାନ୍ତଡ଼୍, ମିଡ଼ଆନ୍ତେ ଅଡ଼୍ ଲେକାମ୍ ଆସ୍ ମାନୁଟ୍ ।
୩୭ ପ୍ରବୁ ୱାସ୍ ବେନ୍ ଚାକରିଡ଼୍ ତିଆର୍ତେ ମାନ୍ତଡ଼୍ ଅଡ଼୍କିଂଙ୍ଗ୍ ଉଡ଼ିତଣ୍ଡ୍, ଅଡ଼୍ ଦନ୍ୟ; ନାନେ ମିକିଂଙ୍ଗ୍ ସତ୍ କେତୁତାନ୍, ମାଲିକ୍ ଆନ୍ତେ ଅଡ଼୍ ସେବା ମାଡ଼ାନ୍ ମାଇଦିଙ୍ଗ୍ ନିଜେ ତିଆର୍ ଆଦ୍ତନ୍ । ଅନ୍ ଅଡ଼୍କିଂଙ୍ଗ୍ କୁଦାନ୍ ମାଇଦିଙ୍ଗ୍ କେତିତଣ୍ଡ୍, ନୁ ନିଜେ ଅଣ୍ଡ୍ ତିନ୍ଦାଙ୍ଗ୍ ଇଦ୍ତଣ୍ଡ୍ ।
୩୮ ଆସୁଟେ, ଅନ୍ ଯଦି ରେଣ୍ଡ୍ କି ମୁଣ୍ଡ୍ ନାଡ଼୍ନାର୍କା ୱାସ୍ ଅଡ଼୍କିଂଙ୍ଗ୍ ରକମ୍ ଉଡ଼ିତଣ୍ଡ୍, ଆଲାକ୍ରେ ଆଦ୍ ଚାକରିଡ଼୍ ଦନ୍ୟ ।
୩୯ ✡ବାତେଙ୍ଗ୍ ଇକ୍ରେ ଇଦ୍ ପୁଞ୍ଜ୍ ମାନୁଟ୍, ବେସୁଟ୍ ଡଙ୍ଗାଲ୍ ୱାଦ୍ତଣ୍ଡ୍, ଆଦ୍ ଯଦି ଲଡ଼୍ତେ ମାଲିକ୍ ପୁନେଣ୍ଡ୍, ଆଲାକ୍ରେ ତାମ୍ ଲୋନ୍ ଡଙ୍ଗାଙ୍ଗ୍ ନେଙ୍ଗାଙ୍ଗ୍ ହିୱଣ୍ଡ୍ ଆୟେଣ୍ଡ୍ ।
୪୦ ମିଡ଼୍ ଆନ୍ତେ ତିଆର୍ ଆଶେ ମାନୁଟ୍, ବାତେଙ୍ଗ୍ ଇକ୍ରେ ନାରୁନ୍ପିଲେ ଜିସୁ ଇସତ୍ ଦିନାମ୍ତେ ୱାଦ୍ତଣ୍ଡ୍, ଆଦ୍ ଦିନାମ୍ତେ ମିଡ଼୍ ହେର୍କା ମାଡ଼୍କଟ୍ ମାନ୍ତିଡ଼୍ ।”

## ବିଶ୍ୱାସ୍ତେ ବା ବିଶ୍ୱାସ୍ଇଲ୍ୱେ ଦାସ
## (ମାତିଉ ୨୪:୪୫-୫୧)

୪୧ ଆସୁଟେ ପିତର୍ କେଡ଼୍ତଣ୍ଡ୍, “ହୋ, ପ୍ରବୁ, ନିମେ ବାଡ଼୍ ମାକିଂଙ୍ଗ୍ କେତୁତିନ୍ ନା ସାରେତଡ଼୍କିଂଙ୍ଗ୍ ଇଦ୍ ୱେଷଡ଼୍ କେତୁତିନ୍ ?”
୪୨ ପ୍ରବୁ ଉତ୍ତର୍ କେଡ଼୍ତଣ୍ଡ୍, ଆଲେକ୍ ବିଶ୍ୱାସ୍ତେ ନୁ ଜ୍ଞାନି ଦାସ ବେନ ? ବେନଙ୍ଗ୍ ମାଲିକ୍ତେ ଲୋନ୍ ତୁୱୁସାନ୍ ମାଇଦିଙ୍ଗ୍ ନେହିଡ଼୍ତଣ୍ଡ୍; ଅଣ୍ଡ୍ ଲେକେଡ଼୍ ନାରୁଡ଼୍ ମେଣ୍ଡ୍ରେ ଦାସଡ଼୍କିଂଙ୍ଗ୍ ତିନ୍ଦାଙ୍ଗ୍ ଇଡ଼୍ତନ୍ । ଅଣ୍ଡ୍ ଲେକେଡ଼୍ ଦିନାମ୍ତେ ନାରୁଡ଼୍କ୍ ତିନ୍ଦାଙ୍ଗ୍ ଇଦ୍ତଣ୍ଡ୍ ?

---

✡ **୧୨:୩୫** ମାତିଉ ୨୫:୧-୧୩. ✡ **୧୨:୩୬** ମାର୍କ ୧୩:୩୪-୩୬. ✡ **୧୨:୩୯** ମାତିଉ ୨୪:୪୩,୪୪.

୪୩ ପ୍ରବୁ ୱାସ୍ ବେନ୍ ଦାସ ଆଦ୍ ରକମ୍ ମାଡ଼ାନାଦ୍ ଉଡ଼ିତଣ୍ଡ୍, ଅଣ୍ଡ୍
ଦନ୍ୟ ।
୪୪ ନାନେ ମିକିଂଙ୍କ୍ ନିଜାମ୍ କେତୁତାନ୍, ଅଣ୍ଡ୍ ଅଂକିଙ୍କ୍ ନିଜର୍ ସାରେ
ସମ୍ପତି ପରୁ ଦାୟିତ୍ୱ ଇଦ୍ତଣ୍ଡ୍ ।
୪୫ ବାତେଙ୍କ୍ ଇକ୍କେ ହେର୍କେ ମାଡ଼ାଟ୍, ଆଦ୍ ଦାସ୍ ଲୋପ୍ ଲୋପ୍
କେତିତଣ୍ଡ୍, ନା ପ୍ରବୁ ୱାଦାନାଦ୍ ଗାଟି ଲେଟ୍ଆଦ୍ତେ, ଆସୁଟେ ଅନ୍
ଯଦି ଦାସ ନାରୁଡ଼କିଂଙ୍କ୍ ରେହେତା ରେହେତି ମାଡ଼ିତନ୍ ମେଣ୍ଡେ, ତିଞ୍ଜ୍
ଉଞ୍ଜ୍ ମାଡ୍ୱାରି ଆଦାଙ୍କ୍ ଆରାମ୍ ମାଡ଼ିତନ୍,
୪୬ ଆଲାକ୍କେ ବେନ୍ ଦିନ୍ ଅଣ୍ଡ୍ ଅଂକିଙ୍କ୍ ୱିଡ଼ସି ମାଡ଼କଟ୍ ମାନ୍ତଣ୍ଡ୍
ମେଣ୍ଡେ, ବେନ୍ ଦିନାମ୍ ତେ ଅନ୍ ପୁନକଟ ମାନ୍ତଣ୍ଡ୍, ଆଦ୍ ଦିନାତେ
ନୁ ଆଦ୍ ଦିନାମ୍ ତେ ଆଦ୍ ଦାସ୍ ତେ ମାଲିକ୍ ୱାସ୍ ହେୱ୍ଦ୍ତଣ୍ଡ୍ । ଅଣ୍ଡ୍
ଆଦିଙ୍କ୍ ଗାଟି ଦଣ୍ଡ୍ ହିଦ୍ତଡ଼୍ନୁ ଅବିଶ୍ୱାସ୍ ଆୟ୍ୱିଡ଼୍ନାରୁଡ଼୍ତଡ଼୍ପାଲ୍କ୍
ତୁଉସିତଣ୍ଡ୍ ।
୪୭ ଆସୁଟେ, ବେନ୍ ଦାସ୍ ନିଜର୍ ପ୍ରବୁନ୍ ଇଚ୍ଛାତିଙ୍କ୍ ପୁଞ୍ଜ୍ ବା
ତିୟାର୍ ଆୟ୍ୟକଟ ମାନ୍ତଣ୍ଡ୍, ଆଲାକ୍କେ ଅନ୍ ଇସଲେକାତେ ପାଡ଼ିୟି
ମାଡ଼କଟ୍ ମାନ୍ତଣ୍ଡ୍, ଅଂକିଙ୍କ୍ ଗାଟି ଦେବେତେ ପରୁ ଦେବ୍ ଦର୍କିତ୍ ।
୪୮ ବାତେଙ୍କ୍ ଇକ୍କେ ବେନ ପୁନକଟ ଦେବ୍ ତିନ୍ଦାଙ୍କ୍ ପାଡ଼ିୟ୍
ମାଡ଼ିମାନ୍ତଣ୍ଡ୍; ଅନ୍ ସୁଦୁର୍ ଦେବ୍ ତିନ୍ତଣ୍ଡ୍ । ବେନଙ୍କ୍ ଗାଟି ଦେବ୍
ଦର୍କି ମିନ୍ଦେ, ଅନ୍ ଆଗାଙ୍କ୍ ଗାଟି ଦାବୀ ମାଡ଼୍ୱେୟ୍ତିତ୍; ମେଣ୍ଡେ,
ନାରୁଡ଼୍ବେନନାଗେ ଗାଟି ଇଡ଼୍ତନ୍ ମାଡ଼ି ମିନ୍ଦେଡ଼୍, ଅନାଗାଙ୍କ୍ ଗାଟି
ଦାବୀମାଡ଼୍ୱେୟ୍ତିତ୍ ।

## ଜିସୁନ୍ ସେଙ୍ଗେ ୱେରେ
## (ମାତିଉ ୧୦:୩୪-୩୬)

୪୯ "ନାନ୍ ପୃତିବିତାଗ୍ କିସ୍ ରାପାନ୍ ମାଇଦିଙ୍କ୍ ୱାସ୍ମିନ୍ଦେନ୍,
ମେଣ୍ଡେ, ଆଦ୍ କିସ୍ ନିଡ଼୍ୱି ଇଦ୍ ନାୱାଦ୍ ବାତେଏ ଇଚ୍ଛା !
୫୦ ✡ବାତେଙ୍କ୍ ଇକ୍କେ ନାକିଂଙ୍କ୍ ଅଣ୍ଡ୍ୟ ବାପ୍ତିସ୍ମ ଇସ୍ ଆଦ୍ ୱେୟ୍ତିତ୍
ବାତେଙ୍କ୍ ଇକ୍କେ ଆଦ୍ ତେରୱେ ଯାକ ନାନେ ଯେ, ବେସର୍ ଦାନ୍ଦେ
ଆଦୁତାନ୍ ।

✡ **୧୨:୫୦** ମାର୍କ ୧୦:୩୮.

୫୧ ନାନେ ପୃତିବିତାଗ୍ ଶାନ୍ତି ଇଦାଙ୍କ୍ ୱାସ୍ ମିନ୍ଦେନ୍ ଇଞ୍ଜ ବାତ୍
ମିଡ଼୍ ଆଲ୍‌ସ ମିନ୍ଦେଡ଼ି ?  ନାନେ ମିକିଂଙ୍କ୍, କେତୁତାନ୍, ଇଲା, ନାନେ,
ପୃତିବୀତିଙ୍କ୍ ୱେରେ ମାଡ଼ାଙ୍କ୍ ୱାସ୍‌ମିନ୍ଦେନ୍ ?
୫୨ ଅଣ୍ତ୍ରୟ୍ ଲୋନ୍ ଯଦି ଏୟ୍‌ୱୁଡ଼୍ ଡ଼ାଗାଙ୍କ୍ ରାମ୍‌କ୍ ସୃଷ୍ଟି ଆଦ୍‌ତେ,
ଆଲାକେ୍ ଇର୍‌ୱୁଡ଼୍ ବିରୁଦ୍ ତେ ମୁୱୁଡ଼୍ ନୁ ମୁୱୁଡ଼୍ ବିରୁଦ୍ ତେ ଇର୍‌ୱୁଡ଼୍
ତେଦିତଡ଼୍ ।
୫୩ ବାବାନ୍ ବିରୁଦ୍ ତେ ମାର୍, ମାର୍ ବିରୁଦ୍‌ତେ ବାବାଲ୍, ମାୟାଡ଼୍
ବିରୁଦ୍ ତେ ୟାୟ, ୟାୟନ୍ ବିରୁଦ୍ ତେ ମାୟ୍‌ୟାଡ଼୍, କଡ଼୍‌ୟାଡ଼୍ ବିରୁଦ୍
ତେ ପୟେ, ନୁ ପୟେନ୍ ବିରୁଦ୍ ତେ କଡ଼୍‌ୟାଡ଼୍ ତେଦିତ୍ ।”

## ଦିନାମ୍‌ତେ ବୁଜେମ୍ ଆଦ୍‌ତାଡ଼୍
## (ମାତିଉ ୧୬:୨-୩)

୫୪ ଜିସୁ ନାରୁଡ଼୍‌କିଂଙ୍କ୍ ତେଡ୍‌ତଣ୍ତ୍ର ପଶ୍ଚିମ୍‌ତେ ପାକେ ମାବ୍
ତେଦାନାଦ୍ ଉଡ଼୍ କେ ମିଡ଼୍ ସାଙ୍ଗେ ସାଙ୍ଗେ କେଲ୍‌ମୁଟ୍, ୱାର୍‌ସାମ୍
ୱାଦୁତ୍, ଆଦ୍‌ଲେକାମ୍ ଗଟେମ୍ ଆଦ୍ ତେ ।
୫୫ ମେଣ୍ତ୍ରେ, ଦକ୍ଷିଣ୍ ପାକେତ୍ ଗାଲ୍ ୱାଦୁତ୍ ଇତ୍‌କେ, ମିଡ଼୍
କେଲ୍‌ମୁଟ୍, ଏଦ୍ ତାର୍‌ଦିତେ, କେତ୍‌କେ ଆଲେ ଆଦ୍‌ତେ ।
୫୬ ରେ ମଣ୍ତ୍ରିଡ଼ି, ମିଡ଼୍ ପୃତିବି ନୁ ମାବ୍‌ତିଙ୍କ୍ ଉଡ଼ି ୱାର୍‌ସାମ୍ ପାଗ୍
ବିଷୟତେ କେତେ ପାର୍‌ଦ୍‌ତିଡ଼୍; ଆଗେକ୍‌ବା ଇଞ୍ଜେତ୍ ଯୁଗ୍‌ତାଦ୍
ପରିକ୍ଷାସାରେ ପୁନ୍ଦାଙ୍କ୍ ପାର୍‌ୱିଡ଼୍ ?

## ବିରୁଦିଡ଼୍ ତଡ଼୍ କାଇଲାନାଦ୍
## (ମାତିଉ ୫:୨୫-୨୬)

୫୭ “ମେଣ୍ତ୍ରେ, ନିଜେ ନିଜେ ବାତେଙ୍କ୍ ସାୟେତାଦ୍ ବିଚାର୍ ମାଡ଼୍‌ୱିଡ଼୍
?
୫୮ ଯଦି ବେନ ମିକିଂଙ୍କ୍ ମକଦମା ମାଡ଼ି ବିଚାର୍ ଲୋଡ୍‌ତାଗ୍
ଆଦ୍‌ତନ୍, ଆସୁଟେ ଅନ୍ ତଡ଼୍ ନିଜର୍ ବିଷୟତେ ନିଲ୍‌ପ୍‌ତେ ମାଡ଼ାଙ୍କ୍
ଆଲ୍‌ସି ମାଡ଼ିତି । ଯଦି ଆଲା ମାଡ଼କ୍ ଅଣ୍ତ୍ର ନିକିଂଙ୍କ୍ ବିଚାର୍ କର୍ତ୍ତାନ୍
ଗାର୍‌ରେ ଆଦ୍‌ତନ୍ ନୁ ଅଣ୍ତ୍ର ନିକିଂଙ୍କ୍ ପୁଲିସିଡ଼୍ କାଇଦେ ପସ୍‌ପିଦ୍‌ତଣ୍ତ୍ର
ନୁ ପୁଲିସିଡ଼୍ ନିକିଂଙ୍କ୍ କାରାଗାର୍ ତାଗ୍ ୱାଟିଦ୍‌ତଡ଼୍ ।

[59] ନାନେ ନିକିଂଙ୍କ୍ କେତୁତାନ୍, ନି ପର୍ରର ୱାଟ୍ତେ ସାରେ କାମ୍ଦେନନ୍ ୱେରନ୍ ପାଇସା ମିକା ଇୱେଯାକ ନିମ୍ ଆଗାଙ୍କ୍ କଲାସ୍ ଆଦାଙ୍କ୍ ପାର୍ୱିନ୍ ।”

# ୧୩

## ପାପ୍ କନ୍ସ୍ ମାଲ୍ମୁଟ୍ ଇଲୁକ୍ ଡୋଲାଟ୍

[1] ଆଦ୍ ଦିନାମ୍ ତେ ଆଗେ ମାନ୍ଦାନ୍ ବେସ୍ତୁଡ୍ ନାରୁଡ୍ ଜିସୁଙ୍କ୍ କେତ୍ତଡ୍ ଯେ, ଗାଲିଲୀୟ ନାରୁଡ୍ ଇଶ୍ୱର୍ ତେ ଗାର୍ରେ ବଲି ଉତ୍ସର୍ଗ ମାଡ଼ାନ୍ ୱେଲେ ପିଲାତ ଅଡ଼୍କିଂଙ୍କ୍ ହାୱ୍କି ମାତ୍ତଡ୍ ।
[2] ଆସୁଟେ ଜିସୁ ଅଡ଼୍କିଂଙ୍କ୍ କେତ୍ତଣ୍ଡ୍, ମିଡ୍ ବାଡ୍ ଆଲ୍ସୁତିଡ୍ ଯେ, ହି ନାରୁଡ୍ ଗାଲିଲୀୟ ନାର୍ଦେ ଲୋପେଙ୍କ୍ ଗାଟି ପାପି ମାତ୍ତଡ୍ ଇଞ୍ଜ ଅଡ଼୍କିଂଙ୍କ୍ ଇଦ୍ ହାୱୁକ୍ତେ ଆଦ୍ ୱେୟ୍ତା କି ?
[3] ନାନେ ମିକିଂଙ୍କ୍ କେତୁତାନ୍, ଇଲା, ବାତେଙ୍କ୍ ଇକ୍କେ ପାପତାଗାଙ୍କ୍ ମନ୍ ପରିବର୍ତ୍ତନ୍ ମାଡ଼କଟ୍ ମାତ୍କେ ମିଡ଼ଆନ୍ତେ ସାରେ ରକମ୍ ନଷ୍ଟ ଆଦ୍ତିଡ୍ ।
[4] ଶିଲୋହତାଗ୍ ବେଲା ୱେରନ୍ ନାରୁଡ୍ ପରୁ ବେଡ଼୍ୟାଦ୍ ଲୋନ୍ ଉର୍ଙ୍ଗି ରାଲ୍ତେ, ମିଡ୍ ବାଡ୍ ଆଲ୍ସୁତିଡ୍ ? ଅଡ୍ ଯିରୁଶାଲେମ୍ତାଗ୍ ମାନ୍ଦାନ୍ ନାରୁଡ୍ ୱିଡ୍ସି ଅଦିକ୍ ପାପି ମାତ୍ତଡ୍ କି ?
[5] ନାନେ ମିକିଂଙ୍କ୍ କେତୁତାନ୍, ଇଲା, ବାତେଙ୍କ୍ ଇକ୍କେ ପାପତାଗାଙ୍କ୍ ମନ୍ ପରିବର୍ତ୍ତନ୍ ମାଡ଼କଟ୍ ମାତ୍କେ ମିଡ଼ଆନ୍ତେ ସାରେ ରକମ୍ ନଷ୍ଟ ଆଦ୍ତିଡ୍ ।

## ଆଦକଟ ମାନ୍ଦାନ୍ ତୟ୍ମାଡ଼େଡ୍ ୱେଷଡ୍

[6] ଆସୁଟେ, ଜିସୁ ଅଡ଼୍କିଂଙ୍କ୍ ଇଦ୍ ୱେଷଡ୍ କେତ୍ତଣ୍ଡ୍, “ୱେରନ୍ ଅଙ୍ଗୁର୍ ଗୁଡ଼େତାଗ୍ ୱେରଡ୍ ତୟେମାଡ଼ା ମାତ୍ତା, ଅଣ୍ଡ୍ କାୟାନ୍ ସେଙ୍ଗେ ମାଡ଼େଡ୍ ଗାର୍ରେ ଆତ୍ତଣ୍ଡ୍, ବାତେଙ୍କ୍ ଇକ୍କେ ବାତେମିକା ଦର୍କ୍ତଣ୍ଡ୍ ।
[7] ଆସୁଟେ ଅଣ୍ଡ୍ ଆଦ୍ ବଗିଚାତେ ମାଲିକ୍ତିଙ୍କ୍ କେତ୍ତଣ୍ଡ୍, ଉଡ଼େ, ମୁଣ୍ଡ୍ ଏଣ୍ଡ୍ ଆଦୁଡ୍ ନାନେ ୱାସ୍ ହି ତୟେମାଡ଼୍ତାଗ୍ କାୟା ମେହ୍କୁତାନ୍, ଇକ୍କେ ଦର୍ସ୍କାନଙ୍କ୍ ପାର୍ୱନ୍; ଇଦିଙ୍କ୍ ନାଡ଼୍କି ଏସାଟ୍ ବାତେଙ୍କ୍ଇଡ୍କେ ଇଦ୍ ବୂମ୍ଦିଙ୍କ୍ ମିକା ନଷ୍ଟ ମାଡ଼ୁତେ ।

୮ ବାତେଙ୍କ୍ ଇକ୍କେ ଚାକର୍ ମାଲିକ୍ତିଙ୍କ୍ କେଡ୍ତଣ୍ଣ୍, ୱେରଡ଼୍ ଏଣ୍ଣେଡ୍
ମାଇଦିଙ୍କ୍ ଇଦିଙ୍କ୍ ୱିଡ଼ସିମ୍, ନାନେ ଇଦିଙ୍କ୍ ଚାର୍ପାକା ଡେୱିମେଣ୍ଣେ
କାତାମ୍ ହିଦ୍ତାନ୍,
୯ ୱାଦାନ୍ ଏଣ୍ଡ୍ ଯଦି ହି ମାଡ଼େତାଗ୍ କାୟା ଆଦିତ୍ ହିଡ୍କେ ତ ସାୟ୍
। ଇଲୁକ୍ ଆଦକଟ ମାଡ୍କେ ଆସୁଟେ ହି ମାଡ଼େତିଙ୍କ୍ ନାଡ଼୍କିମ୍ ।”

## ଜିସୁ ଅରଟ୍ ମୁର୍ଗ ନାଟାଡ଼୍ତିଙ୍କ୍ ବିଶ୍ରାମବାରତାଗ୍ ସୁସ୍ଥ ମାଡ଼୍ତଣ୍ଡ୍

୧୦ ଅଣ୍ଡ୍ଦାମ୍ ଜିସୁ ବିଶ୍ରାମ୍ଦିନାତେ ୱେରଡ଼୍ ଯିହୁଦୀ ପ୍ରାର୍ଥନା
ମାଡ଼ାନ୍ ଲୋନ୍ ଶିକ୍ଷା ହିସମାଡ୍ତଣ୍ଡ୍ ।
୧୧ ଆଗେ ୱେରଡ଼୍ ନାଟାଡ଼୍ ମାଡ୍ତେ ବେଲା କି ଅଟ୍ର ଏଣ୍ଡ୍ ଯାକ
ଅଣ୍ଡ୍ରୟ୍ ବୁଡ୍ ଆତ୍ମା ତେ ମୁର୍ଗ ଆଶେ ମାଡ୍ତେ । ନିଜ୍ତିଙ୍କ୍ ବେଲାମେଣ୍ଣେ
ମାଡ଼ି ତିନାଙ୍କ୍ ଆଦାଙ୍କ୍ ପାର୍ୱକଟ ମାଡ୍ତେ ।
୧୨ ଜିସୁ ତାକିଂଙ୍କ୍ ଉଡ଼ି ଗାର୍ରେ କାର୍ଙ୍ଗି କେଡ୍ତଣ୍ଡ୍, ହୋ ନାଟାଡ଼୍ତି,
ନି ଦୁର୍ବଲ୍ତାଗାଙ୍କ୍ ମୁକ୍ତ ଆଦ୍ତିଡ଼୍ ।
୧୩ ଆସୁଟେ, ଜିସୁ ତାନ୍ ପରୁ କାୟ୍ ୱାଟ୍ତଣ୍ଡ୍, ଆସୁଟେ, ଆଦ୍
ନାଟାଡ଼୍ ସାଙ୍ଗେ ସାଙ୍ଗେ ତିନାଙ୍କ୍ ଆସ୍ ନିସ୍ ପର୍ମେଶ୍ୱରଡ୍ ମହିମା ବା
ସ୍ତୁତି ମାଡ଼୍ତେ ।

୧୪ ବାତେଙ୍କ୍ ଇକ୍କେ ଜିସୁ ବିଶ୍ରାମ୍ଦିନାତେ ସୁସ୍ଥ ମାଡ଼୍ ତାଙ୍କ୍ ପ୍ରାର୍ଥନା
ମାଡ଼ାନ୍ ଲୋଡ୍ତେ ମୁକ୍ୟାଲ୍ କପାମ୍ ଆସ୍ ନାରୁଡ଼୍କିଂଙ୍କ୍ କେଡ୍ତଣ୍ଡ୍,
“ପାଡ଼ିୟ୍ ମାଡ଼ାନ୍ ମାଇଦିଙ୍କ୍ ଆରୁଦିନା ଦିନାମ୍ ମିନ୍ଦେ । ଆଦ୍ ଦିନାତେ
ୱାସ୍ ସୁସ୍ଥ ଆୟ୍ମୁଟ୍, ବିଶ୍ରାମଦିନା ତେ ୱାଡ଼୍ମାଟ୍ ।”
୧୫ ବାତେଙ୍କ୍ ଇକ୍କେ ପ୍ରବୁ ଅଂକିଙ୍କ୍ କେଡ୍ତଣ୍ଡ୍, “ହୋ ମଣ୍ଡିଡ଼ି ମିଡ଼୍ ବାଡ୍
ବିଶ୍ରାମ୍ଦିନାତେ ମି ଗଡ୍କିଂଙ୍କ୍ କି ଗଦତିଙ୍କ୍ କଟାତାଗାଙ୍କ୍ ୱିଡ଼ସି ହେର୍
ହୁସ୍ପାଙ୍କ୍ ବାୟିଦେ ଆୟ୍ୱିଡ଼୍ କି ?
୧୬ ଆଦ୍ ଅଣ୍ଡ୍ରୟ୍ ଅବ୍ରାହାମ୍ତେ ବଂଶତେ ପିକିଡ଼୍ । ଶୟ୍ତାନ୍
ତାକିଂଙ୍କ୍ ଅଟ୍ର ଏଣ୍ଡ୍ ଆଇନା ତହ୍ସ୍ମାଡ୍, ବିଶ୍ରାମ୍ଦିନାତେ ଆଦ୍ ମୁକ୍ତ
ବା ସୁସ୍ଥ ଆଦ୍ଦାନ୍ ଲେକେଡ୍ ଇଲେ କି ?”
୧୭ ଇଦ୍ ଗଟ୍ ତାମ୍ ଶିଷ୍ୟଡ଼୍କ୍ ସିଗ୍ ମାଡ଼୍ତେ, ଆଗେକ୍ବା ତାମାଦ୍
ବାକ୍ୱା ପାଡ଼ିୟିଡ୍ ମାଇଦିଙ୍କ୍ ନାରୁଡ଼୍ ସାରେତଡ଼୍ ସାର୍ଦା ଆଦ୍ତଡ଼୍ ।

### ସୋରିଷ ପେଡ଼େମ୍‌ତାଦ୍ ୱେଷଡ଼୍
### *(ମାତିଉ ୧୩:୩୧-୩୨; ମାର୍କ ୪:୩୦-୩୨)*

୧୮ ଆସୁଟେ ଜିସୁ ପାତ୍ରାମାଡ଼୍‌ତଣ୍ଡ୍, "ପରମେଶ୍ୱର୍‌ତେ ରାଜ୍ୟ
ବେଦ୍‌ପୁଟୁଙ୍ଗ୍ ? ମେଣ୍ଡ୍ରେ, ନାନେ ହିଦିଙ୍ଗ୍ ବେନନ୍ ତ ସାମାନ୍
ମାଡ଼୍‌ପାର୍‌ଦ୍ ତାନ୍ ?
୧୯ ପରମେଶ୍ୱର୍‌ତେ ରାଜ୍ୟ ଅଣ୍ଡ୍ରୟ୍ ସୋରିଷ ପେଡ଼େମ୍‌ତେ
ଲେକାମ୍ । ୱେରନ୍ ନାରୁଡ଼୍ ଆଦ୍ ସୋରିଷ ପେଡ଼େମ୍‌ତିଙ୍ଗ୍ ଅଣ୍ଡ୍
ବଗିଚାତାଗ୍ ୱିତିତଣ୍ଡ୍ । ପେଡ଼େମ୍‌ତାଗାଙ୍ଗ୍ ଗାଜ୍‌ଜେ ପେୟ୍‌ସ୍ ମାଡ଼ା
ଆଦ୍ ତେ ଆଦ୍ ମାଡ଼୍‌ତେ କମ୍‌ତାଗ୍ ପିଟେ ତୁଉକା ତାରିତା ।"

### କମୀରତେ ୱେଷଡ଼୍
### *(ମାତିଉ ୧୩:୩୩)*

୨୦ ଜିସୁ ମେଣ୍ଡ୍ରେ କେଡ଼୍‌ତଣ୍ଡ୍, "ନାନ୍ ପରମେଶ୍ୱର୍‌ତେ ରାଜ୍ୟତିଙ୍ଗ୍
ବେନନ୍ ତ ସାମାନ୍ ମାଡ଼୍‌ପାର୍‌ଦ୍ ତାନ୍ ?
୨୧ ଇଦ୍ ଅଣ୍ଡ୍ କମୀରତେ ଲେକାମ୍ । ୱେରଡ଼୍ ନାଟାଡ଼୍ ରୂଟି ତିଆର୍
ମାଡ଼ାନ୍ ମାଇଦିଙ୍ଗ୍ ଅଣ୍ଡ୍ରୟ୍ ବେଡ଼୍‌ୟାଦ୍ ଗିନେତାଗ୍ ମାନ୍ଦାନ୍ ଅଟା ତଡ଼୍
ହି କମୀରତିଙ୍ଗ୍ କାଲ୍‌ପିତ୍ । କମୀର ଅଟାତିଙ୍ଗ୍ ତୟ୍‌ପିତ୍‌ତେ ।"

### ସୁଦୁରାଦ୍ ଆର୍
### *(ମାତିଉ ୭:୧୩,୧୪,୨୧-୨୩)*

୨୨ ଜିସୁ ସାରେ ନାର୍ ନୁ ନାର୍ ଆଞ୍ଜ୍ ଶିକ୍ଷା ହିସମାଡ଼୍‌ତଣ୍ଡ୍, ଅନ୍ ତାକି
ୟିରୁଶାଲେମ୍‌ଡ଼୍ ପାକେ ଆଡ଼୍‌ତଣ୍ଡ୍ ।
୨୩ ଆସୁଟେ, ମେଣ୍ଡ୍ରେ ୱେରଣ୍ଡ୍ ଜିସୁଙ୍ଗ୍ କେଡ଼୍‌ତଣ୍ଡ୍, "ପ୍ରବୁ ବେସ୍‌ତୁଡ଼୍
ନାରୁଡ଼୍ ପରିତ୍ରାଣ ଆଦ୍ ପାର୍‌ଦ୍‌ତଡ଼୍ ? ବାତେଏ ସୁକୁକେ ନାରୁଡ଼୍ ?"
୨୪ "ସୁଦୁରାଦ୍ ହାର୍‌ଇସ୍ ସ୍ୱର୍ଗତାଗ୍ ଆଦ୍‌ଦାନ୍ ମାଇଦିଙ୍ଗ୍ ଆଲ୍‌ସି
ମାଡ଼ାଟ୍ । ବାତେଙ୍ଗ୍ ଇକ୍କେ ନାନେ କେତୁତାନ୍, ନାର୍ଗେମାନ୍ଦେ ଆଦ୍‌ଦାନ୍
ମାଇଦିଙ୍ଗ୍ ଆଲ୍‌ସି ମାଡ଼ିତଡ଼୍ ? ବାତେଙ୍ଗ୍ ଇକ୍କେ ଆଦାଙ୍ଗ୍ ପାର୍‌ୱଡ଼୍ ।
୨୫ ଲୋଡ଼୍‌ତେ ମାଲିକ୍ ତେଦି କାପାଟ୍‌ତିଙ୍ଗ୍ ବନ୍ଦ୍ ମାଡ଼୍‌ତେ ପେର୍‌କେ,
ମିଡ଼୍ ବାୟିଦେ ନିସ୍ ମେଣ୍ଡ୍ରେ କାପାଟ୍‌ତିଙ୍ଗ୍ ତାଲ୍‌ସିତିଡ଼୍, ବା ଅନୁରଦ୍
ମାଡ଼ି କେତିତିଡ଼୍, ମାଲିକ୍, ମା ମାଇଦିଙ୍ଗ୍ କାପାଟ୍ ତେର୍‌ସିମ୍ । ବାତେଙ୍ଗ୍
ଇକ୍କେ ଅଣ୍ଡ୍ କେତିତଣ୍ଡ୍, ମିଡ଼୍ ବେନେ ଜାଗେତେ ନାରୁଡ଼ି, ବା ବେଗାଙ୍ଗ୍
ୱାସ୍‌ମିନ୍ଦେଡ଼ି, ନାନେ ଆଦ୍ ପୁନନ୍ ।

୨୬ ତାନ୍ ପେର୍‌କେ ମିଡ଼୍‌କେତିତିଡ଼୍, ନିମ୍ ନୁ ମାମ୍ ଅଣ୍ଡ୍ରୟାଗେ ମାଞ୍ଜ
କାୟ୍‌ଲି ତିଡ୍‌ତାଡ଼୍ । ନିମେ ମା ନାର୍ ଶିକ୍ଷା ଇସ୍‌ମାତିନ୍
୨୭ ଆସୁଟେ, ଅଣ୍ଡ୍ କେଡ୍‌ତଣ୍ଡ୍, ମିଡ଼୍ ବେନେ ପାଡ଼୍‌ଗେତେ ନାରୁଡ଼ି,
ବା ବେଗାଙ୍କ୍ ୱାସ୍‌ମିନ୍ଦେଡ଼ି, ନାନେ ଆଦ୍ ପୁନନ୍ । ମିଡ଼୍‌କାରାପ୍ ପାଡ଼୍‌ୟି
ମାଡ଼ାନ୍ ନାରୁଡ଼ି, ନାୟାଗାଙ୍କ୍ ଜେକା ଆୟ୍‌ମୁଟ୍ ।
୨୮ ✡✡ବେସୁଙ୍କ୍ ମିଡ଼୍ ଅବ୍ରାହାମ୍, ଇସ୍‌ହାକ୍ ନୁ ଯାକୁବ୍ ନୁ ସାରେ
ବାବବାଦୀଡ଼୍ ପରମେଶ୍ୱର୍‌ତେ ରାଜ୍ୟତାଗ୍ ମାନ୍ଦାନାଦ୍ ଉଡ଼ିତଡ଼୍
ବାତେଙ୍କ୍ ଇକ୍କେ ନିଜେ ବାୟିଦେ ରାଲିମାନ୍ଦାନାଦ୍ ଉଡ଼ିତଡ଼୍, ଆସୁଙ୍କ୍
ଆଗେ ନିଜେ କେୟାନାଦ୍ ନୁ ପାଲ୍‌କ୍ କିଟ୍‌ରୁମ୍ କାଟ୍‌ରୁମ୍ ଆଦାନାଦ୍
କେଞ୍ଜିତଡ଼୍ ।
୨୯ ପୂର୍ବ ନୁ ପଶ୍ଚିମ୍, ଉତ୍ତର୍ ନୁ ଦକ୍ଷିଣ୍‌ପାକେଡ୍ ନାରୁଡ଼୍ ୱାସ୍
ପରମେଶ୍ୱର୍‌ତେ ରାଜ୍ୟତାଗ୍ ତିନ୍ଦାଙ୍କ୍ କୁଦିତଡ଼୍ ।
୩୦ ✡ଆସୁଟେ ଉଡ଼ାଟ୍, ବେନଡ଼୍ ଇଞ୍ଜେ ପେର୍‌କେ ମାନ୍ଦାନଡ଼୍
ବେସ୍‌ତୁଡ଼୍ ମୁନ୍ ଆଦ୍‌ତଡ଼୍ ମେଣ୍ତେ, ମୁନ୍ ମାନ୍ଦାନଡ଼୍ ବେସ୍‌ତୁଡ଼୍
ପେର୍‌କେ ଆଦ୍‌ତଡ଼୍ ।"

## ଯିରୁଶାଲେମ୍‌ତାଗ୍ ଜିସୁନାଦ୍ ପ୍ରେମ୍
## (ମାତିଉ ୨୩:୩୭-୩୯)

୩୧ ଆଦ୍ ଦିନାମ୍ ତେ ବେସ୍‌ତୁଡ଼୍ ପାରୂଶୀ ନାରୁଡ଼୍ ୱାସ୍ ଜିସୁଙ୍କ୍
କେଡ୍‌ତଡ଼୍, "ହି ପଡ଼ିୟ୍ ୱିଡ଼୍‌ସି ବେଗ୍‌ଆୟି ଅନ୍ । ବାତେଙ୍କ୍ ଇକ୍କେ
ହେରଦ୍ ରାଜାଲ୍ ନିକିଂଙ୍କ୍ ଆୱ୍‌କାଂଙ୍କ୍ ଇଚ୍ଛା ମାଡ଼୍‌ତୁଣ୍ଡ୍ ।"
୩୨ ଜିସୁ ଅଡ଼୍‌କିଂଙ୍କ୍ କେଡ୍‌ତଣ୍ଡ୍, ଆନୁଟ୍, ଆଦ୍ କଙ୍ଗାନାକାତିଙ୍କ୍
କେଲ୍‌ମୁଟ୍, ନାନେ ନେଣ୍ଡ୍ ନୁ ନାଡ଼୍ ବୁଡ୍‌କିଂଙ୍କ୍ ତଲିତାନ୍ ମେଣ୍ତେ ନୁ
ନାରୁଡ଼୍‌କିଂଙ୍କ୍ ସୁସ୍ଥ ମାଡ଼ିତାନ୍, ମୁଣ୍ଡ୍ ଦିନାତେ ନା ପାଡ଼ିୟ୍ ତେରିଡ୍ ।
୩୩ ବେଲାମେଣ୍ତେ ଆୟି, ନାକିଂଙ୍କ୍ ନେଣ୍ଡ୍, ନାଡ଼୍ ନୁ ମାନେଟି
ଯାକ ଆଦ୍ ୱେୟ୍‌ତିଡ୍, ବାତେଙ୍କ୍ ଇକ୍କେ ଯିରୁଶାଲେମ୍‌ତେ ବାୟିଦେ
ବାବବାଦୀଡ଼୍ ଡୋଲାନାଦ୍ ଲେକେଡ୍ ଆୟ୍‌ୟ ।
୩୪ ହୋ ଯିରୁଶାଲେମ୍ ହୋ ଯିରୁଶାଲେମ୍ ନିମେ ତ ବାବବାଦୀ
ଲଡ଼୍‌କିଙ୍କ୍ ଆୱ୍‌କତି । ବେନ୍ ନାରୁଡ଼୍‌କିଂଙ୍କ୍ ପରମେଶ୍ୱର୍ ନି ଗାର୍‌ରେ

---

✡ **୧୩:୨୮** ମାତିଉ ୨୨:୧୩; ୨୫:୩୦. ✡ **୧୩:୨୮** ମାତିଉ ୮:୧୧,୧୨. ✡ **୧୩:୩୦** ମାତିଉ ୧୯:୩୦; ୨୦:୧୬; ମାର୍କ ୧୦:୩୧.

ରୟସ୍ ମାତ୍‌ତେ, ନିମେ ଅଡ଼୍‌କିଂଙ୍ କାଲ୍‌କ୍ ହେସି ରେହେତିଡ଼୍ । ୱେରଡ଼୍ କୋର୍ ତାନ୍ ରେକାନ୍ ମଦଲ୍ କୋର୍‌ପିଲାଙ୍ଗ୍ ଅଣ୍ଡ୍ରୟ୍‌ୟାଗ୍ ଗୁଡ଼୍‌ପାନ୍ ଲେକାମ୍, ନାନେ ମି ନାରୁଡ଼୍‌କିଂଙ୍ ଅଣ୍ଡ୍ରୟ୍‌ୟାଗ୍ ଗୁଡ଼୍‌ପାଙ୍ଗ୍ ଇଚ୍ଛା ମାଡ଼ିମାଡ଼୍‌ତାନ୍ । ବାତେଙ୍ଗ୍ ଇକ୍କେ ମିଡ଼୍ ନାକିଂଙ୍ ଆଦ୍ ଲେକାମ୍ ମାଡ଼ାଙ୍ଗ୍ ହିୱିଡ଼୍ ।
୩୫ ଉଡ୍ଡେ, ନିୟାଦ୍ ମନ୍ଦିର୍‌ତିଙ୍ଗ୍ ମି ନାରୁଡ଼୍ ୱିଡ଼୍‌ସିତ୍‌ତଡ଼୍ । ନାନେ ନିକିଂଙ୍ କେତୁତାନ୍, "ପ୍ରବୁନ୍ ପେଦେର୍ ତେ ବେନ ୱାଦୁତଣ୍ଡ୍, ଅନ୍ ଦନ୍ୟ, ଇଦ୍ କେଲ୍‌ୱେ ଯାକ ନିମ୍ ନାକିଂଙ୍ ମେଣ୍ଡ୍ରେ ଉଡ଼୍ ପାର୍‌ୱିନ୍ ।"

# ୧୪

## ଜିସୁ ୱେର୍‌ଣ୍ଡ୍ ନାରୁଙ୍ଗ୍ ସୁସ୍ଥ ମାଡ଼୍‌ତଣ୍ଡ୍

୧ ଅନ୍‌ଦାମ୍ ବିଶ୍ରାମ୍‌ଦିନାତେ ଜିସୁ ୱେରଣ୍ଡ୍ ପାରୂଶୀ ନାରୁଡ଼୍ ନେତାନ୍ ଲୋନ୍ ତିନ୍ଦାନ୍ ମାଇଦିଙ୍ଗ୍ ଆତ୍‌ତଣ୍ଡ୍, ମେଣ୍ଡ୍ରେ ଅଡ଼୍ ଆଗେ ଜିସୁଙ୍ଗ୍ ସାୟ୍ ଲକ୍ଷ ମାଡ଼ି ଉଡ଼୍‌ମାଡ଼୍‌ତଡ଼୍ ।
୨ ଆସୁଟେ ଉଡ୍ଡେ, ଜିସୁନ୍ ମୁନେ ୱେରଣ୍ଡ୍ ଜଲଦର ରୋଗ୍‌ତେ ନାରୁନ୍ ମାଡ଼୍‌ତଣ୍ଡ୍ ।
୩ ଜିସୁ ପାରୂଶୀନଡ଼କ୍ ନୁ ଦର୍ମଶାସ୍ତ୍ରୀନଡ଼କ୍ କେତ୍‌ତଣ୍ଡ୍, ବିଶ୍ରାମ୍‌ଦିନାତେ ସୁସ୍ଥ ମାଡ଼ାନାଦ୍ ଟିକ୍ ନିୟମ୍ ନା ଆୟ ? ବାତେଙ୍ଗ୍ ଇକ୍କେ ଅଡ଼୍ କଟ ଆଁଶେ ମାଡ଼୍‌ତଡ଼୍ ।
୪ ଆସୁଟେ, ଜିସୁ ଆଦ୍ ନାରୁଙ୍ଗ୍ ପୟିସ୍ ସୁସ୍ଥ ମାଡ଼୍‌ତଣ୍ଡ୍ ନୁ ରୟସିତ୍ ତଣ୍ଡ୍ ।
୫ ✡ଆସୁଟେ, ଜିସୁ ଅଡ଼୍‌କିଂଙ୍ ଉତ୍ତର୍ ଇସ୍ କେତ୍‌ତଣ୍ଡ୍, "ମି ଲୋପେଙ୍ଗ୍ ବେନନ୍ ମାର୍ କି ଗଡ଼୍‌କନ୍ଦ୍ ବିଶ୍ରାମ୍‌ଦିନ୍ ତେ ନୂୟ୍‌ଦାଗ୍ ରାଲ୍‌କେ, ମିଡ଼୍ ବାତେଏ ତାକିଂଙ୍ ସାଙ୍ଗେ ସାଙ୍ଗେ ତେୟସ୍ ତାଡ଼୍‌ୱିଡ଼୍ ?"
୬ ମେଣ୍ଡ୍ରେ ଅଡ଼୍ ଆଦ୍ ବିଷୟ ତେ ବାତ୍ ଉତ୍ତର୍ ଇଦ୍ ପାର୍‌ୱଡ଼୍ ।

## ନମ୍ର ଆଦାନାଦ୍ ନୁ ସେବା ମାଡ଼ାନାଦ୍

୭ ଜିସୁ ଉଡ଼୍‌ତଣ୍ଡ୍ ଯେ, ବେସ୍‌ତୁଡ଼୍ କୁଟ୍‌ମାମ୍ ତଡ଼୍ କୁଦାନ୍ ମାଇଦିଙ୍ଗ୍ ସାୟେତ୍ କେତ୍ ମେହ୍‌କ ମାଡ଼୍‌ତଡ଼୍ । ଆସୁଟେ, ଜିସୁ ଅଡ଼୍‌କିଂଙ୍ ହି ୱେଷଡ଼୍ କେତ୍‌ତଣ୍ଡ୍,

✡ **୧୪:୫** ମାତିଉ ୧୨:୧୧.

୮ “ଯଦି ୱେରଣ୍ଡ୍ ନାରୁଡ଼୍ ନିକିଂଙ୍କ୍ ପେଣ୍ଡୁଲ୍‌ତାଗ୍ କାର୍‌ଙ୍ଗୁତଣ୍ଡ୍,
ଆଲାକ୍ରେ ସାର୍‌ତିଙ୍କ୍ ମୁକ୍ୟ କୁର୍‌ସ୍‌ତାଗ୍ କୁଦ୍‌ମା । ବାତେଙ୍କ୍ ଇକ୍ରେ ଆଦ୍
ନାରୁଡ଼୍ ନିକିଂଙ୍କ୍ ଆନ୍ତେ ଅଦିକ୍ ବେଡ଼ୟ୍ ନାରୁଡ଼୍ କାର୍‌ଙ୍ଗି ମାନ୍‌ତଣ୍ଡ୍ ।
୯ ନିମ୍ ଯଦି ସାର୍‌ତିଙ୍କ ଅନ୍ ମୁକ୍ୟ ଆସନ୍ ତାଗ୍ କୁଦି ମାନ୍‌ତି,
ଆଲାକ୍ରେ ନିକିଂଙ୍କ୍ କାର୍‌ଙ୍ଗିମାନ୍ଦାନ୍ ନାରୁଡ଼୍ ୱାସ୍ କେତିତଣ୍ଡ୍, ହି ନାରୁଙ୍କ୍
ନିୟାଦ୍ ଆସନ୍ ହିମ୍ । ଆସୁଙ୍କ୍ ନିକିଂଙ୍କ୍ ଗାଟି ଅପ୍‌ମାନ୍ ଆଦ୍ ତେ ।
୧୦ ବେସୁଙ୍କ୍ ୱେରଣ୍ଡ୍ ନାରୁଡ଼୍ ନିକିଂଙ୍କ୍ ବଜିତାଗ୍ କାର୍‌ଙ୍ଗୁତଣ୍ଡ୍
ଆସୁଟେ, ନିମେ ୱେରଡ଼୍ ସୁଦୁରାଦ୍ ଆସନ୍ ତାଗ୍ କୁଦ୍ । ଆସୁଙ୍କ୍ ନିକିଂଙ୍କ୍
କାର୍‌ଙ୍ଗ୍‌ତେ ନାରୁଡ଼୍ ୱାସ୍ ନିକିଂଙ୍କ୍ କେତିତଣ୍ଡ୍, ହୋ ସାଙ୍ଗ, ନିମେ,
ହିଗେ କୁଦକଟ ସୁଦୁର୍ ମୁନ୍‌ୱାସ୍ ହି ସାୟେତ୍ ଆସନ୍ ତାଗ୍ କୁଦ୍ ।
ଆସୁଙ୍କ୍ ବାଗାତଡ଼୍ ୱାସ୍‌ମାନ୍ଦାନ୍ କୁଟ୍‌ମାମ୍ ଆନ୍‌ତେ ନିକିଂଙ୍କ୍ ସମ୍ମାନ୍
ଇଦ୍‌ତଡ଼୍ ।
୧୧ ✡ବେନ୍ ନାରୁଡ଼୍ ନିଜ୍‌ତିଙ୍କ୍ ମହାନ୍ ଇଞ୍ଜ ଆଲ୍‌ସିତିଡ଼୍, ଅଂକିଙ୍କ୍
ହୀନ ମାଡ଼୍‌ୱେୟ୍‌ତିତ୍ । ବେନ୍ ନାରୁଡ଼୍ ନିଜ୍‌ତିଙ୍କ୍ ହୀନ ଇଞ୍ଜ
ଆଲ୍‌ସିତିଡ଼୍, ଅଂକିଙ୍କ୍ ମହାନ୍ ମାଡ଼୍‌ୱେୟ୍‌ତିତ୍ ।”

୧୨ ଜିସୁ ଅଂକିଙ୍କ୍ କାର୍‌ଙ୍ଗି ମାନ୍ଦାନ୍ ପାରୁଶୀ ନାରୁଡ଼୍‌କିଂଙ୍କ୍ କେତ୍‌ତଣ୍ଡ୍,
“ନିମେ ବେନଙ୍କ୍ ଆୟି ପାୟାଲ୍ ବା ନାର୍କାତେ ତିନ୍ଦାଙ୍କ୍ କାର୍‌ଙ୍ଗ୍‌ତେ
ୱେୟ୍ ମାତର୍ ନି ଦାଦାଲ୍, ସାଙ୍ଗଙ୍କ୍, କୁଟୁମାମ୍ ସାଉକାର୍‌ରିଡ଼୍ ନୁ
ଗାରେତଡ଼୍ ନାରୁଡ଼୍‌କିଂଙ୍କ୍ କାର୍‌ଙ୍ଗ୍‌ମାଟ୍, ବାତେଙ୍କ୍ ଇକ୍ରେ ମେଣ୍ଡ୍‌ନ୍‌ଦାମ୍
ଦାମ୍ ଅଡ଼୍ ଆନ୍‌ତେ ନିକିଂଙ୍କ୍ ଅଡ଼୍ ତ ତିନ୍ଦାଙ୍କ୍ କାର୍‌ଙ୍ଗି ତଡ଼୍ । ଆସୁଙ୍କ୍
ନିମେ ନିୟାଦ୍ ସାରେଦାନ୍ ଦର୍‌ସ୍‌ତିନ୍ ।
୧୩ ବାତେଙ୍କ୍ ଇକ୍ରେ ବୋଜି ହିଦାନ୍ ଦିନାମ୍ ତେ ଗୋରିବ୍, ପଙ୍ଗୁ,
କୁଟାଲଡ଼୍‌କ୍ ନୁ କାନାଲଡ଼୍‌କିଙ୍କ୍ କାର୍‌ଙ୍ଗାଟ୍ ।
୧୪ ହି ନାରୁଡ଼୍‌କିଂଙ୍କ୍ ବାତା ହିଲ୍‌ୱାଙ୍କ୍ ସାରେବଦଲ୍ ତେ ବାତା
ଇଦ୍ ପାର୍‌ୱଡ଼୍ । ଆଲାକ୍ରେ ମି ମାଇଦିଙ୍କ୍ ଆଶୀର୍ବାଦ୍ ଆଦ୍ ତେ
। ବାତେଙ୍କ୍ ଇକ୍ରେ ବେସୁଙ୍କ୍ ଦାମିର୍କ୍ ନାରୁଡ଼୍ ଡଲ୍‌ତେ ନାରୁଡ଼୍
ଲୋପେଙ୍କ୍ ତେଦିତଡ଼୍, ଆଦ୍ ଦିନାମ୍ ତେ ମିଡ଼୍ ମିୟାଦ୍ ପୁରସ୍କାର୍
ଦର୍‌କିତ୍ ।”

---

✡ **୧୪:୧୧** ମାତିଉ ୨୩:୧୨; ଲୁକ ୧୮:୧୪.

## ୱେରଡ଼୍ ବେଡ଼୍ୟାଦ୍ ବଜିତ୍ ତେ ୱେଷଡ଼୍ (ମାତିଉ ୨୨:୧-୧୦)

୧୫ ଜିସୁନ୍ ତ ତିନ୍ଦାଙ୍କ୍ କୁଦି ମାନ୍ଦାନ୍ ନାରୁଡ଼୍ ଲୋପେଙ୍କ୍ ୱେରନ୍
ନାରୁଡ଼୍ ହି ସାରେ ଗଟି କେଞ୍ଜି ଜିସୁଙ୍କ୍ କେତ୍ତଣ୍ଡ୍, "ପରମେଶ୍ୱର୍‌ତେ
ରାଜ୍ୟତାଗ୍ ତିନ୍ଦାନ୍ ମାଡ଼ାନ୍ ନାରୁଡ଼୍ ଗାଟି କୁସି ବା ସାର୍‌ଦା ଆଦ୍‌ତନ୍
।"

୧୬ ଜିସୁ ଅଂକିଙ୍କ୍ କେତ୍ତଣ୍ଡ୍, ୱେରଣ୍ଡ୍ ନାରୁଡ଼୍ ୱେରଡ଼୍ ବେଡ଼୍ୟାଦ୍
ବଜି ମାଡ଼୍‌ତଣ୍ଡ୍ ନୁ ନାର୍ଗେ ନାରୁଡ଼୍‌କିଂଙ୍କ୍ କାର୍‌ଙ୍ଗ୍ ତଣ୍ଡ୍ ।
୧୭ ତିନ୍ଦାନ୍ ଦିନାମ୍ ଆଦାଙ୍କ୍ ଅଣ୍ଡ୍ କୁଟ୍‌ମାମ୍ କାର୍‌ଙ୍ଗାନ୍ ମାଇଦିଙ୍କ୍
ନିଜର୍ ଚାକର୍‌ତିଙ୍କ୍ ରହ୍‌ତଣ୍ଡ୍, ୱାଡ଼ାଟ୍, ତିନ୍ଦାନାଦ୍ ସାରେ ତିଆର୍‌ତେ
ଆଡ଼୍‌ତେ ।
୧୮ ବାତେଙ୍କ୍ ଇକ୍କେ କାର୍‌ଙ୍ଗ୍‌ତେ ନାରୁଡ଼୍ କେତ୍ତଡ଼୍ ଯେ, ଅଡ଼୍ ଆଦେ
ପାର୍‌ୱଡ଼୍ । ମୁନେ ନାରୁଡ଼୍ କେତ୍ତଣ୍ଡ୍, ନାନେ ଇଞ୍ଜେ ୱେରନ୍ ୱାୟା
ଆସ୍‌ତାନ୍ । ଆଦ୍ ୱାୟାଙ୍କ୍ ଉଡ଼ାନ୍ ମାଇଦିଙ୍କ୍ ନାକିଂଙ୍କ୍ ଇଞ୍ଜ୍ ଆଦ୍
ୱେୟ୍‌ତିତ୍ । ଦୟା ମାଡ଼ି ନାକିଂଙ୍କ୍ କ୍ଷମା ହିମ୍ ।
୧୯ ମେଣ୍ଡ୍ରେ ୱେରଣ୍ଡ୍ କେତ୍ତଣ୍ଡ୍, ନାନେ ଏଇଙ୍ଗ୍ ହେଣ୍ଡ୍‌କ୍ ଗଡ୍‌କନ୍ଦା
ଆସିମିନ୍ଦେନ୍ । ନାନେ ଆୱିଙ୍କ୍ ପରିକ୍ଷା ମାଡ଼ାନ୍ ମାଇଦିଙ୍କ୍ ଆଦ୍‌ଦାନ୍
ମିନ୍ଦେ । ଦୟା ମାଡ଼ି ନାକିଂଙ୍କ୍ କ୍ଷମା ମାଡ଼ା ।
୨୦ ତୃତୀୟ ନାରୁଡ଼୍ କେତ୍ତଣ୍ଡ୍, ନାନେ ପୁଝନେ ପୁଝନେ ପେଣ୍ଡ୍ରୁଲୁ
ଆଡ଼୍‌ତାନ୍, ନାନ୍ ଆଦ୍‌ପାର୍‌ୱନ୍ ।

୨୧ ଆସୁଟେ, "ଚାକର୍ ମାଲ୍‌ସ୍ ୱାସ୍, ମାଲିକ୍‌ତିଙ୍କ୍ ସାର୍‌ରେଗଟି
କେସିତ୍ତଣ୍ଡ୍, ମାଲିକ୍ ଆଦ୍ ଗଟି କେଞ୍ଜି ଗାଟି କପାମ୍ ଆଡ଼୍‌ତଣ୍ଡ୍
ବା, କେତ୍ତଣ୍ଡ୍, ସିଟ୍‌ପାଟ୍ ନାର୍ ଗଲିକିନାଗ୍ ଆଞ୍ଜ୍ ଦରିଦ୍ର, ପଙ୍ଗୁ,
କାନାଲଡ଼୍‌କ୍ ନୁ କୁଟା ନାରୁଡ଼୍‌କିଂଙ୍କ୍ କାର୍‌ଙ୍ଗି ତାଡ଼ାଟ୍ ।
୨୨ ପେର୍‌କେ ଚାକର୍ ମାଲ୍‌ସ୍ ୱାସ୍ କେତ୍ତଣ୍ଡ୍, ମାଲିକ୍ ନିମେ
ବାଡ଼୍ କେତ୍ତିନ୍, ଆଦ୍ ନାନେ ମାଡ଼୍‌ତାନ୍ । ମେଣ୍ଡ୍ରେ, ପେର୍କେ ନାରୁଡ଼୍
ମାଇଦିଙ୍କ୍ ପଡ଼ିୟେ ମାୟ୍‌ତା ।
୨୩ ମାଲିକ୍ ଚାକର୍‌ତିଙ୍କ୍ କେତ୍ତଣ୍ଡ୍, ରାଜଆର୍‌ତା ନୁ ନାର୍‌ଦେ
ଆର୍‌ଦା ଆଞ୍ଜ୍ । ଆଗେ ମାନ୍ଦାନ୍ ନାରୁଡ଼୍‌କିଂଙ୍କ୍ ୱାଦାନ୍ ମାଇଦିଙ୍କ୍
କେଲ୍‌ମ୍ । ନାନେ ଆଲ୍‌ସୁତାନ୍, ନା ଲୋନ୍ ପୁରାପୁରି ନିଣ୍ଡି ଇଞ୍ଜ ।

୨୪ ନାନ୍ ମି ସାରେତଡ଼୍‌କିଂଙ୍କ୍ କେତୁତାନ୍, ବଜିତାଗ୍ କାର୍‌ଙ୍ଗ୍ ତେ
ନାରୁଡ଼୍‌ ଲୋପେଙ୍କ୍ ବେନ ନାୱାଦ୍ ବଜି ତିନ୍ଦାଙ୍କ୍ ପାର୍‌ୱଡ଼୍ ।"

## ଶିଷ୍ୟ ଆଦାନ୍ ମୁଲ୍ୟ
## (ମାତିଉ ୧୦:୩୭-୩୮)

୨୫ ଅନ୍‌ଦାମ୍ ନାର୍ଗେ ନାରୁଡ଼୍ ଜିସୁନ୍ ତ ଆଞ୍ଜ ମାଡ଼୍‌ତଡ଼୍ । ଜିସୁ
ନାରୁଡ଼୍‌କିଂଙ୍କ୍ କେଡ଼୍‌ତଣ୍ଡ୍,
୨୬ ✡ଯଦି ୱେରଣ୍ଡ୍ ନାରୁଡ଼୍ ନା ଗାର୍‌ରେ ୱାଦ୍‌ତଣ୍ଡ୍, ଯଦି ନାକିଂଙ୍କ୍
ୱିଡ଼୍‌ସି ତେ ୟାୟ୍‌ବାବାଙ୍କ୍, ମୁଡ଼୍‌ତେ, ପିଲାଙ୍କ୍, ଏଲାଡ଼୍ ତାମୁଣ୍ଡ୍‌ତିଙ୍କ୍
ଜିୱୁଣ୍ଡ୍‌ତେ ପ୍ରେମ୍ ମାଡ଼ମାନ୍‌ତଣ୍ଡ୍, ଆସଡ଼୍ ନାରୁଡ଼୍ ହିଡ଼୍‌କେ ନା ଶିଷ୍ୟ
ଆଦ୍ ପାର୍‌ୱଣ୍ଡ୍ ।
୨୭ ✡ୱେରଣ୍ଡ୍ ନାରୁଡ଼୍ ନିଜର୍ କ୍ରୁଶତିଙ୍କ୍ କାଞ୍ଜି ନା ପେର୍‌କେ ତାକକଟ୍
ମାଡ଼୍‌କେ, ଆସଡ଼୍ ନାରୁଡ଼୍ ନା ଶିଷ୍ୟ ଆଦ୍ ପାର୍‌ୱଣ୍ଡ୍ ।
୨୮ ମିଡ଼୍ ଯଦି କେପାନ୍ ଲୋନ୍ ମାଡ଼ାଙ୍କ୍ ଇଚ୍ଛା ମାଡ଼୍‌ତ୍ରିଡ଼୍, ଆଲାକ୍ରେ
ମିଡ଼୍ କୁଦି ମୁନେ ଚିହ୍ନେ ମାଡ଼ାନ୍ ମିନ୍ଦେ ଯେ, ଇଦିନ୍ ମାଇଦିଙ୍କ୍ ବେସର୍
କର୍ଚ୍ଚ ଆଦ୍‌ତେ । ମିଡ଼୍ ହିସାପ୍ ମାଡ଼ି ଉଡ଼ାନ୍ ମିନ୍ଦ୍ ଯେ, ପାଡ଼ିୟି
ମାଡ଼ାନାଦ୍ ତେର୍‌ନା ଯାକ ମିୟାଗ୍ ଡାବ୍ ମିନ୍ଦେ କି ଇଲେ ।
୨୯ ବାତେଙ୍କ୍ ଇକ୍ରେ ଅଣ୍ଡ୍ ଯଦି ମୁର୍ସ ମାଡ଼ି ଲୋନ୍ ତେର୍‌ସ୍‌ପେ
ପାର୍‌ୱଣ୍ଡ୍, ସାର୍‌ତଡ଼୍ ଆଦିଙ୍କ୍ ଉଡ଼ାନ୍ ନାରୁଡ଼୍ ଅଂକିଙ୍କ୍ ପରିହାସ୍
ମାଡ଼ିତଡ଼୍,
୩୦ ଅଡ଼୍ କେତିତଡ଼୍, ହି ନାରୁଣ୍ଡ୍ ତିଆର୍ ମାଡ଼୍‌ତଣ୍ଡ୍ ବାତେଙ୍କ୍ ଇକ୍ରେ
ତେର୍‌ସ୍‌ପାଙ୍କ୍ ପାର୍‌ୱଣ୍ଡ୍ ।
୩୧ ୱେରଣ୍ଡ୍ ରାଜାଲ୍ ମେଣ୍ଡ୍ରେଅର୍‌ତୁନ୍ ରାଜାନ୍ ବିରୁଦ୍ ତେ ଯୁଦ୍
ମାଡ଼ାଙ୍କ୍ ତିଆର୍ ଆଦ୍‌ତନ୍ । ତାମ୍ ବିରୁଦ୍ ତେ ନିଜର୍ କୁଡ଼ିଏ ହଜାର୍
ସୌନ୍ୟଡ଼୍‌କ୍ ପୟସ୍ ୱାଦାନ୍ ରାଜାନ୍ ତ ନିଜର୍ ୱେରନ୍ ରାଜା
ଦଶ୍‌ହଜାର୍ ସୌନ୍ୟଡ଼୍ ଆସ୍ କୁଡ଼ିଏ ହଜାର୍ ସୈନିଡ଼୍ ପୟିସ୍ ୱାଦାନ୍
ରାଜାନ୍ ତଡ଼୍ ଯୁଦ୍ ମାଡ଼ାଙ୍କ୍ ପାର୍‌ଦ୍‌ତଡ଼୍ କି ଇଲେ, ଆଦ୍ ବାତେଏ ଅଣ୍ଡ୍
ମୁନେ କୁଦି ଆଦ୍ ବିଷୟତିଙ୍କ୍ ହେର୍କା ମାଡ଼ଣ୍ଡ୍ କି ?

✡ **୧୪:୨୬** ମାତିଉ ୧୦:୩୭. ✡ **୧୪:୨୭** ମାତିଉ ୧୦:୩୮; ୧୬:୨୪; ମାର୍କ ୮:୩୪; ଲୁକ ୯:୨୩.

୩୨ ଯଦି ପାର୍‌ୱଡ଼୍, ଆଲାକ୍ରେ ବିରଦି ରାଜାଲ୍ ଗାଟି ଯେକା ମାନ୍ଦାନ୍
ୱେୟେ କେ ଅନ୍‌ଗାରେ ବେସ୍‌ତୁଡ଼୍ ନାରୁଡ଼୍‌କିଂଙ୍କ୍ ରୟ୍‌ସ୍ ପାର୍‌ୱମ୍
ଇଞ୍ଝ କେସିଦ୍ ତଡ଼୍ ।
୩୩ ଆଦ୍ ପୁଟୁଙ୍କ୍ ମି ଲୋପେଙ୍କ୍ ବେନ ଯଦି ନିଜର୍ ବାଡ଼୍‌ତେବା
ୱିଡ଼୍‌ସଣ୍ତ୍, ଆଲାକ୍ରେ ଅଣ୍ତ୍ ନା ଶିଷ୍ୟ ଆଦ୍ ପାର୍‌ୱଣ୍ତ୍ ।

## ମୁଲ୍ୟ ଇଲ୍‌ୱାଦ୍ ଅୱଡ଼୍
## (ମାତିଉ ୫:୧୩; ମାର୍କ ୯:୫୦)

୩୪ "ଅୱଡ଼୍ ତ ସାୟେ; ବାତେଙ୍କ୍ ଇକ୍ରେ ଅୱଡ଼୍ ଯଦି ତାନ୍
କାର୍‌ଅ ହାରାମାଡ଼ିତ୍, ଆଲାକ୍ରେ ତାକିଂଙ୍କ୍ ବେଦ୍‌ପୁଟୁଙ୍କ୍ ଅୱଡ଼୍ ମାଡ଼୍
ପାର୍‌ଦ୍‌ତାଡ଼୍ ?
୩୫ ଆଦ୍ ବୁମ୍ ବା ମାଣ୍ତ୍ଲୁ ଦିବେତ୍ ମାଇଦିଙ୍କ୍ ଆନ୍‌ତେ ଲେକେତ୍
ଆୟ୍‌ୟ, ତାକିଂଙ୍କ୍ ବାୟିଦେ ହେସିଦ୍‌ତଡ଼୍ । ବେନଙ୍କ୍ କେଞ୍ଜାଙ୍କ୍ କେୱୁ
ମିନ୍ଦେ, ଅଣ୍ତ୍ କେଞ୍ଜିଣ୍ତ୍ ।"

# ୧୫

## ମାଇତେ ମେଣ୍ଢାତେ ୱେଷଡ଼୍
## (ମାତିଉ ୧୮:୧୨-୧୪)

୧ ✡ଅନ୍‌ଦିନେ କରଆଦାୟ୍ ମାଡ଼ାନଡ଼ି ନୁ ସମାଜ୍ କଞ୍ଜ୍ ପେସ୍‌ପି
ମାନ୍ଦାନ୍ ନାରୁଡ଼୍ ଜିସୁନ୍ ବାକ୍ୟ କେଞ୍ଜାନ୍ ମାଇଦିଙ୍କ୍ ଅନ୍ ଗାର୍‌ରେ ୱାସ୍
ମାଡ଼୍‌ତଡ଼୍ ।
୨ ବାତେଙ୍କ୍ ଇକ୍ରେ ପାରୂଶୀଡ଼୍ ନୁ ଦର୍ମଶାସ୍ତ୍ରୀଡ଼୍ ଅବିଯଗ୍ ମାଡ଼ି
କେସମାଡ଼୍‌ତଡ଼୍, ହି ନାରୁଡ଼୍ ସମାଜ୍ କଞ୍ଜ୍ ପେସ୍‌ପି ମାନ୍ଦାନ୍ ନାରୁଡ଼୍‌କିଂଙ୍କ୍
କାର୍‌ଙ୍ଗି ଅଡ଼୍ ତ କାଇଲି ତିନ୍ଦୁତଣ୍ତ୍,
୩ ଆଦିଙ୍କ୍, ଜିସୁ ଅଡ଼୍‌କିଂଙ୍କ୍ ହି ୱେଷଡ଼୍ କେଡ଼୍‌ତଣ୍ତ୍ ।
୪ ହେର୍କେ ମାଡ଼ାଟ୍ ୱେରନ୍ ନାରୁନାୱୁ ଶହେଟାନ୍ ମେଣ୍ଢା ମାନ୍‌ତା,
ମେଣ୍ତେ ଆୱିନାଗାଙ୍କ୍ ୱେରଡ଼୍ ମେଣ୍ଢା ମାଇହାକ୍ରେ, ଆଲାକ୍ରେ ଅଣ୍ତ୍
ବାତେଏ ନବ୍‌ବେ ନଅଟାନ୍ ମେଣ୍ଢାଙ୍କ୍ ଡୁକ୍‌ତାଗ୍ ୱିଡ଼୍‌ସି, ମାଇ ମାନ୍ଦାନ୍
ମେଣ୍ଢାତିଙ୍କ୍ ଦର୍‌ସ୍‌କ୍ ନା ଯାକ ତାକିଂଙ୍କ୍ ମେହ୍‌କାଙ୍କ୍ ଆନଣ୍ତ୍ କି ?

✡ **୧୫:୧** ଲୁକ ୫:୨୯,୩୦.

୫ ଅଣ୍ଡ୍ ମେହ୍‌କି ଦର୍‌ସ୍‌କି ଗାଟି ସାର୍‌ଦେ ଆଦ୍‌ତନ୍ ମେଣ୍ଡ୍ରେ
ମେଣ୍ଢାତିଙ୍ଗ୍ ଆଟେତାଗ୍ କାଞ୍ଜି ଲୋନ୍ ତାତିତଣ୍ଡ୍ ।
୬ ଅଣ୍ଡ୍ ଲୋନ୍ ଆଞ୍ଜ୍ ତାନ୍ ସାଙ୍ଗନଡ୍‌ନୁ ଗାରେତଡ୍‌କ୍ ଅଣ୍ଡ୍ରାୟ୍ ଆଗେ
କାର୍‌ଙ୍ଗି କେତିତଣ୍ଡ୍, ନା ତଡ୍‌ସାର୍‌ଦେ ମାଡ଼ାଟ୍, ବାତେଙ୍ଗ୍ ଇକ୍କେ ନାନେ
ନାୟାଦ୍ ମାଇ ମାନ୍ଦାନ୍ ମେଣ୍ଢାତିଙ୍ଗ୍ ଦର୍‌ସ୍‌କ୍ ତାନ୍ ।
୭ ଆଦେପୁଟୁଙ୍ଗ୍ ନାନେ ଆନ୍‌ତେ ମିକିଂଙ୍ଗ୍ କେତୁତାନ୍, ବେନ୍ ନାରୁଡ୍‌
ମନ୍ ପରିବର୍ତ୍ତନ୍ ଆଦ୍‌ଦାନ୍ ଦର୍‌କାର୍ ଇଲେ, ଇସତଡ୍‌ ନବ୍‌ବେ
ନଅଜାନ୍ ଦାମର୍‌କ୍ ନାରୁଡ୍‌ ୱିଡ଼୍‌ସି ୱେରଣ୍ଡ୍ ପାପିନାରୁନ୍ ହୃଦୟ୍
ପରିବର୍ତ୍ତନ୍ ଆଡ୍‌କେ ସ୍ୱର୍ଗତାଗ୍ ଗାଟି ସାର୍‌ଦ୍ ଆଦ୍‌ତେ ।

## ମାଇ ମାନ୍ଦାନ୍ ରୁପାଡାବ୍‌କ୍

୮ ହେର୍କେ ମାଡ଼ାଟ୍ ଅଣ୍ଡ୍ରାୟ୍ ନାଟାଡ଼୍‌ତାଗ୍ ଦଶ୍‌ଟାନ୍ ରୂପାଡାବ୍
ମାଡ୍‌ତା, ବାତେଙ୍ଗ୍ ଇକ୍କେ ଆୱିନ୍ ଲୋପେଙ୍ଗ୍ ଅଣ୍ଡ୍ରାୟ୍ ମାଇ ଆଦ୍‌ତେ ।
ଆଲେକେ ଆଦ୍ ବାଡ୍ ମାଡ଼ିଡ୍ ? ଆଲାକ୍କେ ଆଦ୍ ନାଟାଡ୍‌କୁପି ନିଡ଼୍‌ସ୍‌ପି
ଲୋନ୍‌ସାରେ ସାୟ୍ ମାଡ଼ି କାୟ୍‌ତିଡ୍, ମେଣ୍ଡ୍ରେ, ରୂପାଡାବ୍ ଦର୍‌ସ୍‌କ୍ ନା
ଯାକ ଯତନ୍ ତେ ମେହ୍‌କ କି ?
୯ ମେହ୍‌କି ଦର୍‌ସ୍‌କି ଆଦ୍ ତାନ୍ ସାଙ୍ଗକିଂଙ୍ଗ୍ ନୁ ଗାରେତଡ୍‌କ୍ କାର୍‌ଙ୍ଗି
କେତିଡ୍, ନାନେ ଗାଟି ସାର୍‌ଦା । ବାତେଙ୍ଗ୍ ଇକ୍କେ ନାୟାଦ୍ ମାଇ
ମାନ୍ଦାନାଦ୍ ରୂପାଡାବ୍* ଦରସ୍‌କ୍‌ତାନ୍ । ୱାଡ଼ାଟ୍ ନା ତଡ୍‌ ସାର୍‌ଦେ
ମାଡ଼ାଟ୍ ।
୧୦ ଆଦେପୁଟୁଙ୍ଗ୍ ୱେରଣ୍ଡ୍ ପାପିନାରୁଣ୍ଡ୍ ତାନ୍ ହୃଦୟ୍‌ତିଙ୍ଗ୍ ପରିବର୍ତ୍ତନ୍
ମାଡ଼କେ, ପରମେଶ୍ୱରତେ ଦୂତକିନ୍ ମୁନ୍‌ନେ ଗାଟି ସାର୍‌ଦ୍ ଆଦ୍‌ତେ ।

## ମାଇମାନ୍ଦାନ୍ ମାର୍

୧୧ ଜିସୁ ମେଣ୍ଡ୍ରନ୍‌ଦାମ୍ କେଡ୍‌ତଣ୍ଡ୍, ୱେରଣ୍ଡ୍ ନାରୁଙ୍ଗ୍ ଇର୍‌ୱୁଡ୍‌ମାର୍‌କ୍
ମାଡ୍‌ତଡ୍‌ ।
୧୨ ସୁଦୁର୍ ମାର୍ ତାମ୍ ବାବାଙ୍ଗ୍ କେଡ୍‌ତଣ୍ଡ୍, ବାବା, ନା ଦୁଡ଼େ ସମ୍ପତ୍ତି
ନାକିଂଙ୍ଗ୍ ହିମ୍ । ଆସୁଟେ ତାମ୍‌ବାବାଲ୍ ତାନ୍ ସମ୍ପତ୍ତିତିଙ୍ଗ୍ ଇର୍‌ୱୁଡ୍‌କ୍
ତୁସିଡ୍‌ତଣ୍ଡ୍ ।

* **୧୫:୯** ୱେରନ୍ ଦିନାଡ୍ ପାଡ଼ିୟି ମାଡ଼ିତେ ଡାବ୍‌କ୍

୧୩ ବେସ୍‌କ୍‌ଦିନାଡ୍ ପେର୍‌କେ ସୁଦୁର୍ ମାର୍ ଅନ୍ ଦୁଡ଼େ ସମ୍ପତ୍ତି
ପୟ୍‌ସ୍ ଯେକା ଦେଶ୍ ଆଦ୍‌ତନ୍ । ଅଣ୍ଡ୍ ଆଗେ ମଣ୍ତି ହିନା ଗେଲ୍‌ସି
ସାରେ ଦନ୍‌ସମ୍ପତ୍ତି ଉଡ଼ାମାଡ଼୍‌ତଣ୍ଡ୍ ।
୧୪ ଅଣ୍ଡ୍ ସାର୍‌ରେ ଡାବ୍ କର୍ଚ୍ଚମାଡ଼ି ତେର୍‌ତେ ୱେୟ୍, ଆଦ୍
ଦେଶ୍‌ତାଗ୍ ବୟ୍‌ଙ୍କାର୍ ତୁପାନ୍ ଆଦ୍‌ତା । ଅଂକିଙ୍କ୍ ଆଗେ ବାତେମେଣ୍ଡେ
ଦର୍‌କ୍‌ୱାଙ୍କ୍ କାର୍‌ୱିନ୍ ମାନ୍ଦେୱେୟ୍‌ତେ । ଅଂକିଙ୍କ୍ ଅବାବ୍ ଆଦ୍
ୱେୟ୍‌ତେ ।
୧୫ ଆସୁଟେ ଅଣ୍ଡ୍ ଆଦ୍ ଦେଶ୍‌ତେ ଅରତୁଣ୍ଡ୍ ନାରୁନାଗ୍ ଆଞ୍ଜ୍ ଗତିତ୍
ଲେକାମ୍ ମାଡ଼୍‌ତଣ୍ଡ୍, ଆଦ୍ ନାରୁଡ଼୍ ଅଂକିଙ୍କ୍ ଅନ୍ ୱାୟାନା ପାଦି
ମେଇତାଙ୍କ୍ ରହ୍‌ତଣ୍ଡ୍ ।
୧୬ ପାଦି ତିନ୍ଦାନ୍ କାଦି, ତିଞ୍ଜ୍ ଅଣ୍ଡ୍ ପଟ୍‌ଟେ ନିହ୍‌ତାଙ୍କ୍ ଇଚ୍ଛା
ମାଡ଼୍‌ତଣ୍ଡ୍, ବାତେଙ୍କ୍ ଇକ୍କେ ବେନମେଣ୍ଡେ ଅଂକିଙ୍କ୍ ବାତା ହିୱଡ଼୍ ।
୧୭ ଆସୁଙ୍କ୍ ଅଂକିଙ୍କ୍ ହେର୍କା ମାଡ଼ି କେଡ୍‌ତଣ୍ଡ୍, ନା ବାବାନ୍ ଲୋନ୍
ଚାକରିଡ଼୍ ଚାକୁର୍‌ତିନ୍ଦାନ୍ ୱେୟ୍ ଚାକର୍ ମାଇସ୍ ଆଦୁତ୍, ବାତେଙ୍କ୍
ଇକ୍କେ ନାନେ ଇଗ୍ କାର୍‌ୱିନ୍ ଡଲୁତାନ୍ ।
୧୮ ନାନେ ତେଦୀ ନା ବାବାନ୍ ଗାର୍‌ରେ ମାଲ୍‌ସ୍ ଆଦ୍‌ତନ୍ ବା ଅଂକିଙ୍କ୍
କେତିତାନ୍, ବାବା, ଇଶ୍ୱରତେ ବିରୁଦି ତେ ନୁ ନି ବିରୁଦି ତେ ନାନେ
ପାପ୍ ମାଡ଼୍‌ତାନ୍ ।
୧୯ ନି ମାର୍ ଇଞ୍ଜ କାର୍‌ଙ୍ଗାନଙ୍କ୍ ନାନେ ଯୋଗ୍ୟ ଇଲେନ୍ । ନାକିଂଙ୍କ୍
ନି ଚାକର୍ ହିନା ନେହେମ୍ ।
୨୦ ଆସୁଟେ ଅଣ୍ଡ୍ ତେଦି ତାମ୍ ବାବାନ୍ ଗାର୍‌ରେ ଆତ୍‌ତଣ୍ଡ୍ ।
ବାତେଙ୍କ୍ ଇକ୍କେ ଅଣ୍ଡ୍ ଯେକା ମାନ୍ଦାନାଦ୍ ତାମ୍ ବାବାଲ୍ ଅଂକିଙ୍କ୍ ଉଡ଼ି
ଦୟାତେ ବିଗଲିତ ଆତ୍‌ତଣ୍ଡ୍, ବା ମିରିଆଞ୍ଜ୍ ଅଂକିଙ୍କ୍ ଉର୍‌ଙ୍ଗି ନମସ୍କାର୍
ମାଡ଼୍‌ତଣ୍ଡ୍ ।
୨୧ ମାର୍ ଅଂକିଙ୍କ୍ କେଡ୍‌ତଣ୍ଡ୍, ବାବା, ଇଶ୍ୱର୍‌ତେ ବିରୁଦି ତେ ନୁ ନି
ବିରୁଦି ତେ ନାନେ ପାପାମ୍ ମାଡ଼୍‌ତାନ୍, ମାର୍ ଇଞ୍ଜ କାର୍‌ଙ୍ଗାନାଦ୍ ନାନେ
ଯୋଗ୍ୟ ଇଲେନ୍ ।
୨୨ ବାତେଙ୍କ୍ ଇକ୍କେ ବାବାଲ୍ ତାମ୍ ଚାକରିଡ଼ିକ୍ କେଡ୍‌ତଣ୍ଡ୍, ସିଟ୍‌ପାଟ୍
ଆଞ୍ଜ୍ ସାର୍‌ରେ ଲେକେତାଉ ଚକାସିଲେ ତାସ୍ ଇକିଂଙ୍କ୍ କେର୍‌ସ୍ପିମୁଟ୍ ।
ଇନ୍ କାୟ୍‌ଦାଗ୍ ମୁଦ୍ ନୁ ଡେକାନାଗ୍ ହେର୍‌ପୁକ୍ କେର୍‌ସ୍ପିମୁଟ୍ ।
୨୩ ମେନ୍ଦୁଲ୍ ମାନ୍ଦାନ୍ ପେୟେତିଙ୍କ୍ ତାସ୍ ଆୱୁକାଟ୍, ୱାଡ଼ାଟ୍, ମାନାଡ଼୍

ବୋଜିତାଗ୍ ସାର୍‌ଦେ ମାଡ଼୍‌ନା ।
୨୪ ବାତେଙ୍କ୍ ଇକ୍କେ ନା ହି ମାର୍ ଡଲି ମାତ୍‌ତଣ୍ତ୍ର, ମେଣ୍ତ୍ରନ୍‌ଦାମ୍
ଗେଲ୍‌ସ୍‌ତଣ୍ତ୍ର; ମାଇମାତ୍‌ତଣ୍ତ୍ର, ମେଣ୍ତ୍ରେ ଦରକ୍‌ତଣ୍ତ୍ର । ଆସୁଟେ ଅଡ଼୍
ଗାଟି ସାର୍‌ଦ୍ ମାଡ଼ାଙ୍କ୍ ପସ୍‌ପ୍‌ତ୍‌ତଡ଼୍ ।
୨୫ ଆଦ୍ ଦିନାମ୍ ତେ ବେଡ଼୍‌ନ୍ୟ୍ ମାର୍ ୱାନ୍ୟାନା ମାତ୍‌ତଣ୍ତ୍ର । ଅଣ୍ତ୍ର
ବେସୁଙ୍କ୍ ଲୋତ୍ ଗାର୍‌ରେ ୱାସ୍ ହେଉତଣ୍ତ୍ର, ଆସୁଟେ, ଅଣ୍ତ୍ର ଡୋଲା ନୁ
ହେନ୍ଦାନାଦ୍ ମର୍‌ରେ କେଞ୍ଜ୍‌ତଡ଼୍,
୨୬ ଆସୁଟେ ଅଣ୍ତ୍ର ୱେରଣ୍ତ୍ର ଚାକର୍‌ତିଙ୍କ୍ କାର୍‌ଙ୍ଗି ଇଗ୍ ବାତ୍ ଆଦୁତ୍
ଇଞ୍ଜ କେତ୍‌ତଣ୍ତ୍ର ।
୨୭ ଚାକର୍ ଅଂକିଙ୍କ୍ କେତ୍‌ତଣ୍ତ୍ର, ନି ତାମୁଣ୍ତ୍ର ଲୋନ୍ ମାଲ୍‌ସ୍
ୱାସ୍‌ମିନ୍ଦେଣ୍ତ୍ର, ସାଏତ୍ ମେନ୍ଦୁଲ୍ ତେ ମାଲ୍‌ସ୍ ୱାସ୍ ମାନ୍ଦାନ୍ ମାଇଦିଙ୍କ୍
ମେନ୍ଦୁଲ୍‌ମାନ୍ଦାନ୍ ଗଡ଼୍‌ତିଙ୍କ୍ ଆୱୁକି ବଜି ମାଡ଼୍‌ତୁଡ଼୍ ।
୨୮ “ବେଡ଼୍‌ନ୍ୟ୍ ଦାଦାଲ୍ କପାମ୍ ଆଶେ ଲୋପ୍ ଆଦାଙ୍କ୍ ରାଜି
ଆନ୍ୟ୍‌ୟଣ୍ତ୍ର । ଆସୁଟେ ତାମ୍ ବାବାଲ୍ ବାୟିଦେ ୱାସ୍ ଅଂକିଙ୍କ୍ ଗାଟି
ବୁଜାମାଡ଼୍‌ତଣ୍ତ୍ର ।
୨୯ ବାତେଙ୍କ୍ ଇକ୍କେ ବେଡ଼୍‌ନ୍ୟ୍ ମାର୍ ତାମ୍ ବାବାଙ୍କ୍ କେତ୍‌ତଣ୍ତ୍ର, ଉଡ଼େ,
ହିସ ଏଣ୍ତ୍ର ଆଦୁତ୍‌ତେ ନାନେ ନି ଦାସ ଲେକାମ୍ ତାକ ୱାଦୁତାନ୍,
ବାତେଙ୍କ୍ ଇକ୍କେ ବେସୁଙ୍କ୍ ବା ନି ଗଟ୍ ଅମାନ୍ୟ ମାଡ଼ାନ୍, ବେସୁଙ୍କ୍ ବା
ନାକିଂଙ୍କ୍ ନା ସାଙ୍ଗଡ଼୍ ତ ବଜି ମାଡ଼ାଙ୍କ୍ ନିମ୍ ନାକିଂଙ୍କ୍ ମେକ୍‌ପିଲ୍ ବା
ହିୱିନ୍ ।
୩୦ ବାତେଙ୍କ୍ ଇକ୍କେ ହିଣ୍ତ୍ର ନି ମାର୍ ନି ସମ୍ପତ୍ତିତିଙ୍କ୍ କଜାନଡ଼୍ ତ
ଉଡ଼ାମାଡ଼ିସ୍ ଇଞ୍ଜ୍ ବେସୁଟ୍ ଅଣ୍ତ୍ର ଲୋନ୍ ମାଲ୍‌ସ୍ ୱାସ୍ ମିନ୍ଦେଣ୍ତ୍ର ନିମ୍
ଅନ୍ ମାଇଦିଙ୍କ୍ ମେନ୍ଦୁଲ୍ ମାନ୍ଦାନ୍ ପେୟେତିଙ୍କ୍ ରେହେସ୍ ବୋଜି
ମାଡ଼୍‌ତିନ୍ ।
୩୧ ଆସୁଟେ ତାମ୍ ବାବାଲ୍ କେତ୍‌ତଣ୍ତ୍ର, ପେକାଲ୍, ନିମ୍ ତ ସାର୍‌ଦାମ୍
ନା ତ ମାନ୍ଦୁତି, ବାତାମେଣ୍ତ୍ରେ ସାରେ ନାନ୍ୟାୱୁ, ହାଉସାରେ ନିନ୍ୟାୱୁ;
୩୨ ବାତେଙ୍କ୍ ଇକ୍କେ ହିଣ୍ତ୍ର ଯେ, ନି ତାମୁଣ୍ତ୍ର ଡଲି ମାତ୍‌ତଣ୍ତ୍ର,
ମେଣ୍ତ୍ରନ୍‌ଦାମ୍ ଗେଲ୍‌ସ୍‌ତଣ୍ତ୍ର; ମାଇମାତ୍‌ତଣ୍ତ୍ର, ମେଣ୍ତ୍ରେ ଦରକ୍‌ତଣ୍ତ୍ର,
ଆଦିନ୍ ମାଇଦିଙ୍କ୍ ମାନାଡ଼୍ ଗାଟିସାର୍ଦା ମାଡ଼ାନ୍ ମାତ୍‌ତା ।”

# ୧୬

## ଚାଲାକ୍ ଆଦାନଡ଼୍

୧ ଜିସୁ ତାନ୍ ଶିଷ୍ୟଡ଼କ୍ ଆନ୍‌ତେ କେଡ଼୍‌ତଣ୍ଡ୍, ୱେରଣ୍ଡ୍, ସାଉକାର୍
ନାରୁଡ଼୍ ମାଡ଼୍‌ତଣ୍ଡ୍; ସାଉକାର୍ ତାନ୍ ସମ୍ପତ୍ତିତିଙ୍ଗ୍ ବୁଜାସୁଜା ମାଡ଼ାନ୍
ମାଇଦିଙ୍ଗ୍ ଗୁମାସ୍ତାଙ୍ଗ୍ ନେହେସ୍ ମାଡ଼୍‌ତଣ୍ଡ୍ । ସାଉକାର୍ ଅର୍‌ତୁନ୍
ନାଗାଙ୍ଗ୍ କେଞ୍ଜ୍‌ତଣ୍ଡ୍ ଯେ, ଗୁମାସ୍ତାଲ୍ ଅଂକିଙ୍ଗ୍ ବୁସାମାଡ଼ ମାଡ଼୍‌ତଣ୍ଡ୍ ।
୨ ଆସୁଙ୍ଗ୍ ଅଣ୍ଡ୍ ଆଦାନଡ଼କିଂଙ୍ଗ୍ କାର୍‌ଗିଂ କେଡ଼୍‌ତଣ୍ଡ୍, ନାନେ ନି
ବିଷୟତେ ଇଲା ବାତେଙ୍ଗ୍ କେଞ୍ଜୁତାନ୍ ? ନିୟାୱ୍ ଆୟବ୍ୟୟଡ଼୍ ହିସାପ୍
ହିମ୍, କାରନ୍ ନିମେ ମେଣ୍ଡେ ଗୁମାସ୍ତା ଆସ୍ ମାନ୍ଦେପାର୍‌ୱିନ୍ ।
୩ ଗୁମାସ୍ତାଲ୍ ହେର୍କେ କେଡ଼୍‌ତଣ୍ଡ୍, ନାନେ ଇଞ୍ଜ୍ ବାଡ଼୍ ମାଡ଼ିତାନ୍ ? ନା
ମାଲିକ୍ ତ ପାଡ଼ିୟିତାଗାଙ୍ଗ୍ ନାକିଂଙ୍ଗ୍ ପେସ୍ପିଦୁତଣ୍ଡ୍ । ମାଣ୍ଡଲୁ ଡେୱାଙ୍ଗ୍
ତ ନାକିଂଙ୍ଗ୍ ଶକ୍ତି ଇଲେ, ବିକ୍ ତାଲ୍‌କାଙ୍ଗ୍ ନାକିଂଙ୍ଗ୍ ସିଗ୍ ୱେସିଡ଼୍ ।
୪ ଇଗାଙ୍ଗ୍ ନା ଚାକିରି ଆଦ୍ କେ ନାରୁଡ଼୍ ବେଦ୍‌ପୁଟୁଙ୍ଗ୍ ନାକିଂଙ୍ଗ୍ ନିଜେ
ନିଜେ ଲୋନ୍ ୱେଡ଼୍‌କେତେ ଗ୍ରହନ୍ ମାଡ଼ିତଡ଼୍, ଆଦ୍ ନାନେ ପୁନ୍‌ତାନ୍
।
୫ ଆସୁଟେ ଗୁମାସ୍ତାଲ୍ ମାଲିକ୍‌ତାଗାଙ୍ଗ୍ ଉଦାର୍ ଆସ୍‌ମାନ୍ଦାନ୍ ସାରେ
ନାରୁଡ଼କିଂଙ୍ଗ୍ କାର୍‌ଗଂ ତଣ୍ଡ୍ । ଅଣ୍ଡ୍ ମୁନ୍ ନାରୁଙ୍ଗ୍ କେଡ଼୍‌ତଣ୍ଡ୍, ନା
ମାଲିକ୍‌ତିଙ୍ଗ୍ ନିମେ ବେଚର୍ ହିଦାନ୍ ମିନ୍ଦେ ? ଅଣ୍ଡ୍ କେଡୁତଣ୍ଡ୍, ଶହେ
କୁଣ୍ଡାନାଗ୍ ନିୟ୍ ।
୬ ଗୁମାସ୍ତାଲ୍ ଅଂକିଙ୍ଗ୍ କେଡ଼୍‌ତଣ୍ଡ୍, ଇଦ୍ ନିୟାଦ୍ ନିୟ୍ ରସିଦ୍ ଆୟ୍‌ମ୍
। ସିଟ୍‌ପାଟ୍ କୁଦି ପଚାଶ୍ ଇଞ୍ଜ ଲେକିମ୍ ।
୭ ତାନ୍‌ପେର୍କେ ଅଣ୍ଡ୍ ଦ୍ୱିତିୟ ନାରୁଙ୍ଗ୍ କେଡ଼୍‌ତଣ୍ଡ୍, ନାୟାଦ୍ ବେସର୍
ଋଣ୍ ମାଲ୍‌ପିଦାନାଦ୍ ମିନ୍ଦେ ? ନାରୁଡ଼୍ କେଡ଼୍‌ତଣ୍ଡ୍, ଶହେ ବାସ୍ତା ଗହମ୍,
ଅଣ୍ଡ୍ ଅଂକିଙ୍ଗ୍ କେଡ଼୍‌ତଣ୍ଡ୍, ଇଦ୍ ଆୟ୍‌ମ୍ ନିୟାଦ୍ ରସିଦ୍ । ଅଶୀ ବାସ୍ତା
ଇଞ୍ଜ ଲେକିମ୍ ।
୮ ଆସୁଟେ ମାଲିକ୍ ଆଦ୍ ଅସାଦୁ ଗୁମାସ୍ତାଙ୍ଗ୍ ପ୍ରସଂଶା ମାଡ଼୍‌ତଣ୍ଡ୍ ।
ବାତେଙ୍ଗ୍ ଇକ୍କେ ଗୁମାସ୍ତାଲ୍ ଚାଲାକ୍ ତେ ପାଡ଼୍‌ୟି ମାଡ଼୍‌ତଣ୍ଡ୍ । ଅନ୍
ଲେକାମ୍, ବାଗାଡ଼୍‌ନାରୁଡ଼୍ ତ ବ୍ୟବସାୟ୍ ମାଡ଼ାଙ୍ଗ୍, ହି ସସାର୍‌ତେ
ନାରୁଡ଼୍ ଆଦ୍ୟାତ୍ମିକ ନାରୁଡ଼୍ ୱିଡ଼୍‌ସି ଗାଟି ଚାଲାକ୍ ।
୯ ନାନେ ମିକିଂଙ୍ଗ୍ କେଡୁତାନ୍, ମିଡ଼୍ ମିକା ଜଗଡ଼୍ ତେ ଦନ୍
ତଡ଼୍ ନିଜେ ନିଜେ ସାଙ୍ଗଡ଼୍ ଦର୍‌ସ୍‌କାଟ୍ । ବେସୁଙ୍ଗ୍ ହି ଜଗଡ଼୍ ଦନ୍

ତେରିଆଦ୍‌ତା, ଆସୁଙ୍କ୍ ସାରେଦିନାତେ ବାଦ୍‌କାନ୍ ନାରୁଡ୍‌ ମିକିଂଙ୍କ୍
କାର୍‌ଙ୍ଗିତଣ୍ତ୍ ।
୧୦ ବେନ ସୁଦୁର୍ ବିଷୟ ତେ ଆନ୍‌ତେ ବିଶ୍ୱାସ୍‌ତଣ୍ଡ୍, ଅଣ୍ଡ୍ ନାର୍ଗେ
ବିଷୟ ତେ ଆନ୍‌ତେ ବିଶ୍ୱାସ୍‌ତଣ୍ଡ୍, ବେନ ସୁଦୁର୍ ବିଷୟ ତେ ଆନ୍‌ତେ
ବିଶ୍ୱାସ୍‌ଇଲ୍‌ୱେ, ଅଣ୍ଡ୍ ନାର୍ଗେ ବିଷୟ ତେ ଆନ୍‌ତେ ବିଶ୍ୱାସ୍‌ଇଲ୍‌ଲେ ।
୧୧ ଇକ୍କେ ମିଡ୍‌ ଯଦି ଜାଗତିକ ଦନସମ୍ପତ୍ତିତାଗ୍ ବିଶ୍ୱାସ୍‌ତଣ୍ଡ୍
ଆୟ୍‌ୱିନ୍ ? ଆଲାକ୍କେ ବେନ ମିକିଂଙ୍କ୍ ପ୍ରକୃତ ଦନ୍‌ସମ୍ପତ୍ତି କାଇଦେ
ଇଦାଙ୍କ୍ ବିଶ୍ୱାସ୍ ମାଡ଼ିତଡ଼୍‌?
୧୨ ମେଣ୍ଡେ ମିଡ୍‌ ଯଦି ଅର୍‌ତୁନାଦ୍ ଦନ୍‌ସମ୍ପତ୍ତିତିଙ୍କ୍ ବିଶ୍ୱାସ୍
ମାଡ଼୍‌ୱିଡ଼୍, ଆଲାକ୍କେ ବେନ ମିକିଂଙ୍କ୍ ମି ନିଜେଡ୍ ମାଇଦିଙ୍କ୍
ଦନ୍‌ସମ୍ପତ୍ତିତିଙ୍କ୍ ଇଦ୍‌ତଣ୍ଡ୍ ?
୧୩ *"ୱେରଣ୍ଡ୍ ଦାସ ଇର୍‌ୱୁଡ୍‌ ମାଲିକ୍‌ତେ ସେବା ମାଡ଼େପାର୍‌ୱଣ୍ଡ୍
। ଅଣ୍ଡ୍ ଅର୍‌ତୁଙ୍କ୍ ପାସ୍‌କିତନ୍ ନୁ ମେଣ୍ଡେ ଅର୍‌ତୁଙ୍କ୍ ପ୍ରେମ୍ ମାଡ଼ିତନ୍ ।
ବାତେଙ୍କ୍ ଇକ୍କେ ଅଣ୍ଡ୍ ୱେରଣ୍ଡ୍ ପରୁ ବିଶ୍ୱାସ୍ ତେ ମାନ୍‌ତଣ୍ଡ୍ ବା ଅର୍‌ତୁଙ୍କ୍
ମୁର୍କ ମାଡ଼ିତନ୍ । ମିଡ୍‌ ଅଣ୍ଡ୍‌ୟଦାମ୍ ପରମେଶ୍ୱର୍ ନୁ ଦନ୍‌ସମ୍ପତ୍ତି
ରେଣ୍ଡିଙ୍କ୍ ସେବା ମାଡ଼୍‌ପେ ପାର୍‌ୱିଡ୍‌ ।"

## ଜିସୁନ୍ ବେସ୍‌କ୍ ଗଟି
### (ମାତିଉ ୧୧:୧୨-୧୩; ୫:୩୧-୩୨; ମାର୍କ ୧୦:୧୧-୧୨)

୧୪ ଇଦ୍ ସାରେ ଗଟ୍ କେଞ୍ଜି ଜିସୁନ୍ ପରୁ କପାମ୍ ଆଦ୍‌ତଡ୍‌ ବାତେଙ୍କ୍
ଇକ୍କେ ଅଡ୍‌ଡାବ୍‌କିଂକ୍ ପ୍ରେମ୍ ମାଡ଼ ମାତ୍‌ତଡ୍‌ ।
୧୫ ଆସୁଟେ ଅଣ୍ଡ୍ ଅଡ୍‌କିଂଙ୍କ୍ କେଡ୍‌ତଣ୍ଡ୍, ବେନ୍‌ନାରୁଡ୍‌ ମୁନେଙ୍କ୍
ନିଜ୍‌ତିଙ୍କ୍ ଦାମ୍ରିକ୍ ଇଞ୍ଜ ତଅତିତଡ୍, ମିଡ୍‌ ଆଦେପୁଟୁଙ୍କଡ୍ ନାରୁଡ଼ି
। ବାତେଙ୍କ୍ ଇକ୍କେ ପରମେଶ୍ୱର୍ ମି ହୃଦୟ୍‌ତିଙ୍କ୍ ପୁଡ୍‌ତଣ୍ଡ୍ ।
ବେନେସାରେ ବିଷୟ୍‌ତିଙ୍କ୍ ନାରୁଡ୍‌ ଗାଟି ମୂଲ୍ୟବାନ୍ ଇଞ୍ଜ ତନ୍ଦିତଡ୍,
ଆଦ୍ ପରମେଶ୍ୱର୍‌ତେ ମୁନ୍ କାରାପ୍ ।
୧୬ *ମୋଶାନ୍ ନିୟମ୍ ନୁ ବାବବାଦୀ ବକ୍ତାଲଡ୍‌ ଲେକ୍‌ଡ଼ତେ
ଲେକାମ୍ ନାରୁଡ୍‌ ବାଦ୍‌କମାନ୍‌ତଡ୍‌ ଇଞ୍ଜ ପରମେଶ୍ୱର୍ ଇଚ୍ଛା ମାଡ଼୍‌ତଣ୍ଡ୍

* **୧୬:୧୩** ମାତିଉ ୬:୨୪. * **୧୬:୧୬** ମାତିଉ ୧୧:୧୨,୧୩.

। ଆଦ୍ ଦିନାମ୍‌ତେ କଞ୍ଜ୍ ଇଶ୍ୱର୍‌ତେ ରାଜ୍ୟତାଦ୍ ସୁସମାଚାର୍ ପ୍ରଚାର
ଆଦୁତ୍‌ତେ । ମେଣ୍ଡେ ସାରେ ଜାନ୍ ଶକ୍ତିତଡ୍‌ ଆଗେ ହସୁତଡ୍‌ ।
୧୭ ✡ବାତେଙ୍କ୍ ଇକ୍କେ ବ୍ୟବସ୍ଥାତାଦ୍ ୱେରଡ୍‌ ଚିହ୍ନେ ନଷ୍ଟ ଆଦ୍‌ଦାନ୍
ୱିଡ୍‌ସି ସ୍ୱର୍ଗ ନୁ ପୃତିବି ନଷ୍ଟ ଆଦାନାଦ୍ ସହଜ୍ ।

୧୮ ✡ବେନଆଇ ନିଜର୍ ମୁତେଙ୍କ୍ ୱିଡ୍‌ସି ମେଣ୍ଡନ୍ ମୁତେଙ୍କ୍ ପେଣ୍ଡଲ୍ଲୁ
ଆଦ୍‌ତନ୍, ଅଣ୍ଡ୍ ବ୍ୟବିଚାର୍ ମାଡ୍‌ତୁଣ୍ଡ୍ ମେଣ୍ଡେ, ବେନ ଆଦ୍ ୱିଡ୍‌ସିତ୍‌ତେ
ମୁତେଙ୍କ୍ ପେଣ୍ଡଲ୍ଲୁ ଆଦ୍‌ତନ୍, ଅଣ୍ଡ୍ ବ୍ୟବିଚାର୍ ଆଦ୍‌ତନ୍ ।

## ସାଉକାର୍ ନାରୁନ୍ ନୁ ଲାଜାର୍

୧୯ ୱେରନ୍ ନାରୁନ୍ ସାଉକାର୍ ନାରୁଡ୍‌ ମାତ୍‌ତଣ୍ଡ୍, ଅଣ୍ଡ୍ ଗାଟିଦାମ୍
ଆଉ ଚକାସିଲେ କେର୍ସ୍, ନିତ୍‌ତେଦିନାଲ୍ ଗାଟି ଆମଦ୍ ପ୍ରମୋଦ୍
ମାଡ୍‌ମାତ୍‌ତଣ୍ଡ୍ ।
୨୦ ବାତେଙ୍କ୍ ଇକ୍କେ ଅନ୍ ମାର୍ ଦେ ଗାର୍‌ରେ ଲାଜାର୍ ପେଦେର୍‌ତେ
ବିକାରି ନାରୁଡ୍‌ ମାତ୍‌ତଣ୍ଡ୍, ଅନ୍ ମେନ୍ଦୁଲ୍‌ସାରେ ପୁଣ୍ଡକ୍କୁ ଆସ୍ ମାତ୍‌ତା;
୨୧ ଅଣ୍ଡ୍ ସାଉକାର୍ ନାରୁଡ୍‌ତେ ଚାକର୍ ତିଞ୍ଜ୍ ହେସାନ୍ ହେଗ୍ଗୁଲ୍‌ତିଙ୍କ୍
ତିଞ୍ଜ୍ ପଟ୍‌ଟେ ନିହ୍‌ତାଙ୍କ୍ ଆଶେ ମାଡ଼ିମାତ୍‌ତଣ୍ଡ୍ । ମେଣ୍ଡେ ଇଦ୍‌ପୁଟୁଙ୍କ୍
ଯେ, ନେୟ୍ ମିକା ୱାସ୍ ଅନ୍ ପୁଣ୍ଡକ୍କିଂଙ୍କ୍ ନାକମାତ୍‌ତା ।

୨୨ ବେସ୍‌କ୍ ଦିନାତେ ପେର୍‌କେ ଲାଜାର୍ ଡଲିଆତ୍‌ତଣ୍ଡ୍,
ଆସୁଟେ ଦୂତକିନ୍ ତଡ୍‌ ଅଂକିଙ୍କ୍ ଅବ୍ରାହାମ୍‌ତେ ଗୁଦ୍‌ତାଗ୍ ଆତ୍‌ତା;
ବେସ୍‌କ୍‌ଦିନାତ୍ ପେର୍‌କେ ଆଦ୍ ସାଉକାର୍ ନାରୁଡ୍‌ ଆନ୍‌ତେ
ଡଲ୍‌ତ୍‌ତଣ୍ଡ୍ ଅଂକିଙ୍କ୍ ସମାଦି ହିତ୍‌ତଡ୍‌ ।
୨୩ ଆସୁଟେ, ଅଣ୍ଡ୍ ନର୍କ ତିପାଲ୍‌ତାଗେ କଲବଲ ଆସ୍ ପରୁ
ଯେକା ଉଡ୍‌ତଣ୍ଡ୍ ଅବ୍ରାହାମ୍‌ତେ ଗୁଦ୍‌ତାଗ୍ ଲାଜାର୍‌ତିଙ୍କ୍ କୁଦିମାନ୍ଦାନାଦ୍
ଉଡ୍‌ତଣ୍ଡ୍ ।
୨୪ ଆସୁଟେ ଅଣ୍ଡ୍ କାର୍‌ଙ୍ଗି କେତ୍‌ତଣ୍ଡ୍, ହୋ, ବାବା ଅବ୍ରାହାମ୍,
ନା ସେଙ୍ଗେ ଦୟାମାଡ଼ି ଲାଜାର୍‌ତିଙ୍କ୍ ରୟ୍‌ସିମ୍, ବେଦ୍‌ପୁଟୁଙ୍କ୍ ଅଣ୍ଡ୍
ଏର୍‌ଦାଗ୍ ଅନ୍‌ଆଦ୍ ୱାଡ୍‌ଞ୍ଜ୍ ଟିପ ମୁହୁସ୍ ନା ୱାଞ୍ଜେର୍‌ତିଙ୍କ୍ ତଣ୍ଡା
ମାଡ଼ିତ୍, ବାତେଙ୍କ୍ ଇକ୍କେ ନାନେ ହି କିସ୍ ତାଗ୍ କଲବଲ ଆଦୁତାନ୍ ।

---

✡ **୧୬:୧୭** ମାତିଉ ୫:୧୮. ✡ **୧୬:୧୮** ମାତିଉ ୫:୩୨; ୧ କରନ୍ତିୟ ୭:୧୦,୧୧.

୨୫ ବାତେଙ୍କ୍ ଇକେ୍ ଅବ୍ରାହାମ୍ କେତ୍ତଣ୍ଡ୍, ହୋ ମାର୍, ନିମ୍ ଯେ
ଜିୱୁନ୍ମାନ୍ଦାନ୍ ଦିନାମ୍ ତେ ଚାୟେତ୍ ବିଷୟ୍ଚାରେ ପୁଞ୍ଜ୍ମାୱିନ୍,
ଆସୁଟେ, ଲାଜାର୍ ଆଦେପୁଟୁଙ୍କ୍ କାରାପ୍ ବିଷୟ୍ଚାରେ ଦର୍ସ୍କ୍ତନ୍,
ଆଦ୍ ହେର୍କା ମାଡ଼ାଟ୍; ବାତେଙ୍କ୍ ଇକେ୍ ଇଞ୍ଜ୍ ଅଣ୍ଡ୍ ଶାନ୍ତିତେ ପଡ଼୍ତାଗ୍
ମିନ୍ଦେଣ୍ଡ୍ ବାତେଙ୍କ୍ ଇକେ୍ ଇଞ୍ଜ୍ ନିମ୍ କଲବଲ ଆଦ୍ତିନ୍ ।
୨୬ ତାନ୍ ୱିଡ଼୍ସି ନିୟାଗ୍ ନୁ ମାୟାଗ୍ ୱେରଡ଼୍ ବେଡ଼୍ୟ୍ୟାଦ୍
ଗୁୟ୍ନ୍ଦ୍ମିନ୍ଦେ । ନିକିଂଙ୍କ୍ ସାହାଯ୍ୟ ମାଡ଼ାନ୍ ମାଇଦିଙ୍କ୍ ଆଦ୍ ଗୁୟ୍ନ୍ଦ୍ତିଙ୍କ୍
ବେନ ବା ୱେୟସ୍ ଆଦ୍ ପାର୍ୱଡ଼୍ ବାତେଙ୍କ୍ ଇକେ୍ ଆଦ୍ ପଡ଼୍ୟ୍ୱିଡ଼୍ସି
ବେନ ବା ଇଗ୍ ୱାଦ୍ ପାର୍ୱଡ଼୍ ।
୨୭ ଆସୁଟେ ଅଣ୍ଡ୍ କେତ୍ତଣ୍ଡ୍, ହୋ ବାବା ଆବ୍ରାହାମ୍, ଆଲାକେ୍
ନିକିଂଙ୍କ୍ ଅନୁରଦ୍ ମାଡ଼୍ତୁାନ୍, ଅଂକିଙ୍କ୍ ନା ବାବାନ୍ ଲୋନ୍ ରୟ୍ସିମ୍,
୨୮ ବାତେଙ୍କ୍ ଇକେ୍ ଆଗେ ନା ଏୟିୱୁଡ଼୍ ଦାଦାଲଡ଼୍ ମିନ୍ଦେଡ଼୍; ଅଡ଼୍
ଆନ୍ତେ ବେଦ୍ପୁଟୁଙ୍କ୍ ହିସଡ଼୍ ତିପାଲ୍ ପଡ଼ିୟେତାଗ୍ ୱାଡ଼୍ମାକିଡ଼୍;
ଆଦିନ୍ ମାଇଦିଙ୍କ୍ ଅଣ୍ଡ୍ ଆଞ୍ଜ୍ ଅଡ଼୍କିଂଙ୍କ୍ ସତର୍କ ମାଡ଼ିତନ୍ ।
୨୯ ବାତେଙ୍କ୍ ଇକେ୍ ଅବ୍ରାହାମ୍ କେତ୍ତଣ୍ଡ୍, "ଅଡ଼୍ ଗାର୍ରେ ମୋଶାନ୍
ନିୟମ୍ ନୁ ବାବବାଦୀ ବକ୍ତାଲଡ଼୍ ଦର୍ମଶାସ୍ତ୍ର ମିନ୍ଦେ, ଅଡ଼୍ ଅଡ଼୍ଗଟିଙ୍କ୍
କେଞ୍ଜାନ୍ ଲେକେତ୍ ।
୩୦ ଆସୁଟେ ସାଉକାର୍ ନାରୁଡ଼୍ କେତ୍ତଣ୍ଡ୍, ହୋ, ବାବା ଅବ୍ରାହାମ୍,
ଆଦ୍ ଆସର୍ ଆୟ୍ୟ, ଯଦି ଡଲିମାନ୍ଦାନ୍ ନାରୁଡ଼୍ ଲୋପେଙ୍କ୍
ବେନଆଇ ଆଡ଼୍ ଗାର୍ରେ ଆଦ୍ତନ୍, ଆଲାକେ୍ ଅଡ଼୍ ବିଶ୍ୱାସ୍ ମାଡ଼ିତଡ଼୍,
ନୁ ମନ୍ ପରିବର୍ତ୍ତନ୍ ମାଡ଼ିତଡ଼୍ ।
୩୧ ବାତେଙ୍କ୍ ଇକେ୍ ଆବ୍ରାହାମ୍ ଅଂକିଙ୍କ୍ କେତ୍ତଣ୍ଡ୍, ଇଲେ, ଯଦି ମି
ଦାଦାଲଡ଼୍ ମଶାନାଦ୍ ନୁ ବାବବାଦୀ ବକ୍ତାଲଡ଼୍ ଗଟି କେଞ୍ଜଡ଼୍ ଆଲାକେ୍
ଅଡ଼୍ ଡଲ୍ତାଗାଙ୍କ୍ ତେଦିମାନ୍ଦାନ୍ ବେନ୍ ନାରୁଡ଼୍ ଗଟି ଆନ୍ତେ କେଞ୍ଜଡ଼୍
।"

# ୧୭

## ପାପାମ୍

*(ମାତିଉ ୧୮:୬-୭; ୨୧–୨୨; ମାର୍କ ୯:୪୨)*

୧ ଜିସୁ ତାମ୍ ଶିଷ୍ୟଡ଼କିଂଙ୍କ୍ କେଡ଼ତଣ୍ଡ୍, ବେନେ ସାରେ ହେର୍କା ତଡ଼୍
ନାରୁଡ଼୍ ପାପତାଗ୍ ରାଇତଣ୍ଡ୍ ନୁ ବେନ୍ ଅଙ୍କ୍ ଇଦ୍ ପାପତାଗ୍ ରାପିତଣ୍ଡ୍
ଅନ୍ୱାଦ୍ ଦଣ୍ଡ୍ ଯେ ବେସର୍ ବୟଙ୍କାର୍ ଆଦ୍ତେ !
୨ ହିଡ଼୍ ଲେକେଡ଼୍ ନାରୁଡ଼କ୍ ପାପତାଗ୍ ରାପାନ୍ ୱିଡ଼୍ସି ଅନ୍
ପାପତାଗ୍ ଅଣ୍ତ୍ରୟ ବାଡ଼େୟାଦ୍ ଜାଡ଼୍ତେକାଲ୍ ୱେହେସ୍ ଅଂକିଙ୍କ୍
ସମୁଦ୍ରତାଗ୍ ହେସିକ୍ରେ ମିକା ଲେକେଡ଼୍ ଆୟେଡ଼୍ ।
୩ ✡ତ ମିଡ଼୍ ନିଜ୍, ବିଷୟତେ ସାବ୍ଦାନ୍ ଆସ୍ ମାନୁଟ୍ । ଯଦି ନି
ତାମୁଣ୍ଡ୍ ପାପ୍ ମାଡ଼ିତନ୍, ଅଂକିଙ୍କ୍ ମନ୍ ପରିବର୍ତ୍ତନ୍ ମାଡ଼ାଙ୍କ୍ କେଲାଟ୍;
ମେଣ୍ଡ୍ ଅଣ୍ଡ୍ ଯଦି ମନ୍ ପରିବର୍ତନ୍ ମାଡ଼ିତନ୍, ଆଲାକ୍ରେ ଅଂକିଙ୍କ୍ କ୍ଷମା
ହିମୁଟ୍ ।
୪ ମେଣ୍ତ୍ରେ, ଯଦି ଅଣ୍ଡ୍ ଅଣ୍ତ୍ରୟଦିନ୍ ତେ ଲୋପେ ସାଡ଼୍ଦାମ୍,
ନି ବିରୁଦ୍ତେ ପାପ୍ ମାଡ଼ିତନ୍ ନୁ ସାଡ଼୍ଦାମ୍ ନି ଗାର୍ରେ ମାଲ୍ସ୍
ୱାସ୍ କେତିତଣ୍ଡ୍ ନାନ୍ ମନ୍ ପରିବର୍ତ୍ତନ୍ ମାଡ଼୍ତାନ୍ ଇଞ୍ଜ କେତିତଣ୍ଡ୍,
ଆଲେକେ ଅଂକିଙ୍କ୍ ଆଦ୍ଲେକାମ୍ କ୍ଷମା ମାଡ଼ାଟ୍ ।

## ବିଶ୍ୱାସ୍

୫ ଆଗାଙ୍କ୍ ପ୍ରେରିତ୍ ଶିଷ୍ୟଡ଼୍ ପ୍ରବୁଙ୍କ୍ କେଡ଼୍ତଡ଼୍, ମାୟାଦ୍ ବିଶ୍ୱାସ୍
ଅଦିକ୍ ମାଡ଼ିମ୍ ।
୬ ପ୍ରବୁ କେଡ଼୍ତଣ୍ଡ୍, ଯଦି ୱେରଡ଼୍ ସୋରିଷପେଡ଼େମ୍ ଲେକେମ୍
ମିୱାଦ୍ ବିଶ୍ୱାସ୍ ମିନ୍ଦେ, ଆଲେକେ ଇଦ୍ ତୁତକଳି ମାଡ଼େତିଙ୍କ୍ ମଦଲ୍
କଞ୍ଜ୍ ତାହାକି ସମୁଦ୍ରତାଗ୍ ଉସ୍କ୍ର ଆୟି ଇଞ୍ଜ କେଡ଼୍କେ ବାତେ ଆଦ୍
ମିୟାଦ୍ ଗଟ୍ କେଞ୍ଜିଡ଼୍ ।

## ୱେରଣ୍ଡ୍ ଦାସଡ଼୍ ପାଡ଼ିୟି

୭ ବାତେଙ୍କ୍ ଇକ୍ରେ ମି ଲୋପେ ଇଦ୍ ଲେକେମ୍ ନାରୁଡ଼୍ ବେନ
ମିନ୍ଦେଣ୍ଡ୍, ବେନନ୍ ଦାସ ହୁଡ଼୍ସ୍ ୱାସ୍ ବା ଗଡ଼କ୍ ମେୟେସ୍
ୱାୟାନାକାଙ୍କ୍ ୱାଡ଼୍କେ ଅଣ୍ଡ୍ ଅଂକିଙ୍କ୍ କେତିତଣ୍ଡ୍, ଇଞ୍ଜେ ୱାସ୍ ତିନ୍ଦାଙ୍କ୍
କୁଦା ?
୮ ବାତେଙ୍କ୍ ଇକ୍ରେ ଅଣ୍ଡ୍ ତାନ୍ ଚାକର୍ ତିଙ୍କ୍ କେତିତଣ୍ଡ୍, ନାୟାଦ୍
ତିନ୍ଦାନାଦ୍ ଟିକ୍ ମାଡ଼ା, ମେଣ୍ତ୍ରେ ନାନ୍ ତିନ୍ଦାନାଦ୍ ଉନ୍ଦାନାଦ୍

✡ **୧୭:୩** ମାତିଉ ୧୮:୧୫.

ତେର୍ସ୍ୱାସ୍ନା ଯାକ ନାକିଂଙ୍କ୍ ସେବା ମାଡ଼େ, ତାନ୍ ପେର୍କେ ନିମେ
ତିନ୍ଦାନ୍ ଉନ୍ଦାନ୍ ମାଡ଼ିତି ।
୯ ଦାସ ଆଦେଶ୍ ଲେକାମ୍ ପାଡ଼ିୟି ମାଡ଼କେ ଅଣ୍ଡ୍ ଅଂକିଙ୍କ୍
ଦନ୍ୟବାଦ୍ ଇଦ୍ତଣ୍ଡ୍ କି ?
୧୦ ଆଦ୍ ଲେକେମ୍ ମିଡ଼୍ ଆନ୍ତେ ଆଦେଶ୍ ଲେକାମ୍ ସାର୍ରେ
ପାଡ଼ିୟି ମାଡ଼୍ତେ ପେର୍କେ କେଲ୍ମୁଟ୍, ମାନାଡ଼୍ ଅଯୋଗ୍ୟ ଦାସଡ଼୍,
ବାଡ଼୍ ପାଡ଼ିୟି, ମାତର୍ ଆଦିଙ୍କ୍ ମାଡ଼ିତମ୍ ।

## ଜିସୁ ଦଶ୍ଜାନ୍ କୁଷ୍ଠୀନାରୁଡ଼୍କିଙ୍କ୍ ସୁସ୍ଥ ମାଡ଼୍ତଣ୍ଡ୍

୧୧ ଜିସୁ ଯିରୁଶାଲେମ୍ତା ଆଞ୍ଜ ମାନ୍ଦାନ୍ ୱେଲେ ଶମିରୋଣ ନୁ
ଗାଲିଲୀ ତାଲାନ୍ ଆଞ୍ଜ ମାଡ଼୍ତଡ଼୍ ।
୧୨ ମେଣ୍ଡେ, ଅଣ୍ଡ୍ ବେନେ ୱେରନ୍ ନାର୍ ଆସାନ୍ ୱେଲେ, ଦଶ୍ଜାନ୍
କୁଷ୍ଟିନାରୁଡ଼୍ ଜିସୁନ୍ ତଡ଼୍ କାୟିଲ୍ତଡ଼୍;
୧୩ ଅଡ଼୍ ଯେକା ନିସ୍ ଗାଟି ଲେହେଙ୍ଗ୍ ତେ କେଓଡ଼୍, "ହୋ ଜିସୁ,
ଗୁରୁ, ମାକିଂଙ୍କ୍ ଦୟା ମାଡ଼ା ।"
୧୪ ମେଣ୍ଡେ, ଅଣ୍ଡ୍ ଅଡ଼୍କିଂଙ୍କ୍ ଉଡ଼ି କେଓଣ୍ଡ୍, "ମିଡ଼୍ ଆଞ୍ଜ୍ ନିଜେ ନିଜେ
ଯାଜକିଡ଼କ୍ ତଅମୁଟ୍ । ମେଣ୍ଡେ ଅଡ଼୍ ଆଞ୍ଜ ଆଞ୍ଜ ସୁସ୍ଥ ଆଡ଼୍ତଡ଼୍ ।"
୧୫ ବାତେଙ୍କ୍ ଇକ୍ବେ ଅଡ଼୍ଆଗାଙ୍କ୍ ୱେରଣ୍ଡ୍ ତାନ୍ ସୁସ୍ଥ ଆଡ଼୍ତାଦ୍ ଉଡ଼ି
ଗାଟି ଲେଙ୍ଗଦେ ପ୍ରବୁଙ୍କ୍ ମହିମା କୀର୍ତ୍ତନ୍ ମାଡ଼ମାଡ଼ ମାଲ୍ସ୍ ୱାଡ଼୍ତଣ୍ଡ୍,
୧୬ ମେଣ୍ଡେ ଜିସୁନ୍ ଡେକାନ୍ ମଦଲ୍ ଆଡ଼୍କି ଅଂକିଙ୍କ୍ ଦନ୍ୟବାଦ୍
ମାଡ଼ାଙ୍କ୍ ପାସ୍କ୍ତଣ୍ଡ୍; ଅଣ୍ଡ୍ ୱେରଣ୍ଡ୍ ଶମିରୋଣୀୟ ନାରୁଡ଼୍ ।
୧୭ ଆଗାଙ୍କ୍ ଜିସୁ କେଓଣ୍ଡ୍, "ଦଶ୍ଜାନ୍ ବାଡ଼୍ ସୁସ୍ଥ ଆୟ୍ୟଡ଼୍ ?"
ଆଲାକ୍ବେ ନଅଜାନ୍ ବେଏକେ ଆଦ୍ତଡ଼୍ ?
୧୮ ଇଶ୍ୱରତାଦ୍ ଗୌରବ୍ ମାଡ଼ାନ୍ ସେଙ୍ଗେ ଇଣ୍ଡ୍ ବିଜାତି ନାରୁଡ଼୍
ୱିଡ଼୍ସି ମେଣ୍ଡେ ବେନ ମାଲ୍ସ୍ ୱାଡ଼ଣ୍ଡ୍ ?
୧୯ ମେଣ୍ଡେ, ଜିସୁ ଅଂକିଙ୍କ୍ କେଓଣ୍ଡ୍, "ତେଦ୍ଦେ, ହାନ୍, ନିୱାଦ୍
ବିଶ୍ୱାସ୍ ନିକିଂଙ୍କ୍ ସୁସ୍ଥ ମାଡ଼ିତେ ।"

## ଇଶ୍ୱର୍ତାଦ୍ ରାଜ୍ୟ ୱାଦୁତେ
## (ମାତିଉ ୨୪:୨୩-୨୮,୩୭-୪୧)

୨୦ ଇଶ୍ୱର୍‌ତାଦ୍ ରାଜ୍ୟ ବେସୁଙ୍କ୍ ୱାସମିନ୍ଦେନ୍, ହିଦ୍ ବିଷୟତେ
ପାରୂଶୀନାରୁଡ଼୍ ଜିସୁଙ୍କ୍ ପାଡ୍ରାମାଡ଼୍‌ତାଙ୍କ୍ ପସ୍‌ପ୍‌ତତଡ଼୍ ନୁ ଅଣ୍ଡ୍
ଅଡ଼୍‌କିଂଙ୍କ୍ କେତ୍ତଣ୍ଡ୍, “ଇଶ୍ୱର୍‌ତାଦ୍ ରାଜ୍ୟ ତଅନ୍‌ଦାନ୍ ରକମ୍ ୱାଡ଼୍;
୨୧ ମେଣ୍ଡ୍ରେ ଉଡ଼ାଟ୍, ଇଶ୍ୱର୍‌ତେ ରାଜ୍ୟ ଇଗେ ବା ଆଗେ ମିନ୍ଦେ
ଇଞ୍ଜ ନାରୁଡ଼୍ କେଲଡ଼୍; ବାତେଙ୍କ୍ ଇକ୍କେ ଉଡ଼ାଟ୍, ଇଶ୍ୱର୍‌ତାଦ୍ ରାଜ୍ୟ
ମି ଲୋପେ ମିନ୍ଦେ ।”
୨୨ ବାତେଙ୍କ୍ ଇକ୍କେ ଅଣ୍ଡ୍ ଶିଷ୍ୟକିଂଙ୍କ୍ କେତ୍ତଣ୍ଡ୍, ଇଦ୍ ଲେକାମ୍
ସମୟ୍ ୱାଦୁତେ, ବେସୁଙ୍କ୍ ମିଡ଼୍ ନାରୁଡ଼୍ ପିଲେତ୍ ଦିନାମ୍ ଲୋପେକ୍
ୱେରନ୍ ଦିନ୍ ଉଡ଼ାନଙ୍କ୍ ଇଚ୍ଛା ମାଡ଼ିତିଡ଼୍, ବାତେଙ୍କ୍ ଇକ୍କେ ଉଡ଼ାଙ୍କ୍
ପାର୍‌ୱିଡ଼୍ ।
୨୩ ଉଡ଼ାଟ୍, ଆଗେ, ଉଡ଼ାଟ୍, ଇଗେ ଇଞ୍ଜ ନାରୁଡ଼୍ ମିକିଂଙ୍କ୍
କେତିତଡ଼୍; ବାତେଙ୍କ୍ ଇକ୍କେ ମିଡ଼୍ ଅଡ଼୍ ପେର୍‌କେ ହାନ୍‌ମାଟ୍ ।
୨୪ ବାତ୍‌ତେଙ୍କ୍ ଇକ୍କେ ମାବ୍‌ତାଗ୍ ୱାର୍‌ସୁତ୍ ୱେରତାଗାଙ୍କ୍ ମେଣ୍ଡ୍ରନ୍
ପାକ୍ ୱେସ୍ ଇଦ୍‌ତା, ନାରୁଡ଼୍ ପିଲେ ତାମ୍ ଦିନାତେ ଆଦ୍‌ଲେକାମ୍
ତଅନ୍‌ଦିତଣ୍ଡ୍ ।
୨୫ ବାତେଙ୍କ୍ ଇକ୍କେ ମୁନେ ଅଂକିଙ୍କ୍ ନାର୍ଗେ ଦୁଃକାମ୍ କଷ୍ଟ ମାଡ଼୍
ୱେଇତିଡ଼୍ ନୁ ଇଦ୍ ଇଞ୍ଜେଡ଼୍ ମାନେଇ ଦ୍ୱାର୍ ଆଗ୍ରାହ୍ୟ ମାଡ଼ିତଡ଼୍ ।
୨୬ ମେଣ୍ଡ୍ରେ, ନୋହତେ ୱେଲେ ବେଦ୍ ଲେକାମ୍ ଗଟେମ୍‌ଆସ୍
ମାଡ଼୍‌ତେ, ନାରୁଡ଼୍ ପିଲେତ୍ ୱେଲେ ମିକା ଆଦ୍ ଲେକେମ୍ ଗଟେମ୍
ଆଦ୍‌ତେ;
୨୭ ନୋହ ଜାହାଜତାଗ୍ ଅସାନ୍ ଦିନାମ୍ ଯାକ ନାରୁଡ଼୍ ତିନ୍ଦାନଙ୍କ୍ ନୁ
ପେଣ୍ଡ୍ରଲୁ ଆଦାନଙ୍କ୍ ନୁ ପେଣ୍ଡ୍ରଲୁ ମାଡ଼ାନଙ୍କ୍ ଦାନ୍ଦେ ମାନ୍‌ତଡ଼୍, ମେଣ୍ଡ୍ରେ
ଏର୍ ତୁପାନ୍ ୱାସ୍ ସାର୍‌ରେ ତଡ଼୍‌କିଂଙ୍କ୍ ଆୱୁକ୍‌ତେ ।
୨୮ ଲୋଟତେ ୱେଲେ ମିକା ଆଦ୍‌ଲେକାମ୍ ଗଟେମ୍ ଆସ୍ ମାଡ଼୍‌ତା,
ନାରୁଡ଼୍ ତିନ୍ଦାନଙ୍କ୍, ହାସାନ୍ ୱାମାନ୍, ମାଡ଼ାକ୍ ଉର୍ସ୍‌କାଙ୍କ୍ ନୁ ଲୋକ୍
ମାଡ଼ାଙ୍କ୍ ଦାନ୍ଦ୍ ଆସମାଡ଼୍‌ତଡ଼୍,
୨୯ ବାତେଙ୍କ୍ ଇକ୍କେ ଲୋଟ ସଦୋମ୍ କନ୍‌ସ୍ ପେଇସ୍ ଆଦ୍‌ଦାନ୍
ଦିନେ ମାବ୍ ତାଗାଙ୍କ୍ କିସ୍ ନୁ ଗନ୍ଧକ ୱାର୍‌ସାମ୍ ୱାସ୍ ସାରେତଡ଼୍‌କିଂଙ୍କ୍
ୱିଡ଼୍‌ସି ମାଡ଼୍‌ତେ ।
୩୦ ନାରୁଡ଼୍ ପିଲା ମାଲ୍‌ସ୍ ୱାଦାନ୍ ଦିନେ ଆଦ୍‌ଲେକାମ୍ ଗଟେମ୍
ଆଦ୍‌ତେ ।

୩୧ ✡ଆଦ୍ ଦିନେ ବେନ ଲୋତ୍‌ତେ ମୁସର୍ନାଗ୍ ମାନ୍‌ତଣ୍ଡ୍, ଅଣ୍ଡ୍
ଲୋତ୍ ତେ ଲୋପେ ମାନ୍ଦାନ୍ ତାମ୍ ଜିନିଷ୍‌ତିଙ୍ଗ୍ ଆଦାନଙ୍ଗ୍ ଡିଗି
ୱାଡ଼୍‌ମାକିନ୍; ଆଦ୍‌ଲେକାମ୍ ବେନ ୱାୟାନାକ୍ ମାନ୍‌ତଣ୍ଡ୍, ଅଣ୍ଡ୍ ମାଲ୍‌ସ୍
ଲୋନ୍ ଆନ୍‌ମାକିନ୍ ।
୩୨ ଲୋଟନ୍ ମୁତେନ୍ ଗଟି ହେର୍କା ମାଡ଼ାଟ୍ ।
୩୩ ✡ବେନ୍ ନାରୁଡ଼୍ ନିଜ୍ ଜିୱୁଣ୍ଡ୍ ରକ୍ଷା ମାଡ଼ାନଙ୍ଗ୍ ଆଲ୍‌ସି ମାଡ଼ିତନ୍,
ଅନ୍ ଆଦ୍ ହାରାମାଡ଼ିତଣ୍ଡ୍, ମେଣ୍ଡ୍ରେ ବେନ ତାନ୍ ଜିୱୁଣ୍ଡ୍ ହରା ମାଡ଼ିତନ୍,
ଅଣ୍ଡ୍ ଆଦିଙ୍ଗ୍ ଗେଲ୍‌ସ୍‌ପିତଣ୍ଡ୍ ।
୩୪ ନାନ୍ ମିକିଂଙ୍ଗ୍ କେସମିନ୍ଦେନ୍, ଆଦ୍ ନାର୍କେ ଇର୍‌ୱୁଡ଼୍ ୱେରନ୍
ପଡ଼ିୟେତାଗ୍ ମାନ୍‌ତଡ଼୍, ୱେରଙ୍ଗ୍ ଅଣ୍ଡ୍‌ତଡ଼୍ ନୁ ମେଣ୍ଡ୍ରେଅର୍‌ତୁଙ୍ଗ୍
ୱିଡ଼୍‌ସିଦ୍‌ତଡ଼୍ ।
୩୫ ରେଣ୍ଡ୍ ମୁତ୍‌ତେ ଅଣ୍ଡ୍ରୟ୍ ତାଗ୍ ଯାତେତିଙ୍ଗ୍ ଉଡ଼୍‌ସ୍ପମାନ୍‌ତା,
ୱେରଡିଙ୍ଗ୍ ଅଦ୍‌ତା ନୁ ମେଣ୍ଡ୍ରେଅଣ୍ଡ୍ରିଙ୍ଗ୍ ୱିଡ଼୍‌ସିଦ୍‌ତଡ଼୍ ।
୩୬ ଇର୍‌ୱୁଡ଼୍ ୱାୟେତାଗ୍ ମାନ୍‌ତଡ଼୍, ଅର୍‌ତୁଙ୍ଗ୍ ଗ୍ରହନ୍ ମାଡ଼ିତଡ଼୍ ନୁ
ମେଣ୍ଡ୍ରେଅର୍‌ତୁଙ୍ଗ୍ ୱିଡ଼୍‌ସିଦ୍‌ତଡ଼୍ ।
୩୭ ଆଗାଙ୍ଗ୍ ଅଡ଼୍ ଅଂକିଙ୍ଗ୍ କେତ୍‌ତଡ଼୍, “ହୋ ପ୍ରବୁ, ବେଗେ ?”
ଜିସୁ ଅଡ଼୍‌କିଂଙ୍ଗ୍ କେତ୍ତଣ୍ଡ୍, “ବେଗ୍ ମଡ଼୍, ଆଗେ ଡାମରାପିଟେ ମିକା
ଅଣ୍ଡ୍ରୟ୍‌ତାଗ୍ ଗୁଡ଼ିତା ।”

# ୧୮

## ରାଣ୍ଡିଲ୍ ନୁ ବିଚାର୍ ମାଡ଼ାନନାଦ୍ ଗଟ୍

୧ ହତାସ୍ ଆୟ୍‌ୟକଟ ସାରେଦାମ୍ ପ୍ରାର୍ତନା ମାଡ଼ାନାଦ୍ ସାୟେ, ଇ
ବିଷୟତେ ଜିସୁ ଅଡ଼୍‌କିଂଙ୍ଗ୍ ଇଦ୍ ଗଟ୍ କେତ୍‌ତଣ୍ଡ୍,
୨ ଅଣ୍ଡ୍ରୟ୍ ନାର୍‌ଦାଗ୍ ୱେରଣ୍ଡ୍ ବିଚାର୍‌କର୍‌ତାଲ୍ ମାତ୍‌ତଣ୍ଡ୍, ଅଣ୍ଡ୍
ଇଶ୍ୱର୍‌ତିଙ୍ଗ୍ ୱେର୍‌ୟକଟ ମାତ୍‌ତଣ୍ଡ୍ କି ନାରୁଡ଼୍‌କିଂଙ୍ଗ୍ ଉଡ଼୍‌ପୁନ୍ୱେ
ମାତ୍‌ତଣ୍ଡ୍ ।

---

✡ **୧୭:୩୧** ମାତିଉ ୨୪:୧୭,୧୮; ମାର୍କ ୧୩:୧୫,୧୬. ✡ **୧୭:୩୩** ମାତିଉ ୧୦:୩୯; ୧୬:୨୫; ମାର୍କ ୮:୩୫; ଲୁକ ୯:୨୪; ଯୋହନ୍ ୧୨:୨୫.

୩ ଆଦ୍ ନାର୍ଦାଗ୍ ୱେରଡ଼୍ ରାଣ୍ଡିଲ୍ ମାଡ୍ତେ, ଆଦ୍ ଅଣ୍ଡ୍ ଅଣ୍ଡ୍ଦାମ୍
ଆନା ଆଞ୍ଜ୍ କେସ ମାଡ୍ତେ, ୱେର୍ଣ୍ଡ୍ ନା ବିରୁଦ୍ ତେ ଅନ୍ୟାୟ୍
ମାଡ଼ତୁଣ୍ଡ୍ ଆଦିନାଦ୍ ବିଚାର୍ ମାଡ଼େ ।
୪ ନାର୍ଗେ ଦିନାମ୍ ଯାକ ବିଚାର୍ କର୍ତାଲ୍ ରାଜି ଆୟ୍ୟକଟ ମାଡ୍ତଣ୍ଡ୍;
ବାତେଙ୍ଗ୍ ଇକ୍ରେ ପେର୍କେ ଅଣ୍ଡ୍ ହେର୍କା ମାଡ଼୍ତଣ୍ଡ୍, ଯଦି ନାନ୍ ଇଶ୍ୱରିଙ୍ଗ୍
ୱେର୍ୱନ୍ କି ନାରୁଡ଼୍କିଂଙ୍ଗ୍ କେଞ୍ଜନ୍,
୫ ଆଗେକ୍ ବାଡ଼େ ଆଦ୍ ରାଣ୍ଡିଲ୍ ନାକିଂଙ୍ଗ୍ କଷ୍ଟ ଇସମିନ୍ଦେ ନାନ୍
ତାନ୍ ସେଙ୍ଗେ ଆଡ୍ତେ ଅନ୍ୟାୟତାଦ୍ ବିଚାର୍ ମାଡ଼ିତାନ୍, ଇଲୁକ୍
ଆଦ୍ ସାରେଦାମ୍ ୱାସ୍ ନାକିଂଙ୍ଗ୍ ଦାନ୍ଦେ ଆସମାଡ୍ତେ ।
୬ ଆଗାଙ୍ଗ୍ ପ୍ରବୁ କେଓଣ୍ଡ୍, “ଇଣ୍ଡ୍ ଅଦାମର୍ିକିଡ଼୍ ବିଚାର୍କର୍ତାଲ୍
ବାଡ୍ କେତୁତନ୍, ଆଦ୍ କେଞ୍ଜାଟ୍ ।
୭ ଇଶ୍ୱର୍ ହେଞ୍ଚତେ ନାରୁଡ଼୍ ନାର୍କାପାୟାଲ୍ ଅଂକିଙ୍ଗ୍ କାର୍ଙ୍ଗମାନ୍ତଡ଼୍,
ଅଣ୍ଡ୍ କି ଅଡ଼୍ ସେଙ୍ଗେ ଆଡ୍ତେ ଅନ୍ୟାୟତେ ବିଚାର୍ ମାଡ଼ଣ୍ଡ୍,
ଅଡ଼୍କିଂଙ୍ଗ୍ ସାହାଯ୍ୟ ମାଡ଼ାଙ୍ଗ୍ ଅଣ୍ଡ୍ ଲେଟ୍ ମାଡ଼ିତନ୍ କି ?
୮ ନାନ୍ ମିକିଂଙ୍ଗ୍ କେସମିନ୍ଦେନ୍, ଅଣ୍ଡ୍ ଯାପେ ଅଡ଼୍ ସେଙ୍ଗେ ଆଡ୍ତେ
ଅନ୍ୟାୟତାଦ୍ ବିଚାର୍ ମାଡ଼ିତନ୍ । ବାତେଙ୍ଗ୍ ଇକ୍ରେ ନାରୁଡ଼୍ ପିଲେ
ୱାସ୍ ପୃତିବିତାଗ୍ ବାଡ୍ ବିଶ୍ୱାସ୍ ଉଡ଼ିତଣ୍ଡ୍ ?”

## ପାରୂଶୀ ନୁ କରଆଦାୟ୍ ମାଡ଼ାନନାଦ୍ ୱେଷଡ଼୍

୯ ନିଜେ ନିଜେ ଦାମର୍ିକ୍ ଇଞ୍ଜ ହାଲ୍ସି ମେଣ୍ଡେ ବାଗାତଡ଼୍କିଂଙ୍ଗ୍
ବାଗାଡ୍ ନାରୁଡ଼୍କ୍ ତୁଚ୍ଛ ହେର୍କେ ମାଡ଼୍ମାନ୍ଦାନ୍ ବେସ୍କ୍ତୁଡ଼୍ ଆମ୍ବା
ଆଶେଡ୍ ନାରୁଡ଼୍କିଂଙ୍ଗ୍ ଜିସୁ ଇଦ୍ ୱେଷଡ଼୍ କେଡ୍ତଣ୍ଡ୍,
୧୦ ୱେର୍ଡ୍ ଦିନେ ଇର୍ୱୁଡ଼୍ ନାରୁଡ଼୍ ପ୍ରାର୍ତନା ମାଡ଼ାନ୍ ମାଇଦିଙ୍ଗ୍
ମନ୍ଦିର୍ତାଗ୍ ଆଡ୍ତଡ଼୍, ୱେରଣ୍ଡ୍ ପାରୂଶୀ ନୁ ମେଣ୍ଡ୍ଅର୍ତୁଣ୍ଡ୍ କରଗ୍ରାହୀ
।
୧୧ ପାରୂଶୀ ନିଶ୍ମିକା ତାନ୍ ସେଙ୍ଗେ ଇଦ୍ ଲେକାମ୍ ପ୍ରାର୍ତନା ମାଡ଼ାଙ୍ଗ୍
ପସ୍ପ୍ତଣ୍ଡ୍, ହୋ ଇଶ୍ୱର୍ ନାନ୍ ନିକିଂଙ୍ଗ୍ ଦନ୍ୟବାଦ୍ ଇଦୁତାନ୍ ଯେ,
ନାନ୍ ବାଗାଡ୍ ସାରେତଡ଼୍ ନାରୁଡ଼୍ ଲେକାମ୍ ହାୱୁକାନଡ଼୍, ଆଦାମର୍ିକ୍,
ବ୍ୟବିଚାରୀଡ଼୍ ବା ଇଣ୍ଡ୍ କରଗ୍ରାହୀ ଲେକେମ୍ ମିକା ଆୟନ୍;

୧୨ ନାନ୍ ସପ୍‌ତାତିଙ୍କ୍ ରେଣ୍ତ୍ ଦାମ୍ ଉପବାସ୍ ମାଡ଼ତ୍ତାନ୍ ନୁ ନାୱାଦ୍
ସାରେ କାମ୍‌ମାଡ଼ି ଗୁଡ଼୍‌ପ୍‌ତାଦ୍ ଦଶ୍‌ବାଗ୍ କନ୍‌ସ୍ ୱେରନ୍ ପାଲ୍‌କ୍ ଦାନ
ମାଡ଼ତ୍ତାନ୍ ।
୧୩ ବାତେଙ୍କ୍ ଇକ୍କେ କରଗ୍ରାହୀ ଜେକେ ନିସ୍ ମିକା ସ୍ୱର୍ଗତା ପରୁ
ଉଡ଼ାନଙ୍କ୍ ସେଙ୍ଗେ ମେଣ୍ଡ୍ରେ ସାହାସ୍ ମାଡ଼ଣ୍ତ୍, ବାତେଙ୍କ୍ ଇକ୍କେ ତାନ୍
ଗୁଣ୍ତେତାଗ୍ ରେହେସ୍ କେତାନଙ୍କ୍ ପସ୍‌ପ୍‌ତଣ୍ତ୍, ହେ ଇଶ୍ୱର୍, ନାନ୍ ପାପି,
ନାକିଂଙ୍କ୍ ଦୟା ମାଡ଼ା ।
୧୪ ✡ଜିସୁ ଅଡ଼୍‌କିଂଙ୍କ୍ କେତ୍‌ତଣ୍ତ୍, "ଅଣ୍ତ୍ ପାରୁଶୀ ଆୟ୍‌ୟଣ୍ତ୍, ବା ଇଣ୍ତ୍
କରଗ୍ରାହୀ ଦାର୍ମାମ୍ ଆସ୍ ତାମ୍ ଲୋନ୍ ଆତ୍‌ତଣ୍ତ୍; ବାତେଙ୍କ୍ ଇକ୍କେ
ବେନଆଇ ନିଜେତିଙ୍କ୍ ଉନ୍ନତ ଇଞ୍ଜ ତଅତିତଣ୍ତ୍, ଅଂକିଙ୍କ୍ ଆୱେକେ
ମାଡ଼ିତଡ଼୍, ବାତେଙ୍କ୍ ଇକ୍କେ ବେନ ନିଜେତିଙ୍କ୍ ଆୱେକେ ମାଡ଼ିତନ୍,
ଅଂକିଙ୍କ୍ ଉନ୍ନତ ମାଡ଼ିତଡ଼୍ ।"

### ଜିସୁ ପିଲାଙ୍କ୍ ଆଶର୍ବାଦ୍ ମାଡ଼ତଣ୍ତ୍
### (ମାତିଉ ୧୯:୧୩-୧୫; ମାର୍କ ୧୦:୧୩-୧୬)

୧୫ ଜିସୁ ବେଦ୍ ଲେକାମ୍ ପିଲାଙ୍କ୍ ହିଟିତଣ୍ତ୍, ଇଦ୍ ସେଙ୍ଗ୍ ନାରୁଡ଼୍
ଅଡ଼୍‌କିଂଙ୍କ୍ ମିକା ଅନ୍ ଗାର୍‌ରେ ତାତାନଙ୍କ୍ ପସ୍‌ପ୍‌ତତଡ଼୍; ମାତର୍
ଶିଷ୍ୟଡ଼୍ ଆଦ୍ ଉଡ଼ି ଅଡ଼୍‌କିଂଙ୍କ୍ ଗୋଲକ୍ ହିଦାନଙ୍କ୍ ପସ୍ସ୍‌ତତଡ଼୍ ।
୧୬ ବାତେଙ୍କ୍ ଇକ୍କେ ଜିସୁ ଅଡ଼୍‌କିଂଙ୍କ୍ ଅନ୍ ଗାର୍‌ରେ କାର୍‌ଙ୍ଗି କେଓଣ୍ତ୍,
"ପିଲାଙ୍କ୍ ନା ଗାର୍‌ରେ ୱାଦାଙ୍କ୍ ଇମୁଟ୍, ମେଣ୍ଡ୍ରେ ଅଡ଼୍‌କିଂଙ୍କ୍ ମନା
ମାଡ଼ମାଟ୍, ବାତେଙ୍କ୍ ଇକ୍କେ ଇଶ୍ୱରତାଦ୍ ରାଜ୍ୟ ଇଦ୍ ଲେକେମ୍
ପିଲାନାଦ୍ ।
୧୭ ନାନ୍ ମିକିଂଙ୍କ୍ ନିଜାମ୍ କେସମିନ୍ଦେନ୍, ବେନବା ପିଲାନ୍
ଲେକେମ୍ ଇଶ୍ୱରତାଦ୍ ରାଜ୍ୟ ଗ୍ରହନ୍ ମାଡ଼ଣ୍ତ୍, ଅଣ୍ତ୍ ବେସୁଟ୍ ମିକା
ଆଗେ ଆସ୍ ପାର୍‌ୱଣ୍ତ୍ ।"

### ୱେର୍‌ଣ୍ତ୍ ସାଉକାର୍ ନାରୁଡ଼୍
### (ମାତିଉ ୧୯:୧୬-୩୦; ମାର୍କ ୧୦:୧୭-୩୧)

୧୮ ୱେରଣ୍ତ୍ ଯିହୁଦୀ ମୁକ୍ୟାଲ୍ ଜିସୁଙ୍କ୍ କେଓଣ୍ତ୍, "ହେ ସତ୍ ଗୁରୁ,
ସାରେଦିନାତ୍ ଜିୱୁଣ୍ତ୍ ଲେକେତ୍ ଆଦାନ୍ ମାଇଦିଙ୍କ୍ ନାନ୍ ବାତ୍
ମାଡ଼ିତାନ୍ ?"

---

✡ **୧୮:୧୪** ମାତିଉ ୨୩:୧୨; ଲୁକ ୧୪:୧୧.

୧୯ ଆଗାଙ୍କ୍ ଜିସୁ ଅଂକିଙ୍କ୍ କେଓଣ୍ଡ୍, "ନାକିଂଙ୍କ୍ ସତ୍‌ଗୁରୁ ହିଞ୍ଜ ବାତେଙ୍କ୍ କେତୁତି ? ୱେରଣ୍ଡ୍ ୱିଡ଼୍‌ସି, ଇତ୍‌କେ, ଇଶ୍ୱତିଙ୍କ୍ ୱିଡ଼୍‌ସି ମେଣ୍ଡେ ବେନ ମିକା ସାୟେ ଇଲାଣ୍ଡ୍ ।"
୨୦ ଇଶ୍ୱର୍‌ତେ ଆଦେଶ୍‌ତିଙ୍କ୍ ତ ନିମେ ପୁତ୍‌ତିନ୍, ବ୍ୟବିଚାର୍ ମାଡ଼୍‌ମାଟ୍, ନାରୁଙ୍କ୍ ଆୱୁକ୍‌ମାଟ୍, ଡଙ୍ଗମା, ୱିଶାମ୍ ଗଟି କେଲ୍‌ମା, ନିଜେ ୟାୟବାବାଙ୍କ୍ ସମ୍ମାନ୍ ଇମ୍ ।
୨୧ ଅଣ୍ଡ୍ କେଓଣ୍ଡ୍, "ଇୱୁ ସାରେ ନାନ୍ ପିଲେତ୍ ଦିନାକ୍ କନ୍‌ସ୍ ପାଲନ୍ ମାଡ଼ି ୱାଦୁତାନ୍ ।"
୨୨ ଜିସୁ ଇଦ୍ କେଞ୍ଜି ଅଂକିଙ୍କ୍ କେଓଣ୍ଡ୍, "ମିୱାଦ୍ ମେଣ୍ଡେ ୱେରଟ୍ ବିଷୟ ସୁଦୁଟ୍ ମିନ୍ଦେ; ନିମେ ନିୟାଦ୍ ସାରେ ଜିନିଷ୍ ୱାମି ଦରିଦ୍ର ନାରୁଡ଼୍‌କ୍ ତୁଉସିମ୍, ମେଣ୍ଡେ ନିକିଂଙ୍କ୍ ସ୍ୱର୍ଗତାଗ୍ ଦନ୍ ଦର୍‌କିତ୍; ମେଣ୍ଡେ ୱାସ୍ ନା ପେର୍କେ ୱାଡ଼ାଟ୍ ।"
୨୩ ବାତେଙ୍କ୍ ଇକ୍କେ ଅଣ୍ଡ୍ ଇଦ୍ ସାରେ ଗଟି କେଞ୍ଜି ଗାଟି ଦୁଃକାମ୍ ଆତ୍‌ତଣ୍ଡ୍, ବାତ୍‌ତେଙ୍କ୍ ଇକ୍କେ ଅଣ୍ଡ୍ ଗାଟି ବାଡ଼୍‌ୟଣ୍ଡ୍ ସାଉକାର୍ ମାତ୍‌ତଣ୍ଡ୍ ।
୨୪ ଆଗାଙ୍କ୍ ଅଣ୍ଡ୍ ଦୁଃକାମ୍ ଆଦାନାଦ୍ ଉଡ଼ି ଜିସୁ କେଓଣ୍ଡ୍, "ବେନନାଗ୍ ଦନ୍ ମିନ୍ଦେ, ଅଡ଼୍ ବେସର୍ ତିପାଲ୍‌ତେ ଇଶ୍ୱର୍‌ତେ ରାଜ୍ୟତ୍ ଲୋପେ ଅସ୍ ପାର୍‌ଦ୍‌ତଡ଼୍ !
୨୫ ବାତ୍‌ତେଙ୍କ୍ ଇକ୍କେ ଇଶ୍ୱର୍‌ତେ ରାଜ୍ୟତାଗ୍ ସାଉକାର୍ ନାରୁଣ୍ଡ୍ ନେଙ୍ଗାନ୍ ୱିଡ଼୍‌ସି, ଚୁଜ୍ ବସେତ୍ ଆଲା ଉଟ୍ ନେଙ୍ଗାନାଦ୍ ସହଜ୍ ।"
୨୬ ବେନେ ନାରୁଡ଼୍ ଇଉଗୋଟି କେଞ୍ଜ୍‌ତଡ଼୍, ଅଡ଼୍ କେଓଡ଼୍, "ଇଲୁକ୍ ବେନ ପରିତ୍ରାଣ ଆଦ୍‌ତନ୍ ?"
୨୭ ବାତେଙ୍କ୍ ଇକ୍କେ ଜିସୁ କେଓଣ୍ଡ୍, "ବେନ୍ ନାରୁଡ଼୍ ତଡ଼୍ ଆୟ୍‌ୟ ଆଦ୍ ଇଶ୍ୱରତେ ତଡ଼୍ ଆଦ୍ ତେ ।"
୨୮ ଆଗେତିନ୍‌ସ୍ ପିତର୍ କେଓଣ୍ଡ୍, "ଉଡ଼େ, ମାମେ ନିଜେ ନିଜର୍ ସାରେତିଙ୍କ୍ ୱିଡ଼୍‌ସି ନି ପେର୍କେ ୱାସ୍‌ମିନ୍ଦେମ୍ ।"
୨୯ ଜିସୁ ଅଡ଼୍‌କିଂଙ୍କ୍ କେଓଣ୍ଡ୍, "ନାନ୍ ମିକିଂଙ୍କ୍ ସତ୍ କେତୁତାନ୍; ବେନ୍ ନାରୁଡ଼୍ ଇଶ୍ୱରତାଦ୍ ରାଜ୍ୟ ସେଙ୍ଗେ ଲୋନ୍ କି ମୁତ୍‌ତେ କି ତାମୁଣ୍ଡ୍ କି ୟାୟବାବ କି ନିଜର୍ ପିଲାଙ୍କ୍ ୱିଡ଼୍‌ସ୍‌ତଡ଼୍,

୩୦ ଇଞ୍ଜେଡ଼୍ ଦିନାତେ ଗାଟି ଗୁଣାମ୍ ଦର୍‌କିତେ ମେଣ୍ଡ୍ ପେର୍‌କେଡ଼୍
ଦିନାତେ ସାରେଦିନାତ୍ ଜିୱୁଣ୍ଡ୍ ଦର୍‌କିତ୍, ଇଦ୍ ଲେକେମ୍ ନାରୁଡ଼୍
ବେନ ଇଲାଣ୍ଡ୍ ।"

## ଜିସୁ ତୃତୀୟଦାମ୍ ନିଜର୍ ଡୋଲ୍‌ତାଦ୍ ଗଟ୍ କେତ୍‌ତଣ୍ଡ୍

*(ମାତିଉ ୨୦:୧୭-୧୯; ମାର୍କ ୧୦:୩୨-୩୪)*

୩୧ ପେର୍‌କେ ଜିସୁ ବାରଜାନ୍ ଶିଷ୍ୟଡ଼କ୍ ୱେରେ ମାଡ଼ି ଅଡ଼୍‌କିଂଙ୍କ୍
କେଉଣ୍ଡ୍, "ଉଡ଼ାଟ୍, ମାନାଡ଼୍ ଯିରୁଶାଲେମ୍‌ତା ଆଞ୍ଜ ମିନ୍ଦେମ୍, ମେଣ୍ଡେ
ନାରୁଡ଼୍ ପିଲେଡ଼୍ ବିଷୟତେ ବାବବାଦୀଡ଼୍ ବାତା ଲେକ୍‌ତଡ଼୍ ଆଉ
ସାରେ ସଫଲ୍ ଆଦ୍‌ତେ ।
୩୨ ଅଣ୍ଡ୍ ବିଜାତି ନାରୁଡ଼୍‌ତେ କାଇଦେ ସମର୍ପିତ୍ ଆଦ୍‌ତନ୍, ମେଣ୍ଡେ
ଅଡ଼୍ ଅଂକିଙ୍କ୍ ପରିହାସ୍ ମାଡ଼ିତଡ଼୍, ଅନ୍ ସେଙ୍ଗେ ଆୱୁକିଦ୍‌ତଡ଼୍ ନୁ ଅନ୍
ପରୁ ଉଚିତଡ଼୍,
୩୩ ଅଂକିଙ୍କ୍ ଚାବୁକତଡ଼୍ ରେହେସ୍ ହାୱକିତଡ଼୍, ମେଣ୍ଡେ ମୁଣ୍ଡ୍
ଦିନାମ୍‌ତେ ପେର୍କେ ଅଣ୍ଡ୍ ମେଣ୍ଡେ ଜିୱୁଣ୍ଡ୍ ଆଦ୍‌ତନ୍ ।"
୩୪ ବାତେଙ୍କ୍ ଇକ୍କେ ଅଡ଼୍ ଇଦ୍‌ସାରେ ବିଷୟତେ ବାତେମିକା ପୁନଡ଼୍;
ଇଦ୍ ବାକ୍ୟ ଅଡ଼୍ ଆଗାଙ୍କ୍ ମିଞ୍ଜି ମାଡ଼୍‌ତେ, ମେଣ୍ଡେ ଜିସୁ ବାତ୍ ବାତ୍
କେସମାଡ଼୍‌ତଡ଼୍, ଆଉ ସାରେ ଅଡ଼୍ ବୁଜେମ୍ ଆୟ୍‌ୟ ମାଡ଼୍‌ତଡ଼୍ ।

## ଜିସୁ ୱେର୍‌ଣ୍ଡ୍ କାନାଙ୍କ୍ ସୁସ୍ଥ ମାଡ଼ତଣ୍ଡ୍

*(ମାତିଉ ୨୦:୨୯-୩୪; ମାର୍କ ୧୦:୪୬-୫୨)*

୩୫ ଅଣ୍ଡ୍ ଯିରୀୟ ନଗର୍‌ତେ ଗାର୍‌ରେ ହେଉଦାନ୍ ୱେଲେ, ୱେରଣ୍ଡ୍
କାନାଲ୍ ହାର୍‌ଦେ ଗାର୍‌ରେ କୁଦି ତାଆଲ୍‌କ ମାଡ଼୍‌ତଣ୍ଡ୍ ।
୩୬ ଅଣ୍ଡ୍ ନାରୁଡ଼୍ ସାରେତଡ଼୍ ଆଦାନାଦ୍ ଲେଙ୍ଗ୍ କେଞ୍ଜି ଗଟ୍ ବାତେଏ
ଇଞ୍ଜ ପାଡ଼ାମାଡ଼ାଙ୍କ୍ ପସ୍‌ପ୍‌ତଣ୍ଡ୍ ।
୩୭ ଅଡ଼୍ କାନାଙ୍କ୍ କେତ୍‌ତଡ଼୍, "ନାଜରିତିୟ ଜିସୁ ଇଦ୍ ଆର୍‌ଇସ୍
ଆଦୁତନ୍ ।"
୩୮ ଆଗାଙ୍କ୍ ଅଣ୍ଡ୍ କାନାଲ୍ ଗାଟି ଲେଙ୍ଗଦେ କାର୍‌ଙ୍ଗତଣ୍ଡ୍, "ହୋ ଜିସୁ,
ଦାଉଦ୍‌ତେ ମାର୍, ନାକିଂଙ୍କ୍ ଦୟା ମାଡ଼ା ।"
୩୯ ମାତର୍ ମୁନେ ଆଦାନଡ଼୍ ନାରୁଡ଼୍ କାନାଙ୍କ୍ ଦମକ୍ ଇସ୍ ଅଂକିଙ୍କ୍
କଟ ଆଦାଙ୍କ୍ କେତ୍‌ତଡ଼୍, ବାତେଙ୍କ୍ ଇକ୍କେ ଅଣ୍ଡ୍ ମେଣ୍ଡ୍ ଗାଟି ଲେଙ୍ଗତେ
କାର୍‌ତଣ୍ଡ୍, "ହୋ ଦାଉଦ୍ ତେ ମାର୍, ନାକିଂଙ୍କ୍ ଦୟା ମାଡ଼ା ।"

୪୦ ଜିସୁ ଆଗାଙ୍ଗ୍ ନିସ୍ ମିକା କାନାଙ୍ଗ୍ ଗାର୍‌ରେ ତାତାନଙ୍ଗ୍ କେଓଣ୍ତ୍,
ମେଣ୍ତ୍ ଅଣ୍ତ୍ ଗାର୍‌ରେ ୱାତ୍‌ତେ ୱେଲେ, ଜିସୁ ଅଂକିଙ୍ଗ୍ କେଓଣ୍ତ୍,
୪୧ ନାନ୍ ନି ମାଇଦିଙ୍ଗ୍ ବାତ୍ ମାଡ଼ିତାନ୍ ଇଞ୍ଜ ନିମେ ଇଚ୍ଛା ମାଡ଼ତ୍ରିନ୍ ?
କାନାଲ୍ କେଓଣ୍ତ୍, "ହୋ ପ୍ରବୁ, ନାନ୍ ବେଲାକି ମେଣ୍ଡ୍ରେ ଉଡ଼୍‌ପାର୍ଦ୍‌ତାନ୍
।"
୪୨ ଜିସୁ କାନାଙ୍ଗ୍ କେଓଣ୍ତ୍, "ତ ନିମେ କଣ୍ତା ଉଡ଼େ; ନିୱାଦ୍ ବିଶ୍ୱାସ୍
ନିକିଂଙ୍ଗ୍ ସୁସ୍ଥ ମାଡ଼୍‌ତଣ୍ତ୍ ।"
୪୩ ସାଙ୍ଗେ ସାଙ୍ଗେ ଅଣ୍ତ୍ କଣ୍ତାଉଡ଼ି, ଇଶ୍ୱରତେ ମହିମା କୀର୍ତ୍ତନ୍
ମାଡ଼ମାଡ଼ ଅନ୍ ପେର୍କେ ପେର୍କେ ତାଆକାନଙ୍ଗ୍ ପସ୍ସ୍‌ତଣ୍ତ୍ ନୁ ନାରୁଡ଼୍
ସାରେତଡ଼୍ ଆଦ୍ ଉଡ଼ି ଇଶ୍ୱର୍ ତେ ପ୍ରସଂଶା ମାଡ଼୍‌ତଡ଼୍ ।

# ୧୯

## ଜିସୁ ନୁ ଜକୀୟ

୧ ପେର୍‌କେ ଜିସୁ ଯିରୀୟତାଗ୍ ଆସି ମିକା ଆଦ୍ ଆଲା ଇସ୍ ଆଞ୍ଜ
ମାଡ଼୍‌ତଣ୍ତ୍ ।
୨ ମେଣ୍ଡ୍ରେ ଉଡ଼ାଟ୍, ଜକୀୟ ପେଦେର୍ ତଣ୍ତ୍ ୱେରଣ୍ତ୍ ନାରୁଡ଼୍
ମାଡ଼୍‌ତଣ୍ତ୍, ଅଣ୍ତ୍ ୱେରଣ୍ତ୍ ମୁକ୍ୟକରଗ୍ରାହୀ ନୁ ସାଉକାର୍ ନାରୁଡ଼୍
ମାଡ଼୍‌ତଣ୍ତ୍ ।
୩ ଜିସୁ ବେନଣ୍ତ୍, ଅଂକିଙ୍ଗ୍ ଉଡ଼ାଙ୍ଗ୍ ଅଣ୍ତ୍ ଇଚ୍ଛା ଆସମାଡ଼୍‌ତଣ୍ତ୍, ବାତେଙ୍ଗ୍
ଇକ୍କେ ନାରୁଡ଼୍ ମାନ୍ଦେ ମାଇଦିଙ୍ଗ୍ ଉଡ଼୍ ପାର୍‌ୱ ମାଡ଼୍‌ତଣ୍ତ୍, ବାତେଙ୍ଗ୍
ଇକ୍କେ ଅଣ୍ତ୍ ବୁଟି ମାଡ଼୍‌ତଣ୍ତ୍ ।
୪ ଆଦିଙ୍ଗ୍ ଅଣ୍ତ୍ ନାରୁଡ଼୍‌ତେ ମୁନେ ମିରିଆଞ୍ଜ୍ ଜିସୁଙ୍ଗ୍ ଉଡ଼ାନ୍ ସେଙ୍ଗ୍
ୱେରଡ଼୍ ତୟା ମାଡ଼େତାଗ୍ ତାର୍‌ତଣ୍ତ୍, ବାତେଙ୍ଗ୍ ଇକ୍କେ ଆଦ୍ ହାର୍ ଇସ୍
ଜିସୁ ଆଦାନ୍ ମାଡ଼୍‌ତେ ।
୫ ଜିସୁ ଆଦ୍ ପଡ଼ିୟେତାଗ୍ ୱାସ୍ ପରୁ ଉଡ଼ି ଜକୀୟଙ୍ଗ୍ କେଓଣ୍ତ୍,
"ଜକୀୟ ସିଟ୍‌ପାଟ୍ ଡିଗି ୱାଡ଼ା, ବାତେଙ୍ଗ୍ ଇକ୍କେ ନେଣ୍ତ୍ ନାକିଂଙ୍ଗ୍
ବେଲାମେଣ୍ଡ୍ରେ ନି ଲୋନ୍ ମାନ୍ଦେୱେଇତିଡ଼୍ ।"
୬ ଆଗାଙ୍ଗ୍ ଅଣ୍ତ୍ ସିଟ୍‌ପାଟେ ଡିଗି ୱାସ୍ ୱେଡ଼୍‌କେତେ ଜିସୁଙ୍ଗ୍ ତାନ୍
ଲୋନ୍ କାର୍‌ଗି ହଡ଼୍‌ତଣ୍ତ୍ ।

୭ ଆଦ୍ ଓଡ଼ି ସାରେତଡ଼୍ ତାମ୍ତାମ୍ ଲୋପେ ତିରିଯି କେତାଙ୍କ୍ ପସ୍ତୁତଡ଼୍, "ଅଣ୍ଡ୍ ୱେରଣ୍ଡ୍ ପାପି ମାନେୟତେ ଲୋକ୍ ମାନ୍ଦାଙ୍କ୍ ଆଦୁତନ୍ ।"
୮ ଜକୀୟ ନିସ୍ ମିକା ପ୍ରବୁଙ୍କ୍ କେଓଣ୍ଡ୍, "ହୋ ପ୍ରବୁ ଓଡ଼େ, ନାୟାଦ୍ ସମ୍ପତ୍ତି କନ୍ସ୍ ଆଦ୍ ଦାନ ନାନେ ଗରିବ୍ ନାରୁଡ଼୍କିଂଙ୍କ୍ ଇଦୁତାନ୍, ମେଣ୍ଡେ ଯଦି ଅନ୍ୟାୟତେ, ବେନନାଗାଙ୍କ୍ ବାତ୍ତେ ଅସ୍ମାକେ, ମେଣ୍ଡେ ନାଲୁ ଗୁଣତେ ଆଦ୍ ମାଲ୍ପିଦୁତାନ୍ ।"
୯ ଆଦିଙ୍କ୍ ଜିସୁ ଅଡ଼୍ ବିଷୟତେ କେଓଣ୍ଡ୍, "ନେଣ୍ଡ୍ ଇଦ୍ ଲୋକ୍ ପରିତ୍ରାଣ ୱାତ୍ତେ, ତ ଇଣ୍ଡ୍ ମିକା ୱେର୍ଣ୍ଡ୍ ଅବ୍ରାହାମ୍ତେ ମାର୍ ।
୧୦ ✡ବାତ୍ ମାୟିମିନ୍ଦେ, ଆଦ୍ ମେହେକି ଗୋଲ୍ସ୍ପାନ୍ ସେଙ୍ଗେ ନାରୁଡ଼୍ ପିଲେ ୱାସ୍ମିନ୍ଦେଣ୍ଡ୍ ।"

## ସୁନା ରୂପାଡାବ୍ତେ ୱେଷଡ଼୍
## (ମାତିଉ ୨୫:୧୪-୩୦)

୧୧ ନାରୁଡ଼୍ ଇଦ୍ ଗଟିସାରେ କେଞ୍ଜାନ୍ ୱେଲେ ଜିସୁ ମେଣ୍ଡେ ୱେରଡ଼୍ ୱେଷଡ଼୍ କେଓଣ୍ଡ୍, ଅଣ୍ଡ୍ ଯୀରୁଶାଲମ୍ ଗାର୍ରେ ଆଁଶେ ମାତ୍ତଣ୍ଡ୍ ନୁ ଇଶ୍ୱରତେ ରାଜ୍ୟ ଗାଟି ଯାପେ ତିଆର୍ ଆଦ୍ତେ ଇଞ୍ଜ ଅଡ଼୍ ହେର୍କା ମାଡ଼ମାତ୍ତଡ଼୍ ।
୧୨ ଆଦିଙ୍କ୍ ଜିସୁ କେଓଣ୍ଡ୍, "ୱେରଣ୍ଡ୍ ବାଡ଼୍ୟଣ୍ଡ୍ ମାନେଇ ତାନ୍ ସେଙ୍ଗେ ରାଜପଦ ଦର୍ସ୍କି ମାଲ୍ସ୍ ୱାଦାନ୍ ମାତ୍ତେ ଅଣ୍ଡ୍ ଜେଏକେ ଦେଶ୍ ଆତ୍ତଣ୍ଡ୍ ।"
୧୩ ଅଣ୍ଡ୍ ତାମ୍ ଦଶ୍ଜାନ୍ ଦାସଡ଼୍କ୍ କାର୍ଙ୍ଗି ଅଡ଼୍କିଂଙ୍କ୍ ୱେରନ୍ ସୁନା ରୂପାଡାବ୍ ଇସ୍ କେଓଣ୍ଡେ, "ନାନ୍ ୱାଦାନ୍ ଯାକ ବେପାର୍ ମାଡ଼ାଟ୍ ।"
୧୪ ବାତେଙ୍କ୍ ଇକେ ତାନ୍ ଦେଶ୍ ତେ ନାରୁଡ଼୍ ଅଂକିଙ୍କ୍ ପାସ୍କ ମାତ୍ତଡ଼୍, ମେଣ୍ଡେ ଅଡ଼୍ ଅନ୍ ପେର୍କେ ଦୂତ୍କିଂଙ୍କ୍ ରହସ୍ କେତ୍ତଡ଼୍, "ଇ ନାରୁଡ଼୍ ଯେ ମା ପରୁ ରାଜତ୍ୱ ମାଡ଼ିତନ୍, ଇଦ୍ ମାନ୍ ଇଚ୍ଛା ଆୟୟ ।"
୧୫ ପେର୍କେ ଅଣ୍ଡ୍ ରାଜପଦ ଦର୍ସ୍କି ଆଗାଙ୍କ୍ ମାଲ୍ସ୍ ୱାତ୍ତଣ୍ଡ୍ । ବେନ୍ ଦାସଡ଼୍କ୍ ରୂପାଡାବ୍ ଇସ୍ ମାତ୍ତଣ୍ଡ୍, ଅଡ଼୍ ଲୋପେ ବେପାର୍ ମାଡ଼ି ବେନ ବେସର୍ ଲାବ୍ ମାଡ଼୍ତଡ଼୍, ଆଦ୍ ପୁନ୍ଦାଙ୍କ୍ ସେଙ୍ଗେ ଅଡ଼୍କିଂଙ୍କ୍ ତାନ୍ ଗାର୍ରେ କାର୍ଙ୍ଗି ତାତାନଙ୍କ୍ କେତ୍ତଣ୍ଡ୍ ।

✡ **୧୯:୧୦** ମାତିଉ ୧୮:୧୧.

୧୬ ଆଗାଙ୍କ୍ ମୁନେଙ୍କ୍ ୱେରଣ୍ଡ୍ ୱାସ୍ କେଓଣ୍ଡ୍, "ପ୍ରବୁ, ନିୟାୱୁ ସୁନା
ରୂପାଡାବ୍‌ତେ ମେଣ୍ଡେ ନାନ୍ ଦଶ୍‌ଟାନ୍ ସୁନା ରୂପାଡାବ୍ ଲାବ୍ ମାଡ଼୍‌ତାନ୍
।"
୧୭ ଅଣ୍ଡ୍ ଅଂକିଙ୍କ୍ କେଓଣ୍ଡ୍, "ଲେକେଡ୍, ସାୟେ ଦାସ, ନିମେ
ଗାଟି ସୁଦୁର୍ ବିଷୟତେ ବିଶ୍ୱାସ୍ତ ଆଦାଙ୍କ୍ ଦଶ୍‌ଟାନ୍ ନଗର୍ ତେ ପରୁ
ଅଦିକାର୍ ଦର୍‌କିଡ୍ ।"
୧୮ ମେଣ୍ଡେ ଦ୍ୱିତିୟ ନାରୁଣ୍ଡ ୱାସ୍ କେଓଣ୍ଡ୍, "ପ୍ରବୁ, ନିୟାୱ୍
ରୂପାଡାବ୍‌ନ୍ ଏଇଙ୍ଗ୍ ରୁପେୟ୍ ଲାବ୍ ମାଡ଼୍‌ତାନ୍ ।"
୧୯ ଅଣ୍ଡ୍ ଅଂକିଙ୍କ୍ ମିକା କେଓଣ୍ଡ୍, "ନିମେ ଆନ୍‌ତେ ଏଇଙ୍ଗ୍ ନଗର୍‌ତେ
ପରୁ ଅଦିକାର୍ ଦର୍‌କ୍‌ତେ ।"
୨୦ ମେଣ୍ଡେ ୱେରଣ୍ଡ୍ ୱାସ୍ କେଓଣ୍ଡ୍, "ପ୍ରବୁ, ଉଡ଼େ, ଇଦ୍ ନିୱାଦ୍
ସୁନା ରୁପେୟ୍, ନାନ୍ ଇଦିଙ୍କ୍ ତୁୱାଲ୍ ଟାଗ୍ ତହସ୍ ନେହେସ୍ ମାଡ଼୍‌ତାନ୍
।
୨୧ ବାତେଙ୍କ୍ ଇକ୍କେ ନାନ୍ ନିକିଂଙ୍କ୍ ୱେର୍‌ତାନ୍, ବେଲାକି ନିମେ
ୱେରନ୍ ଗାଡ଼୍‌ସିନ୍ ମାନେଇ, ବାତେଏ ନେହେସ୍ ମାନଡ଼୍, ଆଦିଙ୍କ୍
ପେହେକି ଆଦ୍‌ତିନ୍, ମେଣ୍ଡେ ବାତେଏ ୱିତୱେ ମାନ୍‌ତଡ଼୍, ଆଦିଙ୍କ୍
କଇଦ୍‌ତିନ୍ ।"
୨୨ ଅଣ୍ଡ୍ ଅଂକିଙ୍କ୍ କେଓଣ୍ଡ୍, "ରେ ଦୁଷ୍ଟ ଦାସ, ନି ମକମ୍‌ତେ ଗଟିନେ
ନିୱାଦ୍ ବିଚାର୍ ମାଡ଼ିତାନ୍ । ନାନ୍ ୱେରନ୍ ଗାଡ଼୍‌ସିନ୍ ମାନେଇ,
ବାତେଏ ନେୱକଟ ମାନ୍‌ତାନ୍, ଆଦିଙ୍କ୍ ପେହେକି ଆଦ୍‌ତାନ୍, ମେଣ୍ଡେ
ବେଗେୱିତି ମାନନ୍, ଆଦିଙ୍କ୍ କୟଦ୍‌ତାନ୍, ଆଦ୍ ନିମେ ପୁଞ୍ଜ୍ ମାଡ଼୍‌ତି ।
